REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୫ ଶ
ସଂଖ୍ୟା ୧୧ ସଂଖ୍ୟା
ତା ୧୭ ଦିନ ମାହେ ମାର୍ଚ୍ଚ ସନ ୧୯୦୦ ମସିହା। ମୁ। ଚୈତ୍ର ସନ ୧୩୦୭ ସାଲ ଶନିବାର
ଅଗ୍ରିମ ଟ ୩୦
ପଶ୍ଚାଦ୍ଦେୟ ଟ ୬୮

## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ଶକାବ୍ଦ ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ଦୁଇପନ୍ଥ କଟକ ପ୍ରିଣ୍ଟିଂକମ୍ପାନିଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ଦର | ଟ ୦ । |
| ଶ୍ରେଷ୍ଠ | ଟ ୦ ୧ ୬ |

ମୋଫସଲ ନିମନ୍ତେ ଡାକମାସୁଲ ଟ ୦ / ଯେଉଁମାନଙ୍କର ରେଲ ଅମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ମାନ୍ଦ୍ରାଜରେ ମରୁଡି ହେତୁ ୪୨୨ ଲକ୍ଷ ଟଙ୍କା ରାଜସ୍ୱ ଛାଡ଼ିଦେବାର ଲିଷ୍ଟିମିଟ ହୋଇଅଛି । କୃଷିମାନଙ୍କର କଷ୍ଟ ଲାଘବ ନିମନ୍ତେ ୪ ଲକ୍ଷ ଟଙ୍କା ଋଣ ଦେବାର ପ୍ରଥମେ ପ୍ରସ୍ତାବ ହୋଇଥିଲା ମାତ୍ର ତହିଁରେ କଷ୍ଟ ପଡିବ ନାହିଁ ବୋଲି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ୧୦ ଲକ୍ଷ ଟଙ୍କା ଋଣ ଦେବାର ମଞ୍ଜୁର ପ୍ରାର୍ଥନା କରୁଅଛନ୍ତି ।

---

ଗତବର୍ଷର ଲୁଣର ହିସାବରୁ ପ୍ରକାଶ ଯେ ସେହି ବର୍ଷ ମାସରେ ଗଞ୍ଜାମ ଜିଲ୍ଲାରେ ପ୍ରସ୍ତୁତ ହୋଇଥିବା ସରକାରୀ ଲୁଣ ୧୩ ହଜାର ମହଣ ବିକ୍ରୟ ହୋଇ ୪ ଲକ୍ଷ ୬୮ ହଜାର ମହଣ ଗୋଦାମରେ ଜମାଥିଲା । ତହିଁପୂର୍ବ ବର୍ଷମାସର ବିକ୍ରୟ ୨୦ ହଜାର ମହଣ ଥିଲା । ଭଲ ବିକ୍ରୟ ନ ହେବାରୁ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ଆଉ ଲୁଣ ପ୍ରସ୍ତୁତ ହେଉ ନାହିଁ ।

---

ଦୁର୍ଭିକ୍ଷସାହାଯ୍ୟ ପ୍ରାର୍ଥୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ଉପରେ ଅଛି । ଅର୍ଥାତ ପ୍ରାୟ ଲ ୪୪ କ୍ଷ ଠାରୁ ଲ ୪୭ କ୍ଷକୁ ବୃଦ୍ଧି ପାଇଅଛି । ଇଂରାଜଶାସିତ ରାଜ୍ୟରେ ଏବଂ ଉତ୍ତର ପଶ୍ଚିମ ଏବଂ ଦେଶୀୟ ରାଜ୍ୟରେ ଏବଂ ବମ୍ବେପ୍ରେସିଡେନ୍ସି ଆଦି ସର୍ବାଙ୍ଗ ଦୁର୍ଭିକ୍ଷ ପୀଡ଼ିତରାଜ୍ୟରେ ବୃଦ୍ଧି ଘଟିଅଛି । ଏକ ସପ୍ତାହରେ ଦୁଇଲକ୍ଷ ବଢିବା ବଡ଼ ଶୋଚନୀୟ ବିଷୟ ଅଟେ ।

---

ମାନ୍ୟବର ସର ଉଇଲ୍ୟମ ମାକଫର୍ସନ ସାହେବ ଯେତେ ଏଥିପୂର୍ବେ ଦୀର୍ଘକାଳ ଏ ଜିଲ୍ଲାର କଲେକ୍ଟର ଓ ଜଜସ୍ୱରୂପ କାର୍ଯ୍ୟ କରି ଏ ଓଡ଼ିଶାବାସିଙ୍କର ବିଶେଷ ଭକ୍ତିଭାଜନ ହୋଇଥିଲେ ଏବଂ ତହିଁଉତ୍ତାରୁ ଗଭର୍ଣ୍ଣରଜେନେରାଲ କଲିକତା ହାଇକୋର୍ଟର ଜଣେ ବିଚାରପତିର ଆସନ ଗ୍ରହଣପୂର୍ବକ ସମସ୍ତ ବଙ୍ଗଦେଶରେ ସୁଖ୍ୟାତି ଅର୍ଜିଅଛନ୍ତି ସମ୍ପ୍ରତି ସେ ପେନ୍‌ସନ୍ ନେଇ ବିଲାତ ଯିବାର ଅନୁମତି ପାଇଅଛନ୍ତି । ଆମ୍ଭେମାନେ ତାହାଙ୍କର ଦୀର୍ଘଜୀବନ ଏବଂ ସୁଖ ସ୍ୱାସ୍ଥ୍ୟ କାମନା କରୁଅଛୁଁ ।

—ଃ*ଃ—

ଏଠା କଲେକ୍ଟରୀର ଜଣେ ଅମଲା ବାବୁ ଦଧିବାମନ ଦାସଙ୍କ ବିରୁଦ୍ଧରେ ଘୁଷ ନେବାର ସମ୍ବାଦ ପାଇ କଲେକ୍ଟର ସାହେବ ତଦନ୍ତ କରିବା କାରଣ ପୋଲିସକୁ ଆଦେଶ ଦେଇଥିଲେ । ପୋଲିସର ରିପୋର୍ଟ ପାଇ ସାହେବ ମହୋଦୟ ସେ ଅମଲାଙ୍କୁ ସସ୍ପେଣ୍ଡ କରି ଫୌଜଦାରୀ ସୁପର୍ଦ୍ଦ କରିଅଛନ୍ତି । ଗତ ବୁଧବାର ଏଠା ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ଇଜଲାସରେ କେସ୍‌ର ଆରମ୍ଭ ହୋଇ କେତେଜଣ ସାକ୍ଷୀର ଯୋବାନବନ୍ଦି ଉତ୍ତାରୁ ଅନ୍ୟ ତାରିଖ ଧାର୍ଯ୍ୟ ହୋଇଅଛି ।

---

ମେଦିନୀ ବାନ୍ଧବରେ ପାଠ କଲୁଁ କି ମେଦିନୀପୁର ରଘୁ ଜଣ୍ଟଲ ଉକିଲ ବାବୁ କାର୍ତ୍ତିକଚନ୍ଦ୍ର ମିତ୍ର ନିଜର ଟାଉନସ୍କୁଲ ନାମକ ବିଦ୍ୟାଳୟରେ ବେଦ ଅଧ୍ୟାପନା ନିମନ୍ତେ ଗୋଟିଏ ଶ୍ରେଣୀ ଫିଟାଇ ଅଛନ୍ତି । ବର୍ତ୍ତମାନ୍ ସେ ସ୍ତ୍ରତରଞ୍ଜବାର ସନ୍ଧ୍ୟା ବେଳେ ଯଜୁର୍ବେଦ ଶିକ୍ଷା ଦେବେ ଏବଂ ଶ୍ରେଣୀଟି ସ୍ୱାଭମତେ ଗଠିତ ହେଲେ କାଶୀରୁ ଜଣେ ପଣ୍ଡିତ ଅଣାଇବେ । ଯେଉଁ ଛାତ୍ରଙ୍କୁ ସମ୍ମତ ଜାଣା ଅଛି ସେ ଭରତି ହୋଇପାରିବ । ମିତ୍ର ମହାଶୟଙ୍କର ଏହି ଉଦ୍ୟମର ସଫଳତା କାମନା କରୁଁ ।

---

ଗ୍ଲୋବର ଦୁର୍ଭିକ୍ଷସାହାଯ୍ୟ ପାଣ୍ଠିରେ ଗତ ତା ୮ ରିଖ ପର୍ଯ୍ୟନ୍ତ ଟ ୨୪,୬୧,୪୧୬ କା ଜମା ହୋଇଥିଲା । ଏଥିମଧ୍ୟରେ ବିଲାତ ଓ ଆମେରିକାରୁ ଆସିଥିବା ସାହାଯ୍ୟ ଟଙ୍କା ମିଶିଅଛି । ପାଣ୍ଠି ବେଗରେ ବୃଦ୍ଧି ହେଉଅଛି ଏବଂ ବଡ଼ ହେବ।

Digitized by srujanika@gmail.com

Split by PDF Splitter

ସଙ୍ଗେ ଏକଟଙ୍କାରୁ ପାଞ୍ଚଟଙ୍କା ପର୍ଯ୍ୟନ୍ତ ଅନେକ ଶୁଦ୍ର ହେବା ଉଠିଅଛି । ଏହା ଅବଶ୍ୟ ସୁଖର ବିଷୟ ଏବଂ ଜନସାଧାରଣଙ୍କର ଧର୍ମ ପ୍ରବୃତ୍ତିର ପରିଚାୟକ ଅଟେ । ବାସ୍ତବରେ ଯାହାର ହୃଦୟ ଅଛି ସେ ଏ ସମୟରେ ବସି ନ ହେଲ ସ୍ଥିର ହୋଇପାରିବ ନାହିଁ ।

ଏ ଦେଶରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନର ସରକାରୀ ନାନା ଉପାୟ ମଧ୍ୟରେ ପୋଷ୍ଟାଫିସରୁ ଗୋଟିଏ ବିଜ୍ଞାପନ ବାହାରିଅଛି । ତହିଁର ମର୍ମ ଏହି କି ଗତମାସ ତା ୧୬ ରିଖଠାରୁ କଲିକତାରେ ଯେତେ ଟ ୧୫ଙ୍କା ବା ତହିଁର ଅଧିକ ଟଙ୍କାର ମନିଅର୍ଡ଼ରର ଟଙ୍କା ଯାହାକୁ ଦିଆଯିବ ତାହାକୁ ସେହି ଟଙ୍କା ଦରଣାରେ ପ୍ରତି ଟ ୧୫ଙ୍କା ବଦଳରେ ଗୋଟିଏ ଲେଖାଏଁ ସବରେନ ନାମକ ସ୍ୱର୍ଣ୍ଣମୁଦ୍ରା ଦିଆଯିବ ଏବଂ ଅବଶିଷ୍ଟ ଯାହା ରହିବ ତାହା ନୋଟ ଅଥବା ରୂପାମୁଦ୍ରାରେ ଦିଆଯିବ ।

ଅମ୍ଭେମାନେ ଏଥିପୂର୍ବେ ପୋଲିସ ଅତ୍ୟାଚାର ଶିର୍ଷକ ଯେଉଁ ପ୍ରବନ୍ଧ ପ୍ରକାଶ କରିଥିଲୁଁ ତାହ ଏ ଜିଲ୍ଲାର ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦୃଷ୍ଟିଗୋଚରରେ ଆସନ୍ତେ ସେ ଏଠାର ସୁଯୋଗ୍ୟ ପୋଲିସ ଇନ୍‌ସ୍ପେକ୍ଟର ବାବୁ ଅନଙ୍ଗମୋହନ ଦତ୍ତ, କର୍ତ୍ତାଙ୍କୁ ଅନୁସନ୍ଧାନ କରିବାର ଆଦେଶ ଦେଇଥିଲେ । ସମ୍ପ୍ରତି ଆନନ୍ଦସହିତ ଅବଗତ ହେଲୁଁ ଯେ ଅନଙ୍ଗ ବାବୁ ଘଟନାସ୍ଥଳକୁ ଯାଇ ଉକ୍ତ ଅତ୍ୟାଚାର ଘଟଣା ସତ୍ୟ ଥିବାର ପ୍ରମାଣ ନେଇ ଆସିଅଛନ୍ତି । ସେ ରିପୋର୍ଟ ଦେଲେ ଜମାଦାର ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ଚଳିବ । ଏଥି ମଧ୍ୟରେ ଜମାଦାର ସସପେଣ୍ଡ ହୋଇଅଛି । ଅନ୍ୟାୟ ଅତ୍ୟାଚାର ଚିରକାଳ ଲୁଚି ରହିପାରେ ନାହିଁ । ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ କର୍ତ୍ତବ୍ୟପରାୟଣତା ସକାଶେ ଅମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

ବଙ୍ଗଳା ଅଞ୍ଚଳରେ ମହାମାରୀ ରୋଗର ପ୍ରତାପ କ୍ରମଶଃ ବୃଦ୍ଧି ପ୍ରାପ୍ତ ହେଉଥିବାର ସମ୍ବାଦ ମିଳୁଅଛି । ଗତ ମାସ ତା ୩ ରିଖରେ ଶେଷ ହେବା ସପ୍ତାହରେ କଲିକତାରେ ଜ ୪୬୭ ଣ ରୋଗିଙ୍କ ମଧ୍ୟରୁ ଜ ୪୧୯ ଣ ମୃତ୍ୟୁମୁଖରେ ପତିତ ହୋଇଥିଲେ । ସେହି ସମୟରେ ପାଟନା ଜିଲ୍ଲାରେ ଜ ୧୪୬୮ ଣ ରୋଗିଙ୍କ ମଧ୍ୟରୁ ଜ ୧୩୬୨ ଣ ମରିଥିଲେ । ସାରଣ ଜିଲ୍ଲାରେ ଜ ୭୨ ଣ ରୋଗିଙ୍କ ମଧ୍ୟରୁ ଜ ୬୯ ଣ ମରିଥିଲେ ଏବଂ ମୁଙ୍ଗେର ଜିଲ୍ଲାରେ ଜ ୭୩ ଣ ରୋଗୀ ଏବଂ ପୂର୍ବ ସପ୍ତାହର ରୋଗିଙ୍କୁ ମିଶାଇ ଜ ୭୫ ଣ ମରିଥିଲେ । ଚବିଶପରଗନା, ଦରଭଙ୍ଗା ଏବଂ ମେଦିନୀପୁରରେ ମଧ୍ୟ ଏ ରୋଗ ଦେଖା ଦେଇ ପ୍ରଥମ ଦୁଇ ଜିଲ୍ଲାରୁ ଏକଜଣ ଲେଖାଏଁ ରୋଗିଙ୍କୁ ମୃତ୍ୟୁମୁଖରେ ପକାଇଅଛି ଏବଂ ଶେଷୋକ୍ତ ଜିଲ୍ଲାରେ ଜଣକୁ ଧରିଅଛି । ବୋମ୍ବାଇ ସହରରେ ସେହି ସମୟ ମଧ୍ୟରେ ଜ ୭୬୭ ଣ ମରିଥିଲେ ଏବଂ ସମୁଦାୟ ଭାରତରେ ଏହି ରୋଗରେ ମରି ପଡ଼ିଥିବା ଲୋକଙ୍କ ସଂଖ୍ୟା ଜ ୬୬୭୬ ଣ ।

ଗତ ପୂର୍ବ ଶୁକ୍ରବାର ଅପରାହ୍ନ କାଳରେ ମହାନଦୀର ରେଲବେ ପୋଲ ଫିଟିଲା । ଏହି ଉପଲକ୍ଷରେ କଲିକତାବାସୀ ହେଣ୍ଡି ଜଣ ଇଉରୋପୀୟ ଭଦ୍ରଲୋକ ଆମନ୍ତ୍ରିତ ହୋଇଥିଲେ । ସୁପରିଣ୍ଟେଣ୍ଡି ଇଞ୍ଜିନିୟର ବେକେଟସାହେବଙ୍କର ସ୍ତ୍ରୀ ସ୍ୱହସ୍ତରେ ଗୋଟିଏ ପେଞ୍ଚ ମୋଡ଼ ଦେଇ ପୋଲ ଫିଟିବାର ପ୍ରଚାର କଲେ ଏବଂ ପୋଲ ନିର୍ମାଣ ଓ ତହିଁର ବ୍ୟୟ ସମ୍ବନ୍ଧୀୟ ରିପୋର୍ଟ ପଠିତ ହେଲା ଉତ୍ତାରୁ ଆମନ୍ତ୍ରିତ ବ୍ୟକ୍ତିମାନଙ୍କୁ ନେଇ ରେଲ ଗାଡ଼ି ପୋଲ ପାରି ହୋଇ ଯାଇ ପୁଣି ଗୃଉଜଅଗଞ୍ଜ ଷ୍ଟେସନକୁ ଲେଉଟି ଆସିଲା ଓ ସେଠାରେ ସାହେବମାନେ ଯଥୋଚିତ ଜଳଯୋଗ କରି ବିଦାୟ ହୋଇଗଲେ । ମହାନଦୀର ବେଗ କେହି ସମ୍ଭାଳି ଅଥବା ତହିଁ ଉପରେ ପୋଲ ବନ୍ଧାଯିବ ଏକ କାଳରେ ସ୍ୱପ୍ନର ଅଗୋଚର ଥିଲା । ମାତ୍ର ଇଂରାଜଙ୍କର ଅସାଧ୍ୟ କିଛି ନାହିଁ । ଅଦ୍ୟକୁ ବ ୪୦ ର୍ଷ ହେଲା ଇଂରାଜ ମହାନଦୀ ଗର୍ଭରେ ପଥର ବନ୍ଧ ପକାଇ ଇଚ୍ଛାମତେ ତହିଁର ଜଳ ବ୍ୟବହାର କରୁଅଛନ୍ତି ବର୍ତ୍ତମାନ ନଦୀ ଉପରେ ରେଲ ଶକଟ ଶ୍ରେଣୀ ଗତାୟାତର ପୋଲ ବାନ୍ଧି ତହିଁର ଅବଶିଷ୍ଟ ଗାରିମା ଲଗାଇଦେଲେ ।

ହିନ୍ଦୁପେଟ୍ରିଅଟରୁ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପାଟିଆଲା ରାଜ୍ୟର ଆର୍ଥିକ ଅବସ୍ଥା ସନ୍ତୋଷଜନକ ନୁହେ । ମହାରାଜାଙ୍କର ନିଜ ବ୍ୟୟ ଅତ୍ୟନ୍ତ ଅଧିକ ଏବଂ ବଣିକମାନେ ଦ୍ରବ୍ୟ ଯୋଗାଇ ତହିଁର ମୂଲ୍ୟ ନ ପାଇବାରୁ ଅନେକ ଗୁହାରି କରୁଅଛନ୍ତି । ଅନ୍ୟପକ୍ଷରେ ମହାରାଜାଙ୍କର କର୍ମଚାରୀମାନେ ତଣ୍ଡି ନେବାରୁ ପ୍ରଜାମାନେ ଗୁହାରି କରୁଅଛନ୍ତି । ସରକାର ଟିଟିପଥର ଉତ୍ତର ଯଥାକାଳରେ ପ୍ରଦତ୍ତ ହେଉ ନ ଥିବାର ପ୍ରକାଶ ପାଇଅଛି । ପଞ୍ଜାବର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ଏ ବିଷୟରେ ମହାରାଜାଙ୍କର ମନୋଯୋଗ ଆକର୍ଷଣ କରିବାରୁ ସେ ପ୍ରତିକାରର ପ୍ରତିଜ୍ଞା କରିଅଛନ୍ତି । ମହାରାଜା ଆପଣାର ଅସ୍ଥିରବୁଦ୍ଧି ବ୍ୟୟ କଲେ ଏବଂ ରାଜକାର୍ଯ୍ୟ ଅଧୀନସ୍ଥ କର୍ମଚାରୀଙ୍କ ଉପରେ ପକାଇ କଷ୍ଟ ନ ସହି ସ୍ୱୟଂ କ୍ଷମତାରୂପେ ତହିଁର ପର୍ଯ୍ୟବେକ୍ଷଣ କଲେ କେହି କୌଣସି ଗୁହାରି କରିବାର ଅବକାଶ ପାଇବ ନାହିଁ । ଗୁଆଲିଅରର ମହାରାଜା ସ୍ୱରାଜ୍ୟର ଶାସନ ସମ୍ବନ୍ଧୀୟ ପ୍ରତ୍ୟେକ ବିଭାଗର କାର୍ଯ୍ୟପ୍ରଣାଳୀ ସ୍ୱୟଂ ପର୍ଯ୍ୟବେକ୍ଷଣ କରି ସମ୍ରାଜ୍ଞୀଙ୍କ ଗଭର୍ଣ୍ଣର ଜେନେରଲ ବାହାଦୂରଙ୍କଠାରୁ ପ୍ରଶଂସା ଲାଭ କରିଅଛନ୍ତି । ସମସ୍ତ ରାଜାଙ୍କର ତହିଁର ଅନୁକରଣ କରିବା ଉଚିତ । ରାଜାମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଅତ୍ୟନ୍ତ ଗୁରୁତର କେବଳ ସୁଖସମ୍ଭୋଗ ସେମାନଙ୍କର ଜୀବନର ଉଦ୍ଦେଶ୍ୟ ନୁହେ ତାହା କର୍ତ୍ତବ୍ୟ ପାଳନର ସ୍ଥଳ ।

ଅମ୍ଭମାନଙ୍କର ଜଣେ ବନ୍ଧୁ ଲେଖିଅଛନ୍ତି ଯେ ଏ ଜିଲ୍ଲାର ମାଳଗୁଜାରୀ ଶାସକ କଲେକ୍ଟର ସାହେବ ତାଲିମୀମାନଙ୍କ ମହକୁମାର କାର୍ଯ୍ୟ ପରିବର୍ତ୍ତନ କରି ଆଦେଶ ଦେଇଅଛନ୍ତି ଯେ, ତାଲିମଦାରିଙ୍କ ଇଲାକାରେ ଯେ ସବୁ ମୋକଦ୍ଦମାମାନ ଦାୟର ହେଉଅଛି ତହିଁର ନୋଟିସ ଲେଖିବା ଧାର୍ଯ୍ୟ ତାରିଖେ ପକ୍ଷମାନେ ନୋଟିସର ଆଦେଶରେ କାର୍ଯ୍ୟ ନ କଲେ ସେମାନଙ୍କ ଉପରେ ଜରିମାନା ହେବା ଉଚିତ । ଡେପୁଟି କଲେକ୍ଟର ଓ ସବ୍‌ଡେପୋଟି କଲେକ୍ଟର ମ ଯେଉଁମାନଙ୍କ ଠାରେ ଉକ୍ତ ଇଲାକାର ଭାର ଅଛି ସେମାନେ ନୋଟିସ ଲେଖିବା ଧାର୍ଯ୍ୟ ତାରିଖେ ପକ୍ଷମାନେ ନୋଟିସ ଅନୁସାରେ କାର୍ଯ୍ୟ ନ କରିବାରୁ ପାଞ୍ଚ ଟଙ୍କାଠାରୁ ଟ ୫୦୯ଙ୍କା ପର୍ଯ୍ୟନ୍ତ ଜରିମାନା କରୁଅଛନ୍ତି ଏବଂ ମୁଲ୍ତବୀ ମୋକଦ୍ଦମାମାନଙ୍କରେ ତାରିଖ ପୂର୍ବରୁ ସାକ୍ଷୀମାନଙ୍କ ନାମଫର୍ଦ୍ଦ ଦାଖଲ କରାଇ ନ ଥିବା ଦୋଷେ ବହୁସଂଖ୍ୟକ ଜରିମାନା କରି ଯେଉଁ ପକ୍ଷର ତ୍ରୁଟି ହୋଇଅଛି ସେ ପକ୍ଷର ମୋକଦ୍ଦମା ଡିସ୍‌ମିସ କରୁଅଛନ୍ତି । ଅତଏବ ଯେଉଁମାନେ । ଦା । ଶା । ମୋକଦ୍ଦମା ଦାଏର କରିବେ ଦାମ୍ବା କରିଅଛନ୍ତି ସେମାନଙ୍କୁ ସତର୍କ କରାଯାଉଅଛି ଯେ ଏଥି ଲେଖିତ ବିଷୟମାନ ଜ୍ଞାତ ହୋଇ ତଦନୁସାରେ କାର୍ଯ୍ୟ ନ କଲେ ହରବରରେ ପଡ଼ି ଶେଷରେ ବଡ ବୃଦ୍ଧି ସକାଶେ । ଦା । ଶା ।  ଦରଖାସ୍ତ

Split by PDF Splitter

Digitized by srujanika@gmail.com

Split by PDF Splitter



ହୋଇଥିବେ ସେ ବୃତ୍ତିରୁ ଜୟମାଳା ପାଇ ବଙ୍ଗ-
ଦେବେ । ଆଶା କରୁଁ ଲୋକିସ ପ୍ରତିପାଳନର ଅସମ-
ର୍ଥତା ଦୃଷ୍ଟାନ୍ତ କାରଣ ବସ୍ତୁତଃ ଘଟିଅଛି, ବ ନା
ବଣ୍ଟବଧାନ ବେଳେ ବଙ୍ଗଲାଟଙ୍କର ତହିଁ ପ୍ରତି ଦୃଷ୍ଟି
ରହିବେ ।

---

ଗତ ମାସ ତା ୨୪ ରିଖ ଅର୍ଥାତ୍ ଅସନ୍ତା-
ଧନବାର ଏହି ନଗରର ମିଉନିସିପଲ କମିଶ-
ନର ନିର୍ବାଚନ ହେବ । ଉକ୍ତ ୬ ୱାର୍ଡ ନିମନ୍ତେ
ଯେଉଁମାନଙ୍କୁ କମିଶନର ପଦର ପ୍ରାର୍ଥୀସ୍ୱରୂପ
ମନୋନୀତ କରାଯାଇଅଛି ସେମାନଙ୍କର ନାମ
ନିମ୍ନେ ପ୍ରଦତ୍ତ ହେଲା ଯଥାଃ—

| ୱାର୍ଡ | ପ୍ରାର୍ଥୀଙ୍କର ନାମ |
|---|---|
| ନଂ ୧ ମ୍ବର | ବାବୁ ନାରାୟଣଚନ୍ଦ୍ର ବୋଷ |
| ନଂ ୨ ମ୍ବର | ବାବୁ ବୈଦ୍ୟନାଥ ମିତ୍ର |
| | ,, ବୈକୁଣ୍ଠନାଥ ଦତ୍ତ |
| | ,, ବନମାଳୀ ଚୌଧୁରୀ |
| | ,, କୃଷ୍ଣଚନ୍ଦ୍ର ପାଲିତ |
| ନଂ ୩ ମ୍ବର | ବାବୁ ରାମଶଙ୍କର ରାୟ |
| ନଂ ୪ ମ୍ବର | ବାବୁ ଜାନକୀନାଥ ବୋଷ |
| | ,, ରାଧାକାନ୍ତ ଘୋଷ |
| ନଂ ୫ ମ୍ବର | ବାବୁ ଶ୍ୟାମଲାଲ ସାଇତ |
| | ମୁନସୀ ମହମ୍ମଦଅଲି |
| ନଂ ୬ ମ୍ବର | ବାବୁ ନାଗେଶ୍ୱର ଚନ୍ଦ୍ର |
| | ,, ରମାଚରଣ ମିତ୍ର |
| | ,, ରାଧାକାନ୍ତ ଘୋଷ |
| ନଂ ୭ ମ୍ବର | ବାବୁ ଯୁଧିଷ୍ଠିର ମହାନ୍ତି |
| | ସୈୟଦ ନୁରଲହକ |
| ନଂ ୮ ମ୍ବର | ବାବୁ ମଧୁସୂଦନ ଦାସ |
| | ଲାଲ ଜଗନ୍ନାଥ ସାହୁ |
| | ରେଭରେଣ୍ଡ ଟମସ ବାକ୍ |
| ନଂ ୯ ମ୍ବର | ସୈୟଦ ନୁରଲହକ |
| | ଲାଲ ଜଗନ୍ନାଥ ସାହୁ |

ଏଥିରୁ ଦେଖାଯାଏ ଯେ ନଂ ୧ ଓ ୩ ମ୍ବର
ଛଡ଼ା ଅନ୍ୟ ସମସ୍ତ ୱାର୍ଡରେ ପ୍ରତିଯୋଗିତା
ହେବ । କରଦାତାମାନେ ଯୋଗ୍ୟଲୋକ ବାଛି
ନେବାକୁ ଯତ୍ନବାନ୍ ହେବେ ଏହାହିଁ ବାଞ୍ଛନୀୟ ।

---

### ଟ୍ରାନ୍ସଭାଲଯୁଦ୍ଧ ।

ତା ୭ ଖରର ସମ୍ବାଦ ଏହି କି ବୁର ଅବସ୍ଥାନ
ଅଧିକାର କରାହୋଇଅଛି । ବୁରମାନେ ଏହି ସ୍ଥା-
ନରୁ ପ୍ରତିବନ୍ଧ କେବାସ୍ୱାଭାବେ ଚେଷ୍ଟା କରିଥିଲେ
ମାତ୍ର ଅଧିକ କ୍ଷତିସହ ପରାଜିତ ହୋଇଥିଲେ ।
ବ୍ରିଟିଶପକ୍ଷରୁ କେବଳ ଜ ୬ ଣ ହତ ଓ
ଜ ୧୫ ଣ ଆହତ ହୋଇଥିଲେ ।

ତତ ସେନାପତି ସ୍ତୁଆର୍ଟ ଲେଡିସ୍ମିଥର ସମସ୍ତ
ସୈନ୍ୟ ଓ ପୂର୍ବ ଗ୍ରିକ୍ଲାଣ୍ଡ ସୈନ୍ୟମାନଙ୍କ ଏକ-
ତ୍ରିତ କରୁଅଛନ୍ତି ସେନାପତି କ୍ଲେମେଣ୍ଟ ସମ୍ବାଦ
ଦେଉଅଛନ୍ତି ସୈନ୍ୟମାନେ ଏଲଟନ୍ଙ୍କ ଅଧିକାର
କରିଅଛନ୍ତି । ଶତ୍ରୁସୈନ୍ୟ ନରଭାଲ ପଣ୍ଟେୋଲ
ଠାରେ ଦଳବଦ୍ଧ ହୋଇଅଛନ୍ତି ।

ଡାକ୍ତର ଲିଡ୍ସ ଆମେରିକାରୁ ସମ୍ବାଦ ଦେଇ
ଅଛନ୍ତି ଯେ ବୁରମାନେ ଶାନ୍ତି ସ୍ଥାପନାର୍ଥ ମାତ୍ର
ସ୍ୱାଧୀନତା ପ୍ରତି ଦାବି କରନ୍ତି ।

ତା ୬ ରିଖ ତାରସମ୍ବାଦ । ବୁରମାନେ
ତା ୪ ରିଖରେ ଷ୍ଟର୍ମବର୍ଗ ପରିତ୍ୟାଗ କଲେ
ଜେନେରଲ ଗେଟେକର ତା ୫ ରିଖ ବଳପୂ-
ର୍ବକ ଷ୍ଟର୍ମବର୍ଗରେ ପ୍ରବେଶ କଲେ ।
ଜେନେରଲ ବ୍ରାବନ୍ତ ଲରୁଡ଼ସ୍ ନେସଦେକ
ଠାରେ ବୁରମାନଙ୍କୁ ପରାଜୟ କରିଅଛନ୍ତି । ବୁର-
ମାନେ ସେଠାରୁ ବିତାଡ଼ିତ ହୋଇଅଛନ୍ତି ।

ଲେଡିସ୍ମିଥ ଉଦ୍ଧାର ସମୟରେ ବ୍ରିଟିଶପକ୍ଷରୁ
ଜ ୯୪ ଣ ହତ ଓ ଜ ୬୦୧ ଣ ଆହତ ହୋଇ
ଥିଲେ । ଲେଡିସ୍ମିଥଠାରୁ ତାଙ୍କ ରଣରେ ରୟଟର
ସମ୍ବାଦ ଦେଉଅଛନ୍ତି ଯେ ଇଂରାଜ ସୈନ୍ୟ
ଅଗ୍ରସର ହେବାରେ ଏକଦଳ ବୁରସୈନ୍ୟ
ଗେପଭୁଅର୍ଥିକ ପାହାଡ଼ପଶ୍ଚାଦ୍ଭାଗରେ ଲୁଚିଥି-
ବାର ଦେଖାଗଲା । ବୁରମାନେ ଯୁଦ୍ଧରେ ପ୍ରବୃତ୍ତ
ହୋଇ ବାଧା ଦେଲେ ଅବଶେଷରେ ବିଫଳ
କାମ ହୋଇ ପଳାୟନ କଲେ । ବ୍ରିଟିଶଙ୍କ ସଙ୍ଗ
୩୦ ହୋଇଥିଲା ।

ନାଟାଲରେ ଆଉ ଶତ୍ରୁମାନେ ନାହାନ୍ତି ।
ଲେଡିସ୍ମିଥରେ ଜ ୮୦୦ ଣ ଟାଇଫଏଡ୍ ଜ୍ୱର
ଭୋଗ କରୁଅଛନ୍ତି ।

ତା ୭ ରିଖ ତାରସମ୍ବାଦ । ଲର୍ଡ ରବର୍ଟ
ମଡାର ନଦୀର ଦକ୍ଷିଣରେ ୧୧ ମାଇଲ ଓ ଉତ୍ତ-
ରରେ ୪ ମାଇଲ ବ୍ୟାପୀ ବୁରମାନଙ୍କୁ ଆକ୍ରମଣ
କରିଥିଲେ ସେମାନେ ସମ୍ପୂର୍ଣ୍ଣରୂପେ ପରାଭୂତ
ହୋଇ ଉତ୍ତର ଓ ପୂର୍ବାଭିମୁଖେ ଗମନ କଲେ ।
ଏ ଯୁଦ୍ଧରେ ବୁର ସେନା ୧୦ ହଜାର ଥିବାର
ଅନୁମିତ ହୋଇଅଛି ।

ତା ୮ ରିଖ ତାରସମ୍ବାଦ । ଅସ୍ପେଲେନଠାରୁ
ରୟଟର ତାର ଖବର ଦେଉଅଛନ୍ତି ଯେ ବ୍ରିଟିଶ
ଏକଗୋଟି ତୋପ ଓ ଅନେକ ପଶୁ ଖାଦ୍ୟ ଓ
ଅନେକ ଗୁଡ଼ିଏ ତାମ୍ବୁ ମଧ୍ୟ ଅଧିକାର କରିଅଛନ୍ତି ।
ମେଫେକିଂର ଅବସ୍ଥା ମନ୍ଦ ହୋଇଅଛି ଅନେକ
ସ୍ତ୍ରୀ ବାଳକ ବାଳିକା ଟାଇଫଏଡ ଓ ମ୍ୟାଲେରିଆ
ଜ୍ୱରରେ ଆକ୍ରାନ୍ତ ହୋଇଅଛନ୍ତି ଓ ଅନେକେ
ଉପଯୁକ୍ତ ଖାଦ୍ୟ ଅଭାବରେ ମରୁଅଛନ୍ତି, ଶତ୍ରୁ
ପକ୍ଷରୁ ଗୋଳାବୃଷ୍ଟିର ଉପଶମ ନାହିଁ ।

ଏଥିରୁ ଦେଖାଯାଏ ଯେ ଲେଡିସ୍ମିଥ ଉଦ୍ଧାର
ଉତ୍ତାରୁ ବୁରମାନଙ୍କର ଅଣ୍ଟା ଭାଙ୍ଗି ଯାଇଅଛି
ଏବଂ କ୍ରମେ ପଛଘୁଞ୍ଚା ଦେବାରେ ଅଛନ୍ତି । ଏଥି
ମଧ୍ୟରେ ସନ୍ଧିର କଥା ଉଠିଅଛି ମାତ୍ର ତାହା
କୌଣସି ନିର୍ଦ୍ଦିଷ୍ଟ ଆକାର ଧାରଣ କରି ନାହିଁ ।
ପଶ୍ଚାତ୍ତରେ ବୁରମାନେ ଜମିହା. ଲକ୍ଷମରେ ଶେଷ
ଥର ଯୁଦ୍ଧ କରିବାର ଚେଷ୍ଟା କରୁଅଛନ୍ତି ।

---

### ଡାକମହଲମାର ବିବରଣ ।

ଭାରତର ଡାକ ମହଲମାର ସନ ୧୮୯୮-
୯୯ ସାଲର ବିବରଣ ପ୍ରକାଶିତ ହୋଇଅଛି ।
ଡାକଘର ସହିତ ସର୍ବସାଧାରଣଙ୍କର ଘନିଷ୍ଠ
ସମ୍ବନ୍ଧ ଏବଂ ଏହାପରି ସମୃଦ୍ଧିଶାଳୀ ମହଲମା
ସରକାରଙ୍କର ଅନ୍ୟ କୌଣସି ମହଲମା ନାହିଁ ।
ବର୍ଣ୍ଣିତ ବର୍ଷରେ ଡାକଘର ୬୪୪ ଏବଂ ଡାକ
ବାକ୍ସ ୯୦ ହଜାରରୁ ଅଧିକ ବୃଦ୍ଧି ହୋଇ ବର୍ଷ
ଶେଷରେ ଯଥାକ୍ରମେ ୧୧୫୮୨ ଏବଂ ୨୨୬୧୪
ଥିଲା । ଚିଠିପତ୍ର, ସମ୍ବାଦପତ୍ର, ପୁସ୍ତକାଦି ପୁଳିନ୍ଦା
ଏବଂ ନାନା ଦ୍ରବ୍ୟର କଳ ପୁଳିନ୍ଦା ୪୭ କୋଟି
୭୩ ଲକ୍ଷ ବର୍ଣ୍ଣିତ ବର୍ଷରେ ଡାକଘରମାନଙ୍କଦ୍ୱାରା
ପ୍ରେରିତ ହୋଇଥିଲା । ଏହା ପୂର୍ବ ବର୍ଷଠାରୁ
ଏକକୋଟି ୭୦ ଲକ୍ଷ ଅଧିକ ଅଟେ । ତହିଁ
ମଧ୍ୟରେ ଏକା ପୋଷ୍ଟକାର୍ଡର ସଂଖ୍ୟା ପ୍ରାୟ ୧୯
କୋଟି ଅର୍ଥାତ୍ ଡାକରେ ପଡ଼ିବା ସକଳ ପ୍ରକାର
ଦ୍ରବ୍ୟର ଅଧିକରୁ କିଛି ଊଣା ଏବଂ ଏହି ପୋଷ୍ଟ-
କାର୍ଡର ବୃଦ୍ଧି ଏକକୋଟି ହୋଇଥିଲା । ଭୂମି
ପରିମାଣର ଅନୁପାତରେ ବଙ୍ଗପ୍ରଦେଶରେ ଡାକ
ଘର ସୁବିଧା ଅଧିକ ଥିଲେହେଁ ବମ୍ବେଇ ପ୍ରଦେ-
ଶରେ ଚିଠିପତ୍ରାଦିର ସଂଖ୍ୟା ଅଧିକ ; ଏହାର
କାରଣ ଅନୁମାନ ହୁଅଇ ବମ୍ବେଇବାସୀମାନେ
ବ୍ୟବସାୟରେ ଶ୍ରେଷ୍ଠ ଏବଂ ତହିଁପାଇଁ ନାନା
ସ୍ଥାନରେ ଭ୍ରମଣ କରିବାକୁ ସାହସୀ । ମାନ୍ଦ୍ରାଜରେ
ଲେଖି ପଢ଼ି ଜାଣିବା ଲୋକଙ୍କ ସଂଖ୍ୟା ଅଧିକ
ହେଲେହେଁ ଡାକଘରର ବ୍ୟବହାର ବିଷୟରେ
ବମ୍ବେଇଠାରୁ ନ୍ୟୂନ ଅଟନ୍ତି । ଭାରତରେ ପ୍ରାୟ
ପ୍ରାୟ ସକଳ ପ୍ରକାର ଦ୍ରବ୍ୟର ବୃଦ୍ଧି ମଧ୍ୟରେ
କେବଳ ବେଆଁ ଚିଠି ଏବଂ ରେଜିଷ୍ଟ୍ରି ପୁଳିନ୍ଦା
ଊଣା ପଡ଼ିଅଛି । ପୋଷ୍ଟକାର୍ଡର ସୁବିଧା ଏବଂ
ଡାକଘରପ୍ରତି ଅଧିକ ବିଶ୍ୱାସହେତୁ ବୋଧହୁଏ
ମାସୁଲରେ ବେଆଁ ପଠାଇବାର ଆବଶ୍ୟକତା
ଊଣା ପଡ଼ିଅଛି ଏବଂ ବିନା ରେଜିଷ୍ଟ୍ରିର ପାର୍ଶ୍ୱ-
ଲର ଊଣା ମାସୁଲ ହେତୁ ରେଜିଷ୍ଟ୍ରି ପାର୍ଶ୍ୱଲ
ଊଣା ପଡ଼ିଅଛି ।

ବର୍ଣ୍ଣିତ ବର୍ଷରେ ଏକକୋଟି ୧୭ ଲକ୍ଷ
ଦେଶୀ ମନିଅର୍ଡର ବାହାରିଥିଲା ଏବଂ ତହିଁର
ମୂଲ୍ୟ ୨୭ କୋଟି ଟଙ୍କାର ଉର୍ଦ୍ଧ୍ୱ ଥିଲା । ତହିଁ
ପୂର୍ବବର୍ଷଠାରୁ ମନିଅର୍ଡର ସଂଖ୍ୟାରେ ପ୍ରାୟ ୮

Digitized by srujanika@gmail.com

Split by PDF Splitter



ହଜାର ଖଣ୍ଡ ଏବଂ ମୂଲ୍ୟରେ ପ୍ରାୟ ୩୦ ଲକ୍ଷ ଟଙ୍କା ଅଧିକ ଅଟେ । ମନିଅର୍ଡର କମିଶନଦ୍ୱାରା ୩୦ ଲକ୍ଷ ୮୮ ହଜାର ଟଙ୍କା ଆୟ ହୋଇଥିଲା । ମନିଅର୍ଡର କରିବାର କ୍ରମାଗତ ବୃଦ୍ଧି ହେଉଅଛି । ବଙ୍ଗପ୍ରଦେଶରେ ସର୍ବାପେକ୍ଷା ଅଧିକ ମନିଅର୍ଡର କରିବାର ଅର୍ଥାତ୍ ସମସ୍ତ ଭାରତର ପ୍ରାୟ ଏକ ତୃତୀୟାଂଶ ହୋଇଥିଲା । ବମ୍ବେଇ ଓ ଉତ୍ତର-ପଶ୍ଚିମ ପ୍ରଦେଶମାନଙ୍କରେ ମନିଅର୍ଡର କରିବାର ତାହାଠାରୁ ଶତକ ଅଧିକ ଏବଂ ଆସାମ, ବ୍ରହ୍ମା ଓ ମଧ୍ୟପ୍ରଦେଶମାନଙ୍କରେ ଶତକ ଅପେକ୍ଷା ଚାରି ଅଧିକ ହୋଇଥିଲା । ଉତ୍ତରପଶ୍ଚିମ ପ୍ରଦେଶରେ ରେଭେନ୍ୟୁ ମନିଅର୍ଡରର ବ୍ୟବହାର ଅଧିକ ଥିଲା । ବିଲାତି ମନିଅର୍ଡରର ସଂଖ୍ୟା ପ୍ରାୟ ଦେଢ଼ଲକ୍ଷ ଏବଂ ତହିଁର ମୂଲ୍ୟ ଏକକୋଟି ୮୪ ଲକ୍ଷ ଥିଲା । ବିଲାତି ମନିଅର୍ଡରର କାରବାର ମାନ୍ଦ୍ରାଜରେ ସର୍ବାପେକ୍ଷା ଅଧିକ ଥିଲା ।

ସେଭିଂସ ବାଙ୍କରେ ଟଙ୍କା ଜମାକରିବା ବ୍ୟକ୍ତିଙ୍କ ସଂଖ୍ୟା ଗତ ବର୍ଷ ୭ଲକ୍ଷ ୩୦ ହଜାରରୁ ଏ ବର୍ଷ ୭୫ ଲକ୍ଷର ଅଧିକ ଏବଂ ଜମା ଟଙ୍କାର ପରିମାଣ ୭୨୨ ଲକ୍ଷଠାରୁ ୭୩୧ ଲକ୍ଷକୁ ବୃଦ୍ଧି ହୋଇଥିଲା । ପ୍ରାୟ ୨୫ ଲକ୍ଷ ଟଙ୍କା ସୁଦ ଦିଆଯାଇଥିଲା ଏବଂ ପ୍ରାୟ ୭୪୫ ଲକ୍ଷ ଟଙ୍କା ଗତ ସାଲ ବର୍ଷ ଶେଷରେ ୯୫ କୋଟି ଟଙ୍କା ବାଙ୍କର ହିସାବରେ ଜମା ଥିଲା । ନାନା ଶ୍ରେଣୀର ଲୋକ ସେଭିଂସ ବାଙ୍କରେ ଟଙ୍କା ଜମା କରନ୍ତି; ମାତ୍ର ତହିଁ ମଧ୍ୟରେ ନିଯୁକ୍ତ ବେତନଭୋଗୀଙ୍କ ସଂଖ୍ୟା ଏବଂ ଅନ୍ୟାନ୍ୟ ପ୍ରଦେଶଠାରୁ ବଙ୍ଗଳାର ଲୋକଙ୍କ ସଂଖ୍ୟା ଅଧିକ । ଅନ୍ୟାନ୍ୟ ବ୍ୟବସାୟୀ ଅପେକ୍ଷା କୃଷିମାନେ ବର୍ତ୍ତିତ ବର୍ଷରେ ଟଙ୍କା ଜମା କରିବାକୁ ଅଧିକ ଅଗ୍ରସର ହେବା ଆନନ୍ଦର ବିଷୟ ଅଟେ । ମାତ୍ର ଅବଶ୍ୟ ଅତି ଅଳ୍ପ ଲୋକ ତହିଁରେ ପ୍ରବୃତ୍ତ ହୋଇ ଅଛନ୍ତି ।

ଡାକଘରର ମୋଟ ଆୟ ଏକକୋଟି ୯୦ ଲକ୍ଷ ଟଙ୍କା ଏବଂ ବ୍ୟୟ ଟ ୧ କୋଟି ୪୨ ଟଙ୍କା ହୋଇଥିଲା । ଅନ୍ୟାନ୍ୟ ପ୍ରକାର ଆୟ ଓ ବ୍ୟୟ ହିସାବରୁ ବାହାର କରି ଦେଲେ ଦେଖାଯାଏ ଯେ ଏ ବର୍ଷ ୨୧ ଲକ୍ଷ ୨୨ ହଜାର ଟଙ୍କା ଡାକ ଘରଦ୍ୱାରା ନିଟ ଲାଭ ହୋଇଥିଲା । ତହିଁ ପୂର୍ବ ବର୍ଷର ନିଟ ଲାଭ ୧୮୫ ଲକ୍ଷ ଏବଂ ତହିଁ ପୂର୍ବ ବର୍ଷ ୧୨୫ ଲକ୍ଷ ଟଙ୍କା ଥିଲା । ଏଥିରୁ ଦେଖାଯାଏ ଯେ ଡାକଘର ଲାଭ କ୍ରମାଗତ ବୃଦ୍ଧି ହେଉଅଛି । ଯେ ସମସ୍ତ ସରକାରୀ କାର୍ଯ୍ୟ ବିନା ମାସୁଲ ଅଥବା ଅତି ସାମାନ୍ୟ ମାସୁଲରେ ଡାକଘରଦ୍ୱାରା ହେଉଅଛି, ସେ ସମସ୍ତ ଉପରଲିଖିତ ଆୟ ମଧ୍ୟରେ ଅଛି କାହିଁ । ସେ ସମସ୍ତ ହିସାବ କଲେ ନିଟ୍ ଲାଭ ଅତ୍ୟନ୍ତ ଅଧିକ ଦେଖାଯିବ ।

ଡାକଘରର କର୍ମଚାରୀଙ୍କ ସଂଖ୍ୟା ଜ୫୩୮୯ଣ ଘଟେ ଏବଂ ସେମାନଙ୍କ ମଧ୍ୟରେ ଜ ୪୨ ଣ ସ୍ତ୍ରୀ ଅଛନ୍ତି । ସ୍ତ୍ରୀମାନଙ୍କ ମଧ୍ୟରେ ଜ ୩୭ ଣ ବିଲାତି ବା ଫିରଙ୍ଗି ଓ ଅବଶିଷ୍ଟ ଜ ୫୨ ଣ ଦେଶୀୟ । ସେମାନଙ୍କମଧ୍ୟରୁ ଜ ୧୨ ଣ ଶାଖା ଡାକଘରର ପୋଷ୍ଟମାଷ୍ଟର; ଜ ୨୧ ଣ କରାଣି ଏବଂ ଏକଜଣ ହରକରାର କାର୍ଯ୍ୟ କରନ୍ତି । ଡାକଘରର କର୍ମଚାରୀଙ୍କ ମଧ୍ୟରେ ହରକରାଙ୍କର କାର୍ଯ୍ୟ ସକଳ-ଶୁଭରେ ବିବାଦ ଦୌଡ଼ିବା ସ୍ତରଙ୍କ ବିପଦଗ୍ରସ୍ତ । ଜ ୪ ଣ ବର୍ଷାକାଳରେ ନଦୀ ପାର ହେଉଁ ବୁଡ଼ିମଲେ, ପର୍ବତର ଘଚଡ଼ା ଖସିବାରେ ଦୁଇଜଣ ପୋତିହୋଇ ପଡ଼ିଲେ ଏବଂ ବଙ୍ଗଳାରେ ଦୁଇଜଣଙ୍କୁ ବାଘ ନେଇଗଲା । ଏପରି ଜ ୩୦ ମ୍ବର ଡାକ ଚୋର ଡକାଏତ ମୋକଦ୍ଦମାରେ କେତେଜଣ ହତ ଓ ଆହତ ହୋଇଥିଲେ । ଯାହାହେଉ ୧୫ ହଜାର ପୋଷ୍ଟମାନ୍ ବା ହରକରାଙ୍କ ମଧ୍ୟରେ ଏତିକ ଦୁର୍ଘଟନା ସାମାନ୍ୟ ବୋଲିବାକୁ ହେବ । ଡାକ ଡକାଏତରେ ମଧ୍ୟ କେବଳ ଟ ୩୫୫୭୫॥୵ ର ଦ୍ରବ୍ୟ ସରକାରଙ୍କର ଗତ ହୋଇଥିଲା । ଡାକଘର ବରୁଦ୍ଧରେ ସର୍ବସୁଦ୍ଧା ୨୦୦୭୫ ଗୁହାରି ହୋଇଥିଲା ଯେ ତହିଁମଧ୍ୟରୁ ଶତକଡ଼ା ୪୦ ଉଦନ୍ତରେ ହେତୁଶୂନ୍ୟ ଥିବାର ପ୍ରକାଶ ପାଇଲା । ପ୍ରାୟ ୪୮ କୋଟି ଡାକଦ୍ରବ୍ୟ ସମ୍ବନ୍ଧରେ ୨୦ ହଜାର ଗୁହାରି ଆଦୌ ଆଶ୍ଚର୍ଯ୍ୟର ବିଷୟ ନୁହେ ଏବଂ ଏଥିରୁ ଅବଶ୍ୟ ପ୍ରମାଣ ହେଉଅଛି ଯେ ଡାକଘରର କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକରୂପେ ନିର୍ବାହ ହେଉଅଛି ଏବଂ ଏହାଦ୍ୱାରା ଜନସାଧାରଣଙ୍କର ଅନେକ ଉପକାର ହେଉଅଛି ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ପୋଲିସର ଇନ୍ସପେକ୍ଟର ଜେନେରଲ ମି: ଉ, ଅର, ହେନରୀ ଏକ ଅସ୍ଥାୟୀ କମିଶନରର ପଦ ପ୍ରାପ୍ତ ହେଲେ ।

ବାବୁ ଯୋଗେନ୍ଦ୍ରନାରାୟଣ ମିତ୍ର ଅନ୍ୟ ଆଦେଶ ପର୍ଯ୍ୟନ୍ତ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ନିଯୁକ୍ତ ହେଲେ ।

ଡେ: ମାଜିଷ୍ଟ୍ରେଟ ବାବୁ ମାଧବଲାଲ ୬ଷ୍ଠ ଗ୍ରେଡରେ କାହାଲ ହେଲେ ।

ମି: ଅର, ଟି, ଗ୍ରିଅର ପୋଲିସର ଇନସ୍ପେକ୍ଟର ଜେନେରଲ ପଦରେ କାହାଲ ହେଲେ ।

ବାଲେଶ୍ୱରର ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ମୌଲବୀ ସୟଦ ଅବଦୁଲ ମଜିଦ ଜନର କାର୍ଯ୍ୟ ଛଡ଼ା ବାବୁ ରାଧାମାଧବ ନାୟକ ଡେପୁଟି ରେଜିଷ୍ଟ୍ରାରଙ୍କ ଛୁଟି କାଳରେ ସବ୍ ରେଜିଷ୍ଟ୍ରାରର ଭାର ପାଇଲେ ।

ପ୍ରେସିଡେନ୍ସି ଡିଭିଜନର ଓଡ଼ିଶା ଡିଭିଜନର ମହମ୍ମଦୀୟ ଶିକ୍ଷାର ଅତିରିକ୍ତ ଇନ୍ସପେକ୍ଟର ମୌଲବୀ ଅବଦୁଲ କରିମ ପାଟଣା ଓ ଭାଗଲପୁର ଡିଭିଜନକୁ ବଦଳି ହେଲେ ।

ଓଡ଼ିଶା ସ୍କୁଲ ଡିଭିଜନର ଇନସ୍ପେକ୍ଟର ମି: ଯେ, ଉଏଲ୍ସ ପୂର୍ବ ଛୁଟିର ଉପରେ ଆଉ ଏକ ମାସ ଅତିରିକ୍ତ ଛୁଟି ପାଇଲେ ।

ଡେପୁଟି ମାଜିଷ୍ଟ୍ରେଟ ଶ୍ରେଣୀର ପ୍ରତିଯୋଗୀ ପରୀକ୍ଷା ଆଗାମୀ ଅକ୍ଟୋବରମାସ ତା ୨ ରିଖରେ ଆରମ୍ଭ ହେବ ।

ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ମି: ଯେ, ଏଚ: ଟେଲର କଟକଜିଲ୍ଲାର ବର୍ତ୍ତମାନ କଷ୍ଟାର ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ଯାମିନୀମୋହନ ଦାସ କଟକଜିଲ୍ଲା ଅଠ କଷ୍ଟାର ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

ପ୍ରେସିଡେନ୍ସୀ ମହାରାଣୀଙ୍କ ଜନ୍ମଦିନ ଓ କଟକ ନଗର କାଠଯୋଡ଼ି ସାନିଟାରିରେ ପୁରୀ ଯାତ୍ରିମାନଙ୍କର ଚିକିତ୍ସା ହେବ । ଶୋଣିତପୁର ଅର୍ଥାତ୍ ଜଳ କ୍ଷେତ୍ରରେ ମଧ୍ୟ ଚିକିତ୍ସା ହେବ ।

ଅଣ୍ଟ୍ରେଲିଆ ସାଉଥ୍ ବଙ୍ଗାଳର ଇନ୍ସପେକ୍ଟର ଇଞ୍ଜିନିୟର ମି: ଜ; ଯେ, ବେଷ୍ଟ, ଯଁ, ସ୍ମିଥେଲ ବଦଳରେ ନିଯୁକ୍ତ ହେଲେ ।

କଟକ ଟ୍ରେନିଂ ଓ ରେଭେନସା କଲେଜିଏଟ ସ୍କୁଲର ଡ୍ରଇଂମାଷ୍ଟର ବାବୁ ମନ୍ମଥନାଥ ବସୁ ଗତ ଜାନୁଆରୀମାସ ତା ୧ ରିଖଠାରୁ ୫ମ ଗ୍ରେଡକୁ ଉଠିଲେ ।

ଅନୁଗୁଳ ଓ ଖଣ୍ଡମାଳର ସ୍କୁଲ ସବ ଇନସ୍ପେକ୍ଟର ବାବୁ ଗୋପୀନାଥ ସିଂହ ୭ମ ଗ୍ରେଡକୁ ଉଠିଲେ ।

କେନ୍ଦ୍ରାପଡ଼ା ମିଉନିସିପାଲ କମିଶନରମାନେ ଚକ୍ରଧର ଡ଼ାକ୍ତରଙ୍କ କମିଟୀର ସଭାପତିରେ ବାବୁ ଗୌରଚନ୍ଦ୍ରଙ୍କ ଓ କେନ୍ଦ୍ରାପଡ଼ା ସବଡ଼ିଭିଜନାଲ କର୍ତ୍ତୃପକ୍ଷମାନେ ନିଯୁକ୍ତ କଲେ ।

---

ତ୍ରାନ୍ସଭାଲ ଯୁଦ୍ଧକାଳୀନ ଲେଡିସ୍ମିଥ ଉଦ୍ଧାର ଉପଲକ୍ଷରେ ଏ ନଗରର କମିଶନର କଚେରୀ ଗତ ସୋମବାର ଏବଂ କଲେକ୍ଟରୀ କଚେରୀ ଗତ ବୁଧବାର ବନ୍ଦ ହୋଇଥିଲା । ଦେଓ୍ୱାନୀ ଅଦାଲତ ଅସ୍ଥାୟୀ ସୋମବାର ବନ୍ଦ ହେବ ।

ଲେଡିସ୍ମିଥ ଉଦ୍ଧାର ଖୁସିରେ ତୋପଗୋଳା ମିଳିପିବାକୁ ଏଠା କଲେକ୍ଟରୀ କଚେରୀ ଗତ ବୁଧବାରଠାରୁ ଅନ୍ନନ୍ତ ବନ୍ଦ ହୋଇଅଛି । ଅଗଡ ଦରବାର ମିଳି ଓ ୪ ଦ କଚେରୀ ବନ୍ଦ ହେବାକୁ କଲେକ୍ଟରୀ ଅମଲାମାନେ ବଡ଼ ଆହ୍ଲାଦ ଅଛନ୍ତି ।

ଅଦାଲତ କଚେରୀ ଗତ କାଲିଠାରୁ ଅସ୍ଥାୟୀ ସୋମବାର ପର୍ଯ୍ୟନ୍ତ ୪ ଦ ବନ୍ଦ ରହିଛି ।

ଏହିସ୍ଥାନ ଠାରେ ୨ ବେଳେଣ୍ଡେ ବୃଷ୍ଟିହୋଇ ଗଲା ଘଡ଼ାକୁଠାରୁ ଗରମ ପରସ୍ପର ହେବାକୁ ଲାଗୁ ଶୀତଳ ହୋଇଗଲା ଏବଂ ପ୍ରାତଃରେ ଶୀତ ଜଣା ପଡ଼ିଥିଲା ।

କଟକ ଛଡ଼ା ଏ ନଗରରେ କୌଣସି ରୋଗର ପ୍ରକୋପ ନାହିଁ ।

ପାଲଟେରର ରେଲ୍ୱେଠାରେ ମୁଦ୍ରା ଉପଲକ୍ଷରେ ଭାଲଚେର ରାଜା ଏବଂ କାମଖ୍ୟାର ରାଜକୁମାରମାନେ ଏକ-ତ୍ରିତ ହୋଇଅଛନ୍ତି । କାମଖ୍ୟାର ରାଜକୁମାରମାନେ ପାଁଚ-ଦେଉ ରାଜାଙ୍କର ଅତ୍ୟନ୍ତ ସ୍ନେହଶ କରନ୍ତେ ।। ଏପ୍ରକାର ସମ୍ମିଳନ ଏବଂ ପ୍ରୀତିକରେ ଶୁଭକର ।

ଚିତ୍ରକାଠାଗଡ଼ ବମ୍ବେଇ, ମାନ୍ଦ୍ରାଜ ଏବଂ ଇଙ୍ଗ୍ଲଣ୍ଡ ସମ୍ମିଳିତମାନଙ୍କରେ ଟ ୧୫ ଲକ୍ଷ ଭାରତବର୍ଷୀୟ ମନିଅର୍ଡର ଟଙ୍କା ସଞ୍ଚିତ ହୋଇ ରହିଅଛି ଯାହା ବଣ୍ଟା ଏକାର ଅବେଶ ହୋଇଗଲା ।

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ ବଙ୍ଗଳର ସ୍କୁଲ ଇନସ୍ପେକ୍ଟର ରାଏ ରାଧାନାଥ ରାୟ ବାହାଦୁର ମେଡିକାପୁରକୁ ଭ୍ରମଣରେ ଅସି ସେଠା ଲୋକମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ନାନା କଥା ବାର୍ତ୍ତା କହିଥିଲେ । ତାହାଙ୍କର ସୁନ୍ଦରଦର୍ଶିତା ଏବଂ ଅନୁଷ୍ଠାନ ସମ୍ପୂର୍ଣ୍ଣଭାବରେ ମେଦିନୀପୁର ଲୋକମାନଙ୍କ ପ୍ରୀତ ହୋଇ ଲେଖି ଯାଇଛନ୍ତି ତାହାଙ୍କଦ୍ୱାରା ସେ ବଙ୍ଗଳର ଉନ୍ନତି ସାଧିତ ହେବାର ଆଶା ଅଛି ।

ମେଦିନୀପୁର ଟ୍ରେନିଂ ସ୍କୁଲରୁ ଗତ ବର୍ଷ ୩୫ ଜଣ ସର୍ଭେୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଏକଜଣ ସେଠା ଡିଷ୍ଟ୍ରିକ୍ଟ ଇଞ୍ଜିନିୟରଙ୍କ ଅଫିସରେ ଡ୍ରାଫ୍ଟସମ୍ୟାନ କାର୍ଯ୍ୟରେ ୫୦ ଟଙ୍କା ବେତନରେ ନିଯୁକ୍ତ ହୋଇଅଛି ଶୁଣାଯାଉଅଛି ।

ପାଲିଆମେଣ୍ଟର ମେମ୍ବର ଏବଂ ଉତ୍ତମକର୍ମୀ ମହେନ୍ଦ୍ରନାଥ ପୂଜ ଇତ୍ୟାଦି କାର୍ଯ୍ୟ ଶେଷ ହୋଇଅଛି । ଗତ ତା ୧୫ ଦିନରେ ପ୍ରଧାନ ପର୍ଦ୍ଦାସ୍ୱର ପରିଦର୍ଶନ କରିବାର କଥା ଥିଲା । ଶୀଘ୍ର ଏକଦମ ରେଲଗାଡ଼ି ଗୁଡ଼ିକ ।

ଗ୍ରୀଷ୍ମାବକାଶ ଉପଲକ୍ଷରେ କଲିକତା ହାଇକୋର୍ଟ ବନ୍ଦ ଅଛି । ଅବସ୍ଥା ଅପ୍ରେଲ ମାସ ତା ୩୦ ଦିନଠାରୁ ଜୁନ ମାସ ତା ୩୦ ଦିନ ପର୍ଯ୍ୟନ୍ତ ମା ୨ ସ ଏବଂ ଅନ୍ୟ ମଫସଲ କଚେରୀମାନ ଅପ୍ରେଲ ତା ୩୦ ଦିନଠାରୁ ଜୁନ ତା ୧୦ ଦିନ ପର୍ଯ୍ୟନ୍ତ ସ ୬ ସପ୍ତାହ ବନ୍ଦ ରହିବ ।

ଗତ ତା ୫ ଦିନରେ ହାଇଦରାବାଦର ସ୍ୱର୍ଣ୍ଣ ଖଣିରୁ ୩୧ ହାଜାର ଟଙ୍କାର ବିଲାତ ଟାଙ୍କଶାଳକୁ ପଠା ଯାଇଅଛି । ଏହିର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ଅଟେ ।

କାଶିଠାରୁ ସମ୍ବାଦ ମିଳଇ ଯେ କାଲୁଆନ ସଡ଼କ ପାଶରେ ଥିବା ଗଙ୍ଗାନଦୀଙ୍କରେ ଗତ ମାସ ଶେଷ ଭାଗରେ ଅଗ୍ନି ଲାଗି ପ୍ରାୟ ୫ ୨୫୦୦୦ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଅଛି । ସେ ୨୦ ଟି ବୋଠା ଭସ୍ମୀଭୂତ ହୋଇ ଯାଇଥିବାର କଥିତ ହୁଏ ।

ପଞ୍ଜାବ ଅଞ୍ଚଳରେ ମହାମାରୀ ରୋଗ କ୍ରମଶଃ ବୃଦ୍ଧିପ୍ରାପ୍ତ ହେଉଥିବାର ସମ୍ବାଦ ମିଳଇ । ଯେତେ ସ୍ଥାନରେ ମହାମାରୀ ରୋଗର ଆବିର୍ଭାବ ହୋଇଥିଲା ତାହା ଛଡ଼ା ଅନ୍ୟ ଅନେକ ସ୍ଥାନରେ ଏ ରୋଗ ପ୍ରବେଶ କରିଅଛି ।

ବିଲାତର ବଜେଟରେ ବୈନିକ ବ୍ୟୟ ସମ୍ବନ୍ଧେ ଆଗାମୀ ବର୍ଷକୁ ୭,୧୪,୧୫,୪୦୦ ପାଉଣ୍ଡ ଇଷ୍ଟିମେଟ ହୋଇ ଥିବାର ସମ୍ବାଦ ମିଳଇ । ସମୁଦାୟ ସୈନ୍ୟ ସଂଖ୍ୟା ୪,୩୬,୦୦୦ ଏ ହେବାର ପ୍ରସ୍ତାବ ହୋଇଅଛି ।—ଦକ୍ଷିଣଅଫ୍ରିକାର ଯୁଦ୍ଧ ହେତୁ ଅଧିକା ବ୍ୟୟ ଏବଂ ଅଧିକ ସୈନ୍ୟ ପ୍ରସ୍ତାବ ହେବାର ଜଣାଯାଏ ।

ବଙ୍ଗଳା ହୁଗଲି ମହକୁମାରେ ଜଣେ ଲୋକ ଆପଣାର ସରକାରୀ ଚୌକିଦାର ବୋଲି ପରିଚୟ ଦେଇ ଲୋକମାନଙ୍କଠାରୁ ଟିକସ ଆଦାୟ ପର୍ବାକ ସେମାନଙ୍କୁ ଦେଖି ଭୀତ ଦେଇଥିଲା ଏବଂ ଅନେକ ଲୋକଙ୍କଠାରୁ ବଳପୂର୍ବକ ଟଙ୍କା ଆଦାୟ କରିଥିଲା । ଗ୍ରାମବାସିମାନେ ପୁଲିସରେ ସମ୍ବାଦ ଦେବାରୁ ସେ ବ୍ୟକ୍ତି ଧରଣ ହୋଇ ମା ୬ ସ କାରାଦଣ୍ଡରେ ଦଣ୍ଡିତ ହୋଇଥିବାର ସମ୍ବାଦ ମିଳଇ ।

ବଙ୍ଗଳା ହୁଗଲି ଚାନ୍ଦପୁ ଗ୍ରାମର ସ୍ତ୍ରୀମାନେ ପଞ୍ଚାୟତ ଏବଂ ତହିଁ ଦୁର୍ଗାମା ବଣସ୍ୱ ଘୋଷଣା କରିଥିବାରୁ ମା ୪ ସ କାରାଦଣ୍ଡରେ ଦଣ୍ଡିତ ହୋଇଥିବାର ସମ୍ବାଦ ମିଳଇ ।

## ସ୍ୱୀକୃତପତ୍ର ।

ଶ୍ରୀହରପ୍ରସାଦଙ୍କ ମଜାମର ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

## ପର୍ଯ୍ୟଟକଙ୍କ ଭ୍ରମଣ ପତ୍ର ।

ରାତ୍ରି ସାଢ଼େ ଏକଘଣ୍ଟା ସମୟରେ ଅମ୍ଭେମାନେ ଜଳେଶ୍ୱର ଷ୍ଟେସନରେ ରେଲଗାଡ଼ୀ ଅପେକ୍ଷା କଲୁଁ । କ୍ରମଶଃ ନାନା ଷ୍ଟେସନ ପାର ହୋଇ ସକାଳ ପାଞ୍ଚଟା ସମୟରେ ଖଡ୍ଗପୁର ଷ୍ଟେସନରେ ଉପସ୍ଥିତ ହେଲୁଁ । ଖଡ୍ଗପୁର ଅତି ପ୍ରଶସ୍ତ ଷ୍ଟେସନ, ଗୋଟିଏ ସହର ପରି ପ୍ରତୀୟମାନ ହେଲା । ଗୃହଆଦି ଆଲୋକମୟ, ଏହା ଗୋଟିଏ ପ୍ରସିଦ୍ଧ ଜଙ୍କସନ ଏଠାରୁ ଚାରିଆଡ଼କୁ ଲାଇନ ଗଲା ଅଛି । ରେଲୱେ କୋମ୍ପାନୀ ବହୁ ଅର୍ଥ ବ୍ୟୟ କରି ଏହି ସ୍ଥାନ ପାଇଅଛନ୍ତି । ଖଡ୍ଗପୁର ପୂର୍ବେ ବଡ଼ ଭୟାବହ ସ୍ଥାନ ଥିଲା । ଗଙ୍ଗାଯାତ୍ରୀମାନେ ମାରଣା ଭୟରେ ଅତି କାତର ହେଉଥିଲେ । ଖଡ୍ଗପୁର ବଜାର ଷ୍ଟେସନଠାରୁ ପ୍ରାୟ ଅର୍ଦ୍ଧମାଇଲ ଅନ୍ତର । କ୍ରମେ ଅମ୍ଭେମାନେ ଷ୍ଟେସନ ଛାଡ଼ି କ୍ରମନିମ୍ନ ପଥରେ ଚାଲି ଚାଲି ପିରଙ୍କ ଗୃହନିକଟରେ ଉପସ୍ଥିତ ହେଲୁଁ । ମେଦିନୀପୁର ଅଞ୍ଚଳର ହିନ୍ଦୁ ମୁସଲମାନ ଅନେକେ ଏହି ପିରଙ୍କୁ ବହୁ ମାନନା କରନ୍ତି । କଟକରେ କଦମରସୁଲଙ୍କୁ ଯେପରି ମାଲି ମୋକଦ୍ଦମାରେ ଲୋକେ ଭୋଗ ଦେବାର କାମନା କରନ୍ତି ଏଠାରେ ସେହିପରି ଚଳିଅଛି । ଅନେକ ଲୋକ ସେହି ପିରଙ୍କ ପୀଠରେ ପଇସା ରଖି ଦେଇ ଚାଲିଗଲେ । ସମସ୍ତଙ୍କର ବିଶ୍ୱାସ ସେଠାରୁ ଚୋରମାନେ ପଇସା ହରଣ କରି ପାରନ୍ତି ନାହିଁ । ଏହି ସ୍ଥାନଠାରୁ ମେଦିନୀପୁର ଛ ମାଇଲ ଦୂର । ଅମ୍ଭେମାନେ ପ୍ରଶସ୍ତ ରାଜପଥରେ ମେଦିନୀପୁର ଅଭିମୁଖେ ଅଗ୍ରସର ହୋଇ କ୍ରମେ କଂସାବତୀ ନଦୀ କୂଳରେ ଉପସ୍ଥିତ ହେଲୁଁ । ଏହି ନଦୀକୂଳରେ ମେଦିନୀପୁର ସହର । ନଦୀ ବକ୍ଷରେ ଅନେକ ବୋଡ଼ ଭାସମାନ । ଦକ୍ଷିଣ ଅଞ୍ଚଳରୁ ସହର ଭିତରକୁ ବଡ଼ ବଡ଼ ପଥରଘାଟମାନ ନଦୀରେ ବନ୍ଧା ହୋଇ ଅଛି । ମୁଦାମସହରଠାରୁ କଟକକୁ ଚାହିଁଲେ ଯେପରି ଦେଖାଯାଏ, କଂସାବତୀର ଦକ୍ଷିଣ ତୀରରେ ଛିଡ଼ା ହୋଇ ମେଦିନୀପୁର ସହରକୁ ଚାହିଁଲେ ସେହିପରି ଦେଖାଯାଏ । ଅମ୍ଭେମାନେ ନଦୀ ପାର ହୋଇ ନଗର ମଧ୍ୟରେ ପ୍ରବେଶ ହେଲୁଁ । ନଦୀକୂଳରେ ଗଭର୍ଣ୍ଣମେଣ୍ଟଙ୍କ ଓ୍ୱାର୍କସପ କାର୍ଯ୍ୟାଳୟ ଦେଖି ଜଗନ୍ନାଥଙ୍କ ମନ୍ଦିର ପରିଦର୍ଶନ କଲୁଁ । ଏହି ମନ୍ଦିର ଅପେକ୍ଷାକୃତ କିଛି ବଡ଼ । ଏଠାରେ ପୁରୀ ଜଗନ୍ନାଥଙ୍କ ପ୍ରତିନିଧି ଜଗନ୍ନାଥ ଅଛନ୍ତି ବୋଲି ଯାତ୍ରୀମାନଙ୍କର ବିଶ୍ୱାସ । ଅନେକ ଯାତ୍ରୀ ଆସି ଏହାଙ୍କୁ ଦର୍ଶନ କରି ପୂଜା କରନ୍ତି । ମେଦିନୀପୁର ରମଣୀୟ ସହର । ନୂଆବଜାର, ସୁଜାଗଞ୍ଜ, ବଡ଼ବଜାର, ସଙ୍ଗତବଜାର, ସ୍କୁଲ ବଜାର, କୋତଆଲୀ ବଜାର, ବନ୍ଧୁବଜାର, କଟେଷ୍ଟିଲଗୋଲା, କଲେଜରୋଡ଼, କଟେଶ୍ୱରରୋଡ଼ ଗିରଜାରୋଡ଼, ଶୀଗାଛବଜାର, ମଣ୍ଡିବଗିଚା, ସ୍ୱାସ୍ଥ୍ୟଭବନ, କଛାରୀ ସ୍ୱଇଭବନ, ସଦରଥାନା ଜେଲଖାନା ଆଦି ଦର୍ଶନଯୋଗ୍ୟ ସ୍ଥାନ । ବନ୍ଧୁବଜାରରେ ଶ୍ୟାମଚାନ୍ଦଙ୍କ ମନ୍ଦିର, ବଡ଼ବଜାରରେ ସୁନା ରୂପା ଅଳଙ୍କାର ଦୋକାନମାନ ଅଛି । କଂସାବତୀ ନଦୀର ଦକ୍ଷିଣ ତୀରରୁ ଦେଖାଯାଇ ବାଟେ ଜଳକଟାକୁ ଜାହାଜ ଯାତାୟାତ ହେଉଅଛି । ନଗର ମଧ୍ୟରେ ଅନେକ ଠାକୁରବାଡ଼ି ମିଳେ । ସ୍ଥାନେ ସ୍ଥାନେ ଗାଡ଼ି ରଖିବାର ସ୍ଥାନ ମ୍ୟୁନିସିପାଲିଟିରୁ ନିର୍ଦ୍ଦିଷ୍ଟ ଅଛି । କଲିକତା କଟକ ପଦାର୍ଥମାନ ହାଟ ବଜାରରୁ କିଣିବାକୁ ମିଳେ । ଦୋକାନମାନଙ୍କରେ ଉତ୍ତମ ସାଇନବୋର୍ଡ ଦେଖି ଚକ୍ଷୁ ଝଲସିତ ହୁଏ । ମେଦିନୀପୁରଠାରୁ ପ୍ରାୟ ଏକକ୍ରୋଶ ଦୂରରେ ଗୋପ ନାମକ ଗୋଟିଏ ରମଣୀୟ ସ୍ଥାନ ଅଛି । ଅନେକ ଲୋକ ଭ୍ରମଣାର୍ଥେ ସେଠାକୁ ସମୟେ ସମୟେ ଯାତାୟାତ କରନ୍ତି । ମେଦିନୀପୁରରେ ଓଡ଼ିଆ ପ୍ରଜା ଅନେକ ଅଛନ୍ତି ଏହା ଓଡ଼ିଶାର ସଂଲଗ୍ନ ପ୍ରଦେଶ । କଟକ ମଙ୍ଗଳାବାଗ ନିବାସୀ ବାବୁ ସଦାନନ୍ଦ ବେହୁରା ଏଠା ଲଇଗେସନ ବର୍ଣ୍ଣରେ ଏକାଉଣ୍ଟେଣ୍ଟ ପଦରେ ନିଯୁକ୍ତ ଅଛନ୍ତି । ସେ ଆମ୍ଭମାନଙ୍କର ନଗର ଦର୍ଶନ ପକ୍ଷରେ ସହାୟ ହୋଇଥିଲେ ।

— — —

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ କୃଷ୍ଣଚନ୍ଦ୍ର ଦାସ | ପୁରୀ | ୫ ୧ ୯ |
| „ ମଧୁସୂଦନ ପତି | ଭଦ୍ରକ | ୫ ୩ ୯ |
| „ ଗୋପାଳପ୍ରସାଦ ରାଉତ କଟକ | | ୫ ୩ ( |
| „ କାଶ୍ମୀନାଥ ମହାନ୍ତି କେନ୍ଦୁପଡ଼ା | | ୫ ୧୩ |
| „ ତାଣରତ୍ନ ନନ୍ଦ ଫୁଲବାଣୀ ସ୍କୁଲ | | ୫ ୩ ୯ |
| „ ଲୋକନାଥ ମିଶ୍ର କେଲାପଡ଼ା | | ୫ ୩ ୯ |
| „ ଉପେନ୍ଦ୍ରନାଥ ଦଲୋଇ ରଞ୍ଜ | | ୫ ୩ ୯ |
| „ ଯୋଗେନ୍ଦ୍ର ମିଶ୍ର ବାଲୁବିଶା | | ୫ ୩ ୯ |
| „ ହରିବାବୁଙ୍କ କଳସତ | | ୫ ୩ ୯ |
| „ ବାସୁଦେବ ମହାନ୍ତି ଇଡ଼ାବାର | | ୫ ୩ ୯ |
| „ ମାଙ୍ଗୋବିନ୍ଦ ବଲସ୍ତୋ ବସ୍ତାବନୀ | | ୫ ୨ ୯ |
| „ ଅଭୟ ସର୍ଦ୍ଦାର କାନପୁର | | ୫ ୩ ( |

# ବିଜ୍ଞାପନ ।

କଟକ କଦମରସୁଲ କମେଟୀ ସଭ୍ୟମାନଙ୍କର ଗତ ସନ ଅଗଷ୍ଟମାସ ତା ୯ ଦିନ ମନ୍ତବ୍ୟ ଅନୁସାରେ ସାଧାରଣଙ୍କୁ ଜଣାଇ ଦିଆଯାଇଥିଲା ଯେ ପ୍ରତି ରବିବାର ସକାଳ ଶ୍ରୀକଦମରସୁଲଙ୍କ କଟା ମଧ୍ୟରେ କମେଟି ସଭ୍ୟମାନେ ବସି ତାଲିଖି ଇତ୍ୟାଦି ଗ୍ରହଣ କରି ବିଚାର କରିବେ ଏବଂ ସେହିପରି ଆଜିପର୍ଯ୍ୟନ୍ତ ହୋଇଆସୁଅଛି ଗତ ସପ୍ତା ଉତ୍କଳଦୀପିକାରୁ ଜଣାଗଲା ଯେ ମୁନସି

Digitized by srujanika@gmail.com

ଗୁଲମ୍ ମହକ୍ସଦ କମେଟିର ଭଳା ଅନୁମତିରେ ପ୍ରକାଶ କଲେ ଯେ ତାଙ୍କର ନିଜ ବାସଗୃହରେ ଆଳିଦି ଇତ୍ୟାଦିର ଗ୍ରହଣ କରାଯିବ ଅତଏବ ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇଦିଆ ଯାଉଅଛି ଚଳିତ ପ୍ରଥା ଅନୁସାରେ ପ୍ରତି ରବିବାର ଦିନ ଉପରଓକ୍ତ ଘ ୪ ଘଣ୍ଟାରୁ ଘ ୬ ଘା ପର୍ଯ୍ୟନ୍ତ କମେଟି ବସି ବିଚାରଅଦ କରିବେ ।

୬।୩।୧୯୦୦ — ବାବୁ ଜାଫର ଯଉବା
ବାବୁ ବାବୁର ମହକ୍ସଦ

## NOTICE.

Wanted a Head master for the Charchika Board Middle school on Rs. 20 per month. Preference shall be given to the holders of university certificates.

Applications will be received by the undersigned on or before the 26th Instant.

Cuttack Dt, Board office
The 13th March 1900

J. O. Chander
*Vic-chairman*
*for chairman*

## ବିଜ୍ଞାପନ ।

କଟକ ଜିଲ୍ଲା ଅନ୍ତର୍ଗତ ସଦର, ଜଗତ୍‌ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜି ହାଉସ ( ପାଉଣ୍ଡ ) ସନ ୧୯୦୦ ମସିହା ମାର୍ଚ୍ଚ ମାସ ତା ୨୦ ତାରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ୧୧ ମାସ ୧୦ ଦିନ ନିମନ୍ତେ ସନ ୧୯୦୦ ମସିହା ମାର୍ଚ୍ଚ ମାସ ତା ୨୦ ରିଖ । ମୁ । ସନ ୧୩୦୭ ସାଲ ଚୈତ୍ର ମାସ ଦି ୮ ଦିନ ଦିବା ଘ ୧୨ ଘା ସମୟରେ କଟକ ସଦର ଲୋକାଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁର-ରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଠିକା ବନ୍ଦୋବସ୍ତ କରାଯିବ । ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଠିକା ନେବାକୁ ଇଚ୍ଛା କରନ୍ତି, ସେମାନେ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଠିକା ନେଇ ପାରିବେ । ଯାହାଙ୍କର ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେବାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନସ୍ୱରୂପ ଅଗ୍ରିମ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର କିସ୍ତି ସେହି କ୍ୱାର୍ଟରର ପ୍ରଥମ ମାସରେ ଅଗ୍ରୀମ ଦେବାକୁ ହେବ; ନ ଦେଲେ ଜାମିନରୁ ଯେ କ୍ଷତି ହେବ, ତାହା ଠିକାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ କବୁଲିୟତ ଲେଖିଦେଇ ରେଜେଷ୍ଟରୀ କରି ଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକାଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜି ହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାଇବେ; ତନ୍ମଧ୍ୟରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ, ତାହା ହେଲେ ତତ୍‌କ୍ଷଣାତ୍ ତାହାର ଡାକ ଛାଡ଼ି ନିଲାମ ବନ୍ଦ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ଦିଆ କରାଯିବ ।

ଥାନା କଟକ

୧ । ବଣବାଷ୍ଟୀ — ୨ । ତେଲଙ୍ଗାପେଣ୍ଠ
୩ । ବାରଙ୍ଗ — ୪ ପାଥପୁର

ଥାନା ବାଙ୍କୀ

୧ । ଚର୍ଚ୍ଚିକା — ୨ । ତୁଳସୀପୁର
୩ । ବୈଦେଶ୍ୱର

ଥାନା ସାଲେପୁର

୧ । କଇଁନାଥପୁର — ୨ । ଗୌଡ଼ା
୩ । ଖଣ୍ଡୋଳ

ଥାନା ଜଗତ୍‌ସିଂହପୁର

୧ । କାଇଥ — ୨ । ଷଣ୍ଢାସାହି
୩ । କୁସର୍ଦ୍ଧା — ୪ । ଝରଲେ
୫ । ଛଅଳ — ୬ । ବଳଦପୁର
୭ । ଲକ୍ଷ୍ମୀନାଥପୁର

ଥାନା ତିର୍ତ୍ତୋଲ

୧ । ଝଞ୍ଜିଡ଼ା ଜମ୍ପୁର — ୨ । କନ୍ସାପାଟଣା
୩ । ପଦ୍ମଫାଲ

M. Das
Vic chairman

## ବିଜ୍ଞାପନ ।

ବଡ଼ମ୍ବା ଷ୍ଟେଟ ଖଜାଣା କଟକ ଓଜନରେ ମଣ ୫୦୦୦ ରଣ ଧାନ ଖରିଦ ହେବାର ଆବଶ୍ୟକ ଥିବାରୁ ଏତଦ୍ୱାରା ଧାନ ମହାଜନ ଓ ବେପାରୀଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ଉପରୋକ୍ତ ଧାନ ଦ ଦରରେ କଣ୍ଟା ଘାଟ ବଡ଼ମ୍ବା ବଡ଼ମ୍ବା ଷ୍ଟେଟ ଅନ୍ତର୍ଗତ ବେଲଡିଆ ଘାଟରେ ଦେଇପାରିବେ । ଏହିର ଅବେଦନ ଚଳିତମାସ ତା ୧୫ ରିଖ ମଧ୍ୟରେ ନିମ୍ନ ଠିକଣାକୁ ପଠାଇବେ ।

ବଡ଼ମ୍ବା ମାନେଜର ଅଫିସ ବଡ଼ମ୍ବା ୫।୩।୧୯୦୦
M. M. PATNAIK.
ମାନେଜର । ଷ୍ଟେ । ବଡ଼ମ୍ବା

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସନ ୧୯୦୦-୧୯୦୧ ମସିହା ବର୍ଷ ନିମିତ୍ତ ପାଳଲହଡ଼ା ଷ୍ଟେଟ ଅଫିମ, ଭାଙ୍ଗ, ଗଞ୍ଜେଇ, ଓ ଦେଶୀ ମଦ୍ୟ ଦୋକାନମାନଙ୍କର ଓ ଦରଜା, କାହାଣ, ବୋତଲ, ମଣ୍ଡି ଓ ମହୁଲ ଇତ୍ୟାଦି ବନ୍ୟଜାତ ଦ୍ରବ୍ୟର ଓ ଚମଡ଼ା ଓ ଶୃଙ୍ଗ ପ୍ରଭୃତିର ଜମା ଚଳିତ ମାର୍ଚ୍ଚ ମାସ ତା ୩୦ ରିଖ ରୋଜ ଶୁକ୍ରବାର ଦିନ ଦିବା ଘ ୧୧ ଘା ସମୟରେ ପ୍ରକାଶ୍ୟ ନିଲାମଦ୍ୱାରା ଝଡ଼ଖଣ୍ଡ ମୁକାମ କଚେରୀରେ ସ୍ଥିର କରାଯିବ । ଯେଉଁମାନଙ୍କର ନିଲାମ ଧରିବାକୁ ଇଚ୍ଛା ଥିବ ସେମାନେ ଉକ୍ତ ତାରିଖରେ ଉପସ୍ଥିତ ହୋଇ ସର୍ବୋଚ୍ଚ ଡାକରେ ନିଲାମ ଡାକିଲେ ଉକ୍ତ ଜମା ପାଇ ପାରିବେ । ଇତି ।

Manager's office, Pal Lahara, Dated the 2nd March 1900.
B. Biswat
*Manager.*

ଏ ଇଷ୍ଟେଟ ଅବକାରୀ ଦୋକାନ ଓ ଘାଟ ସନ ୧୯୦୦।୧୯୦୧ ମସିହା ଏକବର୍ଷ ସକାଶେ ନିଲଗିରି ମୁ । ରାଜକଚେରୀରେ ଚଳିତ ମାସ ତା ୨୬ ରିଖ । ମୁ । ଓଡ଼ିଆ ଚୈତ୍ର ଦି ୧୪ ର ସୋମବାର ଦିବା ଘ ୧୦ ଘା ସମୟରେ ପ୍ରକାଶ୍ୟ ସ୍ଥଳେ ନିଲାମ କରାଯିବ । ଗ୍ରାହକମାନେ ଯଥାସମୟରେ ଉପସ୍ଥିତ ହୋଇ ନିଲାମ ଡାକିବେ ।

୧ ଅଫିମ ଦୋକାନ
୨ ଗଞ୍ଜେଇ ଦୋକାନ
୩ ଦେଶୀମଦ୍ୟ ଦୋକାନ
୪ ତାଡ଼ି ଦୋକାନ
୫ ମହାନଦୀ ଘାଟ ଓ ... ଘାଟ ।

ନିଲଗିରି ଅଫିସ ତା ୨ ମାର୍ଚ୍ଚ ସନ ୧୯୦୦ ମସିହା
Gunanidhi Das
*State officer.*

Split by PDF Splitter
Digitized by srujanika@gmail.com

Split by PDF Splitter



## ବିଜ୍ଞାପନ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟବୋର୍ଡ ଅଧୀନସ୍ଥ ତଳ ଲିଖିତ ଫେରି ଘାଟମାନ ଏକବର୍ଷ ସକାଶେ ସନ ୧୯୦୦ ମସିହା ମାର୍ଚ୍ଚମାସ ତା ୨୭ ରିଖ। ମୁ। ଓଡ଼ିଆ ଚଇତ୍ରମାସ ଦି ୧୪ ନ ସୋମବାର ଦିବା ଘ ୧୨ ଘା ସମୟେ ଡିଷ୍ଟ୍ରିକ୍ଟବୋର୍ଡ କଚେରୀରେ ନିଲାମ କରାଯିବ। ଯେଉଁମାନେ ଉକ୍ତ ଘାଟମାନ ସମ୍ଭା ତହିଁ ମଧ୍ୟରୁ କୌଣସି ଘାଟ ଇଜାରା ନେବାକୁ ଇଚ୍ଛା ରଖୁଥିବେ ସେମାନେ ସତ୍ତ୍ୱ ଅଭିଚରଣୀୟ ଓ ସଙ୍ଗତିପନ୍ନ ବ୍ୟକ୍ତି ହେଲେ ତାଙ୍କର ଡାକ ଗ୍ରହଣ ହୋଇ ତାଙ୍କୁ ଇଜାରା ଦିଆଯିବ। ନିଲାମ ଖରିଦଦାରଙ୍କୁ ନିଲାମ ଗ୍ରହଣ ହେଲା ମାତ୍ରେ ନିଲାମ ଜଇସମଜର ଚତୁର୍ଥାଂଶ ଡିପୋଜିଟ ଓ ବାର୍ଷିକ ଜମାର ଚତୁର୍ଥାଂଶ ଖଜଣା ଅଗଉରା ଦେବାକୁ ହେବ। ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ବିଷୟ କେହି ଜାଣିବାର ଇଚ୍ଛା ରଖୁଥିଲେ ସେମାନେ ଡିଷ୍ଟ୍ରିକ୍ଟବୋର୍ଡ ଅଫିସରେ ତଦ୍ କଲେ ବୁଝି ପାରିବେ।

୧ ଝିଙ୍କିରିଆ
୨ କାଜପାଟନା
୩ ଜଗତପୁର

କଟକ ଡିଷ୍ଟ୍ରିକ୍ଟବୋର୍ଡ ଅଫିସ } J. C. CHUNDER
ତା ୧୨।୩।୧୯୦୦ } *Vice Chairman.*

## ବିଜ୍ଞାପନ।

କି। ବଡ଼ମ୍ବାର ନିମ୍ନଲିଖିତ ଦୋକାନର ଲାଇସେନ୍ସ ଓ ବନଜାତ ଦ୍ରବ୍ୟମାନ ସନ ୧୯୦୦। ୧୯୦୧ ମସିହା ବର୍ଷ ନିମନ୍ତେ ଉକ୍ତ କିଲ୍ଲାର ମାନେଜରଙ୍କ କଚେରୀରେ ଆଗାମୀ ମାର୍ଚ୍ଚ ମାସ ତା ୧୯ ରିଖ ସୋମବାର ପୂର୍ବାହ୍ନ ବେଳ ଘ ୧୦ ଘା ସମୟରେ ପ୍ରକାଶ୍ୟ ନିଲାମଦ୍ୱାରା ବିକ୍ରୟ ହେବ। ଗ୍ରହଣେଚ୍ଛୁମାନେ ନିରୂପିତ ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ।

| | |
|---|---|
| ୧ ଅଫିମଦୋକାନ | ୫ ଉମଡା ପଟା |
| ୨ ଗଞ୍ଜାଇଦୋକାନ | ୬ ଶିଙ୍ଗ ପଟା |
| ୩ ତାଡ଼ିଦୋକାନ | ୭ ବନଜାତଦ୍ରବ୍ୟ |
| ୪ ଦେଶି ମଦ୍ୟଦୋକାନ | ଇତି |

Baramba Manager's office
Dated the 28th Feb, 1900 } M. M. patnaik
Manager.

## ଥରେ ପଢ଼ିବେ କି?

ଉତ୍କଳ କୋହିନୂର କବିବର ଶ୍ରୀଯୁକ୍ତ ରାଧାନାଥ ରାୟ ବାହାଦୁର ମହୋଦୟଙ୍କ ଛବି, କଟକ ପ୍ରିଣ୍ଟିଂ କମ୍ପାନୀରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ଏବଂ ମୋର ନିକଟରେ ପ୍ରତିଖଣ୍ଡ ଦୁଇଅଣା ମୂଲ୍ୟରେ ବିକ୍ରୀତ ହେଉଅଛି।

ଶ୍ରୀ ଆର୍ତ୍ତତ୍ରାଣ ଶତପଥୀ
ସେକେଣ୍ଡ ମାଷ୍ଟର, ଟ୍ରେନିଂ ସ୍କୁଲ,
କଟକ।

## NOTICE.

Wanted a Nazir for the office of the manager of Baramba on a salary of Rs 15 per month.

Applicants to state whether they know English and are familiar with office works and whether they are willing to furnish security to the extent of Rs 200 (Two Hundred). Past service and good reference are necessary.

Applications with copies of testimonials to be received by the undersigned up to the 30th March, 1900.

MANAGER'S OFFICE, BARAMBA
The 3rd March, 1900 } M. M. PATNAIK, *Manager*

ସନ ୧୯୦୦।୧୯୦୧ ସାଲ ନିମନ୍ତେ ଦଶପଲ୍ଲା କିଲ୍ଲାର ଗଞ୍ଜେଇ, ଅଫିମ, ମଦ୍ୟ ଓ ଉମଡ଼ା ପ୍ରଭୃତି ଦୋକାନ ମାର୍ଚ୍ଚ ମାସ ତା ୨୫ ରିଖରେ ଦଶପଲ୍ଲା ରାଜ କଚେରୀରେ ନିଲାମ ହେବ। ଯେଉଁମାନେ ପଟ୍ଟା ନେବାକୁ ଇଚ୍ଛା କରନ୍ତି, ଉକ୍ତ ତାରିଖରେ କଚେରୀରେ ଉପସ୍ଥିତ ହେବେ।

28-2-1900 } Ganeshwar Pattanayak
Dashapala } *Dewan* of Dashapala

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

## ନୋଟିସ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆସନ୍ତା ଶୁକ୍ରବାର ଦିନଠାରୁ ଶ୍ରୀ ଢଦମରସୁଲ କାଉଙ୍କ ଏଣ୍ଡାଉମେଣ୍ଟ କମିଟୀର ସଭା ପ୍ରତି ଶୁକ୍ରବାର ଦିନ ଘ ୪ ଘା ସମୟରେ ଜଣେ ମେମ୍ବର ମନ୍ସି ସେଖ ଗୋଲାମ ମହମ୍ମଦଙ୍କ ଘର ମୁକାମ ଅଯମୁଣ୍ଡା ବଜାର, ସହର କଟକ ଠାରେ ହେବ। ଯେ କେହି ଉକ୍ତ ସଭାରେ ଅପଣାର ଆପତ୍ତିଆଦି କରିବାକୁ ଇଚ୍ଛାନ୍ତି, ତାହା ଅକ୍ଲେଶରେ କରି ପାରିବେ।

କଟକ
୧।୩।୧୯୦୦ } ଶ୍ରୀ ଗୋଲାମ ମହମ୍ମଦ

## ବିଜ୍ଞାପନ।

ବାଳକମାନଙ୍କ ସୁବିଧାନିମନ୍ତେ ବଡ଼ ବଡ଼ ଅକ୍ଷରେ ଏକକଠାରୁ ପଚାଶକପର୍ଯ୍ୟନ୍ତ ପଣକିଆ ୨୫ ଖଣ୍ଡା, କୋଇଲି ଓ କମଳଲୋଚନ ସୁନ୍ଦର ସୁନ୍ଦର ଚିତ୍ରସହିତ ଗୋଟିଏ ଫର୍ଦ୍ଦରେ ଛପାହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ତହିଁର ମୂଲ୍ୟ ଟ ୦ ୧୬

## ଅଳଙ୍କାରସାର।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର ସାର" ନାମକ ପୁସ୍ତକ ଭାଷାବିଷୟକ ଜ୍ଞାନବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ। ପୁସ୍ତକ ସରଳ ଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ। ପୁସ୍ତକଖଣ୍ଡି ଅଭ୍ୟାଦେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି। ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଷ୍ଟାଭିତ ସ୍ୱଳ୍ପ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି। ଡାକମାସୁଲ ଏକଅଣା ମାତ୍ର।

## ପ୍ରୟୋଜନୀୟ ପୁସ୍ତକ।

ପାଉବାଉକ ଟୀକା ଦୁଇଅଣା, ଜ୍ୱର ଚିକିତ୍ସା ଛଅଅଣା, ଘୋଡ଼ଚିକିତ୍ସା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସୂରିକା ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମଞ୍ଜିଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ। ପଣକିଆମାନଙ୍କର ସପ୍ତମ ସଂସ୍କରଣ ଏକଅଣାରେ ମିଳିବ। ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବୁ ସ୍କୁଲ ପାଠ୍ୟ ହୋଇଅଛି।

Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

## ଉଦ୍ୟୋଗି ସମିତିର

ଭଣ୍ଡାରର ଅଧିକାଂଶ
ଜିନିସ ଦେଶୀ

---

## ଦେଶୀ ଜିନିସ,

ଗୁଣରେ ଅବଶ୍ୟ ଭଲ ;
ଦାମ ମଧ୍ୟ ଶସ୍ତା !

---

## ଉଦ୍ୟୋଗ ସମିତିର ଭଣ୍ଡାର

କଟକ ଅଦାଲତ ନିକଟରେ !
ଭିଡ଼ବଧା ନାହିଁ, କାନିକାନ୍ଦ ନାହିଁ,
ମନରେ କିଛିଧୋକା ରହେ ନାହିଁ !

---

## ନୂଆ ଆମଦାନୀ

ଗ୍ରୀଷ୍ମକାଳର ଉପଯୋଗୀ
ନାନାବିଧ ଦେଶୀ ଲୁଗା
ଟୁଇଲ, ଟୁଇଡ଼, ଛିଟ, ଚଦର,
ବାଫ୍‌ତା ଇତ୍ୟାଦି ।

---

## ବନାରସୀମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାୟଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଟୋପି, ଓଢ଼ଣା, କିଂଖାପ, ବାଫ୍ତା, ସର୍ଜୀ ଦୋପଟ୍ଟା, ମଲମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନାପ୍ରକାର ବହାଡ଼ ଖଚିତ ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୁପାର ବାସନ, ଦାଙ୍ଗିର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ ଓ ଉପାୟରେ ( ଅର୍ଥାତ୍ ଡାକରେ ବା ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁ, ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ରପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଲାନାଥ,
କୁଞ୍ଜଗଲି ଫାଟକ, ବନାରସ ସିଟି ।

---

ଲୋଅରପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତାହାର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

---

ସଚିତ୍ର

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତାହାର ମୂଲ୍ୟ ଏକ ସାରକୁ ଟ ୧୨୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୲ |
| ୨ ମଧ୍ୟ ପର୍ବ | ଟ ୨୲ |
| ୩ ସଭା ପର୍ବ | ଟ ୨୲ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୲ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ ଦାଣ୍ଡିକା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୲ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

## ନୂତନପୁସ୍ତକ ।

ହରସଙ୍କୀର୍ତ୍ତନ ।
ଅତି ସୁଲଭ ଅତି ସୁଲଭ ଅତି ସୁଲଭ
ମୂଲ୍ୟ ଟ ୦ ୵ ଦୁଇଅଣା

| | |
|---|---|
| ବାର୍ଦ୍ଧ୍ୟତାଭକ୍ତି ପୁନର୍ମୁଦ୍ରିତ | ଟ ୧୲ |
| ଅଧ୍ୟାତ୍ମରାମାୟଣ (ହଲଧରପଟ୍ଟନାୟକକୃତ) | ଟ ୨୲ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧୲ |
| ବତିଶସିଂହାସନ | ଟ ୦୷ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତାହାର ଖର୍ଚ୍ଚ ଟ ୦ ୵ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।


---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ" ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୩୫ ଭାଗ | ତା ୨୪ ଘର ମାହେ ମାର୍ଚ୍ଚ ସନ ୧୯୦୦ ମସିହା । ମୃ । ତା ୧୨ ଶ ଚୈତ୍ର ସନ ୧୩୦୭ ସାଲ ଶନିବାର | ଅଗ୍ରୀମ ଟ ୩୧
୧୨ ସଂଖ୍ୟା | | ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ଦୂକ୍‌ପକ୍ଷ କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦।
ଛୋଟ ଟ ୦୧୬

ମୋଫସଲ ଲୋକଙ୍କୁ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ କିମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ଏ ପର୍ଯ୍ୟନ୍ତ ଭାରତ ଦୁର୍ଭିକ୍ଷ ସାହାଯ୍ୟ ଫଣ୍ଡରେ ୬୨ ଲକ୍ଷରୁ କିଛି ଅଧିକ ଟଙ୍କା ଜମା ହୋଇଅଛି ଏବଂ ବିଲାତ ଓ ଭାରତର ଦେବାଦାତାମାନେ ଯଥୋଚିତ ତତ୍ପରତା ସହିତ ସାହାଯ୍ୟ ଦାନ କରୁଅଛନ୍ତି । ମୋଫସଲର ରେଡ଼ା ସଂଗ୍ରହ ନିମନ୍ତେ ପ୍ରାଦେଶିକ ସମିତିମାନ ଗଠିତ ହେବାର ବ୍ୟବସ୍ଥା ହୋଇଅଛି ।

---

ଦକ୍ଷିଣ ଆଫ୍ରିକାରେ ଚୀନ ଯୁଦ୍ଧରେ ନିହତ ଓ ଆହତ ସେନାମାନଙ୍କ ସ୍ମରଣାର୍ଥେ ଏକ ସ୍ମାରକ ପଦ୍ଧତି ଭଗରେ କୋଟିଏ ହିନ୍ଦୁ ଅଥବା ତଦୀୟ ସଂଘ-

ଠିତ ହେବାର ଅନେକ ସମ୍ଭାବନା ଗଞ୍ଜାମ ଜିଲ୍ଲାରେ ପ୍ରସ୍ତୁତ ହୋଇଅଛି । ବଳବତ୍ୟା ଉଭୟ ଗୋଦାବରୀର ଉଚ୍ଚଭୂମିଲୋକର ଏବଂ ତତ୍ର ମାଧ୍ୟ ଓ ନିମ୍ନ ଉପଯୋଗୀ ଶ୍ରେଣୀଭୁକ୍ତ ଅଟନ୍ତି । ସୁତରାଂ ଅପରଞ୍ଚ ତଦାହ ମଧ୍ୟ ଏଥିରେ ଘଟିଛି ହୋଇଅଛି । ସହଯୋଗୀ ତଲଦେଖାଇ ବସ୍ତୁସ ଲେଖି ନାହାନ୍ତି । ଅଥବା ତଦାହ ନିମନ୍ତେ ଗୋଟିଏ ପାଣ୍ଠି ସ୍ଥାପିତ ହୋଇଥିବା ସ୍ଥଳେ ଅଙ୍କ ହୁଅଲ ଏଣିକି ଅଧବା ତଦାହ ଅଧିକ ହେବ ।

---

ସମ୍ବାଦପତ୍ର ବିଶେଷରେ ପ୍ରକାଶ ହେବା ସାଧାରଣତାର ସମ୍ବାଦର ସତ୍ୟ ଇଚ୍ଛା ନିମନ୍ତେ ଯେଉଁ ଅଇନର ପାଣ୍ଡୁଲିପି ବଡ଼ଲାଟଙ୍କ ସଭାରେ ବିବେଚିତ ହେଉଥିଲା ଏବଂ ଯହିଁ ବିରୁଦ୍ଧରେ ଘୋର ଆନ୍ଦୋଳନ ଲାଗିଥିଲା ବଡ଼ଲାଟ ଲର୍ଡ କର୍ଜନ ବାହାଦୁର ବ୍ୟବସ୍ଥାପକ ସଭାର ଗତ ତା ୧୬ ରଖର ଅଧିବେଶନରେ ତାହା ସ୍ଥଗିତ ରହିବାର ପ୍ରକାଶ କଲେ । ଏ ବିଷୟରେ ଜନ-ସାଧାରଣଙ୍କର ଆପତ୍ତି ଗ୍ରହଣ କରି ମହାମାନ୍ୟ ଲାଟ ବାହାଦୁର ସମସ୍ତଙ୍କର କୃତଜ୍ଞତାଭାଜନ ହୋଇଅଛନ୍ତି । ଭରସା କରୁଁ ଏହି ପାଣ୍ଡୁଲିପି ଅନେକ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରହିବ ।

---

ଏଠା କଲେକ୍ଟରୀ ଖଜଣାଖାନାରୁ ପ୍ରାୟ ସାତଶତଟଙ୍କାର କୋର୍ଟଫିସ ଷ୍ଟାମ୍ପ କାଗଜ ଅଦୃଶ୍ୟ ହୋଇଅଛି । କଲେକ୍ଟର ସାହେବଙ୍କର

ପରିଦର୍ଶନ ସମୟରେ ହେସାବ ଅମେଳ ପଡ଼ିବାରୁ ପ୍ରଥମେ ସନ୍ଦେହ ହୋଇ ପରେ ତାହା ପ୍ରକାଶ ପାଇଲା ଏବଂ ତହିଁ ସଙ୍ଗେ ଖଜଣାଖାନାର ଷ୍ଟାମ୍ପ ମୋହରର ବୃନ୍ଦାବନଦାସଙ୍କୁ ବେଉଁଅଡେ ପ୍ରସ୍ଥାନ କଲା । ଅଦ୍ୟାପି ଉପସ୍ଥିତ ହୋଇ ନାହିଁ । କଲେକ୍ଟରି ସାହେବ ତାହାଙ୍କୁ ଫଉଜଦାରୀ ସୁପର୍ଦ୍ଦ କରିବା-ରେ ପୁଲିସତଦାରଖ ଲାଗିଅଛି ଏବଂ ଖଜାଞ୍ଚିଙ୍କ ପ୍ରତି ଟଙ୍କା ଓ କଇଫିୟତ ଦାଖଲ କରିବାର ଆଦେଶ ହୋଇଅଛି ।

---

ହାଜିପୁର ସହରର ରଣହଗ ଘାଟର ମହନ୍ତ ସେହି ସହରର ମ୍ୟୁନିସିପାଲିଟି ନାମରେ ଏହି ମର୍ମରେ ଦେବାଣୀ ଅଦାଲତରେ ନାଲିସ କରି-ଅଛନ୍ତି କି ଉକ୍ତ ମଠ ଧର୍ମ ମନ୍ଦିର ଥିବାରୁ ତହିଁ ଉପରେ ମିଉନିସିପଲ ଟିକସ ଧାର୍ଯ୍ୟ ହୋଇ ନ ପାରିବାର ଅଦାଲତରୁ ପ୍ରକାଶ ହେଉ । ମିଉନି-ସିପାଲିଟିର ଉତ୍ତର ଏହି କି ଉକ୍ତ ମଠ ସବୁଟା ଗୃହ କେବଳ ଦେବମନ୍ଦିରସ୍ୱରୂପ ବ୍ୟବହାର ହୁଅଇ ନାହିଁ ଏବଂ ତାହା କାର୍ଯ୍ୟାଳୟସ୍ୱରୂପ ବ୍ୟବହାର ହେଉଥିବା ପ୍ରତ୍ୟକ୍ଷେ ମିଉନିସିପଲ ଟିକସରୁ ମୁକ୍ତ ହୋଇ ନ ପାରେ । ସହରର ଶୁଣୁଅଛି ଏହି ମୋକଦ୍ଦମାର ଚର୍ଚ୍ଚା ଲାଗିଅଛି । ଫଳ ଯାହା ହେବ ଯଥା ସମୟରେ ପ୍ରକାଶ ପାଇବ ।

---

ବଙ୍ଗଳର ଜଣେ ଧନବତୀ ମହିଳା ବନ୍ଧ୍ୟା ହୋଇଥିଲେ ଏବଂ ମସ୍ତକଭିତରେ ସର୍ବଦା ଏକ-

Digitized by srujanika@gmail.com

Split by PDF Splitter



ପ୍ରକାର କ୍ଷତ ହେବାର ଅନୁଭବ କରୁଥିଲେ । ଡାକ୍ତର ଉଇଲସନ ସାହେବଙ୍କର କୃତ୍ରିମ କର୍ଣ୍ଣ ଢୋଲ [ Ear drum ] ଦ୍ୱାରା ସେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟଲାଭ କରିବାରୁ ଡାକ୍ତର ମହୋଦୟଙ୍କର ବଧିର ଚିକିତ୍ସାଳୟକୁ ଏକହିଜାର ପାଉଣ୍ଡ ଅର୍ଥାତ ୧୫ ହଜାର ଟଙ୍କା ଏହି ନିୟମରେ ଦାନ କରିଅଛନ୍ତି କି ଯେଉଁ ଗରିବ ବଧିର ଲୋକମାନେ ଉକ୍ତ କର୍ଣ୍ଣଢୋଲ କ୍ରୟ କରିବାକୁ ଅସମର୍ଥ ହେବେ ସେମାନେ ବିନାମୂଲ୍ୟରେ ଗୋଟିଏ ଲେଖାଏ ଯନ୍ତ୍ର ସେହି ଚିକିତ୍ସାଳୟରୁ ପାଇପାରିବେ । ଧନ୍ୟ ଏ ରମଣୀର ବଦାନ୍ୟତା ଓ ଦୟାର୍ଦ୍ର ହୃଦୟ !

---

ବିଲାତର ଏକ ତାରସମ୍ବାଦରେ ଲେଖାଅଛି କି ଗତ ଜାନୁଆରୀ ମାସରେ ଶ୍ରୀଯୁକ୍ତ ମାରଟିନ ସାହେବ କାବୁଲଠାରେ ମାନ୍ୟବର ଅମୀର ଅବଦୁର ରହମାନଙ୍କ ସହିତ ସାକ୍ଷାତ କରିଥିଲେ । କଥା ପ୍ରସଙ୍ଗରେ ଅମୀର ତାହାଙ୍କୁ କହିଲେ ଯେ ଇଂରାଜଙ୍କ ସହିତ ତାହାଙ୍କର ଅଟଳ ବନ୍ଧୁତା ରହିଅଛି ଏବଂ ଯେବେ ରୁଷିଆ ଅଫଗାନସ୍ଥାନ ସଙ୍ଗେ ଯୁଦ୍ଧ କରିବ ତେବେ ମଧ୍ୟ ଅହିୟାର ସମସ୍ତ ମୁସଲମାନ ଏକମନରେ ରୁଷିଆସଙ୍ଗେ ଲଢ଼ି ଜୟଲାଭ କରିବେ ଏବଂ ସ୍ୱଳତର ଅଫଗାନମାନେ ରୁଷିଆର ଅଧୀନ ହେବାଠାରୁ ମରିବା ଶ୍ରେୟସ୍କର ବିବେଚନା କରିବେ । ସେ ଆହୁରି କହିଲେ ଯେ ଅଫଗାନମାନେ ଭାରତ ଅଥବା ଅଫଗାନସ୍ଥାନରେ ଇଂରାଜଙ୍କ ପକ୍ଷରୁ ଯୁଦ୍ଧ କରିବାକୁ ସର୍ବଦା ପ୍ରସ୍ତୁତ । ଏଥିଉତ୍ତାରୁ ରୁଷୀୟଙ୍କ ତାହାର ମନରେ ଉଦୟ ହେବା ଉଚିତ ନୁହେ ।

—※—

ନୟାଗଡ଼ରୁ ସମ୍ବାଦ ପାଇଅଛୁଁ କି ଗତ ତା ୧୩ ରଖରେ ସେ ଗଡ଼ରେ ପ୍ରତିଷ୍ଠିତ ଶ୍ରୀ ଜଗନ୍ନାଥ ଠାକୁରଙ୍କର ଗଜୋଦ୍ଧାରଣ ବେଶ ହୋଇଥିଲା । ସ୍ୱର୍ଗୀୟ ରାଜା ଲକ୍ଷ୍ମୀକେଶର ସିଂହ ମାନ୍ଧାତାଙ୍କର ମହିଷୀ ତହିଁର ସମସ୍ତ ବ୍ୟୟ ପ୍ରଦାନ କରିଥିଲେ ଏବଂ ତାହାଙ୍କ ଆଦେଶ ମତେ ଗଡ଼ ନିବାସୀ ଲୋକନାଥ ମିଶ୍ର ନାମକ ଏକ ବ୍ୟକ୍ତି ଯେ କି ଗତ ମାଘ ପୂର୍ଣ୍ଣିମା ଦିନ ପୁରୀରେ ଜଗନ୍ନାଥଙ୍କର ଗଜୋଦ୍ଧାରଣ ବେଶ ଦେଖି ଆସିଥିଲେ ସେ ତଦ୍ରୂପ ବେଶ ବିନ୍ୟାସ କରିଥିଲେ । ବେଶ ବଡ଼ ଚମତ୍କାର ହୋଇଥିଲା ଓ ଦର୍ଶକଙ୍କର ଅବଧି ନ ଥିଲା । ଓଡ଼ିଶାର ଅନ୍ୟ କୌଣସିଠାରେ ଏପରି ବେଶ ହୋଇ ନାହିଁ । ଧର୍ମଶୀଳା ମହିଷୀ ମହୋଦୟା ଏହି ଉପଲକ୍ଷରେ ଅନେକ ମିଷ୍ଟାନ୍ନ ଭୋଗ କରି ବିତରଣ କରିଥିଲେ ।

---

ପଦ୍ମାନଦୀର ନାଇଶ୍ରା ନାମକ ଗୋଟିଏ ଶାଖା ନଦୀରେ କେଉଟମାନେ ଜାଲରେ ଗୋଟାଏ ବୃହତ୍ ଖଣ୍ଡ୍ରାମାଛ ଧରିଅଛନ୍ତି । ଜାଲକୁ ଟାଣିଲା ବେଳେ ମାଛଟା ଏମନ୍ତ ଗର୍ଜନ କଲା ଯେ କେଉଟମାନଙ୍କର ଭୟ ଜାତହେଲା ମାତ୍ର ସାହସ କରି ମାଛକୁ ଶୁଖିଲାକୁ ଟାଣିଆଣିଲେ । ସେ ମାଛ ଖଣ୍ଡ୍ରାର ଅଗ୍ରଭାଗଠାରୁ ଲାଞ୍ଜର ଶେଷପର୍ଯ୍ୟନ୍ତ ଲମ୍ବ ୨୧ ଫିଟ୍ ୯ ଇଞ୍ଚ ଏବଂ ମୋଟ ପ୍ରାୟ ୭ ଫିଟ, ତାହା ଖଣ୍ଡ୍ରାର ଲମ୍ବ ୫ ଫିଟ ଏବଂ ମୁଣ୍ଡର ଓସାର ୪ ଫିଟ ତାହାର ପେଟଭିତରୁ ୫ ଫିଟ ଲମ୍ବା ୨୪ ଟା ଛୁଆମାଛ ବାହାରିଥିଲା । ଧରାଯିବାର କେତେକ ଘଣ୍ଟାରେ ସେ ମରିଗଲା । ଖଣ୍ଡ୍ରାମାଛ କେବଳ ସମୁଦ୍ରରେ ଥାଏ । ନଦୀକୁ କିପରି ଉଠି ଆସିଲା ଆଶ୍ଚର୍ଯ୍ୟର ବିଷୟ ଅଟେ । ତାହାର ପ୍ରତ୍ୟେକ ପକ୍ଷର ଲମ୍ବ ୪ ଫିଟ ଏବଂ ଓସାର ୨ ଫିଟ ୯ ଇଞ୍ଚ ଥିଲା ।

:-※-:

ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଏ ସପ୍ତାହରେ ପୁଣି ୨ଲକ୍ଷ ୧୬ ହଜାର ବୃଦ୍ଧି ହୋଇଅଛି । ଅର୍ଥାତ୍ ଗତ ସପ୍ତାହରେ ୪୫ ଲକ୍ଷ ୧୬ ହଜାର ଥିଲା ଏ ସପ୍ତାହରେ ୪୮ ଲକ୍ଷ ୩୨ ହଜାର ହୋଇଅଛି । ସର୍ବାପେକ୍ଷା ଅଧିକ ଅର୍ଥାତ୍ ୭୨ ହଜାର ବୃଦ୍ଧି ଏଥର ମଧ୍ୟ ପ୍ରଦେଶ ଏବଂ ତହିଁ ତଳେ ବମ୍ବେରେ ୫୭ ହଜାର ବଢ଼ିଅଛି । ଗ୍ରୀଷ୍ମକାଳ ଶେଷ ପର୍ଯ୍ୟନ୍ତ ପ୍ରାୟ ଏହିପରି ବୃଦ୍ଧି ହେବ । ଏତେ ଲୋକଙ୍କର ପ୍ରାଣ ରକ୍ଷାର ଭାର ଦୟାବାନ୍ ଗବର୍ଣ୍ଣମେଣ୍ଟ ଗ୍ରହଣ କରିଅଛନ୍ତି ଧନ୍ୟ ବୋଲିବାକୁ ହେବ । ମାତ୍ର ସେମାନଙ୍କର ଅନ୍ୟାନ୍ୟ କଷ୍ଟ ନିବାରଣର ଭାର ଲୋକଙ୍କ ଉପରେ ରହିଅଛି । ଅତଏବ ଯେ ଯେତେ ଦେଇ ପାରିବେ ତାହା ସତ୍କାର୍ଯ୍ୟରେ ଲାଗିବ ଏବଂ ତହିଁପାଇଁ ସମସ୍ତଙ୍କର ଅଗ୍ରସର ହେବା ଏକାନ୍ତ ବାଞ୍ଛନୀୟ ।

---

ଗଞ୍ଜାମଜିଲ୍ଲା ଅନ୍ତର୍ଗତ ସେରଗଡ଼ଠାରେ ପ୍ରକାଶିତ ୧୮୨୨ ଶକାବ୍ଦର ପଞ୍ଜିକାରେ ସିଦ୍ଧାନ୍ତ ସ୍ୱହସ୍ତଜାତ ଯାଉଯୋଷ ଭୁଲ ତ ୨୯ ର କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ସୋମବାର ଦିନ ରେବତୀ ମୀନରେ ବେଳ ଦ ୪।୭ ଲତା ଉତ୍ତାରେ ପୁଣି ଭୁଲ ତ ୨୫ ର ମାର୍ଗଶିର କୃଷ୍ଣ ତୃତୀୟା ଶୁକ୍ରବାର ଦିନ ରୋହିଣୀନକ୍ଷତ୍ରରେ ବେଳ ଦ ୭ ଣ୍ଡ ଉତ୍ତାରେ ବିବାହ ଯୋଗ ଲେଖିବାର ଦେଖି ଜଣେ ପତ୍ରପ୍ରେରକ ପ୍ରଶ୍ନ କରିଅଛନ୍ତି କି ବୃଶ୍ଚିକ ସଂକ୍ରାନ୍ତି ପୂର୍ବ କାର୍ତ୍ତିକମାସରେ କେବେ ବିବାହ ଲଗ୍ନ ଘଟିବାର ସେ ଶୁଣି ନାହାନ୍ତି ଆଉ ଯେବେ କାହାରି କହିବା ମତେ ହରିଶୟନ କାଳ ଗତେ ହୋଇ ପାରେ ତେବେ ତହିଁର ମୂଳ ବାକ୍ୟ କେହି ପଣ୍ଡିତ ମହାଶୟ ବା ପଣ୍ଡିତ ସଭା ଉତ୍କଳଦୀପିକାରେ ପ୍ରକାଶ କଲେ ସେ ବାଧିତ ହେବେ ।

---

ବାଲେଶ୍ୱର ମିଉନିସିପାଲିଟିର କମିଶନର ନିର୍ବାଚନ ଗତ ତା ୮ ରଖରେ ହୋଇଥିଲା । ନିମ୍ନଲିଖିତ ମହାଶୟମାନେ ନିର୍ବାଚିତ ହୋଇଅଛନ୍ତି ଯଥା—

ଏ, ଓଆର୍ଡ ବାବୁ ସୁଧା ପୁରୁଷୋତ୍ତମ ଦାସ
„ ଭୋଲାନାଥ ସାମନ୍ତରାୟ
ବି, „ „ ହରପ୍ରସାଦ ଦାସ
„ ରାଧାଚରଣ ଦାସ
ସି, „ „ ନିତ୍ୟାନନ୍ଦ ଘୋଷ
„ ଲଲମୋହନ ଦାସ
ଡି, „ „ ହେମଚନ୍ଦ୍ର ଦେ
„ ସଲ ନାୟକ
ଇ, „ „ ମହେନ୍ଦ୍ରନାରାୟଣ ଦାସ
„ ଲଳିତମୋହନ ସରକାର
ଏଫ୍, „ „ ଭଗବାନଚନ୍ଦ୍ରଦାସ
„ କସ୍ତୁରୀ ସରକାର ,

---

ଦୋଲଯାତ୍ରା ଶେଷ ହେଲା । କେବଳ ସହରଠାରୁ ପ୍ରାୟ ଏତେ ଯାତ୍ରୀ ଆସିଥିଲେ ଯେ ମନୁଷ୍ୟ ବସିବା ସଙ୍କଟରେ ସ୍ଥାନ କ ଯାଇ ଅନେକ ଯାତ୍ରୀ ମାଲ ଗଡ଼ିରେ ବଡ଼ କଷ୍ଟରେ ଆସିଥିଲେ । ସହରରେ ଭିଡ଼ ହେବାରୁ ଓଲଉଠା ପ୍ରଭୃତି ମଧ୍ୟ ସାମାନ୍ୟରେ ଦେଖା ଦେଇଥିଲା । ଏ ବର୍ଷ ଭଲ ବିରକା ଘରବାଡ଼ିରେ ଯଥା ନିୟମରେ ଦୋଲଯାତ୍ରା ହୋଇଥିଲା । ନଗର ବାହାରେ ଅନେକ ଠାକୁର ମୂର୍ତ୍ତିମାନଙ୍କ ସହିତ ଅଥବା ପୂର୍ବ ଶେଷ ସହରୁ ମେଳନରେ ବାହାର ସମସ୍ତ ଦିନ ଶଙ୍ଖରେ ରୂନ୍ ୨ ଶବ୍ଦ ହୁଳହୁଳିସହିତ କୌଣସି ମତେ ଫେରିଯାଇ ହୋଇ ମଝିରେ ରହିଲେ । ଆଉ ଛଅ ବଜାର ବାଲ୍ୟମାନେ ଧୋଲଣ୍ଡି ଖେଳିଥିଲେ । ମାତ୍ର ଏହି ଘାମରିକ ଅଶ୍ଳୀଳ କଳିକାଳରେ ବହୁ ଅଧିକ ମାତ୍ରାରେ ହୋଇ

Digitized by srujanika@gmail.com

Split by PDF Splitter



ଥିଲା । ସେଠାରେ ଅନେକଲୋକ ମାତାଲ ଅବସ୍ଥାରେ ଗୋଲମାଲ କରିବା ଏବଂ ରଙ୍ଗପାଣି ପକାଇବା ଅପରାଧରେ ପୁଲିସହାତ ଗ୍ରେପ୍ତାର ହୋଇ ଟ ୨ ୧ଓ ଟ ୧ଙ୍କା ଲେଖାଏଁ ଜରିମାନା ଦେଇ ଥିଲେ ।

— — —

କଲିକତା ମିଉନିସିପାଲିଟିର ନୂତନ ଆଇନ ଅନୁସାରେ ପ୍ରଥମ ଥର କମିଶନର ନିର୍ବାଚନ କାର୍ଯ୍ୟ ଗତ ତା ୧୪ ରିଖରେ ସମ୍ପନ୍ନ ହେଲା । ପୂର୍ବ ବର୍ତ୍ତମାନଙ୍କରେ ସମୟରେ କରଦାତାଙ୍କର ଯେଉଁ ଉତ୍ସାହ, ଯତ୍ନ ଓ ବ୍ୟଗ୍ରତା ଦେଖାଯାଉଥିଲା ଏଥର ତାହା କଣ୍ଠମାତ୍ର ଦେଖା ଗଲା ନାହିଁ । ନୂତନ ଆଇନମତେ ଆତ୍ମଶାସନାଧିକାର ଖର୍ବ ହୋଇଥିବା ହେତୁ କରଦାତାଙ୍କର କମିଶନର ନିର୍ବାଚନରେ ଏପରି ଅନାସ୍ଥା ଘଟିଅଛି । ଜ ୨୫ଣ କମିଶନର ମଧ୍ୟରୁ କେବଳ ଜ ୮ ଣ ଛଡ଼ା ଅନ୍ୟ ସମସ୍ତେ ନୂଆ ଲୋକ ଅର୍ଥାତ୍ ସେମାନେ ପୂର୍ବେ କେବେ କମିଶନର ହୋଇ ନ ଥିଲେ ଏବଂ ଯେଉଁମାନେ ପୁନଃ ନିର୍ବାଚିତ ହୋଇ ପ୍ରତ୍ୟାଗମନ କରିଅଛନ୍ତି ସେମାନେ କେହି ଏଥର ପ୍ରାର୍ଥୀ ହୋଇ ନ ଥିବାରୁ ନିର୍ବାଚିତ ହୋଇ ନାହାନ୍ତି । ନଗରର ୨୫ ଓ୍ୱାର୍ଡ ମଧ୍ୟରୁ ୪ ଓ୍ୱାର୍ଡର ନିର୍ବାଚନ ଶୂନ୍ୟ । ଅବଶିଷ୍ଟ ୨୧ ଓ୍ୱାର୍ଡ ନିମନ୍ତେ ଜ ୭ ଣ ହିନ୍ଦୁ ଜ ୪ ଣ ମୁସଲମାନ ଏବଂ ଜ ୧୧ ଣ ଇଉରୋପୀୟ ଓ ଫିରିଙ୍ଗି ନିର୍ବାଚିତ ହୋଇଅଛନ୍ତି । ଅବଶିଷ୍ଟ ଜ ୨୯ ଣ କମିଶନର ଗବର୍ଣ୍ଣମେଣ୍ଟ ମୁକରର କରିବେ ।

— — —

ଅମ୍ଭେମାନେ ଗଭୀର ଶୋକ ସହିତ ପ୍ରକାଶ କରୁଅଛୁଁ ଯେ ଭାରତବର୍ଷର କମାଣ୍ଡର-ଇନ୍-ଚିଫ (ପ୍ରଧାନ ସେନାପତି) ମହାମାନ୍ୟ ସର ଲକ୍‌ହାର୍ଟ ବାହାଦୁର ଗତ ଶନିବାର ରାତ୍ରି ଘ ୧୧ ଟା ବେଳେ କଲିକତା ନଗରରେ ମାନବଲୀଳା ସମ୍ବରଣ କଲେ । ପ୍ରାୟ ଏକ ବର୍ଷରୁ ତାହାଙ୍କର ସ୍ୱାସ୍ଥ୍ୟଭଙ୍ଗ ହୋଇଥିଲା ଏବଂ ମୂତ୍ରର ଏକପ୍ରାଦ୍ଧ ଜ୍ୱରରୁ ପୀଡ଼ିତ ହୋଇ ସମୁଦ୍ର ବାୟୁ ସେବନାର୍ଥେ ଯାତ୍ରା କରିଥିଲେ ମାତ୍ର କିଛି ଫଳ ହେଲା ନାହିଁ । ଗତ ସୋମବାର ଅପରାହ୍ନରେ ଯଥୋଚିତ ସମ୍ମାନ ସହିତ ତାହାଙ୍କର ସମାଧି ହେଲା ଏବଂ ସ୍ୱୟଂ ଗବର୍ଣ୍ଣରଜେନେରଲ ବାହାଦୁର ଦଳବଳ ସହ ତାଙ୍କ ସ୍ଥାନ ପର୍ଯ୍ୟନ୍ତ ଶବ ସଙ୍ଗରେ ଯାଇଥିଲେ । ଭାରତର ସମସ୍ତ ସୈନିକକର୍ମଚାରୀ ଦ ୧୪ନ ଶୋକଚିହ୍ନ ଧାରଣ କରିବାକୁ ଆଦେଶ ହୋଇଅଛି । ଏହି ଉପଲକ୍ଷରେ ଗତ ସୋମବାର କଲିକତାର ହାଇକୋର୍ଟ ଏବଂ ଗତବୁଧବାର ଏ ନଗରର ଦେଓ୍ୱାନି ଅଦାଲତ ବନ୍ଦ ହୋଇଥିଲା । ସର ଲକ୍‌ହାର୍ଟ ବାହାଦୁର ସନ ୧୮୫୮ ସାଲରେ ଭାରତର ସୈନିକ ବିଭାଗରେ ଭରତି ହୋଇଥିଲେ ସୁତରାଂ ତାହାଙ୍କର ବୟସ ବ ୬୦ ର୍ଷରୁ ଊଣା ନୁହେ ।

— — —

ଟ୍ରାନ୍ସଭାଲ ଯୁଦ୍ଧ ।

ଏ ସପ୍ତାହରେ ଆସିଥିବା ଯୁଦ୍ଧ ସମ୍ବାଦ ସମସ୍ତ ତାର ସମ୍ବାଦ ଇଂରାଜଙ୍କ ଅନୁକୂଳରେ ଅଟେ । ତହିଁ ମଧ୍ୟରେ ପ୍ରଧାନ ଘଟନା ବ୍ଲୁମ ଫଣ୍ଟେନ ନଗର ଇଂରାଜଙ୍କ ହସ୍ତଗତ ହେବା । ଏହି ନଗର ଅରେଞ୍ଜ ଫ୍ରି ଷ୍ଟେଟର ରାଜଧାନୀ ଏବଂ ଷ୍ଟିନସାହେବ ତତ୍ରତ୍ୟ ଶାସନକର୍ତ୍ତା । ଷ୍ଟିନସାହେବ ଟ୍ରାନ୍ସଭାଲର ପ୍ରେସିଡେଣ୍ଟ କ୍ରୁଗରଙ୍କ ସହିତ ମିଶି ଯୁଦ୍ଧ କରୁଥିଲେ । ପରିଶେଷରେ ପ୍ରବଳ ବ୍ରିଟିଶ ସେନାର ଆକ୍ରମଣରେ ଲଣ୍ଡଭଣ୍ଡ ହୋଇ ସସୈନ୍ୟ ପଳାଇଲେ ଏବଂ ତାହାଙ୍କର ରାଜଧାନୀ ଇଂରାଜଙ୍କର ଅଧିକାରରେ ଆସିଲା । ଏଥି ମଧ୍ୟରେ ସେ ରାଜ୍ୟ ଇଂରାଜ କର୍ମଚାରୀଙ୍କଦ୍ୱାରା ଶାସିତ ହେବାର ବନ୍ଦୋବସ୍ତ ହୋଇଅଛି ଏବଂ ଯେଉଁ ପ୍ରଜାମାନେ ଇଂରାଜ କର୍ମଚାରୀଙ୍କ ହସ୍ତରେ ଅସ୍ତ୍ର ସମର୍ପଣ କରି ଆପଣା ବ୍ୟବସାୟରେ ପ୍ରବୃତ୍ତ ହେବେ ସେମାନେ ନିର୍ବିଘ୍ନ ରହିବେ ବୋଲି ଲର୍ଡ ରବର୍ଟ ଘୋଷଣା ପ୍ରଚାର କରିଅଛନ୍ତି । ପ୍ରେସିଡେଣ୍ଟ କ୍ରୁଗର ସହାୟ ହୀନ ହୋଇ ମନେ ମନେ ହତାଶ ହେଲେହେଁ ବାହ୍ୟରୁ ଯୁଦ୍ଧ କରିବାର ଆଗ୍ରହ ଦେଖାଉଅଛନ୍ତି ଏବଂ ସନ୍ଧି ସଦାଶେ ମଧ୍ୟସ୍ଥ ଖୋଜି ବୁଲୁଅଛନ୍ତି । ଯାହି ଅଧିକାଂଶ ଇଉରୋପୀୟ ରାଜଗଣ ଏଥି ମଧ୍ୟରେ ନାସ୍ତି କରିଅଛନ୍ତି । ପକ୍ଷାନ୍ତରେ ବ୍ରିଟିଶ ଗବର୍ଣ୍ଣମେଣ୍ଟ ସ୍ପଷ୍ଟ କହିଅଛନ୍ତି ଯେ ପ୍ରେସିଡେଣ୍ଟ କ୍ରୁଗର ସାହେବ ଅଧୀନତା ସ୍ୱୀକାର ନ କରିବା ପର୍ଯ୍ୟନ୍ତ କୌଣସି ସନ୍ଧିର ପ୍ରସ୍ତାବ ଶୁଣା ଯିବ ନାହିଁ । ଇଂରାଜଙ୍କର ଏ କଥା ନ୍ୟାୟସଙ୍ଗତ ନୁହେ ଏମନ୍ତ ବୋଲି ଯାଇ ନ ପାରେ କାରଣ ଯୁଦ୍ଧ ପ୍ରଥମେ ଶତ୍ରୁପକ୍ଷରୁ ଆରମ୍ଭ ହୋଇଅଛି । ଇଂରାଜଙ୍କର ଅସୀମ ଅର୍ଥବଳ ଏବଂ ଲୋକବଳ ଦେଖି ଯେବେ ବୁଅରମାନଙ୍କର ଏ ପର୍ଯ୍ୟନ୍ତ ଚୈତନ୍ୟ ଉଦୟ ହୋଇ ନାହିଁ ତେବେ ବଡ଼ ଆଶ୍ଚର୍ଯ୍ୟର ବିଷୟ ବୋଲିବାକୁ ହେବ । ବୁଅରମାନେ ବୁଝନ୍ତୁ ଅବା ନ ବୁଝନ୍ତୁ ସଂସାର ବୁଝିଲେଣି ଯେ ଆଉ ସେମାନେ ଇଂରାଜଙ୍କର ବିଜୟ ସ୍ରୋତ ଲେଉଟାଇ ପାରିଲେ ନାହିଁ । ଏଣିକି ଯେତେ ଯୁଦ୍ଧ କରିବେ ତହିଁରେ କେବଳ ଅଧିକ ରକ୍ତପାତ ଓ ଜନକ୍ଷୟ ହେବ । ଏହା ଭାବି ଅମ୍ଭେମାନେ ଏକାନ୍ତ ଆଶା କରୁଁ କି କେହି ମଧ୍ୟସ୍ଥ ହୋଇ ଶୀଘ୍ର ଏ କଳି ଭାଙ୍ଗିଦେଉନ୍ତୁ ଏବଂ ଅକାରଣ ନରହତ୍ୟା ନିବାରଣ ହେଉ ।

— — —

କୀର୍ତ୍ତିଲୋପ ।

ଦରପଣୀର ସ୍ୱର୍ଗୀୟ ରାଜା ବୈଦ୍ୟନାଥ ପଣ୍ଡିତ ଧର୍ମଶାଳାଠାରେ ଜଗନ୍ନାଥ ସଡ଼କ ଅଥବା ଟ୍ରଙ୍କ ରୋଡ଼ ପାଶରେ ଗୋଟିଏ ଦାତବ୍ୟ ଔଷଧାଳୟ ପ୍ରଥମେ ନିଜ ବ୍ୟୟରେ ସ୍ଥାପନ କରିଥିଲେ । ପରେ ନାନା କାରଣରୁ ଔଷଧାଳୟଟି ଡିଷ୍ଟ୍ରିକ୍ଟ ବୋର୍ଡର ଅଧୀନରେ ଆସିଲା ଏବଂ ରାଜା ସମ୍ପୂର୍ଣ୍ଣ ବ୍ୟୟ ସ୍ଥଳେ କେବଳ ଆଂଶିକ ସାହାଯ୍ୟ ଦେବାକୁ ଲାଗିଲେ । ବର୍ତ୍ତମାନ୍ ସେହି ଔଷଧର ବାର୍ଷିକ ବ୍ୟୟ ୧୧୨ ଶତ ଟଙ୍କାରୁ କିଛି ଅଧିକ ପଡ଼ୁଅଛି ଏବଂ ତହିଁ ମଧ୍ୟରେ ଦରପଣୀର ସାହାଯ୍ୟ ଟ ୩୦୦୲ଙ୍କା ଏବଂ ମଧୁପୁରର ସାହାଯ୍ୟ ଟ ୬୦୲ଙ୍କା ଅବଶିଷ୍ଟ ଅଧିକାଂଶ ବ୍ୟୟ ଲୋକଲ ବୋର୍ଡ ନିର୍ବାହ କରୁଅଛନ୍ତି । ରେଲବାଟ ଫିଟିଲେହେଁ ସଡ଼କବାଟେ ଯାତ୍ରୀ ଯାତାୟାତ ନିତାନ୍ତ ଊଣା ହୋଇ ନାହିଁ ଏବଂ ଯାହାଙ୍କର ରେଳଭଡ଼ା ଦେବାର ସଙ୍ଗତି ନାହିଁ ସେହିମାନେ ସଡ଼କରେ ଚାଲନ୍ତି । ସୁତରାଂ ଏହି ଔଷଧାଳୟଦ୍ୱାରା ଗରିବ ଜଗନ୍ନାଥ ଯାତ୍ରୀମାନଙ୍କର ଅଶେଷ ଉପକାର ସାଧନ ହେଉଅଛି । ପୁଣି ଏହାର ସାହାଯ୍ୟ ଲୋଡ଼ିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦରପଣୀର ପ୍ରଜା ଅଧିକ । ସୁତରାଂ ଯାହାର ଧର୍ମରେ ପ୍ରବୃତ୍ତି ଏବଂ କର୍ତ୍ତବ୍ୟ ଜ୍ଞାନ ଅଛି ସେ ଏପରି ସଦନୁଷ୍ଠାନର ସାହାଯ୍ୟରେ କଦାଚ କୃପଣ ହେବ ନାହିଁ । ଏଥିରୁ ଅମ୍ଭେମାନେ ଶୁଣି ଅତ୍ୟନ୍ତ ଦୁଃଖିତ ଓ ଆଶ୍ଚର୍ଯ୍ୟ ହେଲୁଁ ଯେ ଦରପଣୀର ବର୍ତ୍ତମାନ୍ ଅଧିକାରୀ କୁମାର ହରିହରନାଥ ପଣ୍ଡିତ ଉପରଲିଖିତ ବାର୍ଷିକ ସାହାଯ୍ୟ ଟ ୩୦୦୲ଙ୍କା ଏଣିକି ଆଉ ଦେଇ ପାରିବେ ନାହିଁ ବୋଲି ଲୋକଲ ବୋର୍ଡର ସଭାପତି (କଲେକ୍ଟର ମାଜିଷ୍ଟ୍ରେଟ)ଙ୍କ ନିକଟକୁ ଲେଖିଅଛନ୍ତି । ସାହେବ ମହୋଦୟ ଲୋକଲ ବୋର୍ଡର ସଭାରେ ଏ କଥା ପ୍ରକାଶ କରିବାରୁ ଏ ବିଷୟ ପୁନର୍ବିଚାର କରିବାକାରଣ କୁମାରଙ୍କ ନିକଟକୁ ଅନ୍ତ ପଠା ଯିବାର ଧାର୍ଯ୍ୟ

Digitized by srujanika@gmail.com

ହେଲା । ସେ ଔଷଧାଳୟଟି ଏବେ ପ୍ରୟୋଜନୀୟ ଯେ ରାଜା ସାହାଯ୍ୟ ଦେବାକୁ ନିତାନ୍ତ ବିମୁଖ ହେଲେ ଅଗତ୍ୟା ଲୋକ ବୋଉଡ ସେ ଭାର ଗ୍ରହଣ କରିବେ ଫଳେ ଲୋକଙ୍କର ଯେପରି ଉପକାର ହେଉଅଛି ତାହା ହେବ ମାତ୍ର ସ୍ୱର୍ଗୀୟ ରାଜାଙ୍କର ଗୋଟିଏ ଉତ୍ତମ କୀର୍ତ୍ତି ତାହାଙ୍କ ମୃତ୍ୟୁର ଅଳ୍ପକାଳ ପରେ ତାହାଙ୍କ ସୁପୁତ୍ରଙ୍କ ହସ୍ତରେ ଲୋପ ହେବ । ଭୁମାର ମହୋଦୟ କ୍ଷଣକାଳ ନିରପେକ୍ଷ ଭାବରେ ବିଚାର କଲେ ବୁଝି ପାରିବେ ଯେ ପିତାଙ୍କର କୀର୍ତ୍ତି ଲୋପ କରିବା ଉଚିତ ଭଲ ନୁହଇ । ଅମ୍ଭେମାନେ ଏକାନ୍ତ ଆଶା କରୁଁ କି ସେ ସୁବିବେଚକଙ୍କ ସାହାଯ୍ୟ ପ୍ରତ୍ୟାହାରର କଳ୍ପନା ପରିତ୍ୟାଗ କରିବେ । ତାହାଙ୍କର ଅବସ୍ଥା ଏପରି ନୁହେ ଯେ ଏହି ସାହାଯ୍ୟ ବନ୍ଦ କଲେ ସଂସାର ଚଳିବ ଏବଂ ବ୍ୟୟ କର୍ତ୍ତନ କରିବାର ନିତାନ୍ତ ଆବଶ୍ୟକ ହେଲେ ଅନେକ ନିରର୍ଥକ ବ୍ୟୟ କର୍ତ୍ତନ କରି ପାରନ୍ତି । କହିରେ ସୁଖ୍ୟାତି କିନା ଅଶାନ୍ତ ହେବ ନାହିଁ । ସେ ରାଜଗଦ୍ଦିରେ ବସିବାର ଅଳ୍ପକାଳ ମଧ୍ୟରେ ଯେବେ ଗୋଟିଏ ସାଧାରଣ ହିତକର କାର୍ଯ୍ୟ ପ୍ରତି ଏପରି ଅନାସ୍ଥା ଦେଖା ଯିବେ ତେବେ ତାହାଙ୍କଠାରେ ଜନସାଧାରଣଙ୍କର ଭକ୍ତି ଓ ଶ୍ରଦ୍ଧା ଅଧିକ ହେବ କି ?

---

## ବଡଲାଟଙ୍କର ଆସାମ ଭ୍ରମଣ ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂର ଆସାମ ଭ୍ରମଣ କରି ଗତ ତା ୧୬ ରିଖରେ କଲିକତାକୁ ଫେରିଥିଲେ । ଆସାମକୁ ଏପର୍ଯ୍ୟନ୍ତ ରେଲବାଟ ହୋଇ ନାହିଁ । ଗମନାଗମନର ଏକମାତ୍ର ବାଟ ଜଳପଥ ଅଟେ । ମହାମାନ୍ୟ ମହୋଦୟ ତାହାକରେ ବିରାଜମାନ ହୋଇ ଯେପରି ଚଞ୍ଚଳରେ ଅନେକ ସ୍ଥାନ ଦେଖିଅଛନ୍ତି ତାହା ଅଳ୍ପ ଶ୍ରମର ବିଷୟ ନୁହେଁ । ଆସାମର କୁଲି ଆଇନ, ଭୂମି ରାଜସ୍ୱ ବନ୍ଦୋବସ୍ତ, କୃଷି ବିସ୍ତାର ଇତ୍ୟାଦି ନାନା ଗୁରୁତର ପ୍ରସଙ୍ଗ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ବିବେଚନାଧୀନରେ ଅଛିଅଛି । ସେ ସମସ୍ତର ନ୍ୟାୟସଙ୍ଗତ ବ୍ୟବସ୍ଥା ନିମନ୍ତେ ମହାମାନ୍ୟ ଲର୍ଡ କର୍ଜନ ବାହାଦୂର ଏତେ କଷ୍ଟ ସ୍ୱୀକାରପୂର୍ବକ ଦେଶର ଅବସ୍ଥା ସ୍ୱୟଂ ଦେଖିଆସି କର୍ତ୍ତବ୍ୟ ପରାୟଣତାର ଉତ୍ତମ ପରିଚୟ ଦେଇଅଛନ୍ତି ଏବଂ ନାନା ସ୍ଥାନର ଅଭିନନ୍ଦନପତ୍ରର ଉତ୍ତରରେ ସେ ସମସ୍ତ କଥା କହିଅଛନ୍ତି ତହିଁରୁ ପ୍ରକାଶ ଯେ ସେ ତାହାଉପରେ ନ ଭୁଲି ନିରପେକ୍ଷ ବିଚାର କରିବାକୁ ତ୍ରୁଟି କରିବେ ନାହିଁ । କୁଲି ଆଇନ ସମ୍ବନ୍ଧରେ ସେ କହିଅଛନ୍ତି କି ବର୍ତ୍ତମାନ ଚାହା-କ୍ଷେତ ବ୍ୟବସାୟ ଚଳାଇବା ନିମନ୍ତେ ଯଦ୍ୟପି କୁଲି ଆଇନର ପ୍ରୟୋଜନ ରହିଅଛି ମାତ୍ର ସେ ଆଶା କରନ୍ତି ଯେ ଭବିଷ୍ୟତରେ ତାହା ହେବ ନାହିଁ । ଗମନାଗମନର ସୁବିଧା ଏବଂ ଉଚିତ ମୂଲ୍ୟ ପାଇଲେ କୁଲିମାନେ ଆପଣା ଇଚ୍ଛାରେ ଯାଇ କାର୍ଯ୍ୟ କରିବେ । ଅସାଧ୍ୟ ଭୂମିହେତୁ ରେଲବାଟ ନିର୍ମାଣ ଖରଚ ଅତ୍ୟନ୍ତ ଅଧିକ ପଡୁଅଛି । ତଥାପି ସରକାର ବାର୍ଷିକ ପ୍ରଚୁର ଟଙ୍କା ମଞ୍ଜୁର କରୁଅଛନ୍ତି ଏବଂ କାର୍ଯ୍ୟ ବନ୍ଦ ହେବାର ଆଶଙ୍କା ନାହିଁ । ତେବେ କାର୍ଯ୍ୟ ଶେଷ ହେବାକୁ ଅନେକ ସମୟ ଲାଗିବ । ଆସାମର ଉନ୍ନତିର ପ୍ରଧାନ ଅନ୍ତରାୟ ସେ ପ୍ରଦେଶର ଜଳବାୟୁ ଅସ୍ୱାସ୍ଥ୍ୟକର ହେବାରୁ ଲୋକସଂଖ୍ୟା ବୃଦ୍ଧି ହେଉ ନାହିଁ ଏବଂ ଲୋକର ଅଭାବରୁ ଚାଷ ବଢୁ ନାହିଁ ଏକଦଗରେ ଚାଷ ବଢ଼ିଲେ ଅନ୍ୟ ଦଗରେ କମି ଯାଉଅଛି । ସୁତରାଂ କେବଳ ଖଜଣା ବନ୍ଦୋବସ୍ତଦ୍ୱାରା ତହିଁର ପ୍ରତିକାର ହୋଇ ନ ପାରେ ତଥାପି ବନ୍ଦୋବସ୍ତର କାଳ ସ୍ଥିର କରିବା ସମୟରେ ସରକାର ବାହାଦୂର ସେଥିରି ବିଚାର କରିବେ ଏବଂ ଜମିଦାରୀ ଅଥବା ରଇତବାରୀ ବନ୍ଦୋବସ୍ତ କରିବା ଉଚିତ ତାହା ସ୍ଥିର କରିବେ । ମୋଟକଥା ଏହି କି ବର୍ତ୍ତମାନ ସମୟରେ ଚାଷଅପେକ୍ଷା ମଜୁରି ବଢ଼ିବାସ୍ଥଳେ ଆସାମର ଚା ବଗିଚା ଅଥବା ଧାନ୍ୟାଦିର ଚାଷ ନିମନ୍ତେ ଅଳ୍ପ ଦରରେ କୁଲି ଖୋଜି ପାଇବା ଅସମ୍ଭବ । ଅନ୍ୟାନ୍ୟ ପ୍ରଦେଶରୁ କୁଲି ଆଣିବା ଯେମନ୍ତ ଆବଶ୍ୟକ ସେମାନଙ୍କୁ ଅଧିକ ଦରରେ ମଜୁରି ଦେବା ସେମନ୍ତ ଆବଶ୍ୟକ । କୁଲିଆଇନ ସଂଶୋଧନର ପାଣ୍ଡୁଲିପିର ବିଚାର ସମୟରେ ବ୍ୟବସ୍ଥାପକସଭାର ସାହାଯ୍ୟ ନିମନ୍ତେ ଗବର୍ଣ୍ଣମେଣ୍ଟ ଚାହାବଗିଚାବାଲାଙ୍କର ଜଣେ ପ୍ରତିନିଧିଙ୍କୁ ସଦସ୍ୟ ସ୍ୱରୂପ ନିଯୁକ୍ତ କରିଅଛନ୍ତି । ମାତ୍ର ଆସାମର ପ୍ରତିନିଧିସ୍ୱରୂପ ଚିରକାଳ ଜଣେ ସଦସ୍ୟ ନିଯୁକ୍ତ କରିବାକୁ ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ ନାହାନ୍ତି ଏବଂ ଅନ୍ୟାନ୍ୟ ପ୍ରଦେଶର ସହି ସମ୍ବନ୍ଧ ବିବେଚନାରେ ତାହା କରିବା ଉପଯୁକ୍ତ ହେଉ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ପୋଲିସର ଇନସ୍ପେକ୍ଟର ଜେନେରଲ ମି: ଘାଇ ଟି, ଗ୍ରୀଅର ଆଗାମୀ ଏପ୍ରେଲ ମାସ ତା ୫ ରଖଠାରୁ ମାଁ ୨।୧ ଦଶ ଛୁଟୀ ପାଇବେ ଓ ସେ କାର୍ଯ୍ୟରେ ପୋଲିସର ଡେ: ଇନ୍‌ସ୍ପେକ୍ଟର ଜେନେରଲ ମି: ଜେ, ମାର୍ଷ୍ଟନ ଏକଟିଂ ହେଲେ ।

ବାଲେଶ୍ୱର ଜିଲ୍ଲାର ଡେପୁଟି ସବ୍‌ରେଜିଷ୍ଟ୍ରାର ବାବୁ ସୌଦାମିନୀ ... ଏକମାସର ଛୁଟୀ ପାଇଲେ ।

ପୁରୀ ଜାଜ୍ଜର ସେ, ଏଲ ଡେଭିସ କଟକ ଜଜ୍‌ କର ହେଇଥି ... ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଡାକ୍ତରଖାନାର ଡାକ୍ତର କପ୍ତାନ ଏ, ଡବଲିଉ, ଏଲ, ଭନ୍‌ ରେନ ସ୍ୱପର ସିଭିଲସର୍ଜନ ପଦରେ ଆଗାମୀ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

କଟକର ଅତିରିକ୍ତ ମାଜିଷ୍ଟ୍ରେଟ ମି: ବନ୍ଦ୍ୟୋପାଧ୍ୟାୟ ମନ୍ତ୍ରିକ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୧୯୦ ର ଅସ୍ଥାୟୀ କ୍ଷମତା ପାଇଲେ ।

ବାଲେଶ୍ୱରର ଡେପୁଟିମାଜିଷ୍ଟ୍ରେଟ ମୌଲବି ସୟଦ ଅବଦୁଲ ମଜିଦ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୧୮୫ ୧୯୦ (୧) (ସି) ଓ ଧା ୫।୪ ଅସ୍ଥାୟୀ କ୍ଷମତା ପାଇଲେ ।

ବାଲେଶ୍ୱର ସଦର ସବଡିଭିଜନର ଅବୈତନିକ ମାଜିଷ୍ଟ୍ରେଟ ବାବୁ ସୁଧାକରଣ ଦାସ ବାଲେଶ୍ୱର ମାଜିଷ୍ଟ୍ରେଟଙ୍କ ପ୍ରଦତ୍ତ ମୋକଦ୍ଦମାମାନ ଏକାକୀ ବିଚାର କରିବାର କ୍ଷମତା ପାଇଲେ ।

ଭଦ୍ରକର ମୁନସଫ ବାବୁ କେଦାରନାଥ ଚୌଧୁରୀ ୫ ୫୦ ଟା ପର୍ଯ୍ୟନ୍ତ ମୋକଦ୍ଦମାର ବିଚାର ନିମନ୍ତେ ସ୍ମଲକଜ କୋର୍ଟର ଜଜର କ୍ଷମତା ପାଇଲେ ।

ମହାନଦୀ ଡିଭିଜନର ଆ: ଇଞ୍ଜିନିୟର ମି: ଏଚ, ଜି ଗିବ୍‌ସନ୍‌ ସନ ଫେବ୍ରୁଆରୀ ତା ୨୭ ରଖଠାରୁ ଆଗାମୀ ଅକ୍ଟୋବର ତା ୧୦ ରଖ ପର୍ଯ୍ୟନ୍ତ ଛୁଟୀ ପାଇଲେ ।

କଟକ ମେଡିକାଲ ସ୍କୁଲର ଡାକ୍ତର ରାମଚନ୍ଦ୍ର ଭୋଇ ବା ଡାକ୍ତର ଚଟର୍ଜି ଓ ଡା: ବସୁ ଦକ୍ଷିଣ ଦ: ହିନ୍ଦୁ ବାବୁ ଉମେଶଚନ୍ଦ୍ର ସେନ ଦେଢ଼ମାସ ଅନୁଗ୍ରହ ଛୁଟୀ ପାଇଲେ ।

ପୁରୀଜିଲ୍ଲା ସ୍କୁଲର ୨ୟ ଶିକ୍ଷକ ବାବୁ ରାଧାଶ୍ୟାମ ମିଶ୍ର ବାଲେଶ୍ୱର ଜିଲ୍ଲା ସ୍କୁଲକୁ ଓ ତତ୍ରସ୍ଥ ସ୍କୁଲର ୨ୟ ଶିକ୍ଷକ ବାବୁ ହରପ୍ରସାଦ ଦାସ ପୁରୀଜିଲ୍ଲା ସ୍କୁଲକୁ ବଦଳି ହେଲେ ।

ଓଡ଼ିଶା ଡିଭିଜନର ଅତିରିକ୍ତ ଆସିଷ୍ଟାଣ୍ଟ ଡାକ୍ତରଙ୍କ ଆଗାମୀ ଦକ୍ଷିଣୀୟ ଶାରୀରିକ ପରୀକ୍ଷା ଆଗାମୀ ଏପ୍ରେଲମାସ ତା ୩୦ ଦିନ ଓ ତତ୍ପରଦିନ ପୁରୀରେ ହେବ ଓ ୧୧ ଟା ସମୟରେ କମିଶନରୀ କଚେରୀ ଗୃହରେ ଆରମ୍ଭ ହେବ ।

ମି: ଜେ, ଇ, ଫିଲ୍ଲୋନ ହାଇକୋର୍ଟର ଅଫିସିଏଟିଙ୍ଗ ରେଜିଷ୍ଟ୍ରାର ପଦରେ ଗତମାସ ତା ୮ ରଖଠାରୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

---

ଓଡ଼ିଶାର ନୂତନ କମିଶନର ଶ୍ରୀଯୁକ୍ତ ହାରିସ ସାହେବ ଗତ ବୃହସ୍ପତି ବାର ପ୍ରାତଃକାଳରେ ଏ ନଗରରେ ଉପସ୍ଥିତ ହୋଇ ସେହି ଦିନ ଚାର୍ଜ ଗ୍ରହଣ କଲେ । ଶ୍ରୀଯୁକ୍ତ ମାଡିସନ ସାହେବ ଆଗାମୀ ସପ୍ତାହରେ ଏ ନଗରରୁ ବିଦାୟ ଗ୍ରହଣ କରିବେ ।

ଗତ ଫେବ୍ରୁଆରୀ ମାସରେ ଏ ଜିଲ୍ଲାର ବୃଷ୍ଟି ପଡ଼ିଥିଲା ଭୂମି ପ୍ରବର୍ଦ୍ଧନରେ ସେହି ବୃଷ୍ଟି ହୋଇଥିଲା ତହିଁରେ ଏ ନଗରବାସୀ କହମାଳୀ ଡଲେଲ ପଞ୍ଜାବ ଉଦ୍ଦେଶ୍ୟରେ ଶୀଘ୍ର ସଙ୍ଗେ ଲଢ଼ି ଟ ୨୦ ୯ ଜା ପୁରସ୍କାର ଓ ହାଇପିକଟ ଏବ ସ୍ୱତେଜ କେନ୍ଦ୍ରା ହେବ ଶମିର ସଙ୍ଗେ ଲଢ଼ି ଟ ୧୦ ଟା ପୁରସ୍କାର ଓ ସାର୍ଟିଫିକେଟ ପାଇଅଛନ୍ତି ।

କଟକ ମେଡ଼ିକାଲ ସ୍କୁଲର ଶେଷ ପରୀକ୍ଷା ଏ ସପ୍ତାହରେ ହୋଇଥିଲା । ପରୀକ୍ଷା ଦେଇଥିବା ୨୬ ଜଣ ଛାତ୍ର ମଧ୍ୟରୁ ୧୦ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପୂର୍ବ ପରୀକ୍ଷା ତୁଳନାରେ ଏ ଫଳ ସନ୍ତୋଷ ବୋଧ ହେଉଅଛି ।

Split by PDF Splitter 92

Digitized by srujanika@gmail.com

ମାର୍ଚ୍ଚ ତା ୩ ରଖ ସନ୍ଧ୍ୟାରେ ଉପରୋକ୍ତ ଝଙ୍କାଷ ଗ୍ରାମର ଜଣେ ସ୍ତ୍ରୀ ଗୋଟିଏ ସନ୍ତାନ ପ୍ରସବ କରୁ ହଠାତ୍ ତାହାରେ ଅଗ୍ନି ଲେଗାଯାଇ ଲାଗିଲା ତାହାର ଗୃହସ୍ଥିତ ଲୋକମାନେ ଯଣା ପ୍ରସୂତ କରୁ, ସ୍ତ୍ରୀର ଅସ୍ଥିସ୍ତୂପ ଅନ୍ତର୍ହିତ ହୋଇଗଲା ।

ବଶମଦ

୨୦।୩।୧୯୦୦ } ଶ୍ରୀ ଜଗନ୍ନାଥ ନାୟକ
କେନ୍ଦ୍ର } ପ୍ରଧାନଶିକ୍ଷକ ଦେଉଳ ସ୍କୁଲ

---

ମହାଶୟ !

ଘୁମୁସରତାଲୁକା ଭୁଲଭଗତରେ ପାଇମାଙ୍କଡ଼ ଓ ଗୋଲଣ୍ଡା ମାଙ୍କଡ଼ମାନେ ପ୍ରାୟ ଅନେକ ବର୍ଷ ଉତ୍ତ ପାଇମାଙ୍କଡ଼ମାନେ ଉକ୍ତ ଗ୍ରାମ ଓ ତହିଁ ସଂଲଗ୍ନ ଶାସନମାନଙ୍କର ନାନା ପ୍ରକାର ଫଳ ମୂଳ ନେଉଥା ଶାଗ ନଷ୍ଟ କରିବା ଓ ଗିନା ଢଂଷା ଇତ୍ୟାଦି ନେଇ ପଳାଇବା ପିଲଙ୍କ ହାତରୁ ଖାଦ୍ୟ ଛଡ଼ାଇ ନେବା ଓ ଘରର ଛଣ ଓ ହେଙ୍କର ଇତ୍ୟାଦି ନଷ୍ଟ କରିବାରୁ ଲୋକେ ସହି ନ ପାରି ଥୋକେ ଟଙ୍କା ଗୁଣା କରି ମାଗୁଣିମାନଙ୍କୁ ମୂଲ ଦେଇ ମାଙ୍କଡ଼ମାନଙ୍କୁ ଯତ୍ନରେ ଧରାଇ ଶଗଡ଼ ଶଗଡ଼ କରି ନୋଇରେ ଉଚ୍ଚିକର ପ୍ରାୟ କୋ ୧୫।୨୦ ଗଭୀର ଅନ୍ତର ଅରଣ୍ୟରେ ସେମାନଙ୍କ ଫଳ ମୂଳ ଖାଇବାକୁ ଦେଇ ଛାଡ଼ିଥିଲେ । ଏପରି କରିବାର ଦୁଇ ତିନମାସବାଦ ଗତ ମାଘ ଶୁକ୍ଳ ଶ୍ରୀପଞ୍ଚମୀଦିନ ଏଠା ନାରାୟଣ ଠାକୁରଙ୍କର କୃଷ୍ଣୋତ୍ସବ ଦିନ ବେଳ ପ୍ରହରକ ସମୟରେ ଗୋଟିଏ ହନୁମାଙ୍କଡ଼ ହଠାତ୍ ଶ୍ରୀଠାକୁରଙ୍କ ମନ୍ଦିରରେ ପ୍ରବେଶ ହୋଇ ଶ୍ରୀ ଗୋବିନ୍ଦ ଠାକୁରଙ୍କ ଖଟରେ ବସି ରହିଲା ସେଠାରୁ ଯାତ୍ରୀ ଜନମାନଙ୍କର ମଧ୍ୟ ଗମନାଗମନ ନ ହୋଇ ତାହାକୁ ଘୁଞ୍ଚାଇ ନାହିଁ କି ବାଡ଼ାଇବାକୁ ମଧ୍ୟ ଭଗିଲା ନାହିଁ । ସେ ବଦନମାନେ ଚିକ୍କା ଓ ପାଚିଲାଫଳଠାରୁ ଖଜା ଦିଠା ଓ ଖିର ସେତେ ପର୍ଯ୍ୟନ୍ତ ଯାହା ଦେଲେ କଛି ଖାଇଲା ନାହିଁ । ଏହିପରି ନଗ୍ଦାରରେ ରହିବାର ଅହୋରାତ୍ର ରହି ଅପରଦିନ ବେଳ ପ୍ରହରକ ସମୟେ ଶ୍ରୀନାରାୟଣ ଠାକୁରଙ୍କ ଗୋଟିଏ ମୁଣ୍ଡିଆ ମାରି ଆପଣା ବନ ପଥରେ ଚୈଷିକଣଅଛେ ବାହାରିଗଲା । ଧନ୍ୟ ଭଗବାନ । ଏ ମାନସରେ ଅଭିଜ୍ଞଙ୍କ ଶ୍ରୀ ନାରାୟଣଙ୍କୁ ଜଣା ।

ଘୁମୁସର ନହୁଲଖୁଣ୍ଟା } ଆପଣଙ୍କ ଅନୁଗ୍ରହାକାଂକ୍ଷୀ
୧୦ । ୨ । ୧୯୦୦ } ଶ୍ରୀ ହରିହର ତ୍ରିପାଠୀଶର୍ମା

---

## ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ସୁଦର୍ଶନ ମହାପାତ୍ର | | ଟ ୭ ୶ |
| ତଲଥ୍ରୀ ଉଦ୍ଧାମାଧବ ସାହୁ | | ଟ ୩୧ |
| ଶ୍ରୀ ବାବୁ ଶ୍ୟାମସୁନ୍ଦର ଦାସବୁହ | | ଟ ୩୧ |
| " " ବ୍ରଜସୁନ୍ଦର ପାଟଯୋଷୀ | | ଟ ୩୧ |
| ରାଜ ରାଜେ ନୃସିଂହ କବିରାଜ | ସୁନ୍ଦରଗଡ଼ | ଟ ୩୧ |
| ଶ୍ରୀ ବାବୁ ଜଗନ୍ନାଥ ପଟ୍ଟନାୟକ | ଢେଙ୍କାନାଳ | ଟ ୩୧ |
| ଶ୍ରୀମାନ୍ ମହାରାଜକୁମାର ଅର୍ଜ୍ଜୁନ ସିଂହ | ବାମଣ୍ଡ | ଟ ୩୧ |
| ଶ୍ରୀ ବାବୁ ଉମାଚରଣ ଦାସ | କଟକ | ଟ ୩୧ |

---

# ବିଜ୍ଞାପନ ।

Wanted an English knowing correspondent clerk for the Maharaja's office Mourbhanj. Candidates must have a thorough knowledge of English in Drafting, indescing, Docketing, registering, precis-writing and despatching &. Pay Rs 30 per mensem rising to Rs 40. Apply with testimonials to H. H. Maharaja, Mourbhanj. Applications will be received up to 7th April next.

20th March 1900. F. D' Elborne *Secretary*

---

# NOTICE.

Wanted a Head master for the Charchika Board Middle school on Rs. 20 per month. Preference shall be given to the holders of university certificates.

Applications will be received by the undersigned on or before the 26th Instant.

Cuttack Dt, Board office } J. C. Chander
The 13th March 1900 } *Vic-chairman for chairman*

---

## ବିଜ୍ଞାପନ ।

ସେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର, ଜଗତ୍‌ସିଂହପୁର, ଉର୍ଦ୍ଧୋଳ, ଯାଜପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୦ ମସିହା ମାର୍ଚ୍ଚ ମାସ ତା ୨୦ ତାରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ରଖ ପର୍ଯ୍ୟନ୍ତ ୧୧ ମାସ ୧୦ ଦିନ ନିମନ୍ତେ ସନ ୧୯୦୦ ମସିହା ମାର୍ଚ୍ଚ ମାସ ତା ୨୨ ରଖ । ମୂ । ସନ ୧୩୦୭ ସାଲ ଚୈତ୍ର ମାସ ଦ ୧୩ ଦ ଦିବା ଘ ୧୨ ଘ ସମୟରେ କଟକ ସଦର ଲୋକାଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ । ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି, ସେମାନେ ନିଜେ ଉପରଲେଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ। ଯାହାଙ୍କର ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଟଙ୍କାର ଚତୁର୍ଥାଂଶ ଜାମିନସ୍ୱରୂପ ଅଫିସରେ ଦାଖଲ କରିବେ ଓ ବାକି ଟଙ୍କା ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ପୁଣି ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର କିସ୍ତି ଟଙ୍କା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଆଗାମୀ ଦେବାକୁ ହେବ ନ ଦେଲେ ତହିଁରେ ଯେ କ୍ଷତି ହେବ, ତାହା ଖେଳାପିକାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ସ୍ୱଇଚ୍ଛାରେ କବୁଲିୟତ୍ ଲେଖିଦେଇ ରେଜିଷ୍ଟ୍ରି କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି ଖାଣ୍ଡି ହାଉସ ପାଇଁ ଦେଶର ଲୋକଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ; ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ, ତାହା ହେଲେ ତତ୍‌କ୍ଷଣାତ୍ ତାହାର ଡାକ ଉଠି ନିଲାମ ବନ୍ଦ ହେବ ଓ ଉପଯୁକ୍ତ ସମ୍ଭ୍ରାନ୍ତ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସ୍ଥାନ ଛଡ଼ି ଦିଆଯିବ ।

ଥାନା କଟକ

୧ । ବାଲିଙ୍ଗ

---

ଥାନା ଯାଜପୁର

୧ । ଉର୍ଦ୍ଧୋଳ

---

ଥାନା ଜଗତ୍‌ସିଂହପୁର

୧ । ତିର୍ତ୍ତୋଲ
୨ । ଜଗନ୍ନାଥପୁର

---

Chairman

Split by PDF Splitter
Digitized by srujanika@gmail.com

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସନ ୧୯୦୦-୧୯୦୧ ମସିହା ବର୍ଷ ନିମିତ୍ତ ପାଲଲହଡ଼ା ରାଜ୍ୟସ୍ଥ ଅଫିମ, ଗାଞ୍ଜା, ଗଞ୍ଜେଇ, ଓ ଦେଶୀ ମଦ୍ୟ ଦୋକାନମାନଙ୍କର ଓ ଦଉଡା, ବାହାଡା, କୋଚିଲା, ମହୁ ଓ ମହମ ଇତ୍ୟାଦି ବନ୍ୟଜାତ ଦ୍ରବ୍ୟର ଓ ଚମଡା ଓ ଶୃଙ୍ଗ ପ୍ରଭୃତିର ଜମା ଚଳିତ ମାର୍ଚ୍ଚ ମାସ ତା ୩୦ ରଖ ସ୍ଥଳେ ଶୁକ୍ରବାର ଦିନ ଦିବା ଘ ୧୧ ଘଣ୍ଟା ସମୟରେ ପ୍ରକାଶ୍ୟ ନିଲାମଦ୍ୱାରା ରାଜଗଡ ମୁକାମ ସଦର କଚେରୀରେ ଷ୍ଟେକ କରାଯିବ । ଯେଉଁମାନଙ୍କର ନିଲାମ ଧରିବାକୁ ଇଚ୍ଛା ଥିବ ସେମାନେ ଉକ୍ତ ତାରିଖରେ ଉପସ୍ଥିତ ହୋଇ ସର୍ବୋଚ୍ଚ ଡାକରେ ନିଲାମ ଡାକିଲେ ବନ୍ଦୋବସ୍ତ ପଟ୍ଟା ପାଇପାରିବେ । ଇତି ।

Manager's office, Pal Lahara, } B, Biswal
Dated the 2nd March 1900. } *Manager.*

ଏ ଜିଲ୍ଲା ନିମ୍ନୋକ୍ତ ଅବକାରୀ ଦୋକାନ ଓ ଘାଟ ସନ ୧୯୦୦।୧୯୦୧ ମସିହା ଏକବର୍ଷ ସକାଶେ ବାଲେଶ୍ୱର । ମୁ । କାଲେକ୍ଟରୀରେ ଚଳିତ ମାସ ତା ୨୬ ରଖ । ମୁ । ଓଡ଼ିଆ ଚୈତ୍ର ୧୪ ରୋଜ ସୋମବାର ଦିବା ଘ ୧୦ ଘଣ୍ଟା ସମୟରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ଗ୍ରହଣେଚ୍ଛୁମାନେ ଯଥାସମୟରେ ଉପସ୍ଥିତ ହୋଇ ନିଲାମ ଡାକିବେ ।

୧ ଅଫିମ ଦୋକାନ
୨ ଗଞ୍ଜେଇ ଦୋକାନ
୩ ଦେଶୀମଦ୍ୟ ଦୋକାନ
୪ ତାଡ଼ୀ ଦୋକାନ
୫ ମହାନଦୀ ଧାଓ୍ୟାଘୋଟ ଓ କଦର-ପୁର ଘାଟ ।

ଜିଲା ଅଠଗଡ଼ ଜେଲଖାନା } Gunanidhi Das
ତା ୨ ରଖ ମାର୍ଚ୍ଚ } 
ସନ ୧୯୦୦ ମସିହା } *State officer.*

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟବୋର୍ଡ଼ ଅଧୀନସ୍ଥ ତଳ ଲିଖିତ ଫେରି ଘାଟମାନ ଏକବର୍ଷ ସକାଶେ ସନ ୧୯୦୦ ମସିହା ମାର୍ଚ୍ଚମାସ ତା ୨୬ ରଖ । ମୁ । ଓଡ଼ିଆ ଚଇତ୍ରମାସ ୧୪ ନ ରୋଜ ସୋମବାର ଦିବା ଘ ୧୨ ଘଣ୍ଟା ସମୟେ ଡିଷ୍ଟ୍ରିକ୍ଟବୋର୍ଡ଼ କଚେରୀରେ ନିଲାମ କରାଯିବ । ଯେଉଁମାନେ ଉକ୍ତ ଘାଟମାନ କିମ୍ବା ତହିଁ ମଧ୍ୟରୁ କୌଣସି ଘାଟ ଇଜାରା ନେବାକୁ ଇଚ୍ଛା ରଖୁଥିବେ ସେମାନେ ସଇଅଉରଣୀୟ ଓ ସଂଗତିପନ୍ନ ବ୍ୟକ୍ତି ହେଲେ ତାଙ୍କର ଡାକ ଗ୍ରହଣ ହୋଇ ତାଙ୍କୁ ଇଜାରା ଦିଆଯିବ । ନିଲାମ ଖରିଦଦାରଙ୍କୁ ନିଲାମ ଗ୍ରହଣ ହେଲା ମାତ୍ର ନିଲାମ ଜମାର ଚତୁର୍ଥାଂଶ ଡିପୋଜିଟ ଓ ବାର୍ଷିକ ଜମାର ଚତୁର୍ଥାଂଶ ଖଜଣା ଅଗଭୂରା ଦେବାକୁ ହେବ । ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ବିଷୟ କେହି ଜାଣିବାକୁ ଇଚ୍ଛା ରଖୁଥିଲେ ସେମାନେ ଡିଷ୍ଟ୍ରିକ୍ଟବୋର୍ଡ଼ ଅଫିସରେ ତଦ୍ଦ କଲେ ବୁଝି ପାରିବେ ।

୧ ହେଙ୍କିରିଆ
୨ କାଜପାଟନା
୩ କିଶନପୁର

କଟକ ଡିଷ୍ଟ୍ରିକ୍ଟବୋର୍ଡ଼ ଅଫିସ } J. C. Chunder
ତା ୬।୩।୧୯୦୦ } *Vice Chairman.*

# NOTICE.

Wanted a Nazir for the office of the manager of Baramba on a salary of Rs 15 per month.

Applicants to state whether they know English and are familiar with office works and whether they are willing to furnish security to the extent of Rs 200 (Two Hundred). Past service and good reference are necessary.

Applications with copies of testimonials to be received by the undersigned up to the 30th March, 1900.

Manager's office, Baramba } M. M. Patnaik,
The 3rd March, 1900 } *Manager*

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL,
*Agent,*
*Cuttack.*

## ନୋଟିସ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆସନ୍ତା ଶୁକ୍ରବାର ଦିନଠାରୁ ଶ୍ରୀ ହଦମରସୁଲ ଜୀଉଙ୍କ ଏଣ୍ଡାଉମେଣ୍ଟ କମିଟୀର ସଭା ପ୍ରତି ଶୁକ୍ରବାର ଦିନ ଘ ୪ ଘା ସମୟରେ ଜଣେ ମେମ୍ବର ମୁନ୍‌ସି ସେକ ଗୋଲାମ ମହମ୍ମଦଙ୍କ ଘର ମୁକାମ ଆଯମ୍‌ଖାଁ ବଜାର, ସହର କଟକ ଠାରେ ହେବ । ଯେ କେହି ଉକ୍ତ ସଭାରେ ଆପଣାର ଆପତ୍ତିଆଦି କରିବାକୁ ଚାହାନ୍ତି, ତାହା ଅଟକ୍କଳରେ କରି ପାରିବେ ।

କଟକ } 
୧।୩।୧୯୦୦ } ଶ୍ରୀ ଗୋଲାମ ମହମ୍ମଦ

## ବିଜ୍ଞାପନ ।

ବାଳକମାନଙ୍କ ସୁବିଧାନିମନ୍ତେ ବଡ଼ ବଡ଼ ଅକ୍ଷରେ ଏକକଠାରୁ ପଚାଶକପର୍ଯ୍ୟନ୍ତ ପଣକିଆ ୨୫ ଖାନା, କୋଇଲ ଓ କମଳଲୋଚନ ସୁନ୍ଦର ସୁନ୍ଦର ଚିତ୍ରସହିତ ଗୋଟିଏ ଫର୍ଦ୍ଦରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ତହିଁର ମୂଲ୍ୟ ୦ ୦ ୯୬

## ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ “ଅଳଙ୍କାର ସାର” ନାମକ ପୁସ୍ତକ ଭାଷାଭୂଷଣ ଜ୍ଞାନବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ-ଭାଷାରେ ଉଦାହରଣ ସହିତ ରଚିତ ହୋଇ ଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅଭ୍ୟାଦେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଶାଜିତ ସ୍ୱଳ୍ପ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

## ପ୍ରୟୋଜନୀୟ ପୁସ୍ତକ ।

ପାଞ୍ଚବାରକ ଚିକିତ୍ସା ଚାରିଅଣା, ଜ୍ୱର ଚିକିତ୍ସା ତିନିଅଣା, ଗୋଚିକିତ୍ସା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସୂଚିକା ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ତିନିପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା ଜାଣିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣକିଆମାଳକାର ସପ୍ତମ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ପାଠ୍ୟ ହୋଇଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଉଦ୍‌ଯୋଗି ସମିତିର

ଭଣ୍ଡାରର ଅଧିକାଂଶ

ଜିନିସ ଦେଶୀ

## ଦେଶୀ ଜିନିସ,

ଗୁଣରେ ଅବଶ୍ୟ ଭଲ

ଦାମ ମଧ୍ୟ ଶସ୍ତା !

## ଉଦ୍‌ଯୋଗ ସମିତିର

## ଭଣ୍ଡାର

କଟକ ଅଦାଲତ ନିକଟରେ

ଭଉବଟା ନାହିଁ, ଝାଳବାର୍ଜି ନାହିଁ

ମନରେ କିଛିଧୋକା ରହେ ନାହିଁ,

## ନୂଆ ଆମଦାନୀ

ଗ୍ରୀଷ୍ମକାଳର ଉପଯୋଗୀ

ନାନାବିଧ ଦେଶୀ ଲୁଗା

ଟୁଇଲ, ଠେଇଡ଼, ଛିଟ, ତସର,

ବଫ୍ତା ଇତ୍ୟାଦି ।

## ବନାରସୀମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବହୁସ୍ତୁଭବରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ଗାଙ୍ଗପୁର, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ହଜାର ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଯୋଡ଼, ଦୁପଟା, ଦୋଶାଲ, ବାସ୍ତା, ସଙ୍ଗୀ ଦୋପଟା ମଣ୍ଡଳ, ଶିରରେ ବାନ୍ଧିବାର ପେଟା, ରୁମାଲ, ସାଲ ଏବଂ ନାନାପ୍ରକାର ଇତ୍ୟାଦି ଖଚିତ ଅଙ୍ଗୁଷ୍ଟ ପ୍ରଭୃତି ଛଡା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁ, ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଭଲପଦରେ ଅମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲ୍‌ଧାଲ ଭୋଳାନାଥ,
କୃଷ୍ଣଗଳ ଫାଟକ, ବନାରସ ସିଟି ।

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ବର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

ସଟୀକ
## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାଇରୁ ଟ ୧୬ଘ୍ଳ/ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୫ |
| ୨ ସଭା ପର୍ବ | ଟ ୨୫ |
| ୩ ସଭା ପର୍ବ | ଟ ୨୫ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।/ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାର୍ଣ୍ଣିକା ବା ସୌପ୍ତିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୫ |
| ୧୭ ମୂଷଲୀ ପର୍ବ | ଟ ୦।/ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

## ନୂତନପୁସ୍ତକ ।

ହରଙ୍ଗଜାଉଁନ ।

ଅଭିନୂଳିନ ଅଭିସୂଳିନ ଅଭିସ୍ନାନ

ମୂଲ୍ୟ ଟ ୦ ୵ ଦୁଇଅଣା

| | |
|---|---|
| ବାର୍ଦ୍ଧ୍ୟଚାରିକ୍ରି ପୁନର୍ମୁଦ୍ରିତ | ଟ ୧୧ |
| ଅଧ୍ୟାତ୍ମରାମାୟଣ (ବଳଧରପଟ୍ଟନାୟକକୃତ) | ଟ ୨୧ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧। |
| ବତ୍ରିଶ ସିଂହାସନ | ଟ ୦୫ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ ୦୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହୋଇ;

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୪୨ଶ ଖଣ୍ଡ | ତା ୩୧ ରଖ ମାସର ମାର୍ଚ୍ଚ ସନ ୧୯୦୭ ମସିହା । ମୁଁ । ତା ୧୫ ଉ ଚୈତ୍ର ସନ ୧୩୧୪ ସାଲ ଶନିବାର | ଅଗ୍ରୀମ ଟ ୩୯
୧୩ ସଂଖ୍ୟା | | ପଶ୍ଚାଦେୟ ଟ ୬୯



## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୯ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ଦୃଙ୍ଗପର ଚନ୍ଦ୍ରକ ଟ୍ରେଙ୍ଗବଖ୍ୟାତିବଦ୍ୱାରା ପ୍ରକାଶିତ ହୋଇ ପ୍ରସ୍ତୁତ ହେଉଅଛି ।

ବଡ଼ ଟ ୦ ।

ଛୋଟ ଟ ୦ ୯ ୬

ମୋଫସଲ ନିମନ୍ତେ ଡାକମାସୁଲ ଟ ୦ / ଯେଉଁମାନଙ୍କର ରେଲ ବମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ


---

ବହାର ପ୍ରଦେଶର ପ୍ଲେଗ ଅକ୍ରାନ୍ତ ସ୍ଥାନମାନ ପରିଦର୍ଶନ କାରଣେ ବଙ୍ଗ ପ୍ରଦେଶର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ବାହାଦୁର ଗତ ଶନିବାର କଲିକତାଠାରୁ ଯାତ୍ରା କରି ଦରଭଙ୍ଗାରେ ପହଞ୍ଚି ଅଛନ୍ତି ସେ ତହିଁଠାରେ ପ୍ଲେଗସମ୍ବନ୍ଧରେ ଲୋକଙ୍କୁ ଉପଦେଶ ଦେଇଥିଲେ ।

---

ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ବଦେଶୀୟ ବଣିଗମାନଙ୍କୁ ଏହି ମର୍ମରେ ଏକ ବିଜ୍ଞାପନ ପ୍ରସ୍ତୁତ ହୋଇଅଛି କି ଯେଉଁମାନେ ଶୁଣି ପାଇବ ଏବଂ ଯେଉଁମାନେ ସ୍ଥାନୀୟ ଅଇନ, ବ୍ୟବହାର, ଅଥବା ପ୍ରାଦେଶିକ ଅଟଦଶ ସମ୍ବନ୍ଧୀୟ ଅସଙ୍ଗତ ନ ହେବ ସେହିମାନେ ଓଡ଼ିଆର ଗଡ଼ଜାତ ମହାଲ ସମ୍ବନ୍ଧରେ ଫୌଜଦାରୀ କାର୍ଯ୍ୟବିଧି ଆଇନ ପ୍ରଚଳିତ ହେବ ।

---

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ ମିଣ୍ଟୋ ବାହାଦୁର ଗତ ବୁଧବାର ରାତ୍ରି ୯ ୧୧ ଘଣ୍ଟା ବେଳେ କଲିକତାରୁ ଯାତ୍ରା କରିଅଛନ୍ତି । ଲକ୍ଷ୍ନୌ, ଅମୃତସର, କ୍ୱେଟା, ଡେରାଇସ୍ମାଇଲଖାଁନ୍, ଡେରାଇସମାଇଲଖାଁନ, ବନ୍ନୁ ଓ କୋହାଟ ନଗରମାନ ପରିଦର୍ଶନ କରି ଅପ୍ରେଲମାସ ଶେଷରେ ସିମଲାଠାରେ ପହଞ୍ଚିବେ ଏବଂ ନିୟମିତରୂପେ ଗ୍ରୀଷ୍ମ ଓ ବର୍ଷାକାଳ ସେଠାରେ ଅବସ୍ଥାନ କରିବେ । ଅଠମାସ ନିମନ୍ତେ କଲିକତାର ବ୍ୟସ୍ତତା ବଢ଼ିଉଠ ହେଲା ।

---

ବଙ୍ଗ ପ୍ରଦେଶର ପ୍ରାଦେଶିକ ସମ୍ମିଳନୀର ଅଧିବେଶନ ଏଥର ବରିଶାଲଠାରେ ହେବାର ସ୍ଥିର ହୋଇଅଛି । ଆସନ୍ତା ବୈଶାଖମାସ ୨୧ ଉ ଅର୍ଥାତ୍ ଅପ୍ରେଲମାସ ତା ୧୩ ଦିନରେ ଶୁଭପ୍ରାରମ୍ଭ ଏବଂ ଦରବାରରେ ଅଧିବେଶନ ଆରମ୍ଭ ହେବ । ପ୍ରତିନିଧିମାନଙ୍କର ଚର୍ଚ୍ଚା କରିବାକୁ ଏଥି ମଧ୍ୟରେ ଚନ୍ଦ୍ରନାଥ ଗଙ୍ଗା ଦେବାଦ୍ୱାରା ସଂସ୍ଥୁଚ ହୋଇଅଛି । କେଉଁ କେଉଁ ବିଷୟ ପ୍ରସ୍ତାବରେ ଗ୍ରହଣ ବାହାଙ୍କର ମୀମାଂସା ଏହି ଅଧିବେଶନରେ ହେବାର ସ୍ଥିର ହୋଇଅଛି ।

---

କଲିକତାରେ ପେଲଗ ରୋଗ ଏମନ୍ତ ଭୀଷଣ ମୂର୍ତ୍ତି ଧାରଣ କରିଅଛି ଯେ ବମ୍ବେଇକୁ ଛାଡ଼ିଯାଇଅଛି । ବମ୍ବେଇରେ ଦୈନିକ ଆକ୍ରମଣ ୧୬୦ ରୁ ଅଧିକ ନୁହେଁ ମାତ୍ର କଲିକତାରେ ୧୬୦ ପର୍ଯ୍ୟନ୍ତ ଉଠିଅଛି ଏବଂ କଲିକତାର ସମସ୍ତ ରୋଗର ମୃତ୍ୟୁ ସଂଖ୍ୟା ଦୈନିକ ୨୦୦ ରୁ ଊର୍ଦ୍ଧ୍ୱ ହୋଇଅଛି । ଶବଦାହର ପ୍ରଧାନ ସ୍ଥାନ ନିମତଲାଘାଟରେ ମଡ଼ା ପୋଡ଼ିବାର ସ୍ଥାନ ନ ଅଣ୍ଟିବା ଦେଖି ମିଉନିସପାଲିଟି ବିଶେଷ ବନ୍ଦୋବସ୍ତ କରୁଅଛନ୍ତି । ତଥାପି ସକାଳ ଠାରୁ ରାତ୍ରିପର୍ଯ୍ୟନ୍ତ ପଡ଼ି ରହୁଅଛି ।

---

ହରିଦ୍ୱାରଠାରେ ଭୟାନକ ସଂକ୍ରାମକ ରୋଗ ପ୍ରବେଶ ହୋଇଥିବାରୁ ଇଣ୍ଡିଆଗବର୍ଣ୍ଣମେଣ୍ଟ ଘୋଷଣା ପ୍ରଚାର କରିଅଛନ୍ତି କି ଗତ ରବିବାର ଠାରୁ ଆସନ୍ତା ଅପ୍ରେଲମାସ ତା ୧୪ ଉଖ ଶନିବାର ପର୍ଯ୍ୟନ୍ତ ବମ୍ବେଇ, ମାନ୍ଦ୍ରାଜ ଏବଂ ବଙ୍ଗ ପ୍ରଦେଶମାନଙ୍କରେ ଉତ୍ତରପଶ୍ଚିମର ଏଲାହାବାଦ ଏବଂ ମଧ୍ୟପ୍ରଦେଶର ନାଗପୁରଠାରେ କୌଣସି ମାର୍ଗ ବ ଷାହାରନପୁର, ବାଇସାଇକେଲ ରୁଡ଼କି, ଲକସାର, ଜବଲପୁର, ପାଥରୀ, ହରିଦ୍ୱାର ରେବା ପ୍ରଭୃତି ସ୍ଥାନ ନିମନ୍ତେ ଟିକେଟ ବିକ୍ରୟ ହେବ ନାହିଁ ।

---

Digitized by srujanika@gmail.com

ଜୟପୁରର ମହାରାଜା ଭାରତ ଦୁର୍ଭିକ୍ଷସାହାଯ୍ୟ ନିମନ୍ତେ ୧୫ ଲକ୍ଷ ଟଙ୍କା ଦାନ କରି ବଦାନ୍ୟତାର ଚମତ୍କାର ପରିଚୟ ଦେଇଅଛନ୍ତି । ସେହି ଟଙ୍କା ଗବର୍ଣ୍ଣମେଣ୍ଟ ହାତରେ ଜମା ହେବ ଏବଂ ତହିଁର ବାର୍ଷିକ ସୁଦ ଦୁର୍ଭିକ୍ଷ ସାହାଯ୍ୟରେ ବ୍ୟୟ ହେବ । ସୁତରାଂ ଏ ଦାନଦ୍ୱାରା ଚିରସ୍ଥାୟୀ ଉପକାର ହେବ । ଟଙ୍କା ଜମା ଦିନୁ ତହିଁର ସୁଦ ପାଇବାକୁ ବିଳମ୍ବ ହେବ ବୋଲି ମହାରାଜା ଗତ ଜାନୁଆରୀ ମାସରୁ ମା' ୬ ସଉ ସୁଦ ନିଜେ ଦେବାର ଅଙ୍ଗୀକାର କରିଅଛନ୍ତି ଯେ ସେ ଟଙ୍କା ସମ୍ପ୍ରତି ସାହାଯ୍ୟ ଦାନରେ ବ୍ୟୟ ହେବ । ମହାମାନ୍ୟ ଗବର୍ଣ୍ଣର ଜେନରଲ ଏହି ଅନୁପମ ଦାନ ନିମନ୍ତେ ମହାରାଜାଙ୍କୁ ଅଶେଷ ଧନ୍ୟବାଦ ଦେଇଅଛନ୍ତି ।

---

ପାଟଣା ଜିଲ୍ଲାର ବାଢ଼ ସବଡିଭିଜନର ସଦର ମୁକାମର ଡିଷ୍ଟ୍ରିକ୍ଟ ଥାନ୍ନିଷ୍ଟର ଚେୟାରମ୍ୟାନ ଏବଂ ଅବୈତନିକ ମାଜିଷ୍ଟ୍ରେଟ ମଉଲବୀ ବାହାଦୁର ଅଲିଖାଁନ ଖାନ ବାହାଦୁର ତାହାଙ୍କ ଗ୍ରାମରେ ପ୍ଲେଗ ନ ଥିବା ମର୍ମରେ ମିଥ୍ୟା ସମ୍ବାଦ ସ୍ଥଳେ ଚତୁର୍ଦ୍ଦିଗକୁ ଦେବାକୁ ଚେଷ୍ଟା କରିବାରେ ଗବର୍ଣ୍ଣମେଣ୍ଟର ବିଶେଷ ବିରାଗଭାଜନ ହୋଇ ଥିବାର ସମ୍ବାଦପତ୍ରରେ ପାଠକଲୁଁ । ବଙ୍ଗେଶ୍ୱର ବାହାଦୁର ତାହାଙ୍କୁ ଇସ୍ତଫା ଦେବା ଆଦେଶ ଦେଇଅଛନ୍ତି ଓ ତାହାଙ୍କର ନାମ ଅବୈତନିକ ମାଜିଷ୍ଟ୍ରେଟଙ୍କ ତାଲିକାରୁ କଟା ଯିବ ଏବଂ ସେ କୌଣସି ପଦରେ ନିଯୁକ୍ତ ହେବା ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କର ମଞ୍ଜୁର ଅବଶ୍ୟକ କେବେହେଁ କୌଣସି ପଦରେ ସେ ନିଯୁକ୍ତ ହୋଇ ପାରିବେ ନାହିଁ ।

---

ମଧ୍ୟପ୍ରଦେଶର ପ୍ରଧାନ କମିଶନର ବାହାଦୁର ଗୋଟିଏ ବୃଦ୍ଧ ବାଘ ମାରିବା କାରଣ ଟ ୨୦୦୦ ଙ୍କା ଏବଂ ଗୋଟାଏ ମନୁଷ୍ୟଖିଆ ବାଘ ମାରିବା ନିମନ୍ତେ ଟ ୬୦୦ ଟଙ୍କା ପୁରସ୍କାର ଯାଚିଅଛନ୍ତି । ତାହାଟି ମହାବଳୀ ହୋଲକାରଙ୍କର ଅଟେ । ସେ ଇନ୍ଦୋରରୁ ପଳାଇଥିବି ମଧ୍ୟପ୍ରଦେଶାନ୍ତର୍ଗତ ନିମାର ଜିଲ୍ଲା ଦକ୍ଷିଣର ଶୃଙ୍ଗଳ ଜଙ୍ଗଲର ଅନେକ ଦୂର ବାଉଁଶ ଏବଂ ତନ୍ନିକଟବର୍ତ୍ତୀ କ୍ଷେତ୍ରର ଫସଲ ଖାଇ ନଷ୍ଟ କରୁଅଛି । ତାହାଟି ସେଠାର ଜିଲ୍ଲା ଇଞ୍ଜିନିୟର ଅଧୀନ ଡାକ୍ତରର ଲକ୍ଷହାରନ ଭଡ଼ିଲ ମଧ୍ୟରେ ଅଟେଲଣ ହୋଇ ମହାସ୍ତ୍ରଭର କାରଣ ହୋଇଅଛି ଏବଂ କେତେଗୁଡ଼ିଏ ଲୋକଙ୍କୁ ତ୍ରାସ କରିଅଛି । ଧୋବାମାନଙ୍କର

ଏମନ୍ତ ସୁଯୋଗ ଛାଡ଼ିବା ଉଚିତ ନୁହେ । କୃତକାର୍ଯ୍ୟ ହେଲେ ଅବଶ୍ୟ ଭଲ ଲାଭ ହେବ ।

---

ଗତ ସପ୍ତାହର ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ତହିଁ ପୂର୍ବ ସପ୍ତାହରୁ ୧ ଲକ୍ଷ ୭୪ ହଜାର ଊଣା ପଡ଼ିଅଛି ଅର୍ଥାତ୍ ୪୮ ଲକ୍ଷ ୫୦ ହଜାରରୁ ୪୬ ଲକ୍ଷ ୭୬ ହଜାରକୁ ଓହ୍ଲାଇ ଆସିଅଛି । ବମ୍ବେଇ ଓ ମଧ୍ୟପ୍ରଦେଶ ଯେଉଁଠାରେ କି ଦୁର୍ଭିକ୍ଷର କୋପ ଅଧିକ ସେହି ପ୍ରଦେଶମାନଙ୍କରେ ଯଥାକ୍ରମେ ୪୪ ହଜାର ଏବଂ ୬୮ ହଜାର ଊଣା ପଡ଼ିଅଛି । କଥିତ ହୁଅଇ ଯେ ଊଣା ପଡ଼ିବାର କାରଣ ହୋଲିଯାତ୍ରା ଅଟେ । ପର୍ବ ସମୟରେ ଅତି ଗରିବ ଲୋକମାନେ ମଧ୍ୟ ମଜୁରି କରିବା ବନ୍ଦ କରିଥିଲେ । କାରଣ ପୂର୍ବ କେତେ ସପ୍ତାହରୁ କ୍ରମାଗତ ଦୁର୍ଭିକ୍ଷପୀଡ଼ିତଙ୍କ ସଂଖ୍ୟା ବଢ଼ୁଥିବା ସ୍ଥଳେ ହଠାତ୍ ଊଣା ପଡ଼ିବାର ଅନ୍ୟ କାରଣ ଜଣା ଯାଉ ନାହିଁ । ଯାହାହେଉ ଆସନ୍ତା ସପ୍ତାହରେ ପ୍ରକୃତ ଅବସ୍ଥା ଜଣାପଡ଼ିବ ।

---

ଛୋଟନାଗପୁରର ମୁଣ୍ଡା ହଙ୍ଗାମାରେ ପ୍ରାୟ ତ ୩୦୦ ଶ ଗ୍ରେପ୍ତାର ହୋଇ ରାଞ୍ଚିର ଜେଲଖାନାରେ ହାଜତରେ ଅଛନ୍ତି ଏବଂ ସେମାନଙ୍କ ବିଚାର ନିମନ୍ତେ ଜଏଣ୍ଟ ମାଜିଷ୍ଟ୍ରେଟ ହ୍ୱିଟଲି ସାହେବ ନିଯୁକ୍ତ ହୋଇଅଛନ୍ତି । କେନଡ ସାହେବ ନାମକ ଜଣେ ଆସାମୀଙ୍କ ପକ୍ଷରୁ କାଉନସଲ ନିଯୁକ୍ତ ହୋଇ ମୋକଦ୍ଦମା ଚଳାଇବାର ସୁବିଧା ନିମନ୍ତେ ନ ୨୨ ଣ ମୁଣ୍ଡାଙ୍କୁ ଯାମିନରେ ଖଲାସ କରିବାକୁ ସମର୍ଥ ହୋଇଅଛନ୍ତି । ସରକାରୀ ରିପୋର୍ଟ ଅନୁସାରେ ସେହି ହଙ୍ଗାମାରେ କେବଳ ତ ୨୦ ଣ ମୁଣ୍ଡା ବନ୍ଧୁକ ଗୋଳିଦ୍ୱାରା ହତ ହୋଇଥିଲେ । ମାତ୍ର କେନଡ ସାହେବ ରାଞ୍ଚିର ଅଦାଲତରେ ପ୍ରକାଶ କଲେ ଯେ ପ୍ରାୟ ନ ୪୦୦ ଣ ମୁଣ୍ଡା ଗୋଳିଦ୍ୱାରା ମରି ପଡ଼ିଅଛନ୍ତି । କଚେରୀରେ ସତ୍ୟକଥା ଅବଶ୍ୟ ବାହାରିବ । ଯେଉଁ ହଙ୍ଗାମାରେ ଏତେ ଲୋକ ହତ ଓ ଆହତ ହୋଇଅଛନ୍ତି ତାହା ସାମାନ୍ୟ ନୁହେ । ଭରସା କରୁଁ ସେଥିର ବହୁତ ତଦନ୍ତ ହେବ ।

---

ବୃନ୍ଦାବନ ଧାମରେ ଶ୍ୟାମକୁଣ୍ଡ ଗୋଟିଏ ପ୍ରଧାନ ତୀର୍ଥ । ବହୁତ ପୂର୍ବସମୟରେ କଂସର ଜଣେ ନାମ ଅରିଷ୍ଟାସୁର ବୃନ୍ଦାବନରେ ନାନା ଅତ୍ୟାଚାର କରିବାରୁ ଶ୍ରୀକୃଷ୍ଣ ଯେତେବେଳେ ତାହାକୁ ବଧ କଲେ ସେତେବେଳେ ସେ ମାୟାରେ ବୃଷଭ ରୂପ ଧରିଥିଲା । ତେଣୁ ଶ୍ରୀକୃଷ୍ଣ ଗୋବଧ ପ୍ରାୟଶ୍ଚିତ୍ତଦ୍ୱାରା ଶାସ୍ତ୍ରର ମର୍ଯ୍ୟାଦା ରକ୍ଷା କଲେ । ସେହି ଉପଲକ୍ଷରେ ଶ୍ୟାମକୁଣ୍ଡ ସୃଷ୍ଟି ହେଲା ଏବଂ ଧନ୍ୟପୁରର ସମସ୍ତ ପବିତ୍ର ତୀର୍ଥଜଳ ସେଠାରେ ଏକତ୍ରିତ ହେଲା । ଶ୍ରୀଚୈତନ୍ୟ ଦେବ ସେହି ଶ୍ୟାମକୁଣ୍ଡର ସଂସ୍କାର କାର୍ଯ୍ୟ ଆରମ୍ଭ ଶ୍ରୀରଘୁନାଥ ଦେବ ଗୋସ୍ୱାମୀ ଶେଷ କରିଥିଲେ । ବ ୪୦୦ ବର୍ଷ ହେଲାରୁ ପୁନଃ ତହିଁର ସଂସ୍କାର ଆବଶ୍ୟକ ହୋଇଅଛି ଏବଂ ତହିଁର ବ୍ୟୟ ୧୬ ହଜାର ଟଙ୍କା ସ୍ଥିର ହୋଇଅଛି । ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଏହି ଟଙ୍କା ଚାନ୍ଦାଦ୍ୱାରା ସଂଗୃହୀତ ହେଉଅଛି ଏବଂ ଅନ୍ୟାନ୍ୟ ଦାତା ମଧ୍ୟରେ ପାବନାର ଜଣେ ଜମିଦାର ରାୟ ବନମାଳୀ ରାୟ ବାହାଦୁର ୫ ହଜାର ଟଙ୍କା ଦାନ କରିଅଛନ୍ତି ।

---

ବଙ୍ଗପ୍ରଦେଶର ଅପୁ ମହକୁମାର ଗତ ଅର୍ଥାତ୍ ସନ ୧୮୯୮।୯୯ ସାଲର ବିବରଣୀରୁ ପ୍ରକାଶ ଯେ ତହିଁ ପୂର୍ବବର୍ଷ ତୁଳନାରେ ପାଗ ଭଲ ହୋଇ ନ ଥିଲେହେଁ ଉତ୍ପନ୍ନ ମନ୍ଦ ହୋଇ ନ ଥିଲା ଅର୍ଥାତ୍ ବିହାରରେ ୨୪ ହଜାର ବାକସ ଏବଂ ବନାରସରେ ୨୭ ହଜାର ବାକ୍ସ ଅପୁ ପ୍ରସ୍ତୁତ ହୋଇଥିଲା । ତହିଁ ପୂର୍ବବର୍ଷର ଉତ୍ପନ୍ନ ଯଥାକ୍ରମେ ୧୮୨ ହଜାର ଓ ୨୩୪ ହଜାର ବାକସ ହୋଇଥିଲା । ପୂର୍ବର ବାକି ମାଲ ସହିତ ସନ ୧୯୦୦ ସାଲରେ ବିକ୍ରି ନିମନ୍ତେ ୬୧୮୧୫ ବାକସ ପ୍ରସ୍ତୁତ ଅଛି ଯେ ତହିଁ ମଧ୍ୟରୁ ୪୪୪୦୦ ବାକସ ଚଳିତବର୍ଷରେ ବିକ୍ରି ହେବ ଏବଂ ଅବଶିଷ୍ଟ ୧୬୪୧୫ ବାକସ ସନ ୧୯୦୧ ସାଲ ନିମନ୍ତେ ଜମା ରହିବ । ବର୍ତ୍ତମାନବର୍ଷରେ ବିହାର ଏଜେନ୍ସିରେ ଟ ୮୨,୧୧,୮୫୨୧ ଙ୍କା ଏବଂ ବନାରସ ଏଜେନ୍ସିରେ ଟ ୧,୭୦,୫୫,୬୮୫ ଙ୍କା ଖରଚ ପଡ଼ିଥିଲା ତହିଁ ପୂର୍ବବର୍ଷର ଖରଚ ଯଥାକ୍ରମେ ପ୍ରାୟ ୮୫ ଲକ୍ଷ ଏବଂ ଏକକୋଟି ୭୧ ଲକ୍ଷ ଥିଲା । ଅଧିକା ଉତ୍ପନ୍ନ ହେବାରୁ ଖରଚ ଅଧିକ ହୋଇଅଛି ମାତ୍ର ଦୁଇଯାକ ଏଜେନ୍ସିରେ ମହଣପ୍ରତି ଖରଚର ଦର ପୂର୍ବବର୍ଷଠାରୁ କିଛି ଊଣା ପଡ଼ିଅଛି । ଯଥା ବନାରସରେ ପ୍ରତିମହଣ ପ୍ରସ୍ତୁତ କରିବାର ଖରଚ ଟ ୨୬୫।୮ ଓ ବିହାରରେ ଟ ୨୭୦।୩ ହୋଇଅଛି ।

---

Split by PDF Splitter

Digitized by srujanika@gmail.com

Split by PDF Splitter



ଗତ ଶନିବାର ଦିବସ ଏଠାରେ କଟକ ମ୍ୟୁନିସିପାଲିଟୀର କମିସ୍ନରମାନଙ୍କ ସାଧାରଣ ନିର୍ବାଚନ ହୋଇଥିଲା । ନିର୍ବାଚନ କାର୍ଯ୍ୟ ଯଥା ନିୟମରେ ସମ୍ପନ୍ନ ହୋଇଥିଲା ଏବଂ କେବଳ ନଂ ୨ ଓ ୮ ମ୍ବର ୱାର୍ଡରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ।

ଗତ ନିର୍ବାଚନରେ ନିମ୍ନଲିଖିତ ଭଦ୍ରଲୋକମାନେ କମିସ୍ନର ନିର୍ବାଚିତ ହୋଇଅଛନ୍ତି । ଯଥା;

| ୱାର୍ଡ | କମିସ୍ନର |
|---|---|
| ନଂ ୧ | ବାବୁ କାଶୀନାଥଚନ୍ଦ୍ର ସେନ ଜମିଦାର |
| ନଂ ୨ | „ କୃଷ୍ଣଚନ୍ଦ୍ର ପାଲିତ ମହାଜନ ଓ ବାବୁ ବନମାଳି ଚୌଧୁରୀ ମହାଜନ |
| ନଂ ୩ | „ ଶ୍ୟାମସୁନ୍ଦର ରାୟ ଉକୀଲ |
| ନଂ ୪ | „ ଜାନକୀନାଥ ବସୁ „ |
| ନଂ ୫ | „ ଶ୍ୟାମସେନ ରାଜୁର କମିଶ୍ନସ୍ ପେସ୍କାର ... ସ୍ତାଦାର |
| ନଂ ୬ | „ କମାଳଚରଣ ମୈତ୍ର ଉକୀଲ ଓ ବାବୁ ସନ୍ଧ୍ୟାକାନ୍ତ ଘୋଷ ଉକୀଲ |
| ନଂ ୭ | „ ଯୁଧିଷ୍ଠିର ମହାନ୍ତି ମୁନସଫି ସେରସ୍ତାଦାର |
| ନଂ ୮ | „ ମଧୁସୂଦନ ମହାପାତ୍ର ଗଞ୍ଜାମ ଜଜ୍ଜ ଜଜଙ୍କ ସେରସ୍ତାଦାର ଓ ବାବୁ ସେମ ଖାନ୍ତ ପାଦର |
| ନଂ ୯ | ମୁନସି ସୟଦ ନୂରଲହକ |

ଉପରୋଲ୍ଲିଖିତ ତାଲିକାରୁ ଦେଖା ଯାଉଅଛି ନଂ ୨ ମ୍ବରରେ ୨ ଜଣ ନଂ ୬ ମ୍ବରରେ ବାବୁ ସନ୍ଧ୍ୟାକାନ୍ତ ଘୋଷ, ନଂ ୮ ମ୍ବରରେ ବାବୁ ସେମ ଖାନ୍ତ ଓ ନଂ ୯ ମ୍ବରରେ ସୟଦ ନୂରଲହକ ନୂତନ କମିସ୍ନର ନିର୍ବାଚିତ ହୋଇଅଛନ୍ତି । ନିର୍ବାଚିତ କମିସ୍ନରମାନଙ୍କ ମଧ୍ୟରେ ଅଧିକାଂଶ ମାର୍ଜିତ ବ୍ୟବସାୟୀ ଓ ଭିନ୍ନ ୨ ସମ୍ପ୍ରଦାୟଭୁକ୍ତ ଥିବାରୁ ଆଶା ହେଉଅଛି ସେମାନେ ଉତ୍ତମ କାର୍ଯ୍ୟ କରି ଆତ୍ମଶାସନ ପ୍ରଣାଳୀର ମର୍ଯ୍ୟାଦ ରକ୍ଷା କରିବେ ।

---

## ଟ୍ରାନ୍ସଭାଲ ଯୁଦ୍ଧ ।

ଏ ମାସ ତା ୨୭ ଖଣ ପର୍ଯ୍ୟନ୍ତ ଯେ ସମ୍ବାଦମାନ ଆସିଅଛି ତହିଁରୁ ପ୍ରକାଶ ଯେ ତହିଁପୂର୍ବ ଗତ ତା ୮।୧୦ ଦିନ ମଧ୍ୟରେ ଅଧିକ ଯୁଦ୍ଧ ହୋଇ ନାହିଁ । ଅତ୍ୟନ୍ତ ବୃଷ୍ଟିରେ ଭାଲନଦୀ ଭର୍ତ୍ତି ହୋଇ ବଢ଼ିଅଛି । ଯୁଦ୍ଧ ସ୍ଥଗିତ ରହିବାର ତାହା ଗୋଟିଏ କାରଣ ଅଟେ । ଇଂରାଜସେନା ଫେରପୋନିୟା ନାମକ ଗୋଟିଏ କ୍ଷୁଦ୍ର ସହର ଅଧିକାର କରି ଷମାଘୋଷଣା ପ୍ରଚାର କରନ୍ତେ କେତେ ଜଣ ଅଧିବାସୀ ବଶ୍ୟତା ସ୍ୱୀକାର କରି ଅସ୍ତ୍ର ସମର୍ପଣ କଲେ ମାତ୍ର ତହିଁ ସଙ୍ଗେ ୨ ସମ୍ବାଦ ଆସିଲା ଯେ ଦୁଇଜଣ ଇଂରାଜ ସୈନିକ କର୍ମଚ୍ୟୁତ ଗଭର୍ଣ୍ଣରଙ୍କୁ ପ୍ରାପ୍ତ ଅଟମାଇଲ ଦୂର ଘୋଡ଼ାରେ ଚଢ଼ି ଭ୍ରମଣ କରୁଥିବା ବେଳେ ବୁଅର-ମାନେ ଗୁଳିମାରି ଏକଜଣଙ୍କୁ ହତ ଓ ଅନ୍ୟକୁ ଆହତ କରି ଆହତ ବ୍ୟକ୍ତିଙ୍କୁ ଛାଉଣିକୁ ପଠାଇ ଦେଲେ । ବୁଅରମାନଙ୍କର ପ୍ରତିନିଧି ସନ୍ଧିର ଚେଷ୍ଟାରେ ଇଉରୋପକୁ ପ୍ରେରିତ ହୋଇଅଛନ୍ତି । ବୁଅରମାନଙ୍କର ବିଶ୍ୱାସ ଯେ ଜରମାନି ଓ ଆମେରିକାର ମଧ୍ୟସ୍ଥତାରେ ସନ୍ଧିର ଉତ୍ତମ ବନ୍ଦୋବସ୍ତ ହେବ ବୁଅର ସର୍ଦ୍ଦାରମାନେ କହନ୍ତି କି ପରିଶେଷରେ ସେମାନେ ପରାସ୍ତ ହେବେ ଏହା ଉତ୍ତମରୂପେ ଜାଣନ୍ତି ମାତ୍ର ଅନ୍ତତଃ ମାସ ୬ ମାସ ସେମାନେ ଲଢ଼ିବାକୁ ସମ୍ପୂର୍ଣ୍ଣରୂପେ ସମର୍ଥ ଅଛନ୍ତି । ତାହା ହେଲେ ଆସନ୍ତା ସେପ୍ଟେମ୍ବରମାସ ପୂର୍ବେ ଯୁଦ୍ଧ ଶେଷ ହେବାର ଆଶା ନାହିଁ । ଭାରତର ଗଣକମାନେ ମଧ୍ୟ ଆସନ୍ତା ସେପ୍ଟେମ୍ବର ମାସରେ ଯୁଦ୍ଧ ଶେଷ ହେବାର ଭବିଷ୍ୟତ ବାଣୀ ପ୍ରଚାର କରିଅଛନ୍ତି । ଏଣିକି ଇଂରାଜପକ୍ଷ କ୍ରମାଗତ ଜୟଲାଭ କରୁଥିଲେହେଁ ଏପର୍ଯ୍ୟନ୍ତ ମେଫକିଙ୍ଗ ନଗର ଉଦ୍ଧାର କରିବାକୁ ସମର୍ଥ ହୋଇ ନାହାନ୍ତି ଏବଂ ସେଠାରେ ବାଧା ହେବା ଜାଗନ୍ତେ କଣ୍ଟୁସଂଖ୍ୟକ ବୁଅର ସେନା ଚତୁର୍ଦ୍ଦିଗରୁ ସମବେତ ହେଉଅଛନ୍ତି । ପ୍ରେସିଡେଣ୍ଟ ଷ୍ଟେନ ରାଜଧାନୀ ବ୍ଲୁମଫଣ୍ଟେନ ଅନ୍ୟସ୍ଥାନରେ ରାଜଧାନୀ ସ୍ଥାପନ କରି ଇଂରାଜଙ୍କ ବିରୁଦ୍ଧରେ ଘୋଷଣା ପ୍ରଚାର କରୁଅଛନ୍ତି ଏବଂ ଅପଣାର ଲୋକମାନଙ୍କୁ ସପକ୍ଷକୁ କ୍ରମଶଃ ଆକର୍ଷଣ କରୁଅଛନ୍ତି । ଫଳତଃ ଏତେ ପରାଜୟ ହେଉଥିବୁ ଶତ୍ରୁପକ୍ଷ ଭଗ୍ନୋତ୍ସାହ ନ ହୋଇ ପୁଣ ଯୁଦ୍ଧନିମନ୍ତେ ପ୍ରସ୍ତୁତ ହେଉଅଛନ୍ତି । ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ବୁଅରମାନଙ୍କ ସ୍ୱାଧୀନ ପ୍ରିୟତା ଏତେ ପ୍ରବଳ ଯେ ପ୍ରାଣାନ୍ତେ ତାହା ଯିବ ନାହିଁ ଏବଂ ସମୟପଡ଼ିଲେ ସ୍ତ୍ରୀ ଓ ବାଳକମାନେ ରଣକ୍ଷେତ୍ରରେ ଉପସ୍ଥିତ ହେବେ । ବ ୧୨ ବର୍ଷର ଊର୍ଦ୍ଧ୍ୱ ବୟସର ବାଳକମାନେ ବର୍ତ୍ତମାନ ସୈନ୍ୟକାର୍ଯ୍ୟ କରୁଅଛନ୍ତି ଏବଂ ସ୍ତ୍ରୀମାନେ ବନ୍ଧୁକ ମାରିବାରେ ବଡ଼ ପଟୁ ।

---

## ଭାରତର ବଜେଟ ।

ଭାରତର ଅର୍ଥସଚିବ ମାନ୍ୟବର ଡାକ୍ତର ସାହେବ ବଡଲାଟଙ୍କର ବ୍ୟବସ୍ଥାପକ ସଭାର ଗତ ତା ୨୧ ଖର ଅଧିବେଶନରେ ଭାରତର ଆୟ ବ୍ୟୟର ବଜେଟ ହିସାବମାନ ଅର୍ପଣ କରିବାରେ ଗତ ତା ୨୪ ଖର ଇଣ୍ଡିଆ ଗଜେଟରେ ତାହା ପ୍ରକାଶିତ ହୋଇଅଛି । ତହିଁର ସଂକ୍ଷେପ ବୃତ୍ତାନ୍ତ ଏହି କି ଗତବର୍ଷ ଏହି ସମୟରେ ବଜେଟ ଉପସ୍ଥିତ କରିବାବେଳେ ସେ ସମୟର ଅର୍ଥସଚିବ ଆନନ୍ଦ ସହିତ ପ୍ରକାଶ କରିଥିଲେ କି ସନ ୧୮୯୭ ସାଲର ଦୁର୍ଭିକ୍ଷ ଉତ୍ତାରୁ ଦୁଇବର୍ଷ ଭଲ ଫସଲ ଉତ୍ପନ୍ନ ହେବାଦ୍ୱାରା ଦେଶର ଅବସ୍ଥାର ପରିବର୍ତ୍ତନ ଘଟିଅଛି ଏବଂ ବହୁକାଳ ପର୍ଯ୍ୟନ୍ତେ ଆଉ ଦୁର୍ଭିକ୍ଷ ବାଧା ଘଟିବ ନାହିଁ । ମାତ୍ର ସେ ଆଶା ବିଫଳ ହେଲା । ପ୍ଲେଗ ପୂର୍ବରୁ ରହିଅଛି ଏବଂ ତହିଁ ସଙ୍ଗେ ଏଥର ଏମନ୍ତ ଦୁର୍ଭିକ୍ଷ ପଡ଼ିଅଛି ଯେ ପୂର୍ବେ କେବେ ଦେଖା ନ ଥିଲା । ଏହି ନିମିତ୍ତରୁ ବଜେଟରେ ଅନେକ ବ୍ୟତିକ୍ରମ ଘଟିଅଛି । ଏଥର ଅଲ୍ପଦିନ ହେଲା ସ୍ୱର୍ଣ୍ଣ ମୁଦ୍ରା ଏ ଦେଶରେ ପ୍ରଚଳିତ ହେବାର ପୂର୍ବସ୍ଥିତିରେ ହିସାବମାନ ପ୍ରସ୍ତୁତ ନ ହୋଇ ଟଙ୍କା ବଦଳରେ ବର୍ତ୍ତମାନ ପ୍ରଚଳିତ ପାଉଣ୍ଡରେ ଆୟ ବ୍ୟୟର ହିସାବମାନ ପ୍ରସ୍ତୁତ ହୋଇଅଛି ଏବଂ ଏଣିକି ସମସ୍ତ ହିସାବ ପାଉଣ୍ଡରେ ଲେଖାଯିବ । ପ୍ରତିପାଉଣ୍ଡର ମୂଲ୍ୟ ଟ ୧୫ ଙ୍କା ଅଟେ ।

ସନ ୧୮୯୮।୯୯ ସାଲର ମୋଟ ରାଜସ୍ୱ ଆୟ ପା ୬,୭୪,୯୫,୮୧୫ ଶ୍ର ଏବଂ ବ୍ୟୟ ୬,୪୯,୫୪,୯୪୬ ଶ୍ର ସୁତରାଂ ଉଦ୍ବର୍ତ୍ତ ପା ୨୬,୪୦,୮୬୯ ଶ୍ର ଅର୍ଥାତ ପ୍ରାୟ ୪ କୋଟି ଟଙ୍କା ହୋଇଅଛି । ସନ ୧୮୯୯।୧୯୦୦ ସାଲରେ ଅନ୍ତତଃ ୩ କୋଟି ଟଙ୍କା ଉଦ୍ବର୍ତ୍ତ ହେବ ବୋଲି ଗତବର୍ଷ ଅନୁମାନ ହୋଇଥିଲା ଏବଂ ଯେବେ ଫସଲ ହାନି ହୋଇ ନ ଥାନ୍ତା ତେବେ ୬।୭ କୋଟି ଟଙ୍କା ଉଦ୍ବର୍ତ୍ତ ହେବା ଆଶ୍ଚର୍ଯ୍ୟ ନ ଥିଲା । ମାତ୍ର ବର୍ତ୍ତମାନ ହିସାବ କରିବାରେ ଦେଖାଯାଏ ଯେ ସନ ୧୮୯୯। ୧୯୦୦ ସାଲର ଆୟ ପା ୬,୮୫,୩୬,୪୦୦ ଶ୍ର ଏବଂ ବ୍ୟୟ ପା ୬,୫୯,୬୫,୬୦୦ ଶ୍ର ସୁତରାଂ ଉଦ୍ବର୍ତ୍ତ ପା ୨୫,୭୧,୮୦୦ ଶ୍ର ଅର୍ଥାତ୍ ୩ କୋଟି ୮୬ ଲକ୍ଷ ଟଙ୍କା ହେବ । ଅତଏବ ଉକ୍ତ ବିଷୟରେ ଗତବର୍ଷର ଅନୁମାନ ପ୍ରାୟ ଠିକ ରହିଥିଲେ ଆୟ ଓ ବ୍ୟୟ ଉଭୟ ବଢ଼ିବାର

Digitized by srujanika@gmail.com

ତାହା ଘଟିଅଛି । ଅର୍ଥାତ୍ ଅକାଲହେତୁ ଯେମନ୍ତ ଭୂମି ରାଜସ୍ୱରେ ୧ କୋଟି ୭୮ ଲକ୍ଷ ଟଙ୍କା ଓ ଷ୍ଟାମ୍ପ ବାବଦ ରାଜସ୍ୱରେ କିଛି ଊଣା ପଡ଼ିଅଛି ତେମନ୍ତ ଅଫିମରେ ୬୦ ଲକ୍ଷ, ଡାକ ଟେଲିଗ୍ରାଫ ଓ ଟଙ୍କଶାଳରେ ୬୩ ଲକ୍ଷ, ରେଲୱେରେ ଏକକୋଟି ୨୪ ଲକ୍ଷ, ଜଳକରରେ ୧୬ ଲକ୍ଷ ଏବଂ ସୈନିକବିଭାଗରେ ପ୍ରାୟ ଏକକୋଟିଟଙ୍କା ଆୟ ବୃଦ୍ଧି ହୋଇଅଛି । ଅନ୍ୟ ପକ୍ଷରେ ଦୁର୍ଭିକ୍ଷ ସାହାଯ୍ୟ ବ୍ୟୟ ପ୍ରାୟ ୨ କୋଟି ଅଧିକା ହେଲେହେଁ ଦକ୍ଷିଣ ଆଫ୍ରିକା ଯୁଦ୍ଧକୁ ପଠାଯିବା ୧୦,୦୦୦ ବିଲାତି ସେନା ଏବଂ ସିଲୋନ ଓ ସିଙ୍ଗାପୁରକୁ ପଠାଯିବା ସେନାର ଖରଚ ବିଲାତ ଗଭର୍ଣ୍ଣମେଣ୍ଟ ଦେବାକୁ ସମ୍ମତ ହେବାରେ ସେ ବାବଦରେ ପ୍ରାୟ ଏକକୋଟି ଟଙ୍କା ବ୍ୟୟ ଊଣା ପଡ଼ିଅଛି ଏବଂ ରେଲବାଟ ଓ ନାଳ ପ୍ରସ୍ତୁତ ନିମନ୍ତେ ଅଧିକ ଟଙ୍କା ଦିଆଯାଇ ସୁଦ୍ଧା ମୋଟରେ ଏକକୋଟି ଟଙ୍କାରୁ ଅଧିକ ବ୍ୟୟ ବୃଦ୍ଧି ହୋଇ ନାହିଁ । ସୁତରାଂ ବିଶେଷ ଆୟ ଓ ସାମାନ୍ୟ ବ୍ୟୟ ବୃଦ୍ଧି ହେତୁ ମୋଟ ହିସାବରେ ବିଶେଷ ତାରତମ୍ୟ ଘଟି ନାହିଁ ଓ ପୂର୍ବଅନୁମାନ ମତେ ଟଙ୍କା ଉଦ୍ବୃତ୍ତ ହେଉଅଛି ।

ସନ ୧୯୦୦।୧୯୦୧ ସାଲ ଯାହାକି ଆସନ୍ତା ମାଲିଠାରୁ ଆରମ୍ଭ ହେବ ସେବର୍ଷର ଆୟ ସା ୭,୦୧,୫୫,୮୦୦ ଶ୍ରୀ ଏବଂ ବ୍ୟୟ ସା ୬,୯୯,୫୩,୫୦୦ ଶ୍ରୀ ଧରା ଯାଇଅଛି ଏମନ୍ତେ ସା ୧,୬୦,୩୦୦ ଶ୍ରୀ ଅର୍ଥାତ୍ ପ୍ରାୟ ୨୪ ଲକ୍ଷ ଟଙ୍କା ଉଦ୍ବୃତ୍ତ ହେବ । ଆଶା ଅଛି ଯେ ବର୍ତ୍ତମାନର ଦୁର୍ଭିକ୍ଷ ଆଗାମୀ ସେପ୍ଟମ୍ବରମାସ ଉପରୁ ରହିବ ନାହିଁ ଅସନ୍ତା ବର୍ଷାକାଳର ଅର୍ଥାତ୍ ବର୍ଷାକାଳ-ଫସଲ ଲାଭ ହେଲେ ଦେଶର ଅବସ୍ଥା ଫେରିଯିବ ସୁତରାଂ ଭୂମିରାଜସ୍ୱ ଚଳିତବର୍ଷଠାରୁ ଏକକୋଟି ୬୫ ଲକ୍ଷ ଅଧିକ ଆୟ ହେବ । ଅଫିମ, ଷ୍ଟାମ୍ପ, ରେଲୱେ ଏବଂ ସୈନିକ ଆୟ କିଛି ବଢ଼ିବାର ଲକ୍ଷଣ ଦେଖା ଯାଉଅଛି । ଅନ୍ୟାନ୍ୟ ଆୟ ଯଥା କଷ୍ଟମ, ଡାକଘର, ଜଳକର, ଅବକାରୀ ଲବଣ ଇତ୍ୟାଦିର ଆୟ ଦୁର୍ଭିକ୍ଷ ହେତୁ କିଛି ଊଣା ପଡ଼ିବ । ମୋଟରେ ଆୟ ଅଧିକ ହେବ । ଖରଚ ବୃଦ୍ଧିର ପ୍ରଧାନସ୍ଥଳ ଦୁର୍ଭିକ୍ଷ ସାହାଯ୍ୟ ଅଟେ । ଆସନ୍ତା ଅପ୍ରେଲଠାରୁ ସେପ୍ଟମ୍ବର ପର୍ଯ୍ୟନ୍ତ ମା ୬ ସରେ କେବଳ ସାହାଯ୍ୟ ଦାନରେ ୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟ ହେବାର ଅନୁମାନ ହୁଏର । ଏହାଛଡ଼ା ତହିଁର ଆନୁଷଙ୍ଗିକ ବ୍ୟୟମାନ ଅଛି । ଆସନ୍ତା ଫେବୃଆରୀ ମାସରେ ପୁଣି ସେନସସ ବା ଲୋକସଂଖ୍ୟା ହେବ ଏବଂ ତହିରେ ୭ ଲକ୍ଷ ଟଙ୍କା ବ୍ୟୟ ହେବ । ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଦେଶୀୟ ରାଜାମାନଙ୍କୁ ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାକୁ ହେବ । ସୈନିକବ୍ୟୟରେ ୧ କୋଟି ୮୪ ଲକ୍ଷ ଟଙ୍କା ଅଧିକା ବ୍ୟୟ ଧରା ଯାଇଅଛି । ତହିଁମଧ୍ୟରୁ ୨୨ ଲକ୍ଷ ଟଙ୍କା ଦକ୍ଷିଣ ଆଫ୍ରିକାକୁ ପଠା ଯାଇଥିବା ସେନାର ବ୍ୟୟ ବିଲାତରୁ ପାଆଯିବ । ଅବଶିଷ୍ଟ ବ୍ୟୟ ବୃଦ୍ଧିମଧ୍ୟରେ ୩୭ ଲକ୍ଷ ଟଙ୍କା ଦୁର୍ଭିକ୍ଷ ଭତ୍ତା ଏବଂ ୪୦ ଲକ୍ଷର ଊର୍ଦ୍ଧ୍ୱ ଟଙ୍କା ଦେଶୀୟ ସେନାକୁ ଉତ୍କୃଷ୍ଟ ଅସ୍ତ୍ର ଯୋଗାଇବାର ବ୍ୟୟ ଅଟେ । ରେଲୱେ ଏବଂ ନାଳ ନିର୍ମାଣରେ ମଧ୍ୟ ଅଧିକା ଟଙ୍କା ଅର୍ଥାତ୍ ରେଲୱେ ନିମନ୍ତେ କୋ ୭ ଟି ଟଙ୍କା ଏବଂ ନାଳ ନିମନ୍ତେ ଏକକୋଟି ଟଙ୍କା ଖର୍ଚ୍ଚ ହୋଇଅଛି । ରେଲୱେ ଆସାମ ଏବଂ ପଶ୍ଚିମ ପ୍ରଦେଶରେ ଏବଂ ନାଳମାନ ବ୍ରହ୍ମା ପଞ୍ଜାବ ନିମ୍ନ ବଙ୍ଗ ଏବଂ ଅନ୍ୟାନ୍ୟ ପ୍ରଦେଶରେ ହେବ । ଫଳତଃ ଦୁର୍ଭିକ୍ଷ ବର୍ଷରୁ ଏ ବର୍ଷ ଅଧିକ ବ୍ୟୟ ଯୋଗାଇ ସୁଦ୍ଧା ଆୟରୁ ବ୍ୟୟ ଯାଇ ଉଦ୍ବର୍ତ୍ତ ଟଙ୍କା ରହୁଅଛି । ବଡ଼ ଭାଗ୍ୟର ବିଷୟ ଅଟେ । ପୂର୍ବ ୨ ଦୁର୍ଭିକ୍ଷ ବର୍ଷମାନଙ୍କରେ ଆୟ ଊଣା ହେତୁ ବ୍ୟୟକୁ ନିଅଣ୍ଟ ହେଉଥିଲା । ଏ ବର୍ଷ ଯେଉଁ ଦୁର୍ଭିକ୍ଷ ପଡ଼ିଅଛି ଅନେକ ବର୍ଷ ହେଲା ତେମନ୍ତ ଘଟି ନ ଥିଲା ସୁତରାଂ ଦୁର୍ଭିକ୍ଷ ସାହାଯ୍ୟରେ ଏତେ ବ୍ୟୟ ହୋଇ ନ ଥିଲା । କଥିତ ବଜେଟରେ ନିଅଣ୍ଟ ନ ହୋଇ ବରଂ କିଛି ଉଦ୍ବର୍ତ୍ତ ହୋଇଅଛି ଏହା ଚମତ୍କାର ଘଟନା ବୋଲିବାକୁ ହେବ । ଆୟ ବୃଦ୍ଧିରେ ସରକାର କର ଆଦାୟ ମାଫ ଜନସାଧାରଣଙ୍କର କର ଭାରର ଲାଘବ । କରଭାର ଅତ୍ୟନ୍ତ ଅଧିକ ହୋଇଅଛି ବୋଲି ସମସ୍ତେ ଚିନ୍ତିତ, କରଭାର କିଛି ଊଣା ହେବାର ଓ ନିତାନ୍ତ ପକ୍ଷରେ ତାହା ନ ହେଲେ ଜନଶିକ୍ଷା ଓ ଶାସନ କାର୍ଯ୍ୟର ଉନ୍ନତିରେ ଲୋକଙ୍କର ଅଭିପ୍ରାୟମତେ ଅଧିକା ବ୍ୟୟର ବ୍ୟବସ୍ଥା ହେଲେ ସୁଖର ବିଷୟ ହୁଅନ୍ତା । ମାତ୍ର ତାହା କିଛି ହୋଇ ନାହିଁ । ଅତଏବ ବଜେଟ ଦେଖି ଯେତେଦୂର ଆନନ୍ଦ ହୁଅନ୍ତା ସେତେଦୂର ହୋଇ ପାରୁ ନାହିଁ । ସୁଖର ବିଷୟ ଏହି କି ଆୟ ନିଅଣ୍ଟ ନ ହେବାରୁ ଅଦ୍ଭିବଛି ନୂତନ କରର ପ୍ରସ୍ତାବ ହୋଇ ନାହିଁ ।

ସରକାର କାର୍ଯ୍ୟ ନିର୍ବାହ ନିମନ୍ତେ ସନ ୧୯୦୦ । ୧୯୦୧ ସାଲରେ ବିଲାତରେ କିଛି ଟଙ୍କା ଋଣ ହେବାର କଥା ନାହିଁ କେବଳ ଭାରତରେ ୩ କୋଟୀ ଟଙ୍କା ସରକାର ଋଣ କରିବାର ପ୍ରସ୍ତାବ କରିଅଛନ୍ତି ।

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

କଟକ ସ୍କୁଲର ହେଡ଼ମାଷ୍ଟର ମିଃ ବହାରିଲାଲ ଗୁପ୍ତ ଅନ୍ୟ ଆଦେଶ ପର୍ଯ୍ୟନ୍ତ ସରକାରି ଇନେଷ୍ଟ୍ରାକ୍ଟରର ପଦରେ ନିଯୁକ୍ତ ହେଲେ ।

ପୁରୀମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ମହମ୍ମଦ ୟୁସୁଫ ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ ଇନସ୍ପେକ୍ଟର ଜେନେରାଲ ଓ ରେଜିଷ୍ଟ୍ରି ଜଳ ପଦରେ ନିଯୁକ୍ତ ହେଲେ ।

ମିଃ ଜେ, ଇ, ପିଲଗୋର ବହାଲପରଗଣା ଜଜ ଓ ସେସନସ ଜଜ ପଦରେ ନିଯୁକ୍ତ ହେଲେ ।

ପୁରୀ ଏଡିସନାଲ ପ୍ରଭଞ୍ଜ ମିଃ କେ, ଏ, ପାଟେଲ ୧୯୦୦ ଅପ୍ରେଲ ତା ୨୨ ଦିନଠାରୁ ୧୯୦୧ ଅପ୍ରେଲ ତା ୧୨ ଦିନ ପର୍ଯ୍ୟନ୍ତ ଫର୍ଲୋ ଛୁଟି ପାଇଲେ ।

କାଶ୍ମୀରଙ୍କର ଆଃ ସୁପ୍ରଭଞ୍ଜ ପୁରୀକୁ ବଦଳି ହେଲେ ।

୨୪ ପ୍ରଗଣାର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ତାରିଣୀକୁମାର ଘୋଷ ରେଜିଷ୍ଟ୍ରି ବିଭାଗର ଇନ୍ସପେକ୍ଟର ଜେନେରାଲ ପଦରେ ନିଯୁକ୍ତ ହେଲେ ।

ଡେଃ କଲେକ୍ଟର ବାବୁ ଗୋପାଳଚନ୍ଦ୍ର ଦାସ ମେଦିନୀପୁର କଲେକ୍ଟରୀ ଭାର ପାଇଲେ ।

ମାନଭୂମ ମିଃ ଜେ, ସ୍ମିଥ ଓ ମିଃ ଏ, ଡି, ହେମ୍ବର ଡ଼ିଷ୍ଟ୍ରିକ୍ଟ ଜଜ ପଦରେ ନିଯୁକ୍ତ ହେଲେ ।

---

ଏ ସପ୍ତାହରେ ମଧ୍ୟ ଏ ଜିଲ୍ଲାରେ ମେଘର ବଡ଼ି ଆଡ଼ମ୍ବର ଦେଖା ଯାଇଥିଲା । ମାତ୍ର ବୃଷ୍ଟି ଅଧିକ ହୋଇ ନାହିଁ । ଗର୍ମ କ୍ରମେ ବୃଦ୍ଧି ହେଉଅଛି ।

ସାମାନ୍ୟ ଜ୍ୱରରୋଗ ଛଡ଼ା ଜିଲାର ସ୍ୱାସ୍ଥ୍ୟ ଭଲ ଅଛି ।

ଓଡ଼ିଶାର ପୂର୍ବ କମିଶନର ମାର୍ଟିନ ସାହେବ ଗତ ସୋମବାର ଅପରାହ୍ନର ରେଲରେ କଲିକତାକୁ ଯାତ୍ରା କଲେ ତାହାଙ୍କ ବିଦାୟ ଦେବା କାରଣ କେତେଜଣ ରାଜା, ଜମିଦାର, ଡେପୁଟି, ଅମଲା ପ୍ରଭୃତି ଷ୍ଟେସନକୁ ଯାଇଥିଲେ ।

ଏଠା ସରକାରି ଉକିଲ ଘୋଷ କହିବାକୁ ବୋଧ କାହା-ଦୂରଙ୍କର ପଦ୍ବୀର ଅତ୍ୟନ୍ତ ଅସନ୍ତା ବାର ସ୍ୱଷ ଶେଷରେ ମହା ସମାରୋହରେ ହେବାର ଆୟୋଜନ ହୋଇଅଛି ।

ଏବର୍ଷ ତାମାସାବାଜ ଏ ଜିଲ୍ଲାକୁ ଅଧିକ ଆସିଥିବାରେ କେତେକଙ୍କ ଜମିଦାର ଘରମାନ ଦେଖାଇ ଗତ ଗୁରୁବାର ଠାରୁ ଅଳ୍ପ ମୂଲ୍ୟରେ ମିଲଣଦିପଳ ହାଟରେ ଦେଖାଉଅଛି । ଅତ୍ର ଶେଷଥିଏ । ଏହା ଦେଖିବାର ଯୋଗ୍ୟ ।

ରେଲୱେହେତୁ ବୋମ୍ବେନାଲର ବ୍ୟବସାୟ ଏକାବେଳେ ବନ୍ଦ ହୋଇ ନାହିଁ । ଗ୍ରାହ ଘଟିବାର ସୁବିଧାଠାରୁ ଷ୍ଟୀମେୟରର ଗୋଟିଏ ଷ୍ଟିମର ଛାଡ଼ିଅଛି ।

Digitized by srujanika@gmail.com

Split by PDF Splitter



ଅଭ୍ର ଏକସପ୍ତାହ ଉତ୍ତାରୁ କଟକଷ୍ଟେସନଙ୍କର ଗୋଟିଏ ଗାର୍ଡ଼ିଜବାର ଘଟଣା ହେବ ଅର୍ଥାତ୍ ସାଙ୍ଗଲା ଅପ୍ରେଲମାସ ତା ୧୧ ରିଖ ବୁଧବାର ନବରାତ୍ର, ତା ୧୨ ରିଖ ପଣାସଂକ୍ରାନ୍ତି ତା ୧୩ ରିଖଠାରୁ ତା ୧୬ ରିଖ ସୋମବାର ପର୍ଯ୍ୟନ୍ତ ଗୁଡ୍ଫ୍ରାଇଡ଼େ ଉପଲକ୍ଷରେ କଲେକ୍ଟର ଓ ଅଦାଲତ କଚେରିମାନ ବନ୍ଦ ହେବ ।

ଓଡ଼ିଶାର ନୂତନ କମିଶନର ଶ୍ରୀଯୁକ୍ତ ହାରିସ ସାହେବ ଏ ସପ୍ତାହରେ କଲେକ୍ଟରୀ କଚେରୀର କେତେକ ବିଭାଗ ପରିଦର୍ଶନ କରିଥିଲେ । ତାହାଙ୍କର ମିଜାଜ ଭଲ ବୋଲି ଅମ୍ଭେମାନେ ଶୁଣୁଅଛୁ । ଅସଲ୍ତା ସୋମବାରଠାରୁ ଅପିଲ ମୋକଦମା ମାନ ବଗ୍ଧର କରିବାର ନୋଟିସ ଦେଇ ଅଛନ୍ତି ।

ସମ୍ବଲପୁରରେ ବର୍ତ୍ତମାନ ଜ ୧୪୫୬୧୬ ଣ ଦରିଦ୍ର ପଡ଼ିଶମରେ ଏବଂ ଜ ୮୭୭୭ ଣ ରିଲିଫ କାର୍ଯ୍ୟରେ ନିଯୁକ୍ତ ହେବାଦ୍ୱାରା ସାହାଯ୍ୟ ପାଉଅଛନ୍ତି । ମୋଟ ଗଭର୍ଣ୍ଣମେଣ୍ଟର ଟଙ୍କାକୁ ୯ ଭଠା ହୋଇଅଛି ।

ସମ୍ବଲପୁରର ଜଣେ କୃଷ ଠିକାଦାର କେତେକ ଦ୍ରବ୍ୟ କଲିକତାକୁ ପଠାଇବା ନିମନ୍ତେ ଅଗ୍ରିମ ଦେବା କରିବାରୁ ଟ ୫୦୦ ୯ କା ଜରିମାନା ହୋଇଅଛି । କୃଷ ଠିକାଦାରଙ୍କର ଦୌରାତ୍ମ୍ୟ କୌଣସି ପ୍ରକାରେ ଛାଡ଼ୁ ନାହିଁ ।

କାମଶ୍ରାରେ ମନ୍ଦର ଜମିଣ, ଜମାର ଏଣ୍ଡାଳ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବାଦ୍ୱାରା କେତେକ ଲୋକ ଦୁର୍ଭିକ୍ଷ ସାହାଯ୍ୟ ପାଉଅଛନ୍ତି ।

କାମଶ୍ରାର ଭଳା ନମ୍ରଲକ୍ଷ୍ମଭମଟେ ଗଳମ୍ବ ଛଡ଼ ତେଇ ଅକାର ଶାଳୀୟ ସମ୍ବାଦପତ୍ରରୁ ଅବଗତ ହେଲୁଁ ଯଥା; ସେ ବ୍ୟକ୍ତି ମୂଲ୍ୟରେ ବା ଦଶ୍ନ ଭାଗ ଫସଲ ପାଉଅଛି ସେ ଟଙ୍କାପ୍ରତି ଟ ୦ ୩, ଷୋଡ଼ଶଭାଗ ଅଠପଣ, ଦଶପଣ ଏବଂ କାରପଣ ଫସଲ ପାଉଥିବା ବ୍ୟକ୍ତି ଟଙ୍କାପ୍ରତି ଯଥାକ୍ରମେ ଟ ୦ ୩, ଟ ୦ । ଏବଂ ଟ ୦ ୬ ଛାଡ଼ ପାଇବ । ତାଉଳମ୍ୟ କିଛି ଅଧିକ ହୋଇଅଛି ।

ଫନ୍ସସ ଗଳ ର ଏଭିପ୍ରେଡ଼ ଜଗଲର ଏକ ଶାଖରେ ଦୋଇଥିବା ସାମ୍ଭେଳ ନାମକ ମତର ଓଣି ଜପନ୍ନ ବଳୁ ସାଙ୍ଗ ଅଛି ଯେ ଉଦ୍ୱାର ୪୦୦ ପିପା ଏବଂ ୧୪ ଲକ୍ଷ ବୋତଲ ସାମ୍ଭେଳ ନଷ୍ଟ ହୋଇଅଛି । ମୂଲ୍ୟ ୧୪ ଲକ୍ଷ ଟଙ୍କାରୁ ଉଣା ନୁହେଁ ।

କୁଚବିହାରର ରଜା ବଙ୍ଗଳ ଲର୍ଡମାନଙ୍କ ସଙ୍ଗେ ଜେଲ ଅସାମ ରାଜ୍ୟକୁ ଯୁଦ୍ଧ କରି ଯାଇଥିଲେ । ୯ ଟା ବାର ଗୋଟାଏ ଘଣ୍ଟାର ଗୁଲଙ୍କା ମହିଷ ପ୍ରଭୃତି ମଦ୍ୟ ପଡ଼ିଥିଲେ ।

ଏକ ସମ୍ବାଦପତ୍ରରେ ଲେଖାଅଛି କ ମାଇବନ ସହରର ବାଲକ ଓ ବାଳକାମାନେ ପିମ୍ପୁଡ଼ି ପଣାର ସ୍ୱାଦ ପାଇ ତହିଁ ନିମନ୍ତେ ଲବ୍ଧପ୍ରାୟ ହୋଇଅଛନ୍ତି । ଘନ ଚିନି ଓ ପିମ୍ପୁଡ଼ି ମିଶି ଏହି ପଣା ପ୍ରସ୍ତୁତ ହୁଏ । ଘନ ସୋଡ ଉଣା ହେଲେ ପିମ୍ପୁଡ଼ି ଅପେ କେତ୍ରିଶଲେ ସୁଲଭଂ ପଣା ପ୍ରସ୍ତୁତ କରିବା ବଡ଼ ସହଜ ।

ଦୁର୍ଭିକ୍ଷ ହେତୁ ରାଜପୁତାନା ପ୍ରଦେଶରୁ ଅନେକ ପଶୁ ଯାଉଅଛି । ଅଜମିର ଷ୍ଟେସନରେ ପ୍ରତ୍ୟହ ସ୍ମରଣ୍ଟ, ମଲ୍ଲ ଜଙ୍କଟ ଶ୍ରେଣୀ ଚେଜବଳ ଘଟ୍ଟ ହୋଇ ଯାଉଅଛି ।

ଗତ ଦୋଳପୂର୍ଣ୍ଣିମା ଦିନରେ ଦକ୍ଷିଣ ଭାରତର ଅନେକ ସ୍ଥାନରେ ସ୍ୱବ ଦଉସଙ୍କୀର୍ତ୍ତନ ହୋଇଥିଲା । ବିଶେଷତଃ ଦକ୍ଷିଣ୍ଟର୍ଣ୍ଣ ଓ ନମତଳା ସାଉ କ୍ରିଷ୍ଟରେ ଭଳ ମହୋତ୍ସବ ହୋଇଥିଲା ।

ଏକ ସମ୍ବାଦପତ୍ରରେ ଲେଖାଅଛି କ ଦୁଇଲ ନେକେରଲ ଜଣ୍ଡି ସେପରି ଶାଳ ପ୍ରସ୍ତୁତ କରି ତହିଁ ମଧ୍ୟରେ ପୈଶ୍ୟସ୍ଥ ବାସ କରୁଥିଲେ ତାହାକୁ ଉପଯୁକ୍ତ କରିବା ସହଜ କଥା ନ ଥିଲା । କେବଳ ଶାନ୍ତ ଭୂମି ନ ପାଇ ସେ ଅଭ୍ର ସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ ।

କଲିକତା ସହରରେ ସାହିତ୍ୟ ଚର୍ଚ୍ଚା ନିମନ୍ତେ କଙ୍ଗାଳିଙ୍କର ଗୋଟିଏ ସଭ ଥିଲା । ବର୍ତ୍ତମାନ ଅଉ ଗୋଟିଏ ହୋଇଅଛି । ଦୁଇଦଳ ମଧ୍ୟରେ ଅନ୍ୟାନ୍ୟ ପ୍ରତିଯୋଗିତା ନ ହେଲେ ଉପକାର ବିନା ଅପକାର ନାହିଁ ।

ବମ୍ବେଇରେ ଗୁଜିସ୍ଥ କା ନାମକ ସମ୍ବାଦପତ୍ରର ଅଧିକାରୀ ଶ୍ରୀ ଗୋପଦାଳ ନାମକ ସମ୍ବାଦପତ୍ରର ଲେଖକଙ୍କ ପ୍ରତି ତାଙ୍କ ନାମରେ ଦୁର୍ନାମ ରଟାଇବାର କ୍ଷତିପୂରଣ ସ୍ୱରୂପ ଟ ୬୦୦୦ କା ଦାବାରେ ନାଲିସ କରିଥିଲେ । ସେଠା ହାଇକୋର୍ଟ ଏକହଜାର ଟଙ୍କା କ୍ଷତିପୂରଣ ଏବଂ ପୁରୁ ଖରଚ ଡିକ୍ରୀ ଦେଇ ଅଛନ୍ତି ।

ବୋମ୍ବାଇଠାରେ କଳକୁଶା ବ୍ୟବସାୟ ଉଠାନ୍ନ ଭିଣ, ହୋଇ ଯାଇଅଛି ଏବଂ ଅନେକ ସୂତ୍ର କାରଖାନା ବନ୍ଦ ହୋଇଯାଇଥିବାର କଥିତ ହୁଏ ମଧ୍ୟ କେତେ ଗୁଡ଼ିଏ କରଖାନାରେ ଅତ ଅଳ୍ପ ମାତ୍ର କାର୍ଯ୍ୟ ହେଉଅଛି । ଓଡ଼ିଏ ଜଲସ୍ପିନିଂ ଏବଂ ଉଇଭିଂ କାରଖାନା ଦେଉଳିଆ ହୋଇ ନିଲାମ ହୋଇଅଛି । ନିଲାମରେ ତାହାକୁ ଜଣେ ପର୍ଷି ସାତ ପଞ୍ଚଲକ୍ଷ ଟଙ୍କାରେ କ୍ରୟ କରିଅଛନ୍ତି । ନିଲାମ ସମୟରେ ସେସ୍ଥର ଜଣେ ବୃହତ୍ ଅଂଶୀଦାର କ୍ରୟ ହେଲୁ ହୋଇ ଯାଉଥିବାର ବ୍ୟକ୍ତିକରି ବଳ ବାମ୍ଭ କରିଥିଲା ।

ଗଞ୍ଜପୁର ଫୌଜଦାରୀ ଅଦାଲତରୁ ୬୨ ଣ କୁଲ ବ୍ୟବସାୟୀ ମା ୭ ସ କଠିନ ପରିଶ୍ରମ ସହିତ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳିଅଛି । ଏମାନେ ଦୁଇଜଣ ସ୍ତ୍ରୀକୁ ଫୁଲାଇ ଉଠାଇବାକୁ ଆଣିଥିଲେ । ସେଠାରେ ଅସାମିଙ୍କର ଦୁଇସ୍ତ୍ରୀ ଜାଣିପାରି ଚକ୍ଷୁ କରିବାରୁ ବାଙ୍କୋଇମାନେ ସ୍ୱଇସରେ ସମ୍ବାଦ ଦେଇ ଅସାମିଙ୍କି ଧରାଇ ଦେଲେ ।

ମହାମାରୀ ରୋଗହେତୁ ଅନେକ ଲୋକ ବିଶେଷତଃ ପଟ୍ଟିମାମାନେ କଲିକତା ଛାଡ଼ି ପଳାଇବାର କଥା ପାଠକେ ଜାଣିଅଛି । ସେଠା ଫାରସମାନ ସମ୍ପାଦକ କଚେରୀର ସାରକାର କଚେରୀ ଗୋଷାକ ଫେଣ୍ଟି କ ଦେଇ ପଳାଇବାକୁ ଉଦ୍ୟମ କରିବାରୁ ତାଙ୍କ ନାମରେ ଉପରିଣା କାହାରିଅଛି —ମହାମାରୀ ନାନାରୂପେ ଲୋକଙ୍କୁ କଷ୍ଟ ଦେଉଅଛି ।

---

## ପତ୍ରପ୍ରେରକଙ୍କ ପ୍ରତି ।

କେନ୍ଦ୍ରାପଡ଼ାର ଦୋଲଯାତ୍ରା ସମ୍ବନ୍ଧରେ ଖ ୬ ଣ୍ଡ ପ୍ରେରିତପତ୍ର ପାଇଅଛୁଁ । ତହିଁରେ ଯାତ୍ରା ଓ ମେଳନ ଭଲ ହୋଇଥିବା, ବିଶେଷତଃ ବାବୁ ଲକ୍ଷ୍ମୀନାରାୟଣ ଜଗଦେବଙ୍କ ଠାକୁର ଅନେକ ସ୍ୱେଚ୍ଛାଚାରୀ ଅନ୍ତପରାଙ୍କ ବାଜା ପ୍ରଭୃତି ଯୋଗେ ମହାସମାରୋହରେ ବାହାରିଥିଲେ ଏବଂ ଦର୍ଶକଙ୍କ ସଂଖ୍ୟା ପ୍ରାୟ ଦଶହଜାର ହୋଇଥିବା ସଙ୍ଗେ ବଳଦେବ ଜୀଉଙ୍କ ମେଳନ ସମ୍ବନ୍ଧରେ ବାବୁ ବଳରାମ ଭ୍ରମରବର ଏବଂ ବାବୁ ଲକ୍ଷ୍ମୀନାରାୟଣ ଜଗଦେବଙ୍କର ମତଭେଦ ଘଟିଥିବାର ଲେଖା ଅଛି । ପ୍ରକୃତରେ ସେପରି କିଛି ଘଟିଥିଲେ ଭରସା କରୁଁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରର ମେମ୍ବରମାନେ ତାହା ଭାଙ୍ଗିଦେବାର ଯତ୍ନ କରିବେ । କାରଣ କେବେ ସାମାନ୍ୟ ମତଭେଦ ଶତ୍ରୁତାରେ ପରିଣତ ହୁଏ ।—ସଂ

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ—

ସମୀପେଷୁ ।

ମହାଶୟ !

ଗତ ଶନିବାର ଦିନ ମଧ୍ୟପ୍ରଦେଶାନ୍ତର୍ଗତ ଖଡ଼ିଆଲ ରାଜାଙ୍କ ମଧ୍ୟମପୁତ୍ର ଲିଙ୍ଗରାଜଙ୍କ ଦର୍ଶନ ଅଭିପ୍ରାୟରେ ଭୁବନେଶ୍ୱରଠାରେ ସନ୍ଧ୍ୟା ସମୟରେ ପହୁଞ୍ଚିବାରୁ ଭୁବନେଶ୍ୱର ଡାକ୍ତର ଡାକ୍ତରୀ ଶ୍ରୀଯୁକ୍ତ ବ୍ରଜମୋହନ ଦାସ ଓ ମଧ୍ୟମ ଇଂରାଜି ସ୍କୁଲର ହେଡ୍ ମାଷ୍ଟର ଶ୍ରୀଯୁକ୍ତ ବାବୁ ବାମଦେବ ଚନ୍ଦ ବିଶେଷ ପରିଶ୍ରମ ଓ ଯତ୍ନ କରିଥିବାରୁ ପରଦିନ ରବିବାର ସନ୍ଧ୍ୟାସମୟରେ ଗୋଟିଏ ସଭା ଆହ୍ୱାନ କରି ଉକ୍ତ ରାଜକୁମାରଙ୍କୁ ଉକ୍ତ ସ୍କୁଲର ସମସ୍ତ ଅଭାବମାନ ଜଣାଇବାରୁ ରାଜକୁମାର ମହୋଦୟ ବଦାନ୍ୟତା ପ୍ରକାଶପୂର୍ବକ ଉକ୍ତ ସ୍କୁଲକୁ ବାର୍ଷିକ ଟ ୫୦୯ କା ଚାନ୍ଦା ଦାନ କରିବାର ସ୍ୱୀକାର କଲେ ଏବଂ ପୁସ୍ତକଫଣ୍ଡକୁ ଏକକାଳୀନ ଟ ୫୯ କା ମଧ୍ୟ ଦାନ କଲେ । ପରିଶେଷରେ ଉକ୍ତ ରାଜକୁମାରଙ୍କ ଶିକ୍ଷକ ମହୋଦୟ ସରଳ ହିନ୍ଦି ଭାଷାରେ ସମସ୍ତ ସଭ୍ୟମାନଙ୍କୁ ବୁଝାଇ ଦେଲେ ଯେ ସ୍କୁଲର କାର୍ଯ୍ୟ କ୍ରମେ କ୍ରମେ ଯେପରି ଉନ୍ନତ ହେଉଥିବ ତହିଁର ସବିଶେଷ ବିବରଣ ସହିତ ରାଜକୁମାରଙ୍କ ନିକଟକୁ ପତ୍ର ଲେଖିଲେ ସେ କ୍ରମାନ୍ୱୟେ ଚାନ୍ଦା ବୃଦ୍ଧି କରିବାର ଅଭିପ୍ରାୟ ସ୍ଥିର କରିଅଛନ୍ତି । ରାଜକୁମାରଙ୍କର ଏହି ବଦାନ୍ୟତା ଓ ସହୃଦୟତା ଦର୍ଶନ କରି ଉପସ୍ଥିତ ସଭ୍ୟମାନେ ଯତ୍ପରୋନାସ୍ତି ଆନନ୍ଦିତ ହୋଇ ରାଜକୁମାରଙ୍କର ଦୀର୍ଘଜୀବନ କାମନାପୂର୍ବକ ଆଶୀର୍ବାଦ କଲେ । ବର୍ତ୍ତମାନ ସମସ୍ତ ହୃଦୟବାନ୍ ଓ ସଦଳଅନ୍ତଃକରଣ ରାଜା ଓ ଜମିଦାର ମାନଙ୍କ ନିକଟରେ ବିଶେଷ ପ୍ରାର୍ଥନା ଏହି ଯେ ସେମାନେ ଏହି ରାଜକୁମାରଙ୍କ ଅନୁକରଣ କରି ଉକ୍ତ ସ୍କୁଲକୁ କିଛି ୨ ଚାନ୍ଦା ଦାନ କଲେ ସ୍ଥାନୀୟ ଲୋକଙ୍କର ବିଶେଷ ମଙ୍ଗଳ ସାଧନ ହେବ ଏବଂ ସେମାନଙ୍କର ଏହି କୀର୍ତ୍ତି ଚିରସ୍ଥାୟୀ ହେବ । ଇତି

୨୨ । ୩ । ୧୯୦୦ — ଜଣେ ଦର୍ଶକ ।

Digitized by srujanika@gmail.com

Split by PDF Splitter



ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ,
ମହାଶୟ !

ପଞ୍ଚାଟଶ୍ରୀଙ୍କ କେନାଲ କେବଳ ଜଳ ଯୋଗାଇବା ଉଦ୍ଦେଶ୍ୟରେ ହୋଇଥିବାରୁ ସବୁ ଜଳ ପୂର୍ଣ୍ଣ ଥାଏ । କେବଳ ଯୁଲାଇ ମାସରେ କେତେକ ଦିନ ଶୁଷ୍କ ଥାଏ । ଏହାକୁ ପାର ହେବା ନିମନ୍ତେ କର୍ତ୍ତୃପକ୍ଷୀୟମାନେ ସ୍ଥାନେ ୨ ଘାଟ ଓ ପୋଲର ସୁବିଧା କରି ଦେଇଅଛନ୍ତି । ଉକ୍ତ କେନାଲର ମା ୧୯ ଲକ ଠାରୁ ମା ୨୧ ଲକ ପର୍ଯ୍ୟନ୍ତ କେନାଲ ଉଭୟ ପାର୍ଶ୍ୱରେ ରାମଚନ୍ଦ୍ରପୁର, ଗୁଣ୍ଡୁପାଳ, ଝଡପ, ନାଳହଟା, କାଲିଅଣ୍ଡି ଓ ବାଲସରପୁର ପ୍ରଭୃତି ମୌ ୧୦ । ୧୨ ଗ୍ରାମ ଗୃହସ୍ଥ ଓ ଲୁଣ ବ୍ୟବସାୟୀଙ୍କର ବାସସ୍ଥାନ; କିନ୍ତୁ କେନାଲ ପାର ହେବାର କୌଣସି ମାର୍ଗ ସୁବିଧା କରି ଯାଇ ନ ଥିବାରୁ ଲୋକମାନଙ୍କର ବିଶେଷ ଅସୁବିଧା ଓ କଷ୍ଟ ହେଉଅଛି । ଗୁଣ୍ଡୁପାଳ ନିକଟରେ ଯେ ଏଣ୍ଡ୍ରେ ନାଲା ଘେଟ ନୌକା ଦିଆ ଯାଇଅଛି ସେଥିରେ ଦୁଇଜଣ ଲୋକ ନିର୍ବିଘ୍ନରେ ପାର ହୋଇ ପାରନ୍ତି । ଯାଉଁଜଣ ହେଲେ ତାହା ଟଳ ୨ ହୋଇ ବୁଡିବାକୁ ଆରମ୍ଭ କରେ ସେଥିରେ ଧାନ, ଚାଉଳ, ଓ ଗଡଗୋଲ ମୁଣ୍ଡାଇ ପାର ହେବା ବେଳେ ଲୋକେ କଷ୍ଟ ଭୋଗ କରନ୍ତି ତାହା ଯେ ଦେଖିଅଛି ସେ ଅନୁଭବ କରି ପାରିବ । ଦିନ ମଧ୍ୟରେ ଉକ୍ତ ନୌକାଥରେହି ଚହଳ ଦୁଇ ତିନିଥର ଜଳମଗ୍ନ ହୋଇଥାଏ । ଏଥିରେ ସମୟ ସମୟରେ ପ୍ରାଣ ନଷ୍ଟ ହେବା ଆଶ୍ଚର୍ଯ୍ୟ ନୁହେ । ଅତଏବ କେନାଲର କର୍ତ୍ତୃପକ୍ଷୀୟମାନଙ୍କ ଠାରେ ବିନୀତ ପ୍ରାର୍ଥନା ଯେ ସେମାନେ ଏଥିର ପ୍ରତିବିଧାନ କରି ଉକ୍ତ ଗ୍ରାମବାସୀମାନଙ୍କର ଧନ୍ୟବାଦର ପାତ୍ର ହେବେ । ପରିଶେଷରେ ଜିଲ୍ଲା ବୋର୍ଡଙ୍କୁ ମଧ୍ୟ ପ୍ରାର୍ଥନା ଯେ ଉକ୍ତ ଗ୍ରାମମାନଙ୍କରେ ସେ କୌଣସି ଗ୍ରାମ୍ୟ ରାସ୍ତା ବା ଅନ୍ୟ କୌଣସିପ୍ରକାର କାର୍ଯ୍ୟ କରୁ ନାହାନ୍ତି । ଯଦି ସେ ମଧ୍ୟ ଲୋକଙ୍କୁ ଏ କଷ୍ଟରୁ ରକ୍ଷା କରିବାକୁ ଯତ୍ନ କରନ୍ତି ତାହା ହେଲେ ଅନାୟାସରେ ହୋଇପାରେ । ଇତି ।

| | |
|---|---|
| ରାମଚନ୍ଦ୍ରପୁର<br>ଲୁଣିପାଲ ପୋଃ ଅଃ<br>ସନ ୧୯୦୦ ସାଲର<br>ପ୍ରଥମ ଦିବସ | ଅପଣଙ୍କର<br>। ବ ।<br>ଶ୍ରୀ ଗୋବିନ୍ଦଚନ୍ଦ୍ର କର |

## ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ଦୟାସାଗର ପୃଷ୍ଟିହର ... ଭୌଦ ... ଟ ୩ (
" " ମଦନ ପଃ ନାୟିକ ଲୋକ ... ଟ ୩ (
" " ଦୈତ୍ୟାରି ଦାସ ହେଃ ପଃ କାଳପୁର ସ୍କୁଲ ଟ ୧ (
" " ଗୋପୀନାଥ,ମହାନ୍ତି ତହଶିଲଦାର,ବୁଇଁ ସ୍ଥ ଟ ୩ (

## ବିଜ୍ଞାପନ ।

Wanted an English knowing correspondent clerk for the Maharaja's office Mourbhanj. Candidates must have a thorough knowledge of English in Drafting, indexing, Docketing, registering, precis-writing and despatching &. Pay Rs 30 per mensem rising to Rs 40. Apply with testimonials to H. H. Maharaja, Mourbhanj. Applications will be received up to 7th April next.

20th March 1900. — F. D' Elborne, *Secretary*

## ବିଜ୍ଞାପନ ।

ଏହି ସୋନପୁର ଗଡଜାତ ରାଜ୍ୟରେ ଚଳୁଥିବା ଦୁଭିକ୍ଷ କାର୍ଯ୍ୟ ନିମନ୍ତେ ଜଣେ ଉପଯୁକ୍ତ ପ୍ରାପ୍ତ ବୟସ୍କ ଟେଲ ଏହିଷ୍ଟେଣ୍ଟ ମାସିକ ଟ ୩୦ ( ବେତନରେ ମା ୬ ସ ନିମନ୍ତେ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନେ ନିଜ ୨ ନାମ, ଧାମ, ଜାତି, ବୟସ, ଶିକ୍ଷା ଦିଅଥିବା ଅନ୍ୟାନ୍ୟ ଭାଷା ସାର୍ଟିଫିକେଟର ପ୍ରତିଲିପି ଓ ପୂର୍ବେ ଚାକିରି କରିଥିଲେ ତହିଁର ବିବରଣ ପ୍ରାର୍ଥନା ପତ୍ରରେ ସ୍ପଷ୍ଟ ରୂପେ ଲେଖି ତା ୧୦ । ୪ । ୧୯୦୦ ପୂର୍ବେ ଆମ୍ଭ ଅଦାଲତକୁ ପଠାଇବେ । ଯାହାଙ୍କୁ ନିଯୁକ୍ତ କରାଯିବ ତାଙ୍କ ନିକଟକୁ ନିଯୁକ୍ତି ପରୱାନା ପଠାଯିବ ଓ ଯାଥେଷ୍ଟ ଖର୍ଚ୍ଚ ମଧ୍ୟ ଦିଆଯିବ । ଯାହାଙ୍କ ପ୍ରାର୍ଥନା ଅଗ୍ରାହ୍ୟ ହେବ ତାଙ୍କୁ ଏକ ଉତ୍ତର ଦିଆଯିବ ନାହିଁ । ଇତି

| | |
|---|---|
| ତା ୨୧।୩।୧୯<br>ସୋନପୁର | P. R. S. D.<br>Raja Bahadur and<br>Feudatory chief<br>Sonepur State. |

## ବିଜ୍ଞାପନ ।

ଅନୁଗୁଳ ଜିଲ୍ଲାର ପୁଲିସ ବିଭାଗ ସକାଶେ ଇଂରାଜୀ ଜାଣିଥିବା ଦୁଇଜଣ ଚତୁର୍ଥ ଶ୍ରେଣୀର ହେଡ଼ କନଷ୍ଟେବଲ ନିଯୁକ୍ତ ହେବାର ଆବଶ୍ୟକ । ଓଡିଆ ଭାଷାର ସମ୍ପୂର୍ଣ୍ଣ ବ୍ୟୁତ୍ପତ୍ତି ଅତୀବ ପ୍ରୟୋଜନୀୟ ଅଟଇ । କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରେନ୍ସ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କୁ ଏବଂ ଓଡିଶା ପ୍ରଦେଶର କୌଣସି ଜିଲ୍ଲାର ପୁଲିସର ହେଡକନଷ୍ଟେବଲମାନଙ୍କୁ ବିଶେଷ ମନୋନୀତ କରାଯିବ । କର୍ମାକାଂକ୍ଷୀ ବ୍ୟକ୍ତିମାନେ ବ ୨୫ ବର୍ଷରୁ ନ୍ୟୂନ ବୟସ୍କ ହେବେ ଏବଂ ପାଶ୍ଚାତ୍ୟ ମାପରେ ଉଚ୍ଚ ହେବେ ଓ ସେମାନଙ୍କର ବକ୍ଷସ୍ଥଳର ମାପ ୩୧ ଇଞ୍ଚ ହେବ । ଜିଲ୍ଲା ପୁଲିସ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ଓ ଯାହାଙ୍କର ବୟସ ବ ୨୫ କୁ ଟପି ଓ ବ ୩୦ ବର୍ଷରୁ ନ୍ୟୂନ ଥିବ ସେମାନଙ୍କର ଆବେଦନ ପ୍ରତି ସ୍ୱତନ୍ତ୍ର ବିବେଚନା କରାଯିବ ।

ଅନୁଗୁଳଜିଲ୍ଲାର ଶ୍ରୀଯୁକ୍ତ ଶ୍ରୀ ଡେପୁଟି କମିଶନର ସାହେବ ବାହାଦୁରଙ୍କ ଦ୍ୱାରା ଦରଖାସ୍ତମାନ ପ୍ରେରିତ ହେବ ।

ତା ୨୬ ଶେ ମାର୍ଚ୍ଚ ସନ ୧୯୦୦ ମସିହା ।

J. E. Armstrong,
*Dist. Supdt. of Police,*
ANGUL.

## NOTICE.

Wanted a Draftsman for the Angul District Engineer's Office at Dhenkanal on a salary of Rs 30 per month. None need apply who has not passed the Survey Standard Examination and has no experience in drawing out plans from sketches and estimates from plans &c. Preference will be given to one having a fair knowledge in English.

| | |
|---|---|
| Dist. Engr's office<br>Dhenkanal<br>22—3—1900 | By order<br>Chandra Sekher Pany,<br>*Head Clerk & Accountant.* |

## ବିଜ୍ଞାପନ ।

ଏତଦ୍ୱାରା ଅମ୍ଭ ଇଲାକା ପ୍ରଜା ଓ ସମସ୍ତ କାରିପରବାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ।ପ୍ର। ମାରକଣ୍ଡନଗର ।ମୌ। ଜନ୍ମଥାନର ଛବାଶି ଜମିଦାର ବାବୁ ହେରମ୍ବପ୍ରସାଦ ରାୟ ଓରଫ ହେରମ୍ବପ୍ରସାଦ ସ୍ୱାମୀ ନାବାଲଗର ମାତା ମହାଜିନ ଭାଗ୍ୟମଣୀ ଦାସୀଙ୍କର ତହସିଲଦାର ମୃଗଙ୍କ ଷଡଙ୍ଗୀ । ସା । ଲୁଣନାମସନ୍ତ । ପ୍ର । ମାରକଣ୍ଡନଗରଙ୍କ ନାମରେ ୱାକଲତନାମା ପରେ ଅମୋକ୍ତାରନାମା ଦେଇଥିଲୁଁ ସନ ୧୩୦୭ ସାଲ ମାଘମାସଠାରୁ ତାଙ୍କୁ ବରଖାସ୍ତ କରି ଲେଖୁଅଛୁଁ ବ ଉକ୍ତ ଅମୋକ୍ତାରନାମା ମତେ ସମସ୍ତ ରଦ କଲୁଁ ।

ଶ୍ରୀ ହେରମ୍ବପ୍ରସାଦ ରାୟ ଓରଫ
ହେରମ୍ବପ୍ରସାଦ ସ୍ୱାମୀ ନାବାଲଗର
ମାତା ଶ୍ରୀମତ୍ୟା ଭାଗ୍ୟମଣୀ ଦାସୀ
ଜମିଦାର

Digitized by srujanika@gmail.com

## ବିଜ୍ଞାପନ ।

ଏତଦ୍ଦ୍ୱାରା କଟକ ଜିଲା ଅନ୍ତର୍ଗତ ସଦର ଓ ଜଗତସିଂହପୁର, ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୦ ମସିହା ଅପ୍ରେଲ ମାସ ତା ୨ ତାରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ରଖ ପର୍ଯ୍ୟନ୍ତ ୧ ବର୍ଷ ନିମନ୍ତେ ସନ ୧୯୦୦ ମସିହା ଅପ୍ରେଲ ମାସ ତା ୨ ରଖ । ମୂ । ସନ ୧୩୦୭ ସାଲ ଚୈତ୍ର ମାସ ତ ୨୧ ରଖ ସୋମବାର ଦିନ ୧୨ ଘଣ୍ଟା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ । ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି, ସେମାନେ ଉକ୍ତ ୨ ଉପରଲେଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ । ଯାହାଙ୍କର ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜମାଙ୍କର ଚତୁର୍ଥାଂଶ ଜାମିନସ୍ୱରୂପ ଅଗ୍ରିମ ଦାଖଲ କରିବେ ଓ ବାକି ଜମାମାନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ ଥରରେ ଖଜଣା ସେହି ଦ୍ୱିତୀୟ ପ୍ରଥମ ଡାକୁଆରେ ଅଗାମୀ ହେବାକୁ ହେବ ନ ହେଲେ ତହିଁରେ ଯେ କ୍ଷତି ହେବ, ତାହା ପ୍ରଥମ ଡାକୁଆଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱାକ୍ଷରିତ କବୁଲିୟତ ଲେଖିଦେଇ ବନ୍ଦୋବସ୍ତ କରିଦେବେ । ଉପରୋକ୍ତ ନିଲାମ ଅଟ ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ ନ ବାନ୍ଧ ହାଉସମାନ ଦେବଳ ବନ୍ଧ ଓ ଅଙ୍କଦିଗକ ଲୋକମାନେ ନିଲାମ ଡାକ ପାରିବେ; ନଚେତ୍ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ, ତାହା ହେଲେ ତତ୍କ୍ଷଣାତ୍ ତାହାର ଡାକ ନାକଚ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଉକ୍ତ ସଙ୍ଗତିପନ୍ନ ଲୋକଙ୍କୁ ଡାକ ବିକି କରାଯିବ ।

ଥାନା କଟକ

୧ । ବାରଙ୍ଗ

ଥାନା ଜଗତସିଂହପୁର

୧ । ଝଣ୍ଟାସାହି
୨ । ଜସରବା

Chairman

## NOTICE.

Wanted a Nazir for the office of the manager of Baramba on a salary of Rs-15 per month.

Applicants to state whether they know English and are familiar with office works and whether they are willing to furnish security to the extent of Rs 200 (Two Hundred). Past service and good reference are necessary.

Applications with copies of testimonials to be received by the undersigned up to the 30th March, 1900.

MANAGER'S OFFICE, BARAMBA, The 3rd March, 1900 — M. M. PATNAIK. *Manager*

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H, J, BELL,
*Agent,*
*Cuttack.*

## ନୋଟିସ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଆସନ୍ତା ଶୁକ୍ରବାର ଦିନଠାରୁ ଶ୍ରୀ କ୍ୱଦମରସୁଲ ଖାଁଉଙ୍କ ଏଣ୍ଡୋଉମେଣ୍ଟ କମିଟିର ସଭା ହେବ ଶୁକ୍ରବାର ଦିନ ସ ୪ ଘଣ୍ଟା ସମୟରେ ଜଣେ ମେମ୍ବର ମୁନସି ସେଖ ଗୋଲାମ ମହମ୍ମଦଙ୍କ ଘର ମୁକାମ ଆସମ୍ମୁଖ ବଜାର, ସହର କଟକ ଠାରେ ହେବ । ଯେ କେହି ଉକ୍ତ ସଭାରେ ଅପେକ୍ଷାର ଆପତ୍ତିଆଦ କରିବାକୁ ଇଚ୍ଛାନ୍ତି, ତାହା ଅକ୍ଳେଶରେ କରି ପାରିବେ ।

କଟକ ୧ । ୩ । ୧୯୦୦ — ଶ୍ରୀ ଗୋଲାମ ମହମ୍ମଦ

## ବିଜ୍ଞାପନ ।

ବାଳକମାନଙ୍କ ସୁବିଧା ନିମନ୍ତେ ବଡ଼ ବଡ଼ ଅକ୍ଷରେ ଏକଠାରୁ ଶତ ପର୍ଯ୍ୟନ୍ତ ପଣକିଆ ୨୫ ଖଣ୍ଡା, ହୋଇଲ ଓ କମଲଲୋଚନ ସୁନ୍ଦର ସୁନ୍ଦର ଚିତ୍ରସହିତ ଗୋଟିଏ ପର୍ଦ୍ଦରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ତହିଁର ମୂଲ୍ୟ ଟ ୦ ୯

## ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ଯୁବକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାରସାର" ନାମକ ପୁସ୍ତକ ଭାଷାବିଷୟକ ଜ୍ଞାନବୃଦ୍ଧି ପକ୍ଷରେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଟି ଅତ୍ୟାଦରଣୀୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପତ୍ରିକାମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଗାଗୀତ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

## ପ୍ରୟୋଜନୀୟ ପୁସ୍ତକ

ପାରିବାରିକ ଚିକିତ୍ସା ଚାରିଅଣା, ଜ୍ୱର ଚିକିତ୍ସା ଛଅଅଣା, ଗୋଚିକିତ୍ସା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସୂଚିକା ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କର ସ୍ୱତନ୍ତ୍ର ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

## ବିଜ୍ଞାପନ ।

ଉଦ୍‌ଯୋଗି ସମିତିର
ଭଣ୍ଡାରର ଅଧିକାଂଶ
ଜିନିସ ଦେଶୀ

---

ଦେଶୀ ଜିନିସ,
ଗୁଣତ ଅବଶ୍ୟ ଭଲ
ଦାମ ମଧ୍ୟ ଶସ୍ତା !

---

ଉଦ୍‌ଯୋଗି ସମିତିର
ଭଣ୍ଡାର
କଟକ ଅଦାଲତ ନିକଟରେ
ଡାଉଟଥା ନାହିଁ, କାଳିବନ୍ଦୀ ନାହିଁ
ମନରେ ଚିହ୍ନିଧୋକା ରହେ ନାହିଁ

---

ନଆ ଆମଦାନୀ
ଗ୍ରୀଷ୍ମକାଳର ଉପଯୋଗୀ
ନାନାବିଧ ଦେଶୀ ଲୁଗା
ଟୁଇଲ, ଟୈଇଡ଼, ଛିଟ, ଚଦର,
ବାଫ୍ତା ଇତ୍ୟାଦି ।

## ବନାରସୀମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କ ଦରବାରରେ ବହୁକାଳରୁ ମାଲ ଯୋଗାଇ ଅଛୁଅଛୁଁ । କାମଣ୍ଡା, ଢେଙ୍କାନାଳ, ଅଠମଲ୍ଲିକ, ସମ୍ବଲପୁର, ସରେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଚୋପି, ପଗଡ଼ି, ବଂଶାପ, ବାପ୍ତା, ସଚୀ ଦୋପଟ୍ଟା ମଣ୍ଡିଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନାପ୍ରକାର ରହାଦ ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, କାଶୀର କାରୁଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁ, ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ୟମାଲ ଭୋଲାନାଥ,
କୁଞ୍ଜଗଲି ଫାଟକ, ବନାରସ ସିଟି ।

---

ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟାରୀ ।

ସଚିତ୍ର

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ସବୁ ସାରକୁ ଟ ୧୬୷୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୳ |
| ୨ ମଧ୍ୟ ପର୍ବ | ଟ ୨୳ |
| ୩ ସଭା ପର୍ବ | ଟ ୨୳ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୯ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାଳିନ୍ଦିକା ବା ଐଷିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୳ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

## ନୂତନପୁସ୍ତକ ।

ହରସଙ୍କୀର୍ତ୍ତନ ।

ଅଭିସ୍ଫଲର ଅଛିସ୍ଫଲର ଅଭିସ୍ଫଲର

ମୂଲ୍ୟ ଟ ୦୵ ଦୁଇଅଣା

| | |
|---|---|
| ଦୀର୍ଘ୍ୟଭାରତି ପୁନର୍ମୁଦ୍ରିତ | ଟ ୧୯ |
| ଅଧ୍ୟାତ୍ମରାମାୟଣ (ହଲଧରପଟ୍ଟନାୟକକୃତ) | ଟ ୨୯ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧। |
| ବତ୍ରିଶସିଂହାସନ | ଟ ୦୳ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୶ |
| ଅଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଝଙ୍କା ଟ ୦ ୳ ଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇ ଗୁଣ ଯଥାକ୍ରମେ ହେବ । ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ରିକା କଟକ ଚଉଧୁରୀ ବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୩୫ ଶ
ସଂ ୧୪ ଖ୍ୟା
ତା ୭ ଦିନ ମାହେ ଏପ୍ରେଲ ସନ ୧୯୦୦ ମସିହା । ମା ସ ୨୭ ଶ ଚୈତ୍ର ସନ ୧୩୦୭ ସାଲ ଶନିବାର
ଅଗ୍ରୀମ ଟ ୩୷
ପଶ୍ଚାଦ୍ଦେୟ ଟ ୬୧

## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବୋକ୍ତ ଦୁଇଟ ଟ୍ରେଞ୍ଜିଙ୍ଗ୍ସାହେବଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
| --- | --- |
| ବଡ଼ | ଟ ୦। |
| ଛୋଟ | ଟ ୦୧୬ |

ମୋଫସଲ ଲୋକମାନେ ଡାକମାସୁଲ ଟ ୦/ ହେଉଁମାନଙ୍କର ଖରଚ କମ୍ପା ଷ୍ଟାମ୍ପଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ଇଷ୍ଟକୋଷ୍ଟ ରେଲୱେର ବିଜୟନଗର ଷ୍ଟେସନଠାରୁ ବଙ୍ଗଳା ନାଗପୁର ରେଲୱେ ରାୟପୁର ପର୍ଯ୍ୟନ୍ତ ଗୋଟିଏ ରେଲୱାଟ ନିର୍ମାଣ ହେବାର ପ୍ରସ୍ତାବ ହୋଇଥିଲା । ବର୍ତ୍ତମାନ ଦୁର୍ଭିକ୍ଷ ସାହାଯ୍ୟ ସ୍ୱରୂପ ତହିଁର ମାଟିକାମ ଆରମ୍ଭ ହେବାର ଆଦେଶ ହୋଇଅଛି । ଏହି ରେଲୱେ ଦୀର୍ଘରେ ମା ୩୧୦ ମାଇଲ ଏବଂ ଏହାର ମୋଟ ବ୍ୟୟ ୨୫ କୋଟି ଟଙ୍କା ଇଷ୍ଟିମେଟ ହୋଇଅଛି ।

---

ଭାରତ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠିରେ ଏପର୍ଯ୍ୟନ୍ତ ୬୯ ଲକ୍ଷ ଟଙ୍କା ଜମା ଏବଂ ତହିଁ ମଧ୍ୟରୁ ଯେଉଁ ସ୍ଥାନରେ ଯେମନ୍ତ ସାହାଯ୍ୟର ପ୍ରୟୋଜନ ତାହା ବିବେଚନାପୂର୍ବକ ୬୨ ଲକ୍ଷ ଟଙ୍କା ଭିନ୍ନ ପ୍ରଦେଶରୁ ଖରଚ ନିମନ୍ତେ ପଠା ଯାଇଅଛି । ପୂର୍ବ ଦୁର୍ଭିକ୍ଷ ସାହାଯ୍ୟର ତହବିଲ ବାକୀ ସହିତ ପାଣ୍ଠିରେ ୯ ଲକ୍ଷ ଟଙ୍କା ବାକୀ ଅଛି । ଭାରତ ଏବଂ ବିଲାତ ଅଧିକୃତ ପୃଥିବୀର ନାନା ଦେଶ ଏବଂ ଆମେରିକା ପ୍ରଭୃତି ସ୍ୱାଧୀନ ଦେଶରୁ ଯଥୋଚିତ ଚାନ୍ଦା ଆସୁଅଛି ।

---

ବଙ୍ଗଳାର ଜଣେ ଜ୍ୟୋତିଷ ପ୍ରକାଶ କରୁଅଛନ୍ତି ଯେ ଶନି ଏବଂ ବୃହସ୍ପତିଙ୍କ ଅବସ୍ଥିତି ହେତୁ ଗତ ମାର୍ଚ୍ଚ ମାସ ତା ୧୫ ରଖରୁ କଲିକତା ସହରରେ ପ୍ଲେଗ ରୋଗର ମୃତ୍ୟୁ ଯେପରି ବୃଦ୍ଧି ହୋଇଅଛି ଆସନ୍ତା ଜୁନ ମାସ ପର୍ଯ୍ୟନ୍ତ ପ୍ରାୟ ସେହିପରି ରହିବ । ତହିଁ ଉତ୍ତାରୁ ରୋଗର ଆକ୍ରମଣ ଓ ତଦ୍ଦ୍ୱାରା ମୃତ୍ୟୁ କିଛି ଊଣା ହେବ । ଏ ରୋଗ ପ୍ରାୟ ଦେଢ଼ ବର୍ଷ କଲିକତାରେ ରହିବ । ଏଥିରୁ ବର୍ତ୍ତମାନ ଦୈନିକ ଆକ୍ରମଣ ଏକ ଶତରୁ ଊର୍ଦ୍ଧ୍ୱ ଏବଂ ମୃତ୍ୟୁ ଏକଶତରୁ କିଛି ଊଣା ।

---

କଲିକତାର ସବର ଦୁର୍ଭିକ୍ଷ ସାହାଯ୍ୟ କମିଟିର ସେକ୍ରେଟରୀ ମାନ୍ୟବର ସ୍ମିଥ ସାହେବ ପରିଦର୍ଶନ କାର୍ଯ୍ୟରେ କଲିକତାଠାରୁ ପ୍ରେରିତ ହୋଇଅଛନ୍ତି । ସେ ପ୍ରଥମେ ନାଗପୁରକୁ ଯିବେ ଏବଂ ସେଠାରୁ ବମ୍ବେଇ, ଇନ୍ଦୋର ଏବଂ ଅଜମିର ବାଟେ ଲାହୋରକୁ ଯାତ୍ରା କରିବେ । ସେ ସକଳ ସ୍ଥାନର ସାହାଯ୍ୟ କାର୍ଯ୍ୟ ନିର୍ବାହକ କମିଟିମାନଙ୍କ ସହିତ ସାହାଯ୍ୟ ବିତରଣ ବିଷୟରେ ପରାମର୍ଶ କରି କେଉଁ କେଉଁ ଗବର୍ଣ୍ଣମେଣ୍ଟଦ୍ୱାରା କିରୂପେ ସାହାଯ୍ୟ ଦିଆଯିବ ତହିଁର ରିପୋର୍ଟ କରିବେ ।

---

କଲିକତା ମିଉନିସିପାଲିଟି ଆଇନର ପାଣ୍ଡୁଲିପିର ବିଷୟ ବହୁଦିନ ସ୍ଥଗିତ ରହିବା କାରଣ ବଙ୍ଗୀୟ ବ୍ୟବସ୍ଥାପକ ସଭାର ବେସରକାରୀ ସଦସ୍ୟମାନେ ଗୁପ୍ତରେ ଅନୁରୋଧ କଲେ ଗବର୍ଣ୍ଣମେଣ୍ଟ ତାହା ନ ଶୁଣି ତତ୍ପର ଆଇନ ପାସ କଲେ ତତ୍ତମାସ ଆରମ୍ଭରୁ ତାହା ଜାରି ହେଲା ମାତ୍ର ଜାରି ହେବା ପୂର୍ବରୁ ତହିଁରେ ଗୋଟିଏ ଦୋଷ ବାହାରିବାରୁ ବ୍ୟବସ୍ଥାପକ ସଭାର ଗତ ଅଧିବେଶନରେ ସେ ସବୁ ସଂଶୋଧନ ବିଷୟକ ଆଇନ ଜାରି ହୋଇଅଛି । ତତ୍ତତ୍ପ୍ରାକାର୍ଯ୍ୟ କେବେ ଭଲ ନୁହେଁ ।

---

କଲିକତାର ଏକ ସମ୍ବାଦରୁ ଜଣାଗଲା ଯେ କଲିକତାସ୍ଥ ନାରଭ ସେକ୍ରେଟରୀ ମହୋଦୟ ବଙ୍ଗାଳ ନାଗପୁର ରେଲୱେ କମ୍ପାନୀକୁ ଇଷ୍ଟକୋଷ୍ଟ

Digitized by srujanika@gmail.com

Split by PDF Splitter



ରେଲୱେର ଡିଭିଜନ ନାମକ ପଟନଠାରୁ ବାଲଗା ପର୍ଯ୍ୟନ୍ତ କାର୍ଯ୍ୟ ଚଳାଇବାର ଭାର ଦେବାକୁ ସମ୍ମତ ହୋଇଅଛନ୍ତି । ଉକ୍ତ ଅଂଶ ବଙ୍ଗାଲ ନାଗପୁର କମ୍ପାନି ପାଇବା କାରଣ ରେଲୱେ କମିଟିର ଗତ ଅଧିବେଶନରେ ପ୍ରାର୍ଥନା କରିଥିଲେ । ଏଥିରେ ସମସ୍ତ ଓଡ୍ରାରେ ରେଲ ଖୋଲିବାର ଅଧିକାର ଏ କମ୍ପାନି ହାତରେ ନ୍ୟସ୍ତ ହେଲେ ଏହା ଦେଶବାସୀପକ୍ଷରେ ସୁବିଧା ଜନକ ।

---

ଗତ ମାର୍ଚ୍ଚମାସ ତା ୧୭ ରଖରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୪୮,୮୧,୧୫୪ ଏବଂ ତହିଁ ପୂର୍ବ ସପ୍ତାହର ସଙ୍ଖ୍ୟା ୬,୪୩,୫୯୫ ଥିଲା ମାତ୍ର ତହିଁପୂର୍ବ ସପ୍ତାହର ଅଙ୍କ ପ୍ରାୟ ୪୮ ଲକ୍ଷ ଥିଲା । ଫଳତଃ ବର୍ତ୍ତିତ ସପ୍ତାହରେ ୧ ଲକ୍ଷ ୯୬ ହଜାର ଲୋକ ବୃଦ୍ଧି ତହିଁପୂର୍ବ ସପ୍ତାହରେ ଊଣା ପଡ଼ିବା ୧ ଲକ୍ଷ ୭୭ ହଜାରକୁ ଡେଇଁ ଯାଇଅଛି ଅର୍ଥାତ ଦୁର୍ଭିକ୍ଷ ପୀଡ଼ିତଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ହେଉଅଛି ଏବଂ ଏପର୍ଯ୍ୟନ୍ତ ଅଧକୋଟିକି ଛୁଟିଥିଲେ ଆଶ୍ଚର୍ଯ୍ୟର ବିଷୟ ହେବ ନାହିଁ । ଅଧିକାଂଶ ବୃଦ୍ଧି ମଧ୍ୟପ୍ରଦେଶ ଏବଂ ବେରାରରେ ଘଟିଅଛି ।

---

ଖାନବାହାଦୁର ଦଲଓ୍ୱିର ହୋସେନ ବଙ୍ଗପ୍ରଦେଶ ରେଜିଷ୍ଟ୍ରି ବିଭାଗର ଇନସପେକ୍ଟର ଜେନେରଲ ଅବସର ଗ୍ରହଣ କରିବାରୁ ମାନ୍ୟବର ବଙ୍ଗେଶ୍ୱର ଡେପୁଟିମାଜିଷ୍ଟ୍ରେଟ ବାବୁ କାଳୀକୁମାର ଘୋଷଙ୍କୁ ଉକ୍ତ ପଦ ପ୍ରଦାନ କରିଅଛନ୍ତି । ସୁଯୋଗ୍ୟ ଡେପୁଟିମାଜିଷ୍ଟ୍ରେଟ କାଳୀକୁମାର ବାବୁଙ୍କର ଗୁଣର ସମ୍ମାନ କରିବା ଏବଂ ରେଜିଷ୍ଟ୍ରୀ ବିଭାଗର ଉଚ୍ଚ କାର୍ଯ୍ୟଟି ଏ ଦେଶୀୟଙ୍କ ହସ୍ତରେ ସ୍ଥିର ରଖିବା କାରଣ ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣର ଉଡ଼ବର୍ଣ୍ଣ ସାହାବଙ୍କୁ ଆମ୍ଭେମାନେ ଅଶେଷ ଧନ୍ୟବାଦ ଦେଉଅଛୁଁ ।

---

ଚୀନର ଏକ ତାର ସମ୍ବାଦରୁ ଜଣାଯାଏ ଟିଣ୍ଟସିନଠାରେ ଗଣ୍ଡଗୋଳ ଉପସ୍ଥିତ ହୋଇଅଛି ଏବଂ କେତେ ଇଂରାଜ ପ୍ରଚାରକ ତହିଁରେ ମରି ପଡ଼ିଅଛନ୍ତି । ଏହି ଅଶୁଭ କଥା ଶୁଣି ଇଂଲଣ୍ଡ ଏବଂ ରୁଷିଆର ରଣତରୀମାନ ଘଟନାସ୍ଥଳକୁ ବେଗରେ ଯାତ୍ରା କରୁଅଛନ୍ତି ଏବଂ ସେହି ଖଲ୍ଲିମାନେ ଅନ୍ୟ ସ୍ଥାନବାସୀଙ୍କ ସହିତ ଏକଯୋଗରେ କାର୍ଯ୍ୟ କରିବାର ପରାମର୍ଶ କରୁଅଛନ୍ତି । ଚୀନର କପାଳରେ କ'ଣ ଅଛି ବୋଲି ଯାଇ ନ ପାରେ ମାତ୍ର କ୍ରମାଗତ ସେ ଦେଶର ଦଶା ମନ୍ଦ ହୋଇଆସୁଅଛି । ବୋଧ ହେଉଅଛି ଏହି ଗଣ୍ଡଗୋଳ ହେତୁ ଚୀନରୁ ଅଉ କିଛି କୌଣସି ପ୍ରବଳ ରାଜାର ହସ୍ତଗତ ହେବ ।

---

ମହୀଶୂରର ମହାରାଜାଙ୍କର ଶୁଭ ବିବାହ ନିକଟରେ ହେବ ଏବଂ ସେହି ସମୟରେ ମହୀଶୂରର ଜ୍ୟେଷ୍ଠ ରାଜକୁମାରୀଙ୍କର ମଧ୍ୟ ବିବାହ ହେବ । ଏ ଶୁଭ କାର୍ଯ୍ୟ ଏପରି ସମାରୋହ ସହିତ ସମ୍ପାଦିତ ହେବାର ପ୍ରସ୍ତାବ ହୋଇଅଛି ଯେ ପୂର୍ବେ କେବେ ସେପରି ହୋଇ ନାହିଁ । ଦୁଇ ବିବାହର ବ୍ୟୟ ଅଠ ଦଶଲକ୍ଷ ମଧ୍ୟରେ ଇଷ୍ଟିମେଟ ହୋଇଅଛି ଏବଂ କାର୍ଯ୍ୟ ନିର୍ବାହ ନିମନ୍ତେ ଗୋଟିଏ କମିଟି ନିଯୁକ୍ତ ହୋଇଅଛି । ଶ୍ରୀଯୁକ୍ତ ମାଧବରାଓ ସି, ଆଇ, ଇ, ସେହି କମିଟିର ସଭାପତି ହୋଇଅଛନ୍ତି । କମିଟିର ଅଧୀନରେ ଅନେକ ଇଞ୍ଜିନିୟର ଏବଂ ଅନ୍ୟାନ୍ୟ ବ୍ୟବସାୟୀମାନେ ନିଯୁକ୍ତ ହୋଇଅଛନ୍ତି । ଯେମନ୍ତ ମର୍ଯ୍ୟାଦାର ଲୋକ ସେମନ୍ତ ଆଡ଼ମ୍ବରରେ କାର୍ଯ୍ୟ ନ ହେଲେ ଶୋଭା ପାଇବ କି ?

---

ପଞ୍ଜାବରେ କ୍ରେଷିଲ୍ ଯେ ଯାତପୁରରେ ପ୍ଲେଗ ରୋଗ ପ୍ରବେଶ କରିଅଛି । ସେହି ସହରର ନିକଟ କଲନ୍ଦରବାଦ ଗ୍ରାମର ସାଧୁ ପଣ୍ଡା ନାମକ ଏକ ବ୍ୟକ୍ତି କଲିକତାରୁ ଗତ ମାର୍ଚ୍ଚ ତା ୨୨ ରଖ ସନ୍ଧ୍ୟାବେଳେ ଆସିଥିଲା । ସେହି ରାତ୍ରରେ ତାହାର ଜ୍ୱର ହେଲା ଏବଂ ତହିଁ ଆରଦିନ ମରିଗଲା । ସବଡିଭିଜନ ଅଫିସର ତାହାର ଦେହର ଫୋଡ଼ାକୁ ନାଳ ପେଲେଗ ହୋଇଥିବାର ନିଶ୍ଚୟ କରି ମଡ଼ା ପୋଡ଼ାଇବାର ଆଦେଶ ଦେଲେ ଏବଂ ତାହାର ବସ୍ତ୍ର ପୋଡ଼ାଇ ଦେଇ ଓ ଘର ପରିଷ୍କାର କରାଇ ଦେଲେ । ସେ ଗ୍ରାମରେ ପୋଲିସ ପହରା ବସାଇ ଦିଆ ଯାଇଅଛି । ଅଉ କେହି ପୀଡ଼ିତ ହେବାର ସମ୍ବାଦ ମିଳି ନାହିଁ ।

---

ଉତ୍ତରପଶ୍ଚିମ ଏବଂ ଅଯୋଧ୍ୟା ପ୍ରଦେଶରେ ଯେଉଁ ସଡ଼କର ଦୁଇ ପାଶରେ ସରକାରୀ ବ୍ୟୟରେ ଗଛ ଲଗାଅଛି ସେ ସମସ୍ତକୁ ଯୋଡ଼ିଲେ ଅଠ ହଜାର ମାଇଲରୁ ଊଣା ହେବ ନାହିଁ । ସେହି ସମସ୍ତ ବୃକ୍ଷ ସରକାରୀ ବ୍ୟୟରେ ରକ୍ଷିତ ଅଛି ଏବଂ ତହିଁ ନିମନ୍ତେ ଗୋଟିଏ ଭିନ୍ନ ସର୍କାରୀ ମହକୁମା ରହିଅଛି । ଗତ ବର୍ଷର ରିପୋର୍ଟରୁ ପ୍ରକାଶ ଯେ ସେ ବର୍ଷ ଗଛର ଫଳ, ଶୁଖିଲା ଡାଳ ଏବଂ ଘାସ ଇତ୍ୟାଦି ବିକ୍ରୟଦ୍ୱାରା ଯେତେ ଆୟ ହୋଇଥିଲା ତହିଁରୁ ସେ ମହକୁମାର ସମସ୍ତ ବ୍ୟୟ ନିର୍ବାହ ହୋଇ ପ୍ରାୟ ତିନି ହଜାର ଟଙ୍କା ଉଦ୍‌ବର୍ତ୍ତ ହୋଇଥିଲା । ଏକ ଏକ ସ୍ଥାନର ମାଟିର ଅଯୋଗ୍ୟ ଗଛ ଲଗାଇବାରୁ ତାହା ଶୀଘ୍ର ଶୁଖି ମରିଯିବାଦ୍ୱାରା କେତେ କ୍ଷତି ସହିବାକୁ ହୁଏ । ଅନୁର୍ବର ଭୂମିରେ ବବୁଲ ଓ ଖେଜୁର ଜାତୀୟ ବୃକ୍ଷ ଲଗାଇବାର ପ୍ରସ୍ତାବ ଗାଜିପୁରରେ ହୋଇଥିଲା । ମାତ୍ର ବନାରସର କାଲେକ୍ଟରଙ୍କ ମତରେ ନିମ୍ବ ଓ ପିମ୍ପଳି ବୃକ୍ଷ ଲଗାଇବା ଭଲ ।

---

କଲିକତାର ବାରିଷ୍ଟର ଉବନିଶ୍ଚ ... ବାନର୍ଜ୍ଜିଙ୍କର ମେଦିନୀପୁରରେ ଖଣ୍ଡିଏ ପତ୍ତନି ତାଲୁକ ଅଛି । ଜମିଦାରଙ୍କର ଘର କଲିକାତାରେ । ବାନର୍ଜ୍ଜୀ ମହାଶୟ ପତ୍ତନୀର ଖଜଣା କର୍ତ୍ତାମାନଙ୍କରେ ଦେବାକୁ ଅସମ୍ମତ ହୋଇ କଲିକତାରୁ ଆସି ତାହାଙ୍କଠାରୁ ନେବା କାରଣ ଜମିଦାରଙ୍କୁ କହିଲେ । ଜମିଦାର ରାଜି ହେଲେ ନାହିଁ । ସୁତରାଂ ଖଜଣା ବାକି ପଡ଼ିଲରୁ ଜମିଦାର ନାଲିସ କଲେ । ପ୍ରଥମ ଅଦାଲତ ବଙ୍ଗୀୟ ପ୍ରଜାସତ୍ତ୍ୱ ଆଇନର ଧା ୫୪ ସ୍ଥ [illegible] ପ୍ରକରଣ ଅନୁସାରେ ପକ୍ଷମାନଙ୍କର ସୁବିଧା ସ୍ଥାନରେ ଜମିଦାରଙ୍କର ଦରମିଆ କରିବା ଉଚିତ ବିବେଚନାରେ କେବଳ ଖଜଣାର ଡିକ୍ରୀ ଦେଲେ ସୁଦ ଦେଲେ ନାହିଁ । ଜମିଦାର ତହିଁ ବିରୁଦ୍ଧରେ ହାଇକୋର୍ଟରେ ଅପିଲ କଲେ । ଅପିଲ ଅଦାଲତ ସିଦ୍ଧାନ୍ତ କଲେ ଯେ ବର୍ତ୍ତମାନ ଛବାସୀ ଜମିଦାରଙ୍କର ବର୍ତ୍ତମାନର ଦରମିଆ ଆଇନ ଅନୁସାରେ ସୁବିଧାଜନକ ସ୍ଥାନ ସେଠାରେ ଖଜଣା ଦାଖଲ ହେବା ଉଚିତ । ଅତଏବ ଦାବି ଖଜଣା ସୁଦ ସହିତ ଡିକ୍ରୀ ହେଲେ ଏବଂ ଦରଖାସ୍ତ ବାନର୍ଜ୍ଜୀ ମହାଶୟ ହାରିଗଲେ । ଏଥିରୁ ପାଠକମାନେ ଦେଖିବେ ଯେ ଜମିଦାରର ଘରେ ପ୍ରଜା ଖଜଣା ଦାଖଲ କରିବାକୁ ବାଧ୍ୟ ଏବଂ ଏହାର ବ୍ୟୟସଙ୍କୁଳ ।

---

Digitized by srujanika@gmail.com

କଲିକତା ହାଇକୋର୍ଟର ଜଣେ ଜଜ ମାନ୍ୟବର ମାକଫରସନ ସାହେବ ବିଦାୟ ଗ୍ରହଣ କରିବାରୁ ତାହାଙ୍କ ପଦରେ ଶ୍ରୀଯୁକ୍ତ ପ୍ରାଟ ସାହେବ ଏବଂ ଆଉ ଜଣେ ଜଜ ଶ୍ରୀଯୁକ୍ତ ହିଲ ସାହେବ ଛୁଟୀ ନେବାରୁ ତାହାଙ୍କ ସ୍ଥାନରେ କଲିକତା ଛୋଟ ଅଦାଲତର ଜଜ ଶ୍ରୀଯୁକ୍ତ ହାଣ୍ଡ୍ରିଲ ସାହେବ ନିଯୁକ୍ତ ହେଲେ । ସରକାରୀ ଆଇନ ବାଗିଗର ସୃଷ୍ଟୁଣ୍ଡ ପ୍ରାଟ ସାହେବଙ୍କ ସ୍ଥାନରେ ଶ୍ରୀଯୁକ୍ତ ବିହାରୀଲାଲ ଗୁପ୍ତ ଯେ କି କେତେକ ବର୍ଷ ପୂର୍ବେ ଓଡ଼ିଶାର ଜଜ ଥିଲେ ସେ ନିଯୁକ୍ତ ହୋଇଅଛନ୍ତି । ହାଇକୋର୍ଟ ଜଜଙ୍କ ବେତନ ମାସିକ ୩୭୫୦ ଟଙ୍କା ଏବଂ ସ୍ଟାଣ୍ଡିଙ୍ଗଙ୍କର ବେତନ ମାସିକ ୨୫୦୦ ଟଙ୍କା ଅଟେ । ପ୍ରାଟ ସାହେବଙ୍କ ନାମ ସିଭିଲିଆନ୍ଙ୍କର ଗୁପ୍ତ ସାହେବଙ୍କ ଉପରେ ଏବଂ ହାଣ୍ଡ୍ରିଲ ସାହେବ ଗୁପ୍ତ ସାହେବଙ୍କର ତଳେ ଅଛି । ଉପସ୍ଥିତ ପ୍ରାଟ ସାହେବ ହାଇକୋର୍ଟର ସ୍ଥାୟୀ ପଦ ପାଇଲେ ତହିଁରେ କିଛି ଆପତ୍ତି ନାହିଁ । ମାତ୍ର ଗୁପ୍ତ ସାହେବ ଓ ତାହାଙ୍କ ତଳେ ଥିବା ହାଣ୍ଡ୍ରିଲ ସାହେବ ଉଭୟେ ମାସିକ ୨୫୦୦ ଟଙ୍କା ଲେଖାଏଁ ବେତନ ନ ପାଉଥିବା ସ୍ଥଳେ ହାଇକୋର୍ଟର ଏକଟିଂ ଜଜ ନିମନ୍ତେ ଗୁପ୍ତ ସାହେବଙ୍କ ଦାବି ଅଗ୍ରଗଣ୍ୟ ଏଥିରେ ସନ୍ଦେହ ନାହିଁ । ଗୁପ୍ତ ସାହେବ କିଛି ଉନ୍ନତି ପାଇଲେ ଏହା ସ୍ୱତନ୍ତ୍ର ବିଷୟ ହେଲେହେଁ ହାଇକୋର୍ଟରୁ ସେ ଉନ୍ନତି ନ ପାଇବାରୁ ଦେଶୀୟ ଲୋକଙ୍କ ମନରେ ଅସନ୍ତୋଷ ଜାତ ହୋଇଅଛି ଏବଂ ଜାତି ବିଦ୍ୱେଷରେ ଏହା ହୋଇଅଛି ବୋଲି କହିବାର ବାଟ ଦିଅଛି । ଆଶା କରୁଁ ଗବର୍ଣ୍ଣମେଣ୍ଟ ବିହାରୀଲାଲ ଗୁପ୍ତ ସାହେବଙ୍କ ପ୍ରତି ଶୀଘ୍ର ସୁବିଚାର କରି ସମସ୍ତଙ୍କର ସନ୍ତୋଷଭାଜନ ହେବେ ।

---

### ଗୋଟିଏ ଅତି କଠିନ ସମସ୍ୟା !

ପାଠକମାନଙ୍କର ସ୍ମରଣ ଥିବ ଯେ ଗତ ଅକ୍ଟୋବର ମାସରେ ଏ ନଗରର ମିଉନିସିପାଲିଟିର ଚେୟାରମାନ ଅକସ୍ମାତ୍ କେତେକ ଲୋକଙ୍କର ଟିକସ ବଢ଼ାଇ ଦେବାରେ ସେ ସମ୍ବନ୍ଧରେ ସାଧାରଣ ଅସନ୍ତୋଷ ଜାତ ହୋଇଥିଲା । ଅନେକ କରଦାତା ଆପତ୍ତି ଦରଖାସ୍ତ ଦେଇଥିଲେ ଏବଂ କେହି କେହି ଅଦାଲତରେ ନାଲିସ କରିବେ ବୋଲି ଆଇନମତେ ନୋଟିସ ଦେଇଥିଲେ । ମିଉନିସିପାଲ କମିସନରମାନେ ସେ ବିଷୟର ବିଚାର ନିମନ୍ତେ ଗୋଟିଏ ସଭା ଡାକିଲେ ଏବଂ ସେଠାରେ ସ୍ୱୟଂ ଚେଆରମେନ ଉପସ୍ଥିତ ହେଲେ । ସଭା ବିଚାର କରି ଦେଖିଲେ ଯେ କେବଳ ଯେଉଁ ସ୍ଥଳମାନଙ୍କରେ ଭ୍ରମ ଅଥବା ଅଜ୍ଞତା ହେତୁ ଅଳ୍ପ ଟିକସ ଧାର୍ଯ୍ୟ ହୋଇଥିବ ସେହି ସ୍ଥଳମାନଙ୍କରେ ଚେଆରମେନ ଆଇନମତେ ଟିକସ ବୃଦ୍ଧି କରି ପାରିବେ । ଆପତ୍ତିକାରୀଙ୍କର ପ୍ରଥମ ଜମାବନ୍ଦି ଭ୍ରମ ଅଥବା ଅଜ୍ଞତା ହେତୁକ ହୋଇ ଥିବାର କୌଣସି ହେତୁ ଚେଆରମାନ ସାହେବ ଦେଖାଇ ପାରିଲେ ନାହିଁ । ପ୍ରକୃତରେ କୌଣସି ବିଶେଷ ଅନୁସନ୍ଧାନ ବିନା ସେ ଟିକସ ବୃଦ୍ଧି କରିଥିବା ଏବଂ ତାହା ଦେଖାଇ ନ ଥିବାର ମିଉନିସିପାଲ କମିଶନରମାନେ ସିଦ୍ଧାନ୍ତ କରି ବୃଦ୍ଧି ଜମା କାଟିଦେଇ ପୂର୍ବର ଜମା ସ୍ଥିର ରଖିଲେ । ସେହି ସଭାର ନିର୍ଦ୍ଧାରଣ ଯଥା ନିୟମରେ ବିଭାଗୀୟ କମିଶନର ସାହେବଙ୍କ ନିକଟରେ ପ୍ରବେଶ ହୁଅନ୍ତେ ସାହେବ ମହୋଦୟ ଲେଖି ପଠାଇ ଅଛନ୍ତି ଯେ ଚେଆରମେନଙ୍କ ଆଦେଶ ଅନ୍ୟଥା କରିବାର କ୍ଷମତା ଆଇନମତେ ମିଉନିସିପଲ କମିଶନର ମାନଙ୍କର ନାହିଁ । ସୁତରାଂ କମିଶନର ମାନଙ୍କର ନିର୍ଦ୍ଧାରଣ ଆଇନ ବହିର୍ଭୂତ ଅତଏବ ରହିତ ହେବାର ଯୋଗ୍ୟ ଅଟେ । ମିଉନିସିପଲ କମିଶନରମାନେ ବିଭାଗୀୟ କମିଶନରଙ୍କ ମତରେ ଐକ୍ୟ ନୁହନ୍ତି ଏବଂ ସେମାନେ କହନ୍ତି କି ଏ ବିଷୟରେ ବିଭାଗୀୟ କମିଶନରଙ୍କର ହସ୍ତକ୍ଷେପ କରିବାର ଆଇନ ସଙ୍ଗତ କ୍ଷମତା ନାହିଁ । ଅତଏବ ମିଉନିସିପଲ କମିଶନରମାନେ ଗତ ଅଧିବେଶନରେ ଏ ବିଷୟରେ ଆଡଭୋକେଟ ଜେନେରଲଙ୍କର ମତ ନେବାର ସ୍ଥିର କରିଅଛନ୍ତି । ଆଡଭୋକେଟ ଜେନେରଲ ବିନା ଫିସରେ ବ୍ୟବସ୍ଥା ଦେବେ ନାହିଁ ଏବଂ ତାହାଙ୍କର ଫିସ ୮୫୯ ଟଙ୍କା ଅଟେ । ସୁତରାଂ ମିଉନିସିପାଲିଟି ବହୁ ଖରଚରେ ପଡ଼ିଲେ । ମାତ୍ର ବିଷୟଟି ଗୁରୁତର ଏବଂ ତହିଁର ଚୂଡ଼ାନ୍ତ ମୀମାଂସା ବାଞ୍ଛନୀୟ । ଶେଷ ମୀମାଂସା ଯାହା ହେବ ତାହା ଅନ୍ୟ ଦିନରେ ଜଣା ପଡ଼ିବ ।

---

### ପେଲେଗ ଅନୁସନ୍ଧାନର ଫଳ ।

ଭାରତର ପେଲେଗ ଅନୁସନ୍ଧାନ ନିମନ୍ତେ ଗବର୍ଣ୍ଣମେଣ୍ଟ ଗୋଟିଏ କମିଶନ ନିଯୁକ୍ତ କରିଥିଲେ । କମିଶନର କାର୍ଯ୍ୟ ଶେଷ କରି ରିପୋର୍ଟ ଦେବାରୁ ତହିଁର ଏକ ଅଂଶ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନିର୍ଦ୍ଧାରଣ ସହିତ ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇଅଛି । ଏହି ଅଂଶ ହାଫକିନ ସାହେବଙ୍କର ପେଲେଗ ବାରଣ ଟୀକା ସମ୍ବନ୍ଧରେ ଅଟେ । କମିଶନ ଅନେକ ଅନୁସନ୍ଧାନ ଓ ଅତ୍ୟନ୍ତ ସୂକ୍ଷ୍ମ ପରୀକ୍ଷାଦ୍ୱାରା ସିଦ୍ଧାନ୍ତ କରିଅଛନ୍ତି କି ହାଫକିନ ସାହେବଙ୍କ ଟୀକାଦ୍ୱାରା ଅନେକ ପରିମାଣରେ ପେଲେଗ ରୋଗ ନିବାରଣ ହୁଏ । ମାତ୍ର ଟୀକା ନେଇଥିବା ବ୍ୟକ୍ତିମାନେ ସମ୍ପୂର୍ଣ୍ଣରୂପେ ରୋଗର ଆକ୍ରମଣରୁ ରକ୍ଷା ପାନ୍ତି ନାହିଁ ମାତ୍ର ଶତକଡ଼ା [illegible] ରୁ ଅଧିକ ଆକ୍ରାନ୍ତ ହେବାର ଦେଖା ଯାଇ ନାହିଁ । ଯାହା ହେଉ ଟୀକାର ଉପକାରିତା ବିଷୟରେ ସନ୍ଦେହ ନାହିଁ ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଏହା ସ୍ଥିର ହୋଇଅଛି ଯେ ଟୀକାଦ୍ୱାରା ପେଲେଗର ଆକ୍ରମଣ ଅନେକ ପରିମାଣରେ ଊଣା ହୁଏ ଏବଂ ପୀଡ଼ିତ ବ୍ୟକ୍ତିର ଆରୋଗ୍ୟଲାଭର ସମ୍ଭାବନା ବୃଦ୍ଧି ହୁଏ । ଟୀକାର ବୀଜ ପ୍ରସ୍ତୁତ ପ୍ରଣାଳୀ ଆହୁରି ଭଲ ହେବାର ଉପାୟ ଅଛି ଏବଂ ତଦ୍ୱାରା ଉତ୍କୃଷ୍ଟତର ବୀଜ ପ୍ରସ୍ତୁତ ହେଲେ ଅଧିକ ଉପକାର ହେବ । ଟୀକା ନେବା ସମ୍ବନ୍ଧରେ କମିଶନ କହୁଅଛନ୍ତି ଯେଉଁଠାରେ ରୋଗର ସଞ୍ଚାର ନାହିଁ ସେଠା ଲୋକଙ୍କୁ ଟୀକା ନେବା ନିମନ୍ତେ ପ୍ରବୃତ୍ତ କରାଇବା ସହଜ ନୁହେ ମାତ୍ର ପେଲେଗ ଆକ୍ରାନ୍ତ ସ୍ଥାନର ଲୋକମାନେ ପୃଥକ୍ ବାସ କିମ୍ବା ସ୍ଥାନାନ୍ତରରୁ ବାହାର ଯିବାରୁ ରକ୍ଷା ପାଇବା କାରଣ ଟୀକା ନେବାକୁ ସହଜରେ ସମ୍ମତ ହେଉଅଛନ୍ତି । ମହାମାନ୍ୟ ଗବର୍ଣ୍ଣରଜେନେରଲ କମିଶନର ଏହି ମତରେ ଐକ୍ୟ ହୋଇ କହୁଅଛନ୍ତି କି ଯେଉଁଠାରେ ସୁବିଧା ହେବ ସେଠାରେ ବିଶେଷତଃ ଦୂଷିତ ବାସୁ ପରିଷ୍କାର କରିବା କାର୍ଯ୍ୟ ଏବଂ ପେଲେଗ ଚିକିତ୍ସାଳୟରେ ନିଯୁକ୍ତ ଥିବା କର୍ମଚାରୀଙ୍କୁ ଟୀକା ନେବା ବିଷୟରେ ବିଶେଷ ଉତ୍ସାହ ଦେବାକୁ ହେବ ଏବଂ ସ୍ୱାଧୀନ ମତଦ୍ୱାରା ଟୀକାର ଉପକାରିତା ନିଶ୍ଚିତ ହେବା ସ୍ଥଳେ ଏଣିକି ଜନସାଧାରଣ ଟୀକା ନେବାକୁ ପୂର୍ବାପେକ୍ଷା ଅଧିକ ଉତ୍ସାହିତ ହେବେ । ଯେଉଁଠାରେ ରୋଗ ଉଦୟ ହେବ ସେଠାର ଏବଂ ତହିଁର ନିକଟବର୍ତ୍ତୀ ଚତୁର୍ଦ୍ଦିଗର ଲୋକମାନେ ଯେରୂପେ ଟୀକା ନେବେ ତହିଁର ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ । ମାତ୍ର ଟୀକା ନେବା ଅଥବା ନ ନେବା ଲୋକଙ୍କର ସମ୍ପୂର୍ଣ୍ଣରୂପେ ସ୍ୱେଚ୍ଛାଧୀନ ରହିବ । ଏ ବିଷୟରେ ସରକାର ଏପର୍ଯ୍ୟନ୍ତ ଯେଉଁ

Split by PDF Splitter



ମାଇତ ଅନୁଷ୍ଠାନ କରି ଆସୁଅଛନ୍ତି ତହିଁର ବ୍ୟତିକ୍ରମ ହେବ ନାହିଁ ! ଗବର୍ଣ୍ଣମେଣ୍ଟ ଏକାନ୍ତ ଆଶା କରନ୍ତି କି ପ୍ରତ୍ୟେକ ସମାଜର ଉନ୍ନତ ଓ ଶିକ୍ଷିତ ବ୍ୟକ୍ତିମାନେ ଆପଣା ଆପଣାର ଅଳ୍ପ ଶିକ୍ଷିତ ଭ୍ରାତାମାନଙ୍କୁ ଟୀକାର ଉପକାରିତା ଉତ୍ତମରୂପେ ବୁଝାଇ ଦେବା କାରଣ ପୁନଃ ପୁନଃ ଯତ୍ନବାନ୍ ହେବେ ଯେମନ୍ତ କି ସେମାନେ ଟୀକାର ସୁଫଳ ହୃଦୟଙ୍ଗମ କରି ପାରି ତାହା ନେବାକୁ ପ୍ରବୃତ୍ତ ହେବେ । ସରକାରଙ୍କର ଏହି ପ୍ରବଳ ଆଶା ପୂର୍ଣ୍ଣ କରିବା କାରଣ ସମାଜପତିମାନେ ଯଥାସାଧ୍ୟ ଚେଷ୍ଟା କରିବେ ଏହିତ ଆମ୍ଭମାନଙ୍କର ଅନୁରୋଧ ।

— — —

## ଟ୍ରାନ୍ସଭାଲ ଯୁଦ୍ଧ ।

ଏ ଯୁଦ୍ଧ ସମ୍ବନ୍ଧରେ ଏ ସପ୍ତାହରେ ଗୋଟିଏ ଅତ୍ୟନ୍ତ ଶୋକାବହ ସମ୍ବାଦ ଆସିଅଛି । ଗତ ତା ୨୮ ରିଖର ଟାଇମ୍ସ ଯୋଗେ ଘୋଷିତ ହୋଇଅଛି ଯେ ଟ୍ରାନ୍ସଭାଲର ପ୍ରଧାନ ସେନାପତି ଜୁବର୍ଟ ସାହେବ ଉଦର ରୋଗରେ ପ୍ରାଣତ୍ୟାଗ କରିଅଛନ୍ତି । ଏହି ଯୁଦ୍ଧର ଆରମ୍ଭରୁ ଏପର୍ଯ୍ୟନ୍ତ ସେ ଅସାଧାରଣ ରଣପାଣ୍ଡିତ୍ୟ ଏବଂ ଚମତ୍କାର କୌଶଳ ଦେଖାଇ ସମସ୍ତ ପୃଥିବୀରେ ଧନ୍ୟ ୨ ହୋଇଥିଲେ ଏବଂ କେବଳ ତାହାଙ୍କର ଅନୁପମ ନେତୃତ୍ୱରେ ବୁଅର ସୈନ୍ୟମାନେ ଇଂରାଜଙ୍କର—ଏତେ ଅଧିକ ସଂଖ୍ୟାର ବିଷମ ସାହସୀ ସୈନ୍ୟ ଦଳକୁ ଅନେକ ଥର ପରାସ୍ତ କରିବାକୁ ସମର୍ଥ ହୋଇଥିଲେ । ଏମନ୍ତ ବୀର ପୁରୁଷର ହଠାତ୍ ମୃତ୍ୟୁରେ ସମସ୍ତେ ଦୁଃଖିତ ହେବେ ଏଥିରେ ସନ୍ଦେହ ନାହିଁ । ଆମ୍ଭମାନଙ୍କର ପରମ ଦୟାବତୀ ଶ୍ରୀମତୀ ମହାରାଣୀଙ୍କ ବିରୁଦ୍ଧରେ ସେ ଯୁଦ୍ଧ କରି ଅନେକ ସୈନ୍ୟ ନାଶ ଦ୍ୱାରା ତାହାଙ୍କୁ ଶୋକାକୁଳ କରିଥିଲେହେଁ, ୪ ଘଟଣାରେ ସେ ମଧ୍ୟ ଶୋକ ପ୍ରକାଶ କରିଅଛନ୍ତି । ପରିଣାମରେ ଇଂରାଜମାନଙ୍କର ଜୟ ହେବ ସେନାପତି ଜୁବର୍ଟ ସ୍ୱୟଂ ବୁଝିଥିଲେ ଏବଂ ବ୍ୟକ୍ତ କରିଥିଲେ । ମାଏ ସେକାଳ ପର୍ଯ୍ୟନ୍ତ ସେ ଜୀବିତ ଥାଇ ଆଉ କେତେ ବୀରତ୍ୱ ଦେଖାନ୍ତେ ଏହା ଦେଖିବାକୁ ସମସ୍ତେ ଆଶା କରିଥିଲେ । ଦୈବ ନ ସହିବ ଇଚ୍ଛାକାର ହେଲା । ପ୍ରେସିଡେଣ୍ଟ କ୍ରୁଗର ସାହେବ ସ୍ୱରାଜ୍ୟ ହରାଇ ହତବୁଦ୍ଧି ହୋଇଅଛନ୍ତି । ସେନାପତି ମହାବୀର ଜଣ୍ଡ ଜାଉବାପୁ ହୋଇ ଇଂରାଜଙ୍କର ବନ୍ଦୀ ହୋଇ ସେଣ୍ଟହେଲେନା ଦ୍ୱୀପରେ ବାସ କରୁଅଛନ୍ତି ଏବଂ ପ୍ରଧାନ ସେନାପତି ଜୁବର୍ଟ ଇହଧାମରୁ ପ୍ରସ୍ଥାନ କଲେ । ଏହା ରଣ ଯୁଦ୍ଧଚଳା ଏବଂ ଆହାର ପାଦାଦର ଅନ୍ନସୂନ ହେତୁ ତାହାଙ୍କର ଶରୀର ପତନ ହେଲା ସନ୍ଦେହ ନାହିଁ ଏଥି ଉତ୍ତାରୁ ବୁଅରମାନଙ୍କର ଆଉ ଯୁଦ୍ଧରେ ପ୍ରବୃତ୍ତ ହେବା ସମ୍ଭବ ନା, ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ, ଟ୍ରାନ୍ସଭାଲର ପ୍ରେସିଡେଣ୍ଟ କ୍ରୁଗର ସାହେବ ଆପଣାର ଆଶା ଛାଡ଼ି ନାହାନ୍ତି । ସ୍ୱାଧୀନ ପ୍ରିୟତା ତାହାଙ୍କ ମନକୁ ଏତେ ପ୍ରବଳରୂପେ ଅଧିକାର କରିଅଛି ଯେ ୮୦ ବର୍ଷର ବୃଦ୍ଧ ହୋଇ ସୁଦ୍ଧା ସେ ରାଜ୍ୟ ଶାସନ କର୍ତ୍ତାର ଗୁରୁଭାର ଉପରେ ସେନାପତିର ଭାର ସ୍ୱୟଂ ଗ୍ରହଣ କରି ବୁଅର ସେନାକୁ ଯୁଦ୍ଧରେ ମତାଉଅଛନ୍ତି । ଏହାର ଫଳ ଅଧିକ ରକ୍ତପାତ ବିନା ଆଉ କିଛି ଦେଖା ନାହିଁ ଏବଂ ଏଥିପାଇଁ ଆମ୍ଭେମାନେ ଏକାନ୍ତ କାମନା କରୁଁ କି ତାହାର ମଧ୍ୟସ୍ଥତାରେ ଶୀଘ୍ର ସନ୍ଧି ହୋଇ ଏ ଯୁଦ୍ଧ ଶେଷ ହେଲେ ବଡ଼ ଉତ୍ତମ ହେବ ।

ଇଂରାଜମାନେ ବ୍ଲୋମଫଣ୍ଟେନ ନଗର ଅଧିକାର କଲାଉତ୍ତାରୁ ତା ୮।୧୦ ଦିନ କାଳ ଯୁଦ୍ଧ ସ୍ଥଗିତ ଥିଲା । ତହିଁଉତ୍ତାରୁ ଏକଦଳ ଇଂରାଜ ସୈନ୍ୟ ଏକଦଳ ଯୁଦ୍ଧରେ ବୁଅରମାନଙ୍କୁ ପରାସ୍ତ କରି ମାଇଲ ୧୨ ଦୂର ଅଗ୍ରସର ହେଲେ । ଏପର୍ଯ୍ୟନ୍ତ ଇଂରାଜମାନେ ଜୟଲାଭ କରିଥିଲେ । ମାତ୍ର ଗତମାସ ତା ୩୦ ରିଖର ସମ୍ବାଦରୁ ଜଣାଯାଏ ଯେ ଏକସ୍ଥାନରେ ବୁଅରମାନେ ଇଂରାଜଙ୍କର ଘଉଣି ଆକ୍ରମଣ କରି ଏମନ୍ତ ଗୋଳାବୃଷ୍ଟି କଲେ ଯେ ଇଂରାଜ ସୈନ୍ୟ ସହିପାରିଲେ ନାହିଁ ଏବଂ ପରାସ୍ତ ହେଲେ । ଏଠାରେ ବୁଅର ସୈନ୍ୟ ୮।୧୦ ହଜାର ଥିଲେ ଏବଂ ଇଂରାଜଙ୍କର ସଞ୍ଜ ନ ୫୬୦ ଣ ମଧ୍ୟରୁ ନ ୨୦୦ ଣର ଠିକଣା ମିଳୁ ନ ଥିଲା । ଅନେକ ଘୋଡ଼ା ସୈନ୍ୟ ସହିତ ଦଳ ହେବାର ଏବଂ ଗୋ ୯ ଟା ତୋପ ଓ ଯୁଦ୍ଧସାମଗ୍ରୀ ଶତ୍ରୁର ହସ୍ତଗତ ହେଲା ଏଥିଉତ୍ତାରୁ ଶୁଭସମ୍ବାଦ ଆସିଅଛି ଯେ ଇଂରାଜମାନେ ହରାଇଥିବା ତୋପମାନ ପୁନଃପ୍ରାପ୍ତ ହୋଇଅଛନ୍ତି । ଏପରି ଟ୍ରାନ୍ସଭାଲ ରାଜଧାନୀରେ ବନ୍ଦୀଥିବା ଦୁଇଜଣ ଇଂରାଜ କପ୍ତାନ ଅସାଧାରଣ କୌଶଳକ୍ରମେ ପଳାଇ ଆସିଅଛନ୍ତି ।

:—————;

## ବଜେଟର ସମାଲୋଚନା ।

ବଡ଼ଲାଟଙ୍କର ବ୍ୟବସ୍ଥାପକ ସଭାର ଗତମାସର ତା ୨୮ ରିଖରେ ବଜେଟର ସମାଲୋଚନା ହୋଇଥିଲା । ସଭାର ପ୍ରାୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ଏବଂ ଦିବା ୧୧ ଘଣ୍ଟା ସମୟରେ କାର୍ଯ୍ୟାରମ୍ଭ ହୋଇ ପ୍ରାୟ ସନ୍ଧ୍ୟା ସମୟରେ ଶେଷ ହେଲା । ଏହାହିଁ ଏ ବର୍ଷରେ କଲିକତାର ଶେଷ ଅଧିବେଶନ । ଏଥି ଉତ୍ତାରୁ ସିମଲାଠାରେ ବ୍ୟବସ୍ଥାପକ ସଭାର କାର୍ଯ୍ୟ ହେବ । ବଜେଟ ସମ୍ବନ୍ଧରେ ପ୍ରତ୍ୟେକ ସଭ୍ୟ ଯେସବୁ କଥା କହିଥିଲେ ଏବଂ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଯେଉଁ ଉତ୍ତରମାନ ପ୍ରଦତ୍ତ ହୋଇଥିଲା ସେସମସ୍ତ ଲେଖିବାକୁ ସ୍ଥାନ ନାହିଁ । ସେହି ତର୍କବିତର୍କରେ ଯେଉଁ ଗୁରୁତର ବିଷୟମାନ ପ୍ରକାଶିତ ହୋଇଅଛି ତହିଁର ସଂକ୍ଷେପ ପରିଚୟ ପାଠକମାନଙ୍କୁ ଦେଉଅଛୁଁ । ଏ ବର୍ଷର ବଜେଟ ଯେ ଅତ୍ୟନ୍ତ ସନ୍ତୋଷଜନକ ହୋଇଅଛି ସେଥିରେ ସମସ୍ତ ସଭ୍ୟ ଐକ୍ୟ ହୋଇଅଛନ୍ତି । ପ୍ରକୃତରେ ତହିଁ ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ମଙ୍ଗଳବାଦ ପ୍ରଦାନ କରିବା ଉଚିତ । ଏକା ଦୁର୍ଭିକ୍ଷ ସାହାଯ୍ୟ ଓ ତହିଁର ଆନୁସଙ୍ଗିକ ବ୍ୟୟ ପ୍ରାୟ ୧୬ କୋଟି ଟଙ୍କାର ବ୍ୟବସ୍ଥା କରି ତଥାପି ସ୍ଥଳେ ଉଦ୍‌ବର୍ତ୍ତ ଟଙ୍କା ଦେଖାଇବାକୁ ସମର୍ଥ ହୋଇଅଛନ୍ତି ସାମାନ୍ୟ ସୁଖର ବିଷୟ ନୁହେ । ଏଥିରୁ ପ୍ରକାଶ ଯେ ଭାରତର ରାଜସ୍ୱ ପ୍ରକୃତରେ ବର୍ଦ୍ଧନଶୀଳ କେବଳ ଦୁର୍ଭିକ୍ଷ କେତେ୨ ବର୍ଷ ଦେଖା ଦେଉଅଛି ନୋହିଲେ ଉନ୍ନତି ସାଧନ କାର୍ଯ୍ୟ ଅନେକ ହୋଇପାରନ୍ତା । ସୈନିକ ବ୍ୟୟ ନ ବଢ଼ାଇବାର ପ୍ରସ୍ତାବ ଉଠୁଥିରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଦକ୍ଷିଣ ଆଫ୍ରିକାର ଉଦାହରଣ ଦେଖାଇ କହିଅଛନ୍ତି ଯେ ଭାରତର ସେନା ପ୍ରୟୋଜନର ଅଧିକ ନୁହେ ବରଂ ବୃଦ୍ଧି ହେବା ଆବଶ୍ୟକ ଏବଂ ଉତ୍କୃଷ୍ଟ ଅସ୍ତ୍ର ବିନା ସେନା ରଖିବା ବିଫଳ । ଦେଶୀୟ ସୈନ୍ୟଙ୍କୁ ଏ ବର୍ଷ ଉତ୍କୃଷ୍ଟ ବନ୍ଧୁକ ଦିଆଯିବ ଏବଂ ତହିଁ ପାଇଁ ଅଧିକା ବ୍ୟୟ ଅନିବାର୍ଯ୍ୟ । ଦେଶୀୟ ସଭ୍ୟମାନଙ୍କ ବିଶେଷତଃ ମହାରାଜା ଦରଭଙ୍ଗା, ଶ୍ରୀଯୁକ୍ତ ବସୁ ଏବଂ ଶ୍ରୀଯୁକ୍ତ ମେହତା ଚିରସ୍ଥାୟୀ ବନ୍ଦୋବସ୍ତ ଖଜଣା ଅଦାୟର ସୁବିଧା ଏବଂ କୃଷିକାର୍ଯ୍ୟର ଉନ୍ନତି ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତହିଁ ଉତ୍ତରରେ ଶ୍ରୀଯୁକ୍ତ ଇବେଟ୍‌ସନ କହିଲେ କି ସେ ବିଷୟମାନ ଗବର୍ଣ୍ଣମେଣ୍ଟ-

Digitized by srujanika@gmail.com

Split by PDF Splitter



ଙ୍କର ବିଶ୍ୱାସାଧୀନରେ ଅଛି ମାତ୍ର ସ୍ୱଜନସ୍ୱ ସ୍ଥଳ ବିଶେଷରେ କଦାଚିତ୍ ଦେଖାଯିବା ଏକ ପ୍ରକାର ଅସମ୍ଭବ ଅଟେ । କୃଷିର ଉନ୍ନତି ନିମନ୍ତେ ଷ୍ଟେଟ ସେକ୍ରେଟରୀ ଏକଜଣ କୃଷି ଡିରେକ୍ଟର ନିଯୁକ୍ତ କରିବାର ମଞ୍ଜୁର କରିଅଛନ୍ତି । ଉପଯୁକ୍ତ ଲୋକ ପ୍ରାପ୍ତ ମାତ୍ରେ ସେ କାର୍ଯ୍ୟରେ ନିଯୁକ୍ତ କରି ପଠାଯିବେ ଏବଂ ସେ ମହାଶୟ ପ୍ରତ୍ୟେକ ପ୍ରଦେଶର କୃଷି ବିଭାଗକୁ ନାନାମତେ ସାହାଯ୍ୟ କରିବେ । ଗବର୍ଣ୍ଣମେଣ୍ଟଙ୍କର ବିଶ୍ୱାସ ଯେ କୃଷିକାର୍ଯ୍ୟର ଉନ୍ନତି ହେଲେ ପ୍ରଜାଙ୍କର ସୁଦଶା ଉପସ୍ଥିତ ହେବ ଏବଂ ରେଲବେ ଓ ନାଲ ବିସ୍ତାରଦ୍ୱାରା ଦୁର୍ଭିକ୍ଷର ଆକ୍ରମଣ ହ୍ରାସ ହେବ । ଏହି ଅଭିପ୍ରାୟରେ ନୂତନ ନୂତନ ରେଲ ବା ଏବଂ ନାଲ ନିର୍ମାଣ ନିମନ୍ତେ ଯଥେଷ୍ଟ ଟଙ୍କା ବଜେଟରେ ଖଞ୍ଜା ହୋଇଅଛି । ପୂର୍ତ୍ତ ବିଭାଗର ସଦସ୍ୟ ପ୍ରକାଶ କଲେ କି ସ୍ୱଦେଶୀୟ ତାରଖବରର ଆଧିକ୍ୟ ହେତୁ ଟେଲିଗ୍ରାଫ ବିଭାଗର ଆୟ ବଢ଼ିଅଛି । ଯେଣୁ ବର୍ଦ୍ଧିତ ଆୟ ନୂତନ ନୂତନ ଟେଲିଗ୍ରାଫ ଲାଇନ ପ୍ରସ୍ତୁତ ଏବଂ ଅଧିକା କର୍ମଚାରୀ ନିଯୋଗରେ ବ୍ୟୟ ହେବ ଏବଂ ତଦ୍ୱାରା ତାରସମ୍ବାଦ ପଠାଇବା ପ୍ରତି ବର୍ତ୍ତମାନ ଯେଉଁ ଅସୁବିଧା ଘଟୁଅଛି ତାହା ନିବାରିତ ହେବ । ଶ୍ରୀଯୁକ୍ତ ମ୍ୟୁଇନ ସାହେବ ପ୍ରକାଶ କଲେ କି ବୃକ୍ଷର ଜଙ୍ଗଲ ବିଭାଗର ପରିଦର୍ଶନ କାର୍ଯ୍ୟରେ ମୂଳ ଲକ୍ଷରୁ କିଛି ଅଳ୍ପ ଟଙ୍କା ଅଧିକା ବ୍ୟୟ ହେବାରେ ଅଧିକା ପ୍ରାୟ ୧୬ ଲକ୍ଷ ଟଙ୍କା ଜଙ୍ଗଲ ରାଜସ୍ୱ ଆଦାୟ ହୋଇଅଛି । ଅତଏବ ଜଙ୍ଗଲ ବିଭାଗ ନିମନ୍ତେ ବିଲାତରୁ ଆଉ କେତେଜଣ ଜଙ୍ଗଲ କର୍ମଚାରୀ ଆଣିବାର ଆବଶ୍ୟକ । ଗବର୍ଣ୍ଣମେଣ୍ଟ ଏ ବିଷୟରେ ନିସ୍ପୃହ ମତ ଦେଇ ନ ପାରି ବିବେଚନା କରୁଥିବାର କହିଲେ । ଯାହାହେଉ ବ୍ରିଟିଶ ରାଜ୍ୟରେ ପ୍ରସ୍ତୁତ ହେଉଥିବା ଲବଣ କର ହ୍ରାସ ଏବଂ ସେହି ରାଜ୍ୟର କେରୋସିନ ତେଲ ବ୍ୟବସାୟ ସମ୍ବନ୍ଧରେ ନୂତନ ଆଇନ କରିବାକୁ ମନସ୍ଥ କରୁଥିଲେ । ମାନ୍ଦ୍ରାଜର ସଦସ୍ୟ ଶ୍ରୀଯୁକ୍ତ ଚେଟି ସାହେବ କହିଲେ କି ଦେଶୀୟ ଖ୍ରୀଷ୍ଟିୟାନଙ୍କର ବିବାହଘଟିତ ଯେଉଁପରି ଆଇନ ସେମାନଙ୍କ ଅନେକ ସମ୍ପ୍ରଦାୟର ଖ୍ରୀଷ୍ଟିୟାନମାନଙ୍କ ପକ୍ଷରେ ବଡ଼ କଷ୍ଟକର ହୋଇଅଛି ଏବଂ ତହିଁର ସଂଶୋଧନ ଆବଶ୍ୟକ । କୋର୍ଟଫିସ ଷ୍ଟାମ୍ପ ବିକ୍ରୀ କ୍ରମାଗତ ବଢ଼ିବା ଅର୍ଥାତ୍ ସନ ୧୮୯୬।୯୭ ରେ ୩ କୋଟି ୬୮ ଲକ୍ଷରୁ ସନ ୧୯୦୦।୧୯୦୧ ରେ ୩ କୋଟି ୭୧ ଲକ୍ଷ ଇଷ୍ଟିମେଟ ହୋଇଥିବା ଅଥବା ବାର୍ଷିକ ୪ ଲକ୍ଷ ବଢ଼ିବା କଥା ଉଲ୍ଲେଖ କରି ଶ୍ରୀଯୁକ୍ତ ଚିଟନିସ ସାହେବ କହିଲେ କି ପ୍ରତିବର୍ଷ ଏତେ ଟଙ୍କା ଲୋକଙ୍କ ହାତରୁ ବାହାରି ଯିବା ଗୁରୁତର ବିଷୟ ଅଟେ । ଅତଏବ ମୋଫସଲବାସୀମାନେ ଅଫିସରେ ମୋକଦ୍ଦମାର ମୀମାଂସା କରିନେବାର ସୁବିଧା ପାଇଲେ ଏତେ ଅଧିକ ଖରଚରେ ପଡ଼ିବେ ନାହିଁ ଏବଂ ତଦ୍ୱାରା ସେମାନଙ୍କର ଅବସ୍ଥା କିଛି ଭଲ ହେବ । ପ୍ରଧାନ ସହରମାନଙ୍କ ନିମନ୍ତେ ଯେପରି ସାଲିସ ଆଇନ ଜାରି ହୋଇଅଛି ମୋଫସଲ ନିମନ୍ତେ ସେପରି ଶୀଘ୍ର ଏ ଆଇନ ହେବା ଉଚିତ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଖୋର୍ଦ୍ଧାର ଡବଲ୍ୟୁ ମାକନ୍ଫିଡ ଓ ଜେ, ଫଲେଚର ମିଃ ଏ, ଗାରେଟ ରାଜ୍ୟ ଆରମ୍ଭ ପର୍ଯ୍ୟନ୍ତ ପ୍ରସିଡେନ୍ସି କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ପୁରୀର ଜେଃ ମାକନ୍ଫିଡ ଓ ଡେଃ କଲେକ୍ଟର ବାବୁ ସ୍ୱସ୍ତ ବହାଲ କାର୍ଯ୍ୟ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଖୋର୍ଦ୍ଧା ସବଡ଼ିଭିଜନର ଭାର ପ୍ରାପ୍ତ ହେଲେ ।

ବୋର୍ଡର ମେମ୍ବର ମାନନୀୟ ମିଃ ଜ, ଟେଏନ ଆଗାମୀ ମଇମାସ ତା ୪ ରିଖଠାରୁ ଏକମାସ ବିଶେଷ ଛୁଟି ପାଇଲେ ।

ଜେଃ ମାକନ୍ଫିଡ ଓ ଜେଃ କଲେକ୍ଟର ବାବୁ ଯୋଗେନ୍ଦ୍ର ନାରାୟଣ ମିତ୍ର ଖୋର୍ଦ୍ଧା ତହସିଲଦାର ପଦରେ ନିଯୁକ୍ତ ହେଲେ ।

ମିଃ ଇ; ଏ; ଗେଟ ବଙ୍ଗପ୍ରଦେଶର ସେନସସ କାର୍ଯ୍ୟର ସୁପରିଣ୍ଟେଣ୍ଡେଣ୍ଟ ପଦରେ ଗତ ଅପ୍ରେଲମାସ ତା ୨ ରିଖଠାରୁ ନିଯୁକ୍ତ ହେଲେ ।

ଜାଜପୁରର ସବ ଡେଃ କଲେକ୍ଟର ବାବୁ ମୁରାରି ମିଶ୍ର ଡିଷ୍ଟ ବୋର୍ଡ ନିମନ୍ତେ କେନ୍ଦ୍ରାପଡ଼ା ସବଡ଼ିଭିଜନକୁ ସ୍ଥାନାନ୍ତରିତ ହେଲେ ।

ବାବୁ ତ୍ରୈଲୋକ୍ୟ ନାଥ ଘୋଷ ବାଲେଶ୍ୱରର ସଦର ପୋଷ୍ଟଅଫିସର ଡେପୁଟିମାଷ୍ଟର ପଦରେ ନିଯୁକ୍ତ ହେଲେ ।

---

ଗତ ମଙ୍ଗଳବାର ସନ୍ଧ୍ୟାରେ ଏ ନଗରରେ ସାମାନ୍ୟ ବୃଷ୍ଟି ହୋଇଥିଲା । ତହିଁସଙ୍ଗେ ପବନ ଥିଲା ଓ କୁଆପଥର ପଡ଼ିଥିଲା । ଏଥିରେ ଗ୍ରୀଷ୍ମ ଉଣା ନ ହୋଇ ବରଂ ବଢ଼ି ଯାଇଅଛି ।

ଗତ ସପ୍ତାହରେ କେବଳ ରଇସୁଲ ଛଡ଼ା ଓଡ଼ିଶାର ଅନ୍ୟ ସମସ୍ତ ଜିଲ୍ଲାରେ ଖଣ୍ଡବୃଷ୍ଟି ହୋଇଥିଲା । ମାତ୍ର ଜଳବୃଷ୍ଟି ଚଷାରଣ ନିମନ୍ତେ ପ୍ରଚୁର ନୁହେ ।

ଏ ନଗରରେ ସାମାନ୍ୟ ଜ୍ୱରଛଡ଼ା ଏ ସପ୍ତାହରେ କୌଣସି ରୋଗର ଉତ୍ପାତ ନାହିଁ ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ସୋମବାରଠାରୁ ବେଳ ଏଠାର ନଜରବନ୍ଦ କଲେକ୍ଟରିରେ କଚେରି କରି ଅଛିଲ ଆରମ୍ଭ କରିଥିଲେ । ସାହେବଙ୍କର ବଙ୍ଗଳାର ଓ ମିନାର ଦେଖି ଲୋକେ ସନ୍ତୁଷ୍ଟ ହେବାର ଜଣାଯାଏ ।

ଏଠା କମିଶନରଙ୍କ କଚେରିର କଲେକ୍ଟରୀ ହତା ମଧ୍ୟରେ ନିର୍ମାଣ ହେବା କାରଣ ଇଟା ପଥର ଇତ୍ୟାଦି ଜମା ହେଉଅଛି । ଶୀଘ୍ର କାର୍ଯ୍ୟାରମ୍ଭ ହେବ ।

ନୟାଗଡ଼ର ରାଜା ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଏ ନଗରକୁ ଆସିଥିଲେ । ସେଠା ଗବର୍ଣ୍ଣମେଣ୍ଟ ଏଜେଣ୍ଟଙ୍କ ନିମନ୍ତେ ଗୃହାଦି କରିବା ତାହାଙ୍କର ଲକ୍ଷ୍ୟପ୍ରାପ୍ତ ଏବଂ ଶୁଣିବାରେ ସେ ବିଷୟରେ ତରଫରୁ ଦେଇଅଛନ୍ତି ଓ ଅଭିଷେକ ବାବୁ ବୃନ୍ଦାବନ ନାୟକ ତଦନ୍ତ ନିମନ୍ତେ ସେଠାକୁ ଯାଇଅଛନ୍ତି ।

ଗତ ସୋମବାରଠାରୁ ନାଥଯୋଡ଼ ଓ କୁଆଖାଇ ନଦୀର ପୁଲ ଉପରେ ରେଲଓ୍ୱେ ଟ୍ରେଣ ଚଳିବାର ଆରମ୍ଭ ହୋଇଅଛି ଏବଂ ଅନେକଲୋକ ଏହି ନୂଆ କୌତୁକ ଦେଖୁ ଅଛନ୍ତି ।

କେନ୍ଦ୍ରାପଡ଼ା ନାଲ ବନ୍ଦ ଥିବାରୁ ତାଳଦଣ୍ଡା ନାଲବାଟେ କଟକ ଓ ଚାନ୍ଦବାଲି ଜାହାଜ ଯିବା ଆସିବା କରୁଅଛି । ଶୁଣାଯାଏ ଯେ ଏକବର୍ଷ ପର୍ଯ୍ୟନ୍ତ ତାଳଦଣ୍ଡା ନାଲରେ ପରୀକ୍ଷା ସ୍ୱରୂପ ଷ୍ଟିମବୋଟ ଯିବା ଆସିବା କରିବ ।

ଯଶୋହରରେ ଓଲାଉଠା ଉଦୟ ହୋଇଅଛି ।

ତାଡ଼ି ଦୋକାନର ଅବକାରି ବନ୍ଦୋବସ୍ତରେ ବିଳମ୍ବ ଘଟିବାରୁ ଏ ନଗରରେ ଦ ୪ ଜ ପିଣ୍ଡ ଦୋକାନ ବନ୍ଦ ପଡ଼ିଥିଲା ।

ବାଲେଶ୍ୱର ସମ୍ବାଦବାହିକାରେ ପାଠ କଲୁ କି ସେ ନଗରର ଚୂଡ଼ାମଣି ହାଟରେ ଏକ ମୁସଲମାନ ସ୍ତ୍ରୀର କିଏ ଗଳା କାଟି ହତ୍ୟା କରିଅଛି । ଘଟଣା ସରଭାତରେ ଘଟିଥିଲା ଏବଂ ତାହାର ସ୍ୱାମୀ ଅଦୃଶ୍ୟ ହୋଇଥିଲା । ପୁଲିସ ସେ ଲୋକକୁ ଧରି ମୋକଦ୍ଦମାର ତଦନ୍ତ କରୁଅଛନ୍ତି ।

ପେଲଗ ପରୀକ୍ଷା ନିମନ୍ତେ ଖଡ଼ଗପୁର ରେଲଓ୍ୱେ ଷ୍ଟେସନଠାରେ ଗୋଟିଏ ଥାନା କରିଅଛି । କଲିକତାରେ ପ୍ଲେଗ ପ୍ରବଳ ହୋଇଥିବାରୁ ସେ ଘାଟରେ ରେଲଯାତ୍ରୀମାନଙ୍କ ପରୀକ୍ଷା କରିବାର ଆବଶ୍ୟକ ହୋଇଅଛି ।

ଗଞ୍ଜାମ ଜିଲ୍ଲାରୁ ପ୍ରକାଶ ଯେ ଦକ୍ଷିଣଦେଶଠାରେ ଏକ ନାଟକାରିକମ୍ପ ଦଳ ପ୍ରସ୍ତୁତ ହୋଇଅଛି ଏବଂ ବାରଙ୍ଗନାଙ୍କ ସହିତ କେତେକ ଶିକ୍ଷକ ଓ ଛାତ୍ର ସେ ଦଳଭୁକ୍ତ ହୋଇଅଛନ୍ତି । ଏ ବିଷୟ ଅବଶ୍ୟ ଶିକ୍ଷା ବିଭାଗର ଦୃଷ୍ଟିରେ ପଡ଼ିବ ।

ଗତ ରବିବାର ରାତ୍ରି ଘ ୧୮ ଠା ବେଳେ କଲିକତାଠାରେ ଗଙ୍ଗାନଦୀରେ ଝଡ଼ ପ୍ରବଳ ଜୁଆର ଆସିଥିଲା । ପୁ ୭ ଟେ ଭିତରେ ଏମନ୍ତ ବେଗରେ ଜୁଆର ମାଡ଼ିଆସିଥିଲା ଯେ କେତେ ନୌକା ଦୋହଲି ଛିଣ୍ଡାଇ ଭାସିଗଲା ଓ କେତେ ବୁଡ଼ିଗଲା । କେତେଜଣ ନାଉରିଆ ବୁଡ଼ି ମରିଅଛନ୍ତି ଏବଂ ଅନେକ ସମ୍ପତ୍ତି ନଷ୍ଟ ହୋଇଅଛି ।

ଇଷ୍ଟଇଣ୍ଡିଆ ରେଲ କମ୍ପାନିର ହାଓଡ଼ା ଷ୍ଟେସନ ସଙ୍ଗେ କଲିକତା ଜାନପୁର କମ୍ପାନିର ରେଲଷ୍ଟେସନ ନିର୍ମାଣ ହେଉଅଛି ।

ବାରଗଡ଼ ନିକଟ ସୁଆ ଗ୍ରାମର ବାବୁ ମହେନ୍ଦ୍ରନାଥ ମୁଖୋପାଧ୍ୟାୟଙ୍କ ଘରେ ଡକାଇତି କରି ୨ ହଜାର ଟଙ୍କା ଲୁଟି ନେବା ଅପରାଧରେ ନ ୪ ଜଣ ପଞ୍ଚମା ଦଣ୍ଡ ପାଇଅଛନ୍ତି ।

ମାନ୍ଦ୍ରାଜର ମଦୁରା ନଗରରେ ଏକଥର ଭକ୍ତି ଭାରତ ବ୍ୟବସାୟ କରୁଥିଲେ । ଭାରତରେ କପଡ଼ ନିଅଁ ଲାଗିବାରୁ ନ ୨ ଣ ସ୍ତ୍ରୀ ଓ ନ ୭ ଣ ପୁରୁଷ ପୋଡ଼ି ମରିଅଛନ୍ତି ।

ଯୋଧପୁରର ମହାରାଜାଙ୍କ ନିମନ୍ତେ ସରକାର ବାହାଦୁର ଦୁଇ କୋଟି ଟଙ୍କା ଉଦ୍ଧାର ଦେଇଅଛନ୍ତି । ମାଇବାହର ପ୍ରଚଳିତ ପଇସା ଟଙ୍କା ବଦଳାଇବା ନିମନ୍ତେ ନଗଦ ଟଙ୍କାର ପ୍ରୟୋଜନ ।

Digitized by srujanika@gmail.com

ଦ୍ୱାରବଙ୍ଗର ମହାରାଜା ତୀର୍ଥ ଭ୍ରମଣ ନିମନ୍ତେ କଲିକତାରୁ ଯାତ୍ରା କରି କାଶୀ ଧାମରେ ପହୁଞ୍ଚି ଅଛନ୍ତି। ସେ ଅଯୋଧ୍ୟା, ମଥୁରା, ବୃନ୍ଦାବନ ବେଣୀ ହରଦ୍ୱାର ଏବଂ ବଦ୍ରିନାଥ ପର୍ଯ୍ୟନ୍ତ ଯିବେ। ପଣ୍ଡାମାନଙ୍କର ସୁପାରିଶ ପଡ଼ୁଅଛି।

ଲ୍ୟାଗ ସମ୍ଭୁନାଥ ଓ ଅଟ୍ଟାଳିକାବାସୀ ଶରତବାବୁ ସାତେ ଛଅ ଟଙ୍କା ସୁଧର ୫୨୦୦୦ ୧ କା ମୂଲ୍ୟର କମ୍ପାନୀ କାଗଜ ଏହି ନିୟମରେ କଲେଜ ଦଶ ଉପାଳନ୍ଦକୁ ଦାନ କରିଅଛନ୍ତି ଯେ ଉକ୍ତ ଅର୍ଥର ସୁଦରୁ ଶିକ୍ଷା ନିମନ୍ତେ ଗୋଟିଏ ଛାତ୍ରବୃତ୍ତିରେ ବ୍ୟୟ ହେବ ଏବଂ ସେହି ବୃତ୍ତି ତାହାଙ୍କ ନାମରେ ଚିରସ୍ଥାୟୀ ହୋଇ ରହିବ। ଉକ୍ତ କଲେଜର ସେହି ବନ୍ଧୁତ୍ୱପୂର୍ଣ୍ଣ କର୍ମାଙ୍କୁ ଧନ୍ୟବାଦ ଦେଉଅଛନ୍ତି।

ଭାରତ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ କଲିକତାର ମାନସନ ହାଉସରେ ଫେବୃଆରି ୯ ପର୍ଯ୍ୟନ୍ତ ୨୦ ଲକ୍ଷ ୨୪ ହଜାର ଟଙ୍କା ସଂଗୃହୀତ ହୋଇଅଛି।

ଟ୍ରାନ୍ସଭାଲ ଯୁଦ୍ଧ ସମ୍ବନ୍ଧୀୟ ସାହାଯ୍ୟ ପାଣ୍ଠିରେ ଗତ ମାର୍ଚ୍ଚ ତା ୧୪ ରିଖ ପର୍ଯ୍ୟନ୍ତ ୧୧୬ ଲକ୍ଷ ଟଙ୍କା ବିଲାତରେ ଜମା ହୋଇଅଛି। ଉପନିବେଶମାନଙ୍କରୁ ଯଥୋଚିତ ଭେଟି ଆସୁଅଛି।

କଲିକତାର ମୁସଲମାନ ସମ୍ପ୍ରଦାୟ ସେ ଅଞ୍ଚଳର ଦରିଦ୍ର ମୁସଲମାନ ପିଲାଙ୍କର ଶିକ୍ଷା ନିମନ୍ତେ କୋଡ଼ିଏ ହଜାର ଟଙ୍କା ସାହାଯ୍ୟ ପାଇବାର ପ୍ରାର୍ଥନା କରିଥିଲେ। ମାତ୍ର ଗବର୍ଣ୍ଣମେଣ୍ଟ ତାହା ନାମଞ୍ଜୁର କରିଅଛନ୍ତି।

ଢାକା ଜିଲ୍ଲାର ଅନେକ ସ୍ଥାନରେ ଓଲାଉଠା ଅତି ପ୍ରବଳ ହୋଇଅଛି।

ବେହାର ପ୍ରଦେଶର ଦାନାପୁରରେ ପ୍ଳେଗ ରୋଗ ଏମନ୍ତ ପ୍ରବଳ ହୋଇଅଛି ଯେ ରୋଗିମାନେ ଦ ୧୭ ଘଣ୍ଟାରୁ ଅଧିକ ବଞ୍ଚୁ ନାହାନ୍ତି। ଦୈନିକ ମୃତ୍ୟୁ ୫୦।୬୦ ରୁ ଊଣା ନୁହେଁ। ଅନେକ ଲୋକ ସହର ଛାଡ଼ି ପଳାଇଅଛନ୍ତି।

## ଯାଜପୁର-ସମ୍ବାଦ।

ଗତ ମାର୍ଚ୍ଚମାସ ତା ୨୮ ରିଖ ବୁଧବାର ମଧୁ କୃଷ୍ଣ ତ୍ରୟୋଦଶୀ ଉପଲକ୍ଷରେ ଏଠା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ବାରୁଣୀ ଯୋଗ ପଡ଼ିଥିଲା ସେଥିରେ ପ୍ରାୟ ପାଞ୍ଚ ହଜାର ପର୍ଯ୍ୟନ୍ତ ଯାତ୍ରୀ ହୋଇଥିଲେ ଏବର୍ଷ ବିଶେଷ ଯୋଗ ନ ହେବାରୁ ଯାତ୍ରୀ ସଂଖ୍ୟା ଏତେ କମ ହୋଇଥିଲା।

ଏଠା ମୁନସଫି ଅଦାଲତର ସେରସ୍ତାଦାର ମୁନସି ଓମ୍ରାଓହୁସେନ ଓ ନାଜର ଶ୍ରୀ ଉମେଶଚନ୍ଦ୍ର ମିତ୍ର ଉଦରଗ ମୁନସଫିକୁ ବଦଳି ହୋଇ ଯିବାରୁ ଏଠାକାର ମୁନସଫଙ୍କର ସେରସ୍ତା, ଦାଇ ଶ୍ରୀ ବିଶ୍ୱମ୍ଭର ଦାସ ସେରସ୍ତାଦାର ଓ ଏଠାକାର ଅତିରିକ୍ତ ମୋହରର ଶ୍ରୀ ବିଶ୍ୱମ୍ଭର ସିଂହ ନାଜର କର୍ମ କରୁଅଛନ୍ତି।

ଅଳତ ପ୍ରଜା ଗଜେନ୍ଦ୍ରପୁରର ମୌଜାର ଦଫାଦାର ନାମରେ ଜାଲିସ ମକଦ୍ଦମା ହରସ୍ୱପକ୍ଷରୁ ପ୍ରମାଣ ଦେବା ଶେଷ ହୋଇ କେବଳ ଜବାବ ଦେବା ଅପେକ୍ଷାରେ ଅଛି ପୁଣି ଅନ୍ୟ ଦୁଇଜଣ ଦଫାଦାରଙ୍କ ବିରୁଦ୍ଧରେ ଲାଞ୍ଚ ନେବାର ଟଙ୍କା ନେଇଥିବାର ନାଲିସ ଦାୟର ହୋଇଅଛି। କୌଣସି ନୂତନ ଅଶିକ୍ଷିତ ଲୋକ ଦଫାଦାର ପଦରେ ନିଯୁକ୍ତ ହୋଇଥିବାରୁ ଏପରି ଗୋଳମାଳ ହେଉଅଛି।

ଯାଜପୁର ଲେକ୍ ଷ୍ଟେଶନ ଅର୍ଥାତ ବରେଣ୍ଡ ରେଲ ଟେଲିଗ୍ରାଫ ମାଷ୍ଟର ଗୌରମୋହନ ଚକ୍ରବର୍ତ୍ତୀ ଓ ଟାଉନ ଇଞ୍ଜିନିୟର ଜମାଦାର ପ୍ରଭୃତି ନାମରେ ତାଇବୋଲ ଗ୍ରାମର ସାଧୁଚରଣ ସିଂହ ଏଠା ଫଉଜଦାରୀ ଅଦାଲତରେ ନାଲିସ କରିଅଛି କି ଷ୍ଟେସନ ମାଷ୍ଟର ଟିକଟ ଦେବା ନିମନ୍ତେ ଟଙ୍କା ନେଇ ଏକ ଶ୍ରେଣୀ ଟିକଟ ଦେଇ ବାକୀ ପଇସା ଫେରତ ନ ଦେଇ ମାରପିଟ ଓ ଜୁଲମ କରି କଏଦ କରି ରଖି ପରେ ଭଦ୍ରଲୋକମାନଙ୍କ ଅନୁରୋଧରେ ଛାଡ଼ିଦେଲେ ବର୍ତ୍ତମାନ ମାମଲା ଚାଲୁଅଛି।

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନାହୁଁ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ!

ଓଡ଼ିଶାସ୍ଥ ବଙ୍ଗୀୟ ବ୍ରାହ୍ମଣ ଓ ଦକ୍ଷିଣ ରାଢ଼ି କାୟସ୍ଥମାନଙ୍କ ଅବଗତ ନିମନ୍ତେ ନିମ୍ନଲିଖିତ କତିପୟ ପ୍ରଶ୍ନକୁ ଆପଣଙ୍କ ପତ୍ରିକାରେ ସ୍ଥାନ ପ୍ରଦାନ କଲେ ବିଶେଷ ଉପକୃତ ହେବି।

୧। ଓଡ଼ିଶାରେ ଯେଉଁ ବ୍ରଜାନନ୍ଦୀ କାୟସ୍ଥ ଅଛନ୍ତି, ସେମାନଙ୍କର ଉତ୍ପତ୍ତି କିପରି। ଏବଂ ସେମାନେ ବା କେଉଁ ଶ୍ରେଣୀୟ ସେମାନଙ୍କ ସଙ୍ଗେ ଓଡ଼ିଶାସ୍ଥ ଦକ୍ଷିଣ ରାଢ଼ି କାୟସ୍ଥମାନଙ୍କର ପରିଣୟାଦି କାର୍ଯ୍ୟ ହୋଇ ପାରେ କି ନା?

୨। ସେମାନଙ୍କ ପୁରୋହିତ ବଙ୍ଗଦେଶୀ ବ୍ରାହ୍ମଣ ଯେଉଁ ଶ୍ରେଣୀଭୁକ୍ତ ଓଡ଼ିଶାସ୍ଥ ଦକ୍ଷିଣ ରାଢ଼ି କାୟସ୍ଥମାନଙ୍କର ପୁରୋହିତ ସେହି ଶ୍ରେଣୀୟ କି ନା?

୩। ଓଡ଼ିଶାସ୍ଥ ଦକ୍ଷିଣ ରାଢ଼ି କାୟସ୍ଥମାନଙ୍କ ପୁରୋହିତ ବ୍ରଜାନନ୍ଦମାନଙ୍କ ଗୃହରେ ପୌରହିତ୍ୟ କରି ପାରନ୍ତି କି ନା? ଏବଂ ବ୍ରଜାନନ୍ଦମାନଙ୍କ ପୁରୋହିତ ଦକ୍ଷିଣ ରାଢ଼ି କାୟସ୍ଥମାନଙ୍କ ଗୃହରେ ଯଜନାଦି କରି ପାରନ୍ତି କି ନାହିଁ?

୪। ଯଦି କୌଣସି ଓଡ଼ିଶାସ୍ଥ ଦକ୍ଷିଣ ରାଢ଼ି କାୟସ୍ଥ ବ୍ରଜାନନ୍ଦମାନଙ୍କ ସଙ୍ଗେ ବନ୍ଧୁତା କରି ସମାଜଚ୍ୟୁତ ହୋଇଥାଏ ତେବେ ତାହାର ଯାଜକ ସମାଜଚ୍ୟୁତ ହେବ କି ନାହିଁ?

ପରିଶେଷରେ ସମସ୍ତ ଓଡ଼ିଶାସ୍ଥ ବଙ୍ଗଦେଶୀ ବ୍ରାହ୍ମଣ ଓ ଦକ୍ଷିଣ ରାଢ଼ି କାୟସ୍ଥମାନଙ୍କୁ ପ୍ରାର୍ଥନା ଯେ ସେମାନେ ସେମାନଙ୍କର ପଣ୍ଡିତ ପ୍ରମୁଖ ସ୍ୱ ସମ୍ମିଳନୀ ସମାଜରେ ଏ ବିଷୟର ଚୂଡ଼ାନ୍ତ ମୀମାଂସା କରିଲେ ସ୍ଥାନବାସୀ ଅନେକ ଅସହାୟ ବ୍ୟକ୍ତି ଅନେକ ସମୟରେ ଅଜ୍ଞତା ଦୋଷ ବଶତଃ ପଣ୍ଡିତମାନଙ୍କ କାଳ୍ପନିକ ସମାଜ ନିୟମରୁ ରକ୍ଷା ପାଇବେ, ଏବଂ ଆଉ ମଧ୍ୟ ଆଶା ଅଛି ଯେ କଟକସ୍ଥ ଦକ୍ଷିଣ ରାଢ଼ି କାୟସ୍ଥମାନଙ୍କ ସମ୍ମିଳନୀ ସମାଜ ଏହାର ଆଶୁ ପ୍ରତିକାର ଉପାୟ କରିବାର ଅବହେଳା ପ୍ରଦର୍ଶନ କରିବେ ନାହିଁ।

କଟକ ୧୪।୩।୧୯୦୦ } ଭବଦୀୟ ଦୁର୍ଗାଚରଣ ଦତ୍ତ

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ—

ମହାଶୟ!

୩।୩।୧୯୦୦ ତାରିଖରେ ପୁରୀ ଗୋବର୍ଦ୍ଧନ ପୀଠାଧୀଶ୍ୱର ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥ ସ୍ୱାମୀ ମହାଶୟ ଶିବରାତ୍ରୀ ଉପଲକ୍ଷରେ ଯାହା ଉଲ୍ଲେଖ କରିଥିଲେ ସେ ବିଷୟରେ ସନ୍ଦେହ ହେବାରୁ ... ବାକ୍ୟ ପ୍ରଦାନ କରି ପତ୍ରିକାରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ। ଯଥା ସ୍ମୃତ୍ୟାଦ୍ରୁମହୋଦଯେ।

ମାଘକୃଷ୍ଣଚତୁର୍ଦ୍ଦଶ୍ୟାଂ ରବିବାରେ ଯଦା ଭବେତ୍ ଭୌମୋ ବାଥ ଭବେଦେଷା କର୍ତ୍ତବ୍ୟଂ ବ୍ରତମୁତ୍ତମଂ। ତଥା ବାରବିଶେଷେ ଫଳାଧିକ୍ୟଂ। ଶିବଯୋଗସ୍ୟ ଯୋଗେ ବୈ ତଦ୍ଭବେଦୁତ୍ତମୋତ୍ତମଃ। ଅର୍ଦ୍ଧରାତ୍ରୀ ଯୁତା ଯତ୍ର ମାଘକୃଷ୍ଣଚତୁର୍ଦ୍ଦଶୀ। ଅତ୍ର ଚୈତ୍ରଶୁକ୍ଲାଦିକାମାସ ଇତ୍ୟଭିପ୍ରାୟେଣ ଫାଲ୍ଗୁନ କୃଷ୍ଣଚତୁର୍ଦ୍ଦଶୀ ଗୃହ୍ୟତେ। ଦେବଲଃ। ମହାନିଶାବ୍ୟାପିନୀକେ ସର୍ବେ ଧର୍ମଯାମଯୋଃ। ବହୁଲବ୍ୟାପିନୀ ଗ୍ରାହ୍ୟା ଶିବରାତ୍ରି ବ୍ରତେ ତିଥିଃ। ଅର୍ଦ୍ଧରାତ୍ରାଦଧଶ୍ଚୋର୍ଦ୍ଧ୍ୱଂ ଯୁକ୍ତା ଯତ୍ର ଚତୁର୍ଦ୍ଦଶୀ। ତଦ୍ବ୍ୟାପିନୀ ଚତୁର୍ଦ୍ଦଶୀ ଶିବରାତ୍ରି ବ୍ରତଂ ଚରେତ୍। ଇତି। ନିଶୀଥପଦେନ ଯାମଦ୍ୱୟ ଭୂଗତ୍ୱ ପ୍ରହରଦ୍ୱୟୋରନ୍ତମାଦଘଟିକାଦ୍ୱୟରୂପମର୍ଦ୍ଧରାତ୍ରଂ। ପୂର୍ବେଦ୍ୟୁଃ ନିଶୀଥବ୍ୟାପ୍ତିଃ ପରେଦ୍ୟୁଃ ପ୍ରଦୋଷବ୍ୟାପ୍ତିସ୍ତେପୂର୍ବୈବ ବ୍ରତଂ। ଅର୍ଦ୍ଧରାତ୍ରାଦଧଶ୍ଚୋର୍ଦ୍ଧ୍ୱଂ ଯୁକ୍ତାଯୋଗୋ ଦ୍ୱିବଗମ୍ୟତେ। ପୂର୍ବବିଦ୍ଧୈବ କର୍ତ୍ତବ୍ୟା ଶିବରାତ୍ରିଃ ଶିବପ୍ରିୟୈରିତ ବଚନେନ ନିଶୀଥସ୍ୟ ମୁଖ୍ୟତ୍ୱାତ୍ ନିଶୀଥ ପ୍ରାପ୍ତସ୍ୟ ସମ୍ପ୍ରଯୋଗ ପ୍ରଣୀତଂ। ତତ୍ପ୍ରଯୋଗଃ ତ୍ରୟୋଦଶୀ ଯୋଗଃ। ସୂର୍ଯ୍ୟାସ୍ତେ ନଵକାଡ଼ୀଶୁ ଭୂତବିଦ୍ଧା ତ୍ରୟୋଦଶୀ। ଶିବସ୍ୱର୍ଗ ବ୍ରତଂ ତତ୍ର ଭୂର୍ଯ୍ୟାଜ୍ଜାଗରଣଂ ତଥା। ଉଦେନ୍ନ ତ୍ରୟୋଦଶ୍ୟାଂ ଭୂତବ୍ୟାପ୍ତା ମହାନିଶା। ଶିବସ୍ୱର୍ଗବ୍ରତଂ କୁର୍ଯ୍ୟାତ୍। ଏହି ବାକ୍ୟ ଅନୁସାରେ ତ୍ରୟୋଦଶୀ ତିଥି ମଙ୍ଗଳବାରରେ ଶିବ ସ୍ୱର୍ଗ ସମ୍ଭବ ହେଲା। ଉପବାସ ଶିବଯୋ। ତନ୍ନି-

Split by PDF Splitter

Digitized by srujanika@gmail.com

ଉକ୍ତିର ନାଥଦ୍ୱାରେଣ ବ୍ୟବସ୍ଥାପ୍ୟ ତାଉବା ଲୁଚା ଶୁଦ୍ଧୋଦୋପାସ୍ୟା ତ ସା ସର୍ବେ ହିଁଷା ସ୍ୟାଚ୍ଛେଦଭୂ ର୍ଦ୍ଧଶୀ । ପ୍ରଦୋଷବ୍ୟାପିନୀ ଗ୍ରାହ୍ୟା ତଥାପ୍ୟାଧିକ୍ୟମା ଶ୍ରିତଃ । ପ୍ରଦୋଷବ୍ୟାପିନୀ ସାମ୍ୟେ ପୂର୍ବପୋଷ୍ୟଂ ଗ୍ରଥମଂ ବଳଂ । ନୋପୋଷ୍ୟା ବୈଷ୍ଣବୈର୍ବିଦ୍ଧା ସା ପୀଡ଼ ଚ ସଦାଂ ମତଂ । ବ୍ରହ୍ମୋଭାପ୍ରବାଦ ପଦ୍ଧତି ହାସ୍ୟ ପରେଣ ବନ୍ଧା ନଗଦନ୍ତ ବୃତ୍ତାଃ । ବୁଧବାର ଦିନ ଚତୁର୍ଦ୍ଦଶୀ ଉପବାସ ଏ ବାକ୍ୟରୁ ସ୍ଥିର କର ମତ ଧାରଣ କଲେ । ଇତି । କମ୍ପଧିକଂ ।

୧୬।୩।୧୯୦୦ । ବ । ଶ୍ରୀ ସଦାଶିବ ଭଞ୍ଜିରତ୍ନ

## ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ କନ୍ଦାମଣି ଦାସ୍ତବ ବୋଷାମବଳିସ୍ତ | ଟ ୩୧ |
| ପଣ୍ଡିତ ମଧୁସୂଦନ ନନ୍ଦଙ୍କ | ଟ ୨ |
| " ଦେବ ବୋଦନ ରାଉତ | ଟ ୩ |
| ଶ୍ରୀଯୁକ୍ତ ପଦ୍ମ ବସ୍ତ୍ର ମଟ୍ଟୁର | ଟ ୩ |
| ଶ୍ରୀ ବାବୁ ବଳରାମ ଭ୍ରମରବର | ଟ ୬ |
| " ଶ୍ୟାମସୁନ୍ଦର ନରେନ୍ଦ୍ର | ଟ ୨ |
| " ଲୋକନାଥ ଦାସ | ଟ ୧।୦ |
| " ରାଧାକାନ୍ତ ଘୋଷ | ଟ ୮ |
| ଶ୍ରୀ ରତ୍ନମଦେବ ମହାରାଜା କୋଷାଗେଷା ରାଜାଙ୍କ ଦ୍ୱାରା | ଟ ୫ |
| ଶ୍ରୀଯୁକ୍ତ ବାବୁ କୃପାସିନ୍ଧୁ ବେହେରା ଡାକ୍ତର | ଟ ୩ |

## ବିଜ୍ଞାପନ ।

ଓଡ଼ିଶାସ୍ଥ ଦକ୍ଷିଣରାଢ଼ୀ କାୟସ୍ଥ ସଭାର ସାଧାରଣ ଅଧିବେଶନ ଚଳିତ ମାସ ତା ୮ ରିଖ ଆଗାମି ରବିବାର ସନ୍ଧ୍ୟା ଘ ୬ ଘ ସମୟରେ ବାବୁ ଶ୍ରୀ ଗୋପୀନାଥ ଘୋଷ ମହାଶୟଙ୍କ ଚୌଧୁରୀବଜାରସ୍ଥ ବସାରେ ହେବ । ସବିନୟ ପ୍ରାର୍ଥନା, କାୟସ୍ଥ ମହୋଦୟଗଣ ଅନୁଗ୍ରହ ପୂର୍ବକ ସଭାରେ ଉପସ୍ଥିତ ହୋଇ ବାଧିତ କରିବା ହେବେ ।

କଟକ ୬।୪।୧୯୦୦ } । ଛ । ଶ୍ରୀ ଅକ୍ଷୟକୁମାର ଘୋଷ
ସମ୍ପାଦକ, କାୟସ୍ଥ ସଭା

## NOTICE

Wanted a Hindu Passed Compounder for the Puri Pilgrim Hospital on a salary of Rs. 15 a month. Applications will be received by the undersigned up to the 30th of April 1900.

Preference will be given to pure Hindus.

Puri Muncplty. 28—3—1900. } Jagabandhu Patnaik, *Vice Chairman.*

## NOTICE.

Wanted a Draftsman for the Angul District Engineer's Office at Dhenkanal on a salary of Rs 20 per month. None need apply who has not passed the Survey Standard Examination and has no experience in drawing out plans from sketches and estimates from plans &c. Preference will be given to one having a fair knowledge in English.

Applications with testimonials will be received up to the 15th April 1900.

Dist. Engr's office Dhenkanal 22—3—1900 } By order Chandra Sekher Pany, *Head Clerk & Accountant.*

## ବିଜ୍ଞାପନ ।

ଏହି ସୋନପୁର ଗଡ଼ଜାତ ରାଜ୍ୟରେ ଚଳୁଥିବା ଦୁର୍ଭିକ୍ଷ କାର୍ଯ୍ୟ ନିମନ୍ତେ ଜଣେ ଉପଯୁକ୍ତ ହସ୍ପିଟେଲ ଏସିଷ୍ଟେଣ୍ଟ ମାସିକ ଟ ୩୦୧ ବେତନରେ ମା ୬ ସ ନିମନ୍ତେ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନେ ନିଜ ନିଜ ନାମ, ଧାମ, ଜାତି, ବୟସ, ଶିକ୍ଷା କରିଥିବା ଅନ୍ୟାନ୍ୟ ଭାଷା ସାର୍ଟିଫିକେଟର ପ୍ରତିଲିପି ଓ ପୂର୍ବେ ଚାକର କରିଥିଲେ ତହିଁର ବିବରଣ ପ୍ରାର୍ଥନା ପତ୍ରରେ ସ୍ପଷ୍ଟ ରୂପେ ଲେଖି ତା ୧୦ । ୪ । ୧୯୦୦ ପୂର୍ବେ ଅମ୍ଭ ଅଦାଲତକୁ ପଠାଇବେ । ଯାହାଙ୍କୁ ନିଯୁକ୍ତ କରାଯିବ ତାଙ୍କ ନିକଟକୁ ନିଯୁକ୍ତି ପରୱାନା ପଠାଯିବ ଓ ପାଥେୟ ଖର୍ଚ୍ଚ ମଧ୍ୟ ଦିଆଯିବ । ଯାହାଙ୍କ ପ୍ରାର୍ଥନା ଅଗ୍ରାହ୍ୟ ହେବ ତାଙ୍କୁ ଭିନ୍ନ ଉତ୍ତର ଦିଆଯିବ ନାହିଁ । ଇତି

ତା ୨୧।୩।୧୯ } ସୋନପୁର } P. R. S. D. Raja Bahadur and Feudatory chief Sonepur State.

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL, *Agent, Cuttack.*

## ବିଜ୍ଞାପନ ।

ବାଳକମାନଙ୍କ ସୁବିଧା ନିମନ୍ତେ ବଡ଼ ବଡ଼ ଅକ୍ଷରେ ଏକକଠାରୁ ପଚାଶକପର୍ଯ୍ୟନ୍ତ ପଣକିଆ ୨୫ ଖଣ୍ଡା, କୋଇଲି ଓ କମଳଲୋଚନ ସୁନ୍ଦର ସୁନ୍ଦର ଚିତ୍ରସହିତ ଗୋଟିଏ ଫର୍ଦ୍ଦରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ତହିଁର ମୂଲ୍ୟ ଟ ୦ ୯/୬

## ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର ସାର" ନାମକ ପୁସ୍ତକ ଭାଷାତତ୍ତ୍ୱଯୁକ୍ତ ଜ୍ଞାନବୃଦ୍ଧି ସହାୟେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅଭ୍ୟାଦେୟ ହୋଇଥିବା ତଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ଗ୍ରନ୍ଥକାରଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛପାଖାନାରେ ଅଗାଡ଼ିତ ମୂଲ୍ୟ ମୂଲ୍ୟ ଗୁରୁଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

## ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଶ୍ରୀଉଅଣା, ଜ୍ୱର ଚିକିତ୍ସା ଛଅଅଣା, ଗୋଚିକିତ୍ସା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସନ୍ତ ଚିକିତ୍ସା ଏକଅଣା, ବସନ୍ତରୋଗ ଟିକିଆ ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା ଜାଣିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳି, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣକିଆମାନଙ୍କର ସପ୍ତମ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

## ଉଦ୍‌ଯୋଗି ସମିତିର

ଭଣ୍ଡାରର ଅଧିକାଂଶ

ଜିନିସ ଦେଶୀ

---

## ଦେଶୀ ଜିନିସ,

ଗୁଣରେ ଅବଶ୍ୟ ଭଲ

ଦାମ ମଧ୍ୟ ଶସ୍ତା !

---

## ଉଦ୍‌ଯୋଗି ସମିତିର

## ଭଣ୍ଡାର

କଟକ ଅଦାଲତ ନିକଟରେ

ଠକବଟା ନାହିଁ, କାଳିବିଲି ନାହିଁ

ମନରେ କିଛିଧୋକା ରହେ ନାହିଁ

---

## ନୂଆ ଆମଦାନୀ

ଗ୍ରୀଷ୍ମକାଳର ଉପଯୋଗୀ

ନାନାବିଧ ଦେଶୀ ଲୁଗା

ଟୁଇଲ, ଟୁଇଡ, ଛିଟ, ତସର

କାପଡ଼ା ଇତ୍ୟାଦି ।

## ବନାରସୀମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାଇଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ ନେଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଯୋଡ଼ି, ଶେଗା, ଡଂଶାପ, ବାସ୍ତ୍ରା, ସଙ୍ଗୀ ଦୋପଟ୍ଟା ମଣ୍ଡଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନାପ୍ରକାର ଇତ୍ୟାଦି ଖଟନ୍ତ ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁ, ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ମାଲ୍ ଭୋଲାନାଥ,

ଲକ୍ଷ୍ମୀଗଳ ଫାଟକ, ବନାରସ୍ ସିଟି ।

---

କନ୍‌ଷ୍ଟ୍ରାଇନେସ୍, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।

ସେକ୍ରେଟେରୀ ।

ସଟୀକ

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାଙ୍ଗରେ ଟ ୧୬॥୶ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୷ |
| ୨ ସଭା ପର୍ବ | ଟ ୨୷ |
| ୩ ସଭା ପର୍ବ | ଟ ୨୷ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ୟୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୶ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ ନାରିଣିକା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୷ |
| ୧୭ ମୂଷଳୀ ପର୍ବ | ଟ ୦।୶ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

---

## ନୂତନପୁସ୍ତକ ।

ହରସର୍ଣ୍ଣାଉଳି ।

ଅଭୁଗ୍ନଲର ଅଭୁଗ୍ନଲର ଅଭୁଗ୍ନଲର

ମୂଲ୍ୟ ଟ ୦ ୶ ଦୁଇଅଣା

| | |
|---|---|
| ଦାରିଦ୍ର୍ୟକାଳକ୍ଷି ପୁନର୍ମୁଦ୍ରିତ | ଟ ୧ ୧ |
| ଅଧ୍ୟାତ୍ମରାମାୟଣ (କିଳିଧରପଟ୍ଟନାୟକକୃତ) | ଟ ୨୧ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦକ | ଟ ୧। |
| ବନ୍ଧି ଶଙ୍ଖଂକାସନ | ଟ ୦ ୷ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ ୦ ୷ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅଧା ଓ ସିକିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।


---

ଏହି ଉତ୍କଳଦୀପିକା କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀ "ଲିମିଟେଡ"ଙ୍କ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
REGISTERED No. C. 6?


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୩୫ ଭାଗ
୧୫ ସଂଖ୍ୟା
ତା ୧୪ ଇସ୍ତ ଏପ୍ରେଲ ସନ ୧୯୦୦ ମସିହା । ୮ । ଉ ୫ ୫ ବୈଶାଖ ସନ ୧୩୦୭ ସାଲ ଶନିବାର
ଅଗ୍ରୀମ ଟ ୩୯
ପଶ୍ଚାଦ୍ଦେୟ ଟ ୬୯

## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ଦୁଇପଣ କଟକ ପ୍ରିଣ୍ଟିଂକମ୍ପାନିଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦ ।

ଛୋଟ ଟ ୦୧୬

ମୋଫସଲ ଜିମାରେ ଡାକମାସୁଲ ଟ.୦୬ ଯେଉଁମାନଙ୍କର ରେଲ କମ୍ପାନି ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ଦୁର୍ଭିକ୍ଷସାହାଯ୍ୟ ପ୍ରାପ୍ତ ବ୍ୟକ୍ତିଙ୍କର ଗତ ପ୍ରକାଶିତ ତାଲିକାରୁ ଜଣାଯାଏ ଯେ ସେହି ସପ୍ତାହରେ ସେମାନଙ୍କର ସଂଖ୍ୟା ପୁଣି ୫୯୭୫୦ ବୃଦ୍ଧି ହୋଇ ପ୍ରାୟ ଅର୍ଦ୍ଧ କୋଟି ପର୍ଯ୍ୟନ୍ତ ଉଠାଇଅଛି ; ସଂଖ୍ୟାପେକ୍ଷା ଅଧିକ ବୃଦ୍ଧି ମଧ୍ୟପ୍ରଦେଶରେ ଏବଂ ତହିଁ ପରେ ବମ୍ବେଇରେ ଘଟିଅଛି । କେବଳ ପଞ୍ଜାବ ଓ ମଧ୍ୟଭାରତରେ ଦୁର୍ଭିକ୍ଷ ପୀଡ଼ିତଙ୍କର ସଂଖ୍ୟା କିଛି ଊଣାପଡ଼ିଅଛି । [illegible] ଲକ୍ଷ ଲୋକଙ୍କୁ ଦୈନିକ ସାହାଯ୍ୟ ଦେବା ସାମାନ୍ୟ କଥାଟି ନୁହେ ।

---

ଏଠାମହାଫିଜ ଖାନାର ଗ୍ରେସ ନଡଲ ମାମଲାର ପ୍ରସଙ୍ଗ ପାଠକମାନଙ୍କୁ ଜଣାଇ ଥିଲୁଁ । ଜଜସାହେବଙ୍କ ନିଷ୍ପତ୍ତି ଦେଖି ଏଠା କଲେକ୍ଟରସାହେବ ଏକଟିଂ ମହାଫିଜ ମହମ୍ମଦ ହାସିମ ଏବଂ ତାହାର ଲୋକ ଜଣେ ଉଭରଣ ନାମରେ ପ୍ରତାରଣା ମୋକଦ୍ଦମା ଦାଏର କରିବାର ଅନୁମତି ଦେବାରୁ ତଦନୁସାରେ ପ୍ରଥମ ଆସାମି ନାମରେ [illegible] ଏବଂ ୨ୟ ଆସାମି ନାମରେ ତହିଁର ସହାୟତା କରିବାର ଅଭିଯୋଗମାନଙ୍କର ବିଚାର ଏଠାର ଅଣରେରି ମାଜିଷ୍ଟ୍ରେଟ ମହାନ୍ତି କଲ୍ୟାଣଦେବଙ୍କ ଫଇସଲରେ ଚାଲୁଅଛି । ଏଥିର କି ଫଳ ହେବ ଯଥା ସମୟରେ ପ୍ରକାଶ ପାଇବ ।

---

କଲିକତାରେ ଗତ ସପ୍ତାହରେ ପ୍ଲେଗ ରୋଗ କିଛି ଊଣା ଥିଲା ଅର୍ଥାତ୍ ଦୈନିକ ଆକ୍ରମଣ ୮୦ରୁ ତଳକୁ ଖସିଅଛି । ପୂର୍ବେ ସହରର ଉତ୍ତରଖଣ୍ଡରେ ପ୍ଲେଗ ପ୍ରବଳ ଥିଲା ଏବେ ସେ ହିଁ ଗତି ଦକ୍ଷିଣକୁ ଅଗ୍ରସର ହେଉଅଛି । ଗତ ସୋମବାର ବଙ୍ଗାଳବାଙ୍କ ଏବଂ ହାଇକୋର୍ଟ ଉଭୟର ସନ୍ନିକଟ ଗୋଟିଏ ବଡ଼ କୋଠିରେ ଏଟର୍ଣ୍ଣି ଉଡ଼ୁସାହେବ ଅଟରିଂ ଓ ଆଃ ମାଜିଷ୍ଟ୍ରେଟ ଭଦେରେ କାର୍ଯ୍ୟ କରି ଅପରାହ୍ନ କାଳରେ ଫେରି ଆସି ମରିଗଲେ ସେହି ସ୍ଥାନରେ ତାହାଙ୍କର ଗୋଟିଏ କନ୍ୟା ଓ ଗୋଟିଏ ପୋଷ୍ୟ ମାଲିଭ ମରିଗଲେ । ଅନେକ ଘରେ ବିସ୍ତର ମୂଷା ମରୁଅଛନ୍ତି । ପ୍ଲେଗ ହେତୁ ଏ ସବୁ ଘଟିବା କଥା ଅଉ କ ବୋଲାଯିବ ?

---

ଖଲିକୋଟର ରାଜା ନାବାଳଗ ଥିବା ସମୟରେ ଶ୍ରୀ ମହାସର ଗଜପତି ଶିବରାମ ଦାସ ପଲ୍ଲଣରାରୁ ତାହାଙ୍କର ମହାଫିଜ ଥିଲେ ଏବଂ ରାଜା ବାଲିଗ ହେବା ପରଠାରୁ ତାହାଙ୍କୁ ଆପଣା ରାଜ୍ୟର ତହସିଲଦାର ନିଯୁକ୍ତ କରିଥିଲେ । ତ ୧୮ ବର୍ଷରୁ ଊର୍ଦ୍ଧ୍ୱ କାଳ କାର୍ଯ୍ୟ କରି ପଲ୍ଲ ମହାଶୟ ବୃଦ୍ଧ ହୋଇ କାର୍ଯ୍ୟରୁ ଅବସର ନେବାରୁ ରାଜା ସାହେବ ତାହାଙ୍କୁ ମାସିକ ୪୦୲ଙ୍କା ପେନସନ ଦେବାର ଏବଂ କାର୍ଯ୍ୟ ଉପଲକ୍ଷରେ ସେ ଯେଉଁସବୁ ସମ୍ମାନ ଏବଂ ଅଧିକାର ଭୋଗ କରୁଥିଲେ ସେ ସମସ୍ତ ଭୋଗ କରିବାର ଆଦେଶ ପ୍ରଦାନ କରିଅଛନ୍ତି । ପୁରାତନ କର୍ମଚାରୀ ପ୍ରତି ଏପ୍ରକାର ବ୍ୟବହାରଦ୍ୱାରା ଖଲିକୋଟ ରାଜା ଆପଣାର ସହୃଦୟତା ଏବଂ ବଦାନ୍ୟତାର ଉତ୍ତମ ପରିଚୟ ଦେଇ ପ୍ରଶଂସାଭାଜନ ହୋଇଅଛନ୍ତି ।

---

କସ୍ତୁରିଭଞ୍ଜ ରାଜା ସେଠାର ଉଚ୍ଚଶ୍ରେଣୀ ଏଣ୍ଟ୍ରେନ୍ସ ନାମରେ ହେଉଥିବା ଦରଖାସ୍ତର ଅନୁସନ୍ଧାନ କ୍ରମେ ଗତ ରବିବାର ବାବୁ ସୁଦାମ ଚନ୍ଦ୍ର ମାସିକ ଅଣେଷ୍ଟ ଖଞ୍ଜଣାତ ପୁରୁଣ୍ଡ ସେ ବିଷୟକୁ ସାକ୍ଷୀ କରୁଅଛନ୍ତି । ସେହିଦକ

Digitized by srujanika@gmail.com

ରାଜାଙ୍କପକ୍ଷରୁ ବାବୁ ମଧୁସୂଦନ ଦାସ ଓ ବାବୁ ବୈକୁଣ୍ଠ ନାଥ ଦତ୍ତ ଏବଂ ଗବର୍ଣ୍ଣମେଣ୍ଟ ଏଜେଣ୍ଟ ବାବୁ ଦର୍ପନାରାୟଣ ଦାସଙ୍କ ପକ୍ଷରୁ ବାବୁ ଗୋକୁଳାନନ୍ଦ ଚୌଧୁରୀ ଓ ବାବୁ ନିମାଇ ଚରଣ ମିତ୍ର ଉକୀଲମାନେ ଓ ଅନ୍ୟାନ୍ୟ ଅନେକ ଲୋକ ନୟାଗଡ଼କୁ ପ୍ରସ୍ଥାନ କଲେ। ଏଜେଣ୍ଟଙ୍କର ଚରିତ୍ର ଏବଂ କାର୍ଯ୍ୟ ସମ୍ବନ୍ଧରେ ଶୁଣାଣି ହେବାର କଥିତ ହୁଥିଲ ମାତ୍ର ତହିଁର ଠିକ ବିବରଣ ଆମ୍ଭେମାନେ ଅବଧି ଜାଣି ନ ଥିବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ। ଉକୀଲମାନେ ବା ୨୯ ନରେ ଫେରି ଆସିଲେ ସମସ୍ତ ଜଣାପଡ଼ିବ। ଏ ମାମଲା ନେଇ ଯେ ନୟାଗଡ଼ରେ ଭାରି ଚହଳ ପଡ଼ିଅଛି କହିବା ବାହୁଲ୍ୟ।

---

ସମ୍ବଲପୁର ହିତୈଷିଣୀରୁ ଅବଗତ ହେଲୁ ଯେ ଗୁଣ୍ଡିଜପାଲର ଜମିଦାର ଶ୍ରୀ ନାରାୟଣ ପ୍ରଧାନ ନାବାଲଗ ଥିବା ହେତୁ ବାମଣ୍ଡାର ରାଜସରକାର ହାସ କୋର୍ଟ ଅଫ ୱାର୍ଡସ୍ ନିୟମରେ ତାହାଙ୍କର ସମ୍ପତ୍ତିର ରକ୍ଷା ଶୁଶ୍ରୂଷା ହେଉଥିଲା। ସମ୍ପ୍ରତି ସେ ବାଲଗ ହେବାରୁ ବାମଣ୍ଡାର ମହାରାଜା ତାହାଙ୍କ ସମ୍ପତ୍ତିର ଭାର ତାହାଙ୍କୁ ପ୍ରଦାନ କଲେ। ମହାରାଜାଙ୍କ ତତ୍ତ୍ୱାବଧାନରେ ଜମିଦାରୀର ନାନାପ୍ରକାର ଉନ୍ନତି ହୋଇଥିବାର ପ୍ରଧାନ ମହାଶୟ କୃତଜ୍ଞତାର ଚିହ୍ନ ସ୍ୱରୂପ ମହାରାଜାଙ୍କୁ ଏକହଜାର ଟଙ୍କା ଭେଟି ଦେଲେ ଏବଂ ଦୁର୍ଭିକ୍ଷ ସାହାଯ୍ୟ କାର୍ଯ୍ୟରେ ବ୍ୟୟ କରିବା କାରଣ ଆଉ ଟ ୫୦୦ ଙ୍କା ଦାନ କଲେ। ପ୍ରଜାବତ୍ସଳ ମହାରାଜା ସେହି ଟ ୧୫୦୦ ୯ ଙ୍କା ବ୍ୟୟରେ କୋଡ଼ଶ୍ରୀ ପରଗନା ଲୋକପୁର ଗ୍ରାମରେ ଗୋଟିଏ ପୁଷ୍କରିଣୀ ଖୋଳାଇବାର ଆଦେଶ ଦେଇଅଛନ୍ତି ବଡ଼ ଆନନ୍ଦର ବିଷୟ ଅଟେ। ବାମଣ୍ଡାର ମହାରାଜା ସିଲପର କାରଖାନା, ମନ୍ଦିର, ପୁଷ୍କରିଣୀ ପ୍ରଭୃତି କାର୍ଯ୍ୟରେ ଅନେକ ଲୋକଙ୍କୁ ବର୍ତ୍ତମାନ ସେ ଅଞ୍ଚଳର ଅନ୍ନକଷ୍ଟ ସମୟରେ ସାହାଯ୍ୟ କରୁଅଛନ୍ତି।

---

କଲିକତାରେ ଗୋଟିଏ ମୂକ-ବଧିର ବିଦ୍ୟାଳୟ କେତେକ ବର୍ଷରୁ ସ୍ଥାପିତ ହେବାର ପାଠକମାନଙ୍କୁ ଜଣା ଅଛି। ମୁଙ୍ଗା ଏବଂ କାଲମାନଙ୍କୁ ଶିକ୍ଷା ଦେବା ଓ ବିଦ୍ୟାଳୟର କାର୍ଯ୍ୟ। ମଇମନ ସିଂହର ଛତ୍ର ବୋଉତ ସେ ଜିଲ୍ଲାର କେତେ ଜଣ ଦରିଦ୍ର ମୁଙ୍ଗା ଓ କାଲଙ୍କୁ ଶିକ୍ଷା ନିମନ୍ତେ କଲିକତାର ସେହି ବିଦ୍ୟାଳୟକୁ ପଠାଇବାର ଏବଂ ସେମାନଙ୍କର ସମସ୍ତ ବ୍ୟୟ ନିଜେ ବହନ କରିବାର ସଙ୍କଳ୍ପ କରୁଅଛନ୍ତି ବଡ଼ ସୁଖର ବିଷୟ ଅଟେ। ବଙ୍ଗଦେଶରେ ଏପରି ଅକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା ଦଶ ହଜାରରୁ ଊଣା ନୁହେ। ମାତ୍ର ଏମାନଙ୍କର ଶିକ୍ଷା ନିମନ୍ତେ ଏକ ମାତ୍ର କଲିକତାର ବିଦ୍ୟାଳୟରେ ନ ୨୫ ଣ ବାଳକ ଓ ବାଳିକାରୁ ଅଧିକ ଶିକ୍ଷା କରୁ ନାହାନ୍ତି। ମଇମନ ସିଂହର ଆଦର୍ଶରେ ବଙ୍ଗଳାର ସମସ୍ତ ଜିଲ୍ଲା ବୋଲନ୍ତି କେତେ ଜଣ ଲେଖାଏଁ ଛାତ୍ର ପଠାଇବାର ବନ୍ଦୋବସ୍ତ କଲେ କେବଳ ସେମାନଙ୍କର ଉପକାର ହେବ ଏମନ୍ତ ନୁହେ। ଯଥା ସମୟରେ ଏହି ବିଦ୍ୟାଳୟର ଉପକାର ସର୍ବତ୍ର ଘୋଷିତ ହେବ ଏବଂ ସଙ୍ଗତିପନ୍ନ ବ୍ୟକ୍ତିମାନେ ସେମାନଙ୍କ ଆତ୍ମୀୟ ବର୍ଗରେ ସେପରି କେହି ଥିଲେ ତାହାଙ୍କୁ ନିଜ ୨ ବ୍ୟୟରେ ପଠାଇବାକୁ ଯତ୍ନବାନ୍ ହେବେ।

---

ଗତମାସରେ ଆମ୍ଭେମାନେ ଯେଉଁ ପୁଲିସ ଅତ୍ୟାଚାରର ବିଷୟ ପ୍ରକାଶ କରିଥିଲୁଁ ଓ ଯାହା ବଲାଙ୍ଗୀର ଅନୁସନ୍ଧାନରେ ଠିକ ଥିବାର ଜଣାଯାଇଥିଲା ସେ ସମ୍ବନ୍ଧରେ ସରକାରଙ୍କ ପକ୍ଷରୁ ମୋକଦ୍ଦମା ଦାଏର ହୋଇ ଯୁକ୍ତ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ମଲିକସାହେବଙ୍କ ବିଚାରାଧୀନରେ ଅଛି। ଗତ ଶନିବାର ଫରିୟାଦିପକ୍ଷର ସାକ୍ଷୀମାନଙ୍କର ଜୋବାନବନ୍ଦି ଏବଂ ଆସାମିମାନଙ୍କର ଜବାବ ଗୃହୀତ ହୋଇ ସେମାନଙ୍କ ଉପରେ ଦଣ୍ଡବିଧି ଆଇନର ୧୬୧, ୩୪୨ ଇତ୍ୟାଦି ଧାରା ଅନୁସାରେ ଅଭିଯୋଗ ହେଲା ଏବଂ ପୁଲିସ ଜମାଦାର ଆସାମିଠାରୁ ଟ ୨୫୦୯ ଙ୍କାର ଏବଂ ଦଫାଦାର ଆସାମିଠାରୁ ଟ ୧୦୦୯ ଙ୍କାର ଜାମିନ ନିଆଯାଇ ମାମଲା ସ୍ଥଗିତ ରହିଲା। ଆସାମିମାନେ ବାବୁ ଗୋକୁଳାନନ୍ଦ ଚୌଧୁରୀ ଉକୀଲ ଏବଂ ଦୁଇଜଣ ମୁକ୍ତାର ଦେଇଅଛନ୍ତି। ଆସନ୍ତା ତା ୧୯ ରିଖରେ ଫରିୟାଦିପକ୍ଷର ସ୍ୱାମୀମାନଙ୍କର ଜେରା ଏବଂ ସଫାଇ ସାକ୍ଷୀଙ୍କର ଜୋବାନବନ୍ଦି ହେବ। ଜମାଦାର ଆସାମି ଉପରେ ପୁଲିସ ଆଇନର ୨୯ ଧାରା ଲିଖିତ ଅପରାଧର ନାଲିସ ହୋଇଥିଲା ମାତ୍ର ବିଚାରକର୍ତ୍ତା ତାହା ଘଟିବା ନ ହେବା ବିବେଚନାରେ ଅଭିଯୋଗ କରି ନାହାନ୍ତି।

---

ଗଞ୍ଜାମ ନିଉଜରେ ପାଠ କଲୁଁ କି ପାରଳାଖେମୁଣ୍ଡି ରାଜାଙ୍କର ରେଲ ବାଟ ଗତମାସ ତା ୯ ରିଖରୁ ପ୍ରତିଦିନ ପାରଳା ଖେମୁଣ୍ଡିରୁ ନଉପଡ଼ାକୁ ଯାତାୟାତ କରୁଅଛି। ନଉପଡ଼ା ଇଷ୍ଟକୋଷ୍ଟ ରେଲବାଟର ଗୋଟିଏ ଷ୍ଟେସନ ଏବଂ ପାରଳାଖେମୁଣ୍ଡି ରେଲବାଟର ସଂଯୋଗ ସ୍ଥାନ। ସମ୍ପ୍ରତି କେବଳ ମାଲଗାଡ଼ିମାନ ଯାତାୟାତ କରୁଅଛି ଏବଂ ତହିଁ ସଙ୍ଗେ ଖଣ୍ଡିଏ ଯାତ୍ରୀଗାଡ଼ି ଯୁକ୍ତ ହୋଇଅଛି ଯେ ତହିଁରେ ବଢ଼ା ଭଡ଼ାରେ ଅଳ୍ପ ଯାତ୍ରୀ ସ୍ଥାନ ପାଉଅଛନ୍ତି। ଯାତ୍ରୀ ଗତାୟାତର ନିୟମିତ ବନ୍ଦୋବସ୍ତ ଏପର୍ଯ୍ୟନ୍ତ ହୋଇ ନାହିଁ। ସମ୍ଭବତଃ ତାହା ଶୀଘ୍ର ହେବ। ଧାନ, ଙ୍କୁଇଲ, ଲୁଣ, କେରୋସିନ ତେଲ ଲୁଗା ଇତ୍ୟାଦି ସମସ୍ତ ବାଟେ କ୍ରମଶଃ ମହଣକୁ ଏକଅଣା ଦର ଧାର୍ଯ୍ୟ ହୋଇଅଛି। ଓଡ଼ିଶା ବାସିଙ୍କ ମଧ୍ୟରେ ପାରଳା ଖେମୁଣ୍ଡି ରାଜା ପ୍ରଥମେ ରେଲ ବାଟ ନିର୍ମାଣ କରି ଅକ୍ଷୟ କୀର୍ତ୍ତି ଅର୍ଜିଲେ। ଓଡ଼ିଶାର ଅପର ରାଜାମାନେ ତାହାଙ୍କର ପଶ୍ଚାତଗାମୀ ହେଲେ ବଡ଼ ଆନନ୍ଦର ବିଷୟ ହେବ। ବିଶେଷତଃ ମୟୂରଭଞ୍ଜ, କେନ୍ଦୁଝର ଢେଙ୍କାନାଳ ଓ ଅଠଗଡ଼ର ରାଜାମାନଙ୍କ ଆପଣା ୨ ରାଜଧାନୀରୁ ସଦର ରେଲବାଟକୁ କ୍ଷୁଦ୍ର ଶାଖା ନିର୍ମାଣ କଲେ ବଡ଼ ସୁଖର ବିଷୟ ହେବ।

---

ଗଞ୍ଜାମ ହିତୈଷିଣୀରୁ ଅବଗତ ହେଲୁଁ ଯେ ଗତ ମାସ ତା ୩୦ ରିଖରେ ବରହମପୁରଠାରେ ଦୁର୍ଭିକ୍ଷ ସାହାଯ୍ୟ ଦେବା ସମ୍ବନ୍ଧ ନିମନ୍ତେ ଗୋଟିଏ ସଭା ହୋଇଥିଲା। ସେଠାର ଡିଷ୍ଟ୍ରିକ୍ଟ ଜଜ ଉଲଫମନେ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ। ଦେଶ ସାହାଯ୍ୟ ନିମନ୍ତେ ଗୋଟିଏ କମିଟି ଗଠିତ ହେଲା ଏବଂ ସଭାସ୍ଥଳରେ ଟ ୩୮୫୦ ୯ ଙ୍କା ଦେବା ସ୍ୱୀକୃତ ହେଲା। ବଡ଼ ୨ ଦେବାବାଲାଙ୍କ ମଧ୍ୟରେ ପାରଳା ଖେମୁଣ୍ଡି ରାଜା ଟ ୧୦୦୦୯ ଙ୍କା, ପାରଳାର ଯୁବ ରାଜକୁମାର ଟ ୨୫୦୯ ଙ୍କା, କୋଡ଼ ଓ ଅଠଗଡ଼ର ରାଜା ଟ ୫୦୦୯ ଙ୍କା, ଖେଡ଼ା ଖେମୁଣ୍ଡିର ଜମିଦାର ଟ ୩୦୦୯ ଙ୍କା, ସାନ ଖେମୁଣ୍ଡିର ଜମିଦାର ଟ ୪୦୦୯ ଙ୍କା, ମଞ୍ଜୁଷାର ଜମିଦାର ଟ ୩୦୦୯ ଙ୍କା, ଧର୍ମକୋଟର ଜମିଦାର ଟ ୨୫୦୯ ଙ୍କା, ଯୁକ୍ତ ପ୍ରେଲର ସାହେବ କଲେକ୍ଟର ଟ ୧୦୦୯ ଙ୍କା ପାରଳାଖେମୁଣ୍ଡି

---

Digitized by srujanika@gmail.com

Split by PDF Splitter



ସରକାରଙ୍କର ଏଜେଣ୍ଟ ଶ୍ରୀଯୁକ୍ତ ଟେଲର ସାହେବ ଟ ୧୦୦ ୯ଙ୍କା ଏବଂ ଭି, କାମେଶ୍ୱର ରାଓ ମହାଜନ ଟ ୧୦୦ ୯ଙ୍କା ସ୍ୱାକ୍ଷର କରିଅଛନ୍ତି । ଅନ୍ୟାନ୍ୟ ଭଦ୍ରଲୋକ ପ୍ରାୟ ଟ ୫୦ ଣ ଟ ୬୦-ଙ୍କାଠାରୁ ଟ ୧ ୯ଙ୍କା ପର୍ଯ୍ୟନ୍ତ ଅବସ୍ଥାନୁସାରେ ଦେବା ଦେଇଅଛନ୍ତି । ବଡ଼ ବଡ଼ ଦେବାଦାତା-ମାନେ ଯେମନ୍ତ ଉଦାହରଣ ଦେଖାଇଅଛନ୍ତି ଆଶା କରୁଅଛି କମିଟି ଆଉ କିଛି ଦେଡ଼ା ଉଠାଇବାକୁ ସମର୍ଥ ହେବେ ।

---

ଟ୍ରାନ୍ସଭାଲ ଯୁଦ୍ଧ ।

ଏ ଯୁଦ୍ଧ ପୁନର୍ବାର ଭୀଷଣମୂର୍ତ୍ତି ଧାରଣ କରିବାର ଜଣାଯାଏ । ଇଂରାଜ ସେନାପତି ଲର୍ଡ ମେଥୁଏନଙ୍କର ଏକ ତାର ସମ୍ବାଦରୁ ପ୍ରକାଶ ଯେ ଗତ ମାସ ତା ୫ ରିଖରେ ବସଫଠାରେ ଜେନେରଲ ଭେଲ୍ଲବୋ ମାରୁଲ ଏବଂ ତାହାଙ୍କର ଅଧୀନ ବୁଅର ସୈନ୍ୟଙ୍କୁ ଆକ୍ରମଣ କରିଥିଲେ । କେହି ପଳାଇଯାଇ ପାରିଲେ ନାହିଁ । ଜେନେରଲ ଭେଲ୍ଲବୋ ଏବଂ ଜ ୭ ଣ ବୁଅର ହତ, ଜ ୮ ଣ ଆହତ ଏବଂ ଜ ୫୪ ଣ ବନ୍ଦୀ ହେଲେ । ବନ୍ଦୀମାନଙ୍କ ମଧ୍ୟରେ ଅନେକ ଫରାସୀ ଲୋକ ଅଛନ୍ତି ଏବଂ ଜେନେରଲ ମଧ୍ୟ ଫରାସୀ ଦେଶବାସୀ । ସେହି ହେତୁ ଫ୍ରାନ୍ସ ରାଜ୍ୟରେ ଭାରି ଗହଳ ପଡ଼ିଅଛି ଏବଂ ଭେଲୁବୋଙ୍କ ନାମରେ ପ୍ୟାରିସ ନଗରର ଗୋଟିଏ ସଡ଼କର ନାମ ଦିଆଯିବାର କଥା ହେଉଅଛି ।

ଲର୍ଡ ରବର୍ଟସଙ୍କର ସେହି ତା ୫ ରିଖର ଏକ ତାରସମ୍ବାଦରୁ ପ୍ରକାଶ ଯେ ଆଇରିସ ରାଇ-ଫଲ ପଲଟନର ତିନି କମ୍ପାନି ଏବଂ ନ ୯ ମ୍ବର ପଦାତିକ ରେଜିମେଣ୍ଟର ଦୁଇ କମ୍ପାନି ରେଡ଼ସ-ବର୍ଗଠାରେ ଏକ ବଳବାନ୍ ଦଳ ବୁଅରସୈନ୍ୟ ଦ୍ୱାରା ବେଷ୍ଟିତ ହୋଇ ତା ୩ ରିଖର ମଧ୍ୟାହ୍ନ କାଳରୁ ପରଦିନ ସକାଳ ଘ ୯ ଟା ପର୍ଯ୍ୟନ୍ତ ଅତ୍ୟନ୍ତ ଦର୍ପସହିତ ଲଢ଼ାଇ କଲେ ମଧ୍ୟ ପରି-ଶେଷରେ ବାଧା ଦେବାକୁ ଅସମର୍ଥ ହେଲେ ଏବଂ ସମସ୍ତ ପାଞ୍ଚକମ୍ପାନି ସୈନ୍ୟ ପରିଶେଷରେ ଅସ୍ତ୍ର ସମର୍ପଣ କଲେ । ସେମାନେ ହ୍ୱିଥ ଫିଲ୍ଡକୁ ଯାଉ-ଥିବାବେଳେ ଅକସ୍ମାତ୍ ବୁଅରମାନଙ୍କର ହାତ-ରେ ପଡ଼ିଗଲେ । ଏହି ଦୁର୍ଘଟନାରେ ବୁଅରମା-ନଙ୍କର ଇଂରାଜଙ୍କୁ ବାଧା ଦେବାର କ୍ଷମତା ବୃଦ୍ଧି ହୋଇଅଛି । ଇଂରାଜ ସେନାପତି କ୍ଷୁଦ୍ର କ୍ଷୁଦ୍ର ସୈନ୍ୟ ଦଳ ଏକତ୍ର ବଗଲୁ ପଠାଇବାର ଅନୁମତି ଦେବାରୁ ଅନୁମାନ ହୁଏ ଏପରି ବିପଦ ଘଟିଲା । ଭରସା କରୁଅଛୁ ଏଣିକି ସେପରି ଘଟିବ ନାହିଁ ଏବଂ ବୁଅରମାନଙ୍କୁ ସାମାନ୍ୟ ଶତ୍ରୁ ଜ୍ଞାନ କରିବା ମଧ୍ୟ ଭ୍ରମ ଅଟେ । ଫ୍ରିଷ୍ଟେଟ ରାଜ୍ୟର ରାଜଧାନୀ ବ୍ଲୋମଫଣ୍ଟିନ ଇଂରାଜ ଅଧିକାର କରିଅଛନ୍ତି ସତ୍ୟ ମାତ୍ର ସେଠାରେଥିବା ଇଂରା-ଜସେନା ଅଚଳ ଅବସ୍ଥାରେ ରହିବାର ସମ୍ବାଦ ଆସିଅଛି । ପ୍ରାୟ ୧୬୦୦୦ ବୁଅରସେନା ଚଉଦିଗରୁ ଜଗିରହି ଇଂରାଜ ଥାନାସବୁ ଦୁର୍ବଳ କରୁଅଛନ୍ତି । ଏହି ସେନାଦଳର ଅଧିନାୟକ ଜେନେରଲ ଓଲିଭର ଅଟନ୍ତି । ସେସ୍ଥାନକୁ ଶୀଘ୍ର ରେଲବାଟ ନିର୍ମାଣ କରିବା କାରଣ ଇଂରାଜ ଯଥାସାଧ୍ୟ ଯତ୍ନ କରୁଅଛନ୍ତି ମାତ୍ର ରେଲବାଟର ଉପକରଣ ଯଥାସମୟରେ ବନ୍ଦରରୁ ପହଞ୍ଚି ନ ପାରିବାରୁ ଲର୍ଡ ରବର୍ଟସ ବଡ଼ ବ୍ୟସ୍ତ ଅଛନ୍ତି ।

---

ହାଇସ୍କୁଲର ନୂତନ ଶିକ୍ଷା ନୀତି ।

ଇଂରାଜୀ ହାଇସ୍କୁଲର ଶିକ୍ଷା ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱରଙ୍କର ଗୋଟିଏ ନୂତନ ବ୍ୟବସ୍ଥା ଗତ ତା ୪ ରିଖର କଲିକତା ଗେଜେଟରେ ସର୍ବସାଧାରଣଙ୍କର ଗୋଚରାର୍ଥେ ପ୍ରକାଶିତ ହୋଇଅଛି । ସନ ୧୮୮୭ ସାଲରେ ଗବର୍ଣ୍ଣମେଣ୍ଟଙ୍କର ଆଦେଶରେ ଯେଉଁ ଶିକ୍ଷା ସମିତି ବସିଥିଲା ସେହି ସମିତି ପରାମର୍ଶ ଦେଇଥିଲେ କି ହାଇ-ସ୍କୁଲମାନଙ୍କର ଉଚ୍ଚ ଶ୍ରେଣୀର ପାଠ୍ୟ ଦୁଇ ଭାଗରେ ବିଭକ୍ତ ହେବ ଯେ ଏକଭାଗ ବିଶ୍ୱ-ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାର ଉପଯୋଗୀ ହେବ ଏବଂ ଅନ୍ୟ ଭାଗ ଶିଳ୍ପ ବାଣିଜ୍ୟାଦି ବ୍ୟବସାୟର ଉପଯୋଗୀ ହେବ । ବହୁକାଳ ସେ ପରାମର୍ଶ ଅନୁସାରେ କିଛି କାର୍ଯ୍ୟ ହୋଇ ନ ଥିଲା । ସନ ୧୮୯୮ ସାଲରେ ଶିବପୁର ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ସ୍ଲେଟର ସାହେବ ବଙ୍ଗପ୍ରଦେଶର ଶିଳ୍ପବିଦ୍ୟାଳୟମାନ ପରିଦର୍ଶନ କରି ରିପୋର୍ଟ ଦେବାରେ ଶିକ୍ଷାବିଭାଗର ଡିରେକ୍ଟରଙ୍କର ମନ୍ତବ୍ୟ ସହିତ ବଙ୍ଗେଶ୍ୱରଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ବଙ୍ଗେଶ୍ୱର ସରଜନ ଉଡ୍‌ବରନ ବାହାଦୂର ଉକ୍ତ ସ୍କିମରେ ଆଦେଶ ପ୍ରଦାନ କରିଅଛନ୍ତି କି ଆସନ୍ତା ସନ ୧୯୦୧ ସାଲ ଜାନୁଆରୀ ମାସ ପ୍ରଥମ ତାରିଖରୁ ହାଇ-ସ୍କୁଲର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଶିକ୍ଷା କ, ଖ, ଓ ଗ ଏହି ତିନି ଭାଗରେ ବିଭକ୍ତ ହେବ । କ—ବିଭାଗରେ ଇଂରାଜୀ ସଂସ୍କୃତ ପାରସ୍ୟ ଇତ୍ୟାଦି ମଧ୍ୟରୁ ଗୋଟିଏ ଭାଷା ଅଙ୍କ, ଇତିହାସ ଭୂଗୋଳ ବିଜ୍ଞାନ ଓ ଡ୍ରଇଂ ଯେପରି ବର୍ତ୍ତମାନ ଶିକ୍ଷା ଦିଆଯାଉଅଛି ସେହିପରି ଦିଆଯିବ, ଖ—ବିଭାଗରେ ଇଂରାଜୀ ଭାଷା, ଅଙ୍କ, ଡ୍ରଇଂ ବ୍ୟବହାରିକ ଜ୍ୟାମିତି, ଭୂମିପରିମାଣ, ହିସାବ, ଇଞ୍ଜିନିୟରିଂ ଏବଂ ଯାନ୍ତ୍ରିକ ପରିଶ୍ରମର ଶିକ୍ଷା ଦିଆଯିବ; ଏବଂ ଗ—ବିଭାଗରେ ଇଂରାଜୀ, ଅଙ୍କ ଇତିହାସ ଭୂଗୋଳ, ବିଜ୍ଞାନ ଭୂମି ପରିମାଣ, ଶିଳ୍ପ ଏବଂ ରସାୟନ ଓ ପଦାର୍ଥବିଦ୍ୟାର ମୌଳିକ ବିଷୟ ଶିକ୍ଷା ଦିଆଯିବ । ରାଞ୍ଚି, କମିଲ୍ଲା, ମଇ-ମନସିଂ, ବାଙ୍କିପୁର, ରଙ୍ଗପୁର, ମେଦନୀପୁର, ବରିଶାଲ ଢାକା ଏବଂ ପାବନା ଏହି ସମସ୍ତ ଜିଲ୍ଲା ସ୍କୁଲ, ଖ—ବିଭାଗର ଏବଂ ହୁଗଲୀ, କଲିକତାର ହେୟାର ସ୍କୁଲ, ଏବଂ ଉତ୍ତରପଡ଼ା ଢାକା ଓ ବାଙ୍କି-ପୁରର ସରକାରୀ ସ୍କୁଲମାନଙ୍କରେ ଗ—ବିଭାଗର ଶିକ୍ଷା ଦିଆଯିବ । ଏଥିର ଫଳ ଏହି ହେବ ଯେ ଆଗାମୀ ବର୍ଷରୁ ହାଇସ୍କୁଲର ଶିକ୍ଷା ଦୁଇ ଶାଖା ହୋଇଯିବ ଅର୍ଥାତ୍ ଏକଶାଖା ସାହିତ୍ୟ ମୂଳକ ଯହିଁରେ କି କ—ବିଭାଗର ବିଷୟମାନ ପଠିତ ହେବ ଏବଂ ଅପର ଶାଖା ବ୍ୟବହାରିକ ମୂଳକ ଯହିଁରେ କି ଖ ଓ ଗ—ବିଭାଗର ବିଷୟମାନ ପଠିତ ହେବ । ପ୍ରଥମ ଶାଖାର ପରୀକ୍ଷା ବର୍ତ୍ତମାନ୍ ଯେପରି ବିଶ୍ୱବିଦ୍ୟାଳୟଦ୍ୱାରା ହେଉଅଛି ଏବଂ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ କଲେଜରେ ଭରତି ହେଉଅଛନ୍ତି ସେହିପରି ହେବ । ଅନ୍ୟ ଶାଖାର ପରୀକ୍ଷାର ଭାର ନେବା କାରଣ କଲିକତା ବିଶ୍ୱବିଦ୍ୟାଳୟକୁ ଅନୁରୋଧ କରିବା କାରଣ ଶିକ୍ଷାବିଭାଗର ଡିରେକ୍ଟରଙ୍କୁ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି । ବିଶ୍ୱବିଦ୍ୟାଳୟ ସେ ଭାର ଗ୍ରହଣ କଲେ ବଙ୍ଗେଶ୍ୱର ଆନନ୍ଦିତ ହେବେ । ଯେବେ କୌଣସି କାରଣରୁ ତାହା ହୋଇ ନ ପାରିବ ତେବେ ଗବର୍ଣ୍ଣମେଣ୍ଟ ପରୀକ୍ଷା ଗ୍ରହଣର ଭିନ୍ନ ବନ୍ଦୋବସ୍ତ କରିବେ । ଖ ଓ ଗ—ବିଭାଗର ପ୍ରଥମ ଅର୍ଥାତ୍ ସ୍କୁଲ ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନେ ଯେଉଁ କଲେଜମାନଙ୍କରେ ଅଧ୍ୟୟନ କରିବେ ତହିଁର ଆଦେଶ ଏ ପରେ ବାହାରିବ । କଲେଜରେ ଦୁଇବର୍ଷ ପଢ଼ିବାକୁ ହେବ ଓ ଅଙ୍କ, ବିଜ୍ଞାନ, ବାଣିଜ୍ୟସମ୍ବନ୍ଧୀୟ ଇତିହାସ ଭୂଗୋଳ ଇତ୍ୟାଦି ସଙ୍ଗେ ଇଂରାଜୀରେ ବ୍ୟବହାରିକ ପତ୍ର ରଚନା କରିବା, ପତ୍ରାଦିର ସାରାଂଶ ଲେଖିବା, ଭଲ ଅକ୍ଷର ଲେଖିବା, ହିସାବ ଖାତା ପତ୍ର ଲେଖିବା ଇତ୍ୟାଦି ଅଭ୍ୟାସ କରିବାକୁ ହେବ ।

Digitized by srujanika@gmail.com

Split by PDF Splitter



କଲେଜରେ ଦୁଇବର୍ଷ ପଢ଼ି ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକଟ ପାଇବେ ତାହା ଏଫ୍, ଏ, ପରୀକ୍ଷାର ସାର୍ଟିଫିକଟ୍ର ତୁଲ୍ୟ ଜ୍ଞାନ ହେବ ଏବଂ ସେମାନେ ବାଣିଜ୍ୟ କୋଠି ଇତ୍ୟାଦିରେ କାର୍ଯ୍ୟ ପାଇ ପାରିବେ ଏବଂ ସରକାରୀ କାର୍ଯ୍ୟ ପାଇବାର ମଧ୍ୟ ଯୋଗ୍ୟ ହେବେ ।

ଗବର୍ଣ୍ଣମେଣ୍ଟଙ୍କର ଉପରଲିଖିତ ବ୍ୟବସ୍ଥାର ଅଭିପ୍ରାୟ ମହତ୍ ଏଥିରେ ସନ୍ଦେହ ନାହିଁ । ଯେଉଁମାନେ ସ୍ୱାଭାବିକ ସ୍ମରଣ ବା ବୁଦ୍ଧିଶକ୍ତିର ଅଳ୍ପତା ହେତୁ ଅନେକ ପରିଶ୍ରମ କରି ସୁଦ୍ଧା ସାହିତ୍ୟ ବିଜ୍ଞାନରେ ପ୍ରବେଶିକା ପରୀକ୍ଷା ଦେଇ ପାରୁ ନାହାନ୍ତି ଅଥଚ ବ୍ୟବହାରିକ ବିଜ୍ଞାନରେ କୃତକାର୍ଯ୍ୟତା ଲାଭ କରିବାକୁ ଯୋଗ୍ୟ ଅଟନ୍ତି ଉକ୍ତ ନିୟମରେ ସେମାନେ ସାର୍ଟିଫିକଟ ଏବଂ ତହିଁ ବଳରେ ବୃତ୍ତି ପାଇବା କିମ୍ବା ନିଜ ବ୍ୟବସାୟରେ ପେଟ ପାଳିବାକୁ ସମର୍ଥ ହେବେ ଏବଂ ବି, ଏ, ବା ଏମ୍, ଏ, ପାସ କଲା ଛାତ୍ରଙ୍କୁ ସଉଦାଗର ବା ମହାଜନୀ ଅଫିସରେ କାର୍ଯ୍ୟ ଶିକ୍ଷା କରିବାକୁ ହେବ ନାହିଁ । ଏସ୍ଥଳରେ ଉପରଲିଖିତ ନିୟମ ଭଲ ବୋଲିବାକୁ ହେବ । ମାତ୍ର ଅନ୍ୟ ପକ୍ଷରେ ଭୟ ହେଉଅଛି ଯେ ଏଥିରେ ଉଚ୍ଚ ଶିକ୍ଷାର ଅବନତି ଭିନ୍ନ ଉନ୍ନତିର ଆଶା ନାହିଁ । ଅଧିକାଂଶ ଲୋକ ଚାକିରି ବୃତ୍ତି ବା ଅନ୍ୟ ପ୍ରକାରେ ଅଧିକ ଧନ ଅର୍ଜିବା ଆଶାରେ ବାଧ୍ୟ ହୋଇ ଉଚ୍ଚ ଶିକ୍ଷା ନିମନ୍ତେ ଯଥାପରୋନାସ୍ତି ପରିଶ୍ରମ କରନ୍ତି । ଯେବେ ଅଳ୍ପ ଶିକ୍ଷାରେ ବୃତ୍ତି ଇତ୍ୟାଦି ପାଇବାର ସହଜ ବାଟ ମିଳିବ ତେବେ କେବଳ ବିଦ୍ୟାଲାଭ ନିମନ୍ତେ ଉଚ୍ଚ ଶିକ୍ଷାର ଆଦର ସେତେ ହେବ ନାହିଁ ଏବଂ ଯେ ପରିମାଣରେ ଗ୍ରାଜୁଏଟଙ୍କର ସଂଖ୍ୟା ଊଣା ହେବ ସେ ପରିମାଣରେ ଦେଶର ଅଧୋଗତି ହେବ ଏହା ଅସ୍ୱୀକାର୍ଯ୍ୟ ବିଷୟ ନୁହେ । ବ୍ୟବସାୟ ଶିକ୍ଷାର ଅଧିକ ସୁଯୋଗ ପ୍ରଦାନ ପୂର୍ବକ ଦେଶର ଦରିଦ୍ରତାର ପ୍ରତିକାର ନିମନ୍ତେ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଆନ୍ତରିକ ପ୍ରାର୍ଥନା କରୁଅଛୁଁ । ମାତ୍ର ଅଧିକ ସୁଯୋଗ ଦେଇ ଗବର୍ଣ୍ଣମେଣ୍ଟ ଯେଉଁ ବନ୍ଧା ବନ୍ଧି ନିୟମ କରୁଅଛନ୍ତି ତହିଁର ପକ୍ଷପାତୀ ଆମ୍ଭେମାନେ ହୋଇ ପାରୁ ନାହୁଁ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ପୁରୀ ମିଉନିସିପାଲିଟୀ କମିଶ୍ନରମାନଙ୍କ ସାଧାରଣ ନିର୍ବାଚନ ନିମନ୍ତେ ଆଗାମୀ ଜୁନମାସ ତା ୧ ରଖ ଦିନ ଧାର୍ଯ୍ୟ ହୋଇଅଛି ।

ବାଲେଶ୍ୱର ମିଉନିସିପାଲିଟୀର କମିଶ୍ନର ପଦରେ ଗବର୍ଣ୍ଣମେଣ୍ଟ ରାମଶରଣ ଭଟ୍ଟାଚାର୍ଯ୍ୟଙ୍କୁ ନିଯୁକ୍ତ କରିଅଛନ୍ତି ।

ବାଲେଶ୍ୱରସ୍ଥ ସିଭିଲ ସର୍ଜ୍ଜନ ।
ଡାଃ ଜି, ଏଚ୍, ଟାମସନ
ମୁନ୍ସୀ ଅବଦୁସ ସୋଭାନ ଖାଁ
ବାବୁ ଦେବେନ୍ଦ୍ରନାଥ ଘୋଷ
,, ସତ୍ୟେନ୍ଦ୍ରନାଥ ଦେ
ରାଜା ବୈକୁଣ୍ଠ ନାଥ ଦେ ବାହାଦୁର

ଓଡ଼ିଶାର ସ୍କୁଲ ସମୂହର ଇନ୍ସପେକ୍ଟର ସାହେବ ଗତ ଶନିବାର ଏଠାରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଗତ ରବିବାର ପ୍ରଭାତରେ ଏ ନଗରରେ ଅଳ୍ପ ବୃଷ୍ଟି ହୋଇଥିଲା ତହିଁ ଉତ୍ତାରୁ ପ୍ରାୟ ପ୍ରତି ଦିନ ସକାଳ ଓ ଅପରାହ୍ଣରେ ମେଘ ଉଦୟ ହୋଇଥାଏ ।

ଏ ସପ୍ତାହରେ ଏ ନଗରରେ ଜର ରୋଗ ଅନେକ ଲୋକଙ୍କୁ ବଡ଼ ବ୍ୟସ୍ତ କରୁଅଛି, ଏବଂ ତାହାକି ନାହାରି ମାଲେରିଆ ଟାଇଫଏଡ ଜ୍ୱର ହେବାର ଜଣା ଯାଉଅଛି ।

ଗତ ବୁଧବାର ଦିନ ୩ଟା ବେଳେ ଏଠାର ପଞ୍ଚାବଣି-ସ୍ତରେ ବେଢ଼େବଳଣ ମୁସଲମାନ ପଥ ଅଗ୍ନି ଲାଗିଥିବାରୁ ଯାଇଥିଲେ । କୋଠିଏ ପିଲ ଘେରରେ ପଡ଼ି ପୋଡ଼ିଯାଇ ପାବନ୍ଧୁ ଅଗ୍ନି ଦେଖାଯାଇ ଚଠାରୁ ପରିଗତ ଏମନ୍ତ ଘଟାଇ ଯାଇଛି ଯେ ଲକ୍ଷଟଙ୍କାର ମଧ୍ୟରେ ମନ୍ଦିରଗଡ଼ ।

ପଣା ସଂକ୍ରାନ୍ତି ପର୍ବରୁ ଏବର୍ଷ ପାଡ଼ପ ଅଗ୍ନି ଚର୍ଚ୍ଚା ହେବାର ଆରମ୍ଭ ହୋଇଅଛି । ଏବର୍ଷ ଏ ଯାତ୍ରା କମ୍ ହୋଇଅଛି ।

କଟକ କମିଶନର ସାହେବ ଗତ ସପ୍ତାହରେ ଅନେକ ଗୁରୁତର ଅପିଲ ମୋକଦ୍ଦମା ଶୁଣିଥିଲେ । କେତେକ ମୋକଦ୍ଦମାର ରାୟ ପ୍ରକାଶ ପାଇଅଛି । କମିଶନର ସାହେବଙ୍କ ବିଚାରରେ ସାଧାରଣ ସନ୍ତୋଷ ଲାଭ କରିଅଛନ୍ତି । ଗତ ମୋକଦ୍ଦମାରେ ଜଣେ ପୋଲିସ ସବ ଇନସ୍ପେକ୍ଟର ବାବୁ କୁମୁଦିନୀକାନ୍ତ ବର୍ଷାଧିକ ହେଲା କାର୍ଯ୍ୟରୁ ଅପସୃତ ହୋଇଥିଲେ । ସାହେବ ମହୋଦୟଙ୍କ ବିଚାରରେ ସେ ପୁନର୍ବାର ସ୍ୱପଦରେ କାର୍ଯ୍ୟ ପ୍ରାପ୍ତ ହୋଇଅଛନ୍ତି । କଟକ କଲେକ୍ଟର ସ୍ଥାନରେ ହେଲୁ ଅଫିସର ବାବୁ ଶ୍ୟାମସୁନ୍ଦର ଦାସ ମଧ୍ୟ ପୁନର୍ବାର କାର୍ଯ୍ୟ ପ୍ରାପ୍ତ ହୋଇଅଛନ୍ତି ।

ଖୋର୍ଦ୍ଧା ସବଡିଭିଜନ ଅଫିସର ହେଡ଼କ୍ଲର୍କ ଓ ପିଉନଦାର ପଦରେ ପୂର୍ବ କେରାନୀ ପାରମୁଲ ଇଞ୍ଜନ ଷ୍ଟେସ ଅଶେଷର ବାବୁ ଅନନ୍ତରାମ ଦାସ ନିଯୁକ୍ତ ହୋଇଅଛନ୍ତି ।

ପୁରୀର ସବ୍ଜଜ ଲବଟର ହେଲୁ ଯେ ପୂଜା ଦୋଷମାନଙ୍କ ବାବୁ ଗୁରୁଚରଣ ଦାସ ନୂଆପେଟରେ ଉଚ୍ଚ ସ୍ଥାନ ପ୍ରାପ୍ତ କରିଅଛନ୍ତି ।

ବାଲେଶ୍ୱର ମିଉନିସିପାଲିଟି ଅଫିସ ଘର ନିର୍ମାଣ ନିମନ୍ତେ ପ୍ରାୟ ୫୦ ଲକ୍ଷ ଏବଂ ତହିଁର ଜମି ଖରିଦ ନିମନ୍ତେ ଏକଲକ୍ଷ ୮୭ ହଜାର ଟଙ୍କା ଏଷ୍ଟିମେଟ ହୋଇଥିଲା ଏବଂ ତହିଁ ମଧ୍ୟରୁ ପଚ ଟଙ୍କାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଜମି ଖରିଦ କାର୍ଯ୍ୟ ନଷ୍ଟ ହେଲେ କାର୍ଯ୍ୟାରମ୍ଭ ହେବ ।

ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ବାର୍ଷିକ ଅଧିବେଶନରେ ପ୍ରାୟ ୬୦୦ ଛାତ୍ର ଡିଗ୍ରି ଓ ଡିପ୍ଲୋମା ପାଇଅଛନ୍ତି । ମାନ୍ଦ୍ରାଜ ଭେକଣ୍ଟ ହୋଇଥିଲେ ପ୍ରଧାନ ମେମ୍ବର ସାହେବ ବକ୍ତୃତା ପ୍ରଦାନ କରିଥିଲେ । ଅନ୍ୟାନ୍ୟ କଥାମଧ୍ୟରେ ସେ କହିଥିଲେ ଯେ ଇଂଲଣ୍ଡରେ ଯେମନ୍ତ କୃଷି ବିଦ୍ୟାର ପାରଦର୍ଶିତା ନିମନ୍ତେ ଉପାଧି ଦେବାର ବ୍ୟବସ୍ଥା ଅଛି ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ସେପରି ହେବା ଉଚିତ । ତାହା ଘଟିଲେ ଲୋକଙ୍କର କୃଷି ପ୍ରତି ମନୋଯୋଗ ହେବ ।

ଏଥର ନାଗପୁରର ସରକାରୀ ରିପୋର୍ଟରେ ୧୫୦ ଦୁର୍ଭିକ୍ଷ ଧରାପଡ଼ିଅଛନ୍ତି ମାତ୍ର କୋଟିଏ ଗୁଣ୍ଡା ଧରା ପଡ଼ି ନାହିଁ ।

ଦୁଇଟି ଦଳ ଭାଗିଗଲେ ୨୫ ପରଗଣା ସ୍ଥାନରୁ ଅକ୍ଷରପାଦ ପୁଷ୍କର ଅଣିବା ଅପରାଧରେ ମା ୧ ଇ ଜେଲଖାଦ ଦଣ୍ଡ ହୋଇଅଛନ୍ତି ।

ମୁଲତାନଠାରେ ଅନୁଷ୍ଠାନରେ ୬ ଣ ଦିପାଣ୍ଡୁ ଯାଇ ହୋଇଥିବା ଦାବଲଦାରଙ୍କୁ ଅସାଦର ଚଳାଇଥିଲେ । ଫିରୋଜପୁର ଜେଲା ଅମୋଠାରେ ବର୍ତ୍ତମାନ ସେମାନେ ଖଣ୍ଡ ସାଙ୍ଗ ସହିତ ଧର ଦେଉଅଛି ଏବେ ଧରିବେ ଦେଖି ପୁଣି ସାହାଯ୍ୟ କରୁଥିବା ଜଣେ ଜମିଦାର ଦିନ ୬ ଜଣ ଲୋକ ଅନୁତ ହୋଇଥିବାର କହୁଅଛନ୍ତି । ଦାବଲଦାର ଅନ୍ଦେଖଣର କରୁଅଛି ।

କଲିକତା ଅମ୍ପେରେଟ ଜେନେରାଲ ପାଲ ସାହେବଙ୍କ ମୃତ୍ୟୁସ୍ଥଳ ପାଠରେ ଅବଗତ ଅଛନ୍ତି । ତାଙ୍କର ସହଧର୍ମିଣୀ ଓଡ଼ିଶା ଗୋଟିଏ ପାଇଅଛନ୍ତି । ପାଲ ସାହେବଙ୍କ ସମ୍ପତ୍ତିର ମୂଲ୍ୟ ୫୪,୭୫,୦୫୭ ଟଙ୍କା ଅଟେ । ତାଙ୍କର ସେମାନଙ୍କୁ ଅଧିକ ଦାନ ଦେଇଛନ୍ତି ଏ ସମ୍ପତ୍ତି ଚାଲାନ୍ତ ପୁଣି ଜୋର ମକଦ୍ଦମା ମାତ୍ର ସାହେବ ମହୋଦୟ ଭଲୀ ବ୍ୟସ୍ଥାନ ଦେଉ ଥିଲେ ।

କୋରିଆଠାରେ ଲୁଟିଆ ଯେଉଁ ଗାଡ଼ି ପାଇବା ସମ୍ବାଦ ଆସି କରିଥିଲେ ତାହା ମଟ୍ରିକ ହୋଇଯିବାର ସମ୍ବାଦ ମିଳିଲା ।

ଜୟପୁରର ମହାରାଜା ବର୍ତ୍ତମାନ ଦୁର୍ଭିକ୍ଷ ପୀଡ଼ିତ ପ୍ରଜାଙ୍କ ରକ୍ଷା ୧ଲକ୍ଷ ଦାନ କରିଥିବାରୁ ସେହିପରି ଗୁଣ ଅନୁରାଗୀ ପ୍ରତିଯୋଗିତା ଏବଂ ବର୍ତ୍ତମାନ ପ୍ରକାଶ ପାଇଅଛି ଯେ ବୋମ୍ବାଇର ବଣିକ ଗୁରୁମହମ୍ମଦ ଜାଫରଖାଁ ଜାଲଗ୍ସଙ୍କ ସନ୍ ୧୮୭୭ ମସିହାରେ ଅପଣା ଜଗଲରେ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠି ପ୍ରସ୍ତୁତ ହେବାନିମିତ୍ତ ଏକାଲକ୍ଷ ୫ଲକ୍ଷ ଟଙ୍କା ଦାନ କରି-ବାର ପ୍ରସ୍ତାବ କରିଥିଲେ । ସେତେବେଳେ ତାଙ୍କର ସ୍ୱୀ-କାର ପ୍ରସ୍ତାବ କରିଥିଲେ । ମାତ୍ର ଗଢ଼ିବା କୋଟି ଟଙ୍କା ରଖିବାରେ ଅଧିକାର ଜଡ଼ିଥିଲା । ମାତ୍ର ଗଢ଼ିବାର ଦିନ୍ଧନାଲ ପରେ ତାଙ୍କର ଯୋଗ୍ୟତା ଅଧିକ ଅବସ୍ଥା ସମ୍ପୂର୍ଣ୍ଣ ହେବାରୁ ଏକାଦୃଶ ସଙ୍କଳ୍ପ କଲେ ସମାପ୍ତ ହୋଇଗଲା ।

ଅହମଦାବାଦଠାରେ ଜଣେ କର୍ମୀ କୃତିମ ମୁଦ୍ରା ପ୍ରସ୍ତୁତ କରୁଥିବା ଅପରାଧରେ ଚୌଦ୍ଦଅଧାଳତକୁ ୫ ବର୍ଷ କଠିନ ପରିଶ୍ରମ ସହିତ କାରାଦଣ୍ଡର ଆଦେଶ ପାଇଥିବାର ସମ୍ବାଦ ମିଳିଲା । ଏତେ କଠିନ ଦଣ୍ଡ ପାଇଥିବା ଲୋକ ଦେଖା ଯାଉ ନାହାନ୍ତି ।

ପଞ୍ଜାବରେ ମହାମାରୀ ପ୍ଲେଗର ଅତ୍ୟଧିକ ପ୍ରସାରର ବୃଦ୍ଧି ପ୍ରାପ୍ତ ହେଉଅଛି ଏବଂ ପ୍ଲେଗ ଗ୍ରାମକୁ ଗ୍ରାମ ବେଢ଼ି ଯାଉଥିବାର ସମ୍ବାଦ ମିଳିଲା । ଏ ପ୍ଲେଗ ଦୂରକରୁ ସହଜରେ ଛାଡ଼ୁ ନାହିଁ ପରା ।

ତୁମିଚଳକ୍ଷ୍ମୀ ନାମକ ଜଣେ ପ୍ଲେଗ ରାଜବାଦରଠାରେ ନଗର ଏବଂ ଗ୍ରାମ ସାହେବମାନଙ୍କୁ ହତ୍ୟା କରିଥିବାର ସମ୍ବାଦ ମିଳିଲା । ସେମାନେ ମୃତ୍ୟୁ ସମୟରେ ଦ୍ୱିତୀୟ କରିବାରେ ନିଯୁକ୍ତ ଥିଲେ ଏମନ୍ତ ସମୟରେ ତୁମିଚଳକ୍ଷ୍ମୀ ସେମାନଙ୍କୁ ମାରିଦେଇ ଥିଲା । ଜଣେ ହୃଦ ଅସାମୀକୁ ଧରିବାକୁ ଗାଇ ମୃତ୍ୟୁମୁଖରେ ପତିତ ହୋଇଅଛି । ମାନ୍ଦ୍ରାଜ ସାହେବ ପୋଲିସ ନେଇ ଏବଂ ଦକ୍ଷିଣ ଅଫ୍ରିକାରେ ପ୍ଲେଗ ଲେଖା ଦିଏ ଥିଲେ ଏବଂ ଦକ୍ଷିଣ ଅଫ୍ରିକାରେ ପ୍ଲେଗ ସେମାନଙ୍କୁ ପୁରସ୍କାର ଦେବା ପାଇଁ ଆତ୍ମସମର୍ପଣ କରିଥିଲେ ମାତ୍ର ବିଦ୍ରୋହୀମାନଙ୍କ ପୁସ୍ତକ ପାଇ ୫ ଟଙ୍କା ଗବର୍ଣ୍ଣମେଣ୍ଟକୁ ସମର୍ପଣ କରିବାକୁ ସେ ରାଜପାଳରେ ନାହିଁ । ପ୍ରିନ୍ସ ସାହେବ ପରିଦର୍ଶନ ହେଲେ । ଆଗାମୀ ଧର୍ମପତ୍ର ବହିଷ୍କାର ଅଛି ।

ଦେଶର ପ୍ରଦେଶରେ ମହାମାରୀ ପ୍ଲେଗ ଏ ସମୟ ୫ ସ୍ଥାନରେ ବିସ୍ତାର ହେବାର ସମ୍ବାଦ ମିଳିଲା ।

Digitized by srujanika@gmail.com

Split by PDF Splitter



କାଶୀ ଧାମରେ ମହାମାରୀ ପ୍ଲେଗ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ଜଣେ ଲୋକ ସେଠାରେ ଉକ୍ତ ପ୍ଲେଗରେ ମରିଯାଇଅଛି ଏବଂ ଗବର୍ଣ୍ଣମେଣ୍ଟରୁ ଏ ସମ୍ବନ୍ଧେ ବିଶେଷ ସତର୍କତା ହୋଇଅଛି ।

ଫିଲିପାଇନ ଦ୍ୱୀପପୁଞ୍ଜରେ ଅଦ୍ୟାପି ଅମେରିକାବାସିଙ୍କ ପ୍ରତି ସେଠା ଲୋକଙ୍କ ବିଦ୍ୱେଷଭାବ ହ୍ରାସ ହୋଇ ନାହିଁ । ଅଳ୍ପଦିନ ତଳେ ପିଅର୍ସ ସାହେବ ଦୁର୍ଭାଗ୍ୟକ୍ରମେ ଉକ୍ତ ଦ୍ୱୀପପୁଞ୍ଜ ନିକଟରେ ଜାହାଜ ଜଳମଗ୍ନ ହେବାରୁ ଫିଲିପାଇନ ବାସୀଙ୍କ କର୍ତ୍ତୃକ ଜାହାଜର କପ୍ତାନ ପ୍ରଭୃତି ସମସ୍ତ ଲୋକଙ୍କ ସହିତ ଧୃତହେଲେ । ସାହେବଙ୍କର ଜଣେ ସଙ୍ଗୀ ଅମେରିକା ନୌବିଭାଗୀୟ କର୍ମଚାରୀ ଉକ୍ତ ଜାହାଜରେ ଥିଲେ । ଫିଲିପାଇନ ବାସୀମାନେ ଉକ୍ତ କର୍ମଚାରୀ ଏବଂ କପ୍ତାନକୁ ମାରି ପକାଇଅଛନ୍ତି । ପିଅର୍ସ ସାହେବ ମୁକ୍ତିଲାଭ କରି ସେଠାରେ କେତେକଦିନ ଭ୍ରମଣ କରି ଅପଣା ଅନ୍ୟ ସଙ୍ଗୀମାନଙ୍କର ସନ୍ଧାନ ନ ପାଇ ହିବଲ ଦ୍ୱୀପକୁ ଫେରିଆସିଅଛନ୍ତି ।

## ଅନୁଗୁଳ ସମ୍ବାଦ ।

ଆଜିକାଲି ଉତ୍ତାପ ଥର୍ମୋମିଟରର ୧୦୪ ଡିଗ୍ରୀରେ ଉଠୁଅଛି ।

ଅମ୍ବ ଫସଲ ବିଶେଷ ହୋଇ ନାହିଁ । ଅଳ୍ପ ଯାହା ଫଳିଥିଲା ଝଡ଼ରେ ନଷ୍ଟ ହୋଇ ଯାଇଅଛି । ମେଘାଡମ୍ବରରୁ ଶୀଘ୍ର ବୃଷ୍ଟିର ଆଶା ହେଉଅଛି ।

ବସନ୍ତ ଏବଂ ଓଲାଉଠା ରୋଗ ସ୍ଥାନେ ସ୍ଥାନେ ଦେଖା ଦେଉଅଛି ଡେପୁଟିକମିଶନର ସାହେବ ମୋଫସଲ ଗସ୍ତରେ ବାହାରି ସକଳ ସ୍ଥାନର ଅବସ୍ଥା ତଦନ୍ତ କରୁଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି ।

କଟକସ୍ଥ ଲୋକନାଥ ରଥ ଲେଖିଅଛନ୍ତି କି ସେ ଗାଲଟେର ସାହିତ୍ୟ ସମାଲୋଚନା ସଭାର ସମ୍ପାଦକ ଶ୍ରୀ ରାମଚନ୍ଦ୍ର ରଥଙ୍କର ଭ୍ରାତା ଅଟନ୍ତି ତାହାଙ୍କ ବିବାହ ନିମନ୍ତେ ଗାଲଟେର ସଭା ପଞ୍ଚାଶ ଟଙ୍କା ସାହାଯ୍ୟ ଦେଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ

ମହାଶୟ !

ଥାନା ସଦର । ଝି । କୋଦଣ୍ଡାର ଅଧିକାଂଶ ଗ୍ରାମ କାଠଯୋଡ଼ି ନଦୀ ଓ ତାହାର ଶାଖା ଦେଇଆ ଏହି ଦୁଇଙ୍କ ସ୍ରୋତ ମଧ୍ୟରେ ଅବସ୍ଥିତ, ପ୍ରାୟ ଅଢ଼ାଇ ପାର୍ଶ୍ୱେ ଛ କୋଶ ହେବ । ବେଣ୍ଟକାର ତହିଁ ମଧ୍ୟରେ ସର୍ବ ପ୍ରଧାନ । ତାହାର ଚତୁଃପାର୍ଶ୍ୱସ୍ଥ ଅଠ ଦଶ ଗୋଟି ଗ୍ରାମ ସଦାଗ୍ରାମ ସହ ଦୂରଦେଶରେ ବେଣ୍ଟକାର ବୋଲି ପରିଚିତ । ଏହି କେତେକ ଖଣ୍ଡି ଗ୍ରାମ ଉପରୋକ୍ତ ପ୍ରଦେଶର ମଧ୍ୟସ୍ଥଳୀ ଥିବାରୁ ସେମାନଙ୍କ ପକ୍ଷେ ନଦୀର ଜଳ ବ୍ୟବହାର କରିବା ସର୍ବଦା ଅସାଧ୍ୟ; କୂପ ଓ ପୁଷ୍କରିଣୀଦ୍ୱାରା ଏମାନଙ୍କର ଜଳାଭାବ ଦୂର ହୁଏ । ଅଗତ୍ୟା ସାଧାରଣ ଜଳାଶୟ କେତେକ ଗୋଟି ଥିଲା, ସେଥି ମଧ୍ୟର ପ୍ରାୟ ସବୁଗୁଡ଼ିକ କାଳକ୍ରମରେ ପୋତି ହୋଇ ପଡ଼ିଲାଣି । କେବଳ କ ଦୁଇ ତିନ ଗୋଟି ନାମରେ ପୁଷ୍କରିଣୀ, କାର୍ଯ୍ୟରେ ପଡ଼ିଆ । ସର୍ବଶ୍ରେଷ୍ଠ ଓ ପ୍ରାୟ କେନ୍ଦ୍ରରେ ଅବସ୍ଥିତ ବେଣ୍ଟକାରର ବହିର୍ଦେଶସ୍ଥ ସାଧାରଣ ଦଣ୍ଡାରେ ବାଲି-ପୋଖରୀ ନାମଧେୟ ପାଞ୍ଚ ଛ ଏକର ବ୍ୟାପୀ ବୃହତ୍ ପୁଷ୍କରିଣୀ । ସମୟରେ ସେ ଏକ ଦୃଶ୍ୟ ଥିଲା, ଅନ୍ତତଃ ବର୍ଷର ମାଘ ମାସଠାରୁ ଶ୍ରାବଣ ମାସ ପର୍ଯ୍ୟନ୍ତ ସେ ପୁଷ୍କରିଣୀରୁ ପ୍ରାୟ ଅବସର ନ ଥାଏ, ପ୍ରାୟ ଅଧିକାଂଶ ଜନ ପ୍ରାଣୀ ଓ ଗ୍ରାମ୍ୟ ପଶୁ ଇତ୍ୟାଦିଙ୍କର ଜଳ ଉଦ୍ଦେଶ୍ୟରେ ଗମନାଗମନ ଦ୍ୱାରା ତାହା ରକ୍ଷିତ ହୋଇଥାଏ । ଉପସ୍ଥିତ ଗ୍ରୀଷ୍ମ ସମୟରେ ଚତୁର୍ଦ୍ଦିଗସ୍ଥ ଜଳାଶୟମାନ ଶୁଷ୍କ ହୋଇ କେବଳ ଏଥିରେ ଆଗେ ଫୁଟେ ପର୍ଯ୍ୟନ୍ତ ଜଳ ରହୁଥିଲା, କିନ୍ତୁ ତାହା ମଧ୍ୟ ବର୍ତ୍ତମାନ ଘାସ ଓ ପଙ୍କୋଦ୍ଧାର ଅଭାବରୁ ପୋତି ହୋଇ ପଡ଼ିଲାଣି । ବର୍ତ୍ତମାନ ପ୍ରାୟ ଅର୍ଦ୍ଧଫୁଟ ଗଭୀର ଜଳ ଅଛି, ଏହି ଅମ୍ଭମାନଙ୍କର ବର୍ତ୍ତମାନ ସାଧାରଣ ଆଶା । ଉକ୍ତ ପୁଷ୍କରିଣୀର ସବୁଆଡ଼େ ଡିଷ୍ଟ୍ରିକ୍ଟ ବୋର୍ଡ଼ ଇଲାକାର ଗ୍ରାମ୍ୟ ସଡ଼କସବୁ ଯାଇଅଛି, ଏହିଠାରେ ଛକ; ଏହି ଜଳାଶୟକୁ ସାଧାରଣ ବ୍ୟୟରେ ମରାମତ କରିବା ଏଠାକାର ଲୋକମାନଙ୍କ ପକ୍ଷରେ ଅସାଧ୍ୟ । ଏପରି ଏକ ପ୍ରବାଦ ଅଛି ଯେ ଯେଉଁ ଦଣ୍ଡାରେ ଏହି ଜଳାଶୟ ଅବସ୍ଥିତ ତହିଁରେ ଯେବେ କେହି କୌଣସି କୀର୍ତ୍ତି କରେ ତେବେ ତାହାର ବଂଶ "ଲଣ୍ଡା" ହେବେ, ଏ ଭୟରୁ ପୂର୍ବର ସ୍ଥାନୀୟ ସଚ୍ଛଳ ଅବସ୍ଥାପନ୍ନ ଲୋକମାନେ ଏଥିରେ ହସ୍ତକ୍ଷେପ କରୁ ନ ଥିଲେ, ବର୍ତ୍ତମାନ ମଧ୍ୟ ସେହି ଅମୂଳକ ଭୟ କେତେକ ପରିମାଣରେ ରହିଅଛି, କିନ୍ତୁ ମହାଶୟ ଭୟ ନ ଥିଲେ ସୁଦ୍ଧା ଏକତା ନାହିଁ ବା ଅର୍ଥ ନାହିଁ ଯେ କିଏ ଅର୍ଥ ବ୍ୟୟଦ୍ୱାରା ଏହି ଜଳାଶୟଟିର ଦୁରବସ୍ଥା ଦୂର କରିବେ ? ସ୍ଥାନୀୟ ଜମିଦାରମାନେ ମଧ୍ୟ ସେହି ନିୟମର ଅନ୍ତର୍ଭୁକ୍ତ, ବିଶେଷତଃ ଗତ ବର୍ଷ ଏ ପ୍ରଦେଶର ଜଳାଭାବ ଏତେଦୂର ହେଲାଣି ଯେ ପ୍ରାୟ କେଛି ଦିନ ପରେ ଏହି କେତେକ ଖଣ୍ଡ ଗ୍ରାମ ଜଳଦୁର୍ଭିକ୍ଷରେ ପ୍ରପୀଡ଼ିତ ହୋଇପାରେ । ସେହି ବାଲିପୋଖରୀ ଜଳାଶୟଟିକୁ କେତେକ ପରିମାଣରେ ପଙ୍କୋଦ୍ଧାର କରି ସଂସ୍କାର କରିବା ପ୍ରାର୍ଥନାରେ ଜିଲ୍ଲାର ମହାମାନ୍ୟ ଡିଷ୍ଟ୍ରିକ୍ଟ ବୋର୍ଡଙ୍କୁ ପ୍ରାୟ ତିନ ଚାରି ବର୍ଷ ହେଲା ଦରଖାସ୍ତ ଦିଆ ଯାଉଅଛି । ଯଦି ବୋର୍ଡରୁ ଦରଖାସ୍ତକାରୀମାନେ "ମୋଟ ଖର୍ଚ୍ଚର ଅର୍ଦ୍ଧେ ଟଙ୍କା ସ୍ଥାନୀୟ ଲୋକମଣ୍ଡଳୀ ଦେବାର ପ୍ରତିଶ୍ରୁତ ହେଲେ ବୋର୍ଡ ପ୍ରାର୍ଥନା ସମ୍ବନ୍ଧେ ବିଚାର କରିବେ" ଏହିପରି ଉତ୍ତର ପ୍ରାପ୍ତ ହୋଇଥିଲେ, କିନ୍ତୁ ତାହା ଅମ୍ଭମାନଙ୍କର ଅବସ୍ଥା ବହିର୍ଭୂତ ଥିବାର ମାନ୍ୟବର ବୋର୍ଡଙ୍କୁ ଜଣାଇ ସମସ୍ତ ବ୍ୟୟଭାର ଗ୍ରହଣ କରି ଉକ୍ତ ପୋଖରୀଟି ଖୋଳାଇ ଦେବାର ପୁନଃ ପ୍ରାର୍ଥନା କରିଥିଲୁ । ତହିଁର ଉତ୍ତର ସୁବିଚାର ହୋଇଥିଲା ପ୍ରାୟ ବୋଧ ହେଉ ନାହିଁ । କିନ୍ତୁ ଦିନକୁ ଦିନ ଜଳକଷ୍ଟ ବୃଦ୍ଧି ପାଉଥିବାରୁ ଅମ୍ଭେମାନେ ଅନନ୍ୟୋପାୟ ହୋଇ ରହୁଅଛୁଁ । ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କର ଏ ବିଷୟ ପ୍ରତି ସୁଦୃଷ୍ଟି ପଡ଼ିଲେ କଷ୍ଟର ଅଭାବ ହୋଏ ଶୀଘ୍ର ପ୍ରତିକାରର ଆଶା କରୁଥାଉଁ । ଇତି ।

ବେଣ୍ଟକାର
୧।୪।୧୯୦୦

ବଶମ୍ବଦ
ଶ୍ରୀ ବାଳକୃଷ୍ଣ ମହାନ୍ତି
କାର୍ଯ୍ୟାଧ୍ୟକ୍ଷ
ବେଣ୍ଟକାର ସମ୍ମିଳନୀସମାଜ

---

ମହାଶୟ !

ନିମ୍ନଲିଖିତ ବିଷୟଟି ଆପଣଙ୍କ ଜଗଦ୍ୱିଖ୍ୟାତ ପତ୍ରିକାର ଏକାଂଶରେ ସ୍ଥାନଦାନ କରି ବାଧିତ କରିବେ ।

କୌଣସି ଦେଶ ହିତକର ଅତି ପବିତ୍ର ସତ୍କାର୍ଯ୍ୟର ଅପୂର୍ବ ଅନୁଷ୍ଠାନ ଅବଲୋକନ କଲେ ଅବଶ୍ୟ ସାମାଜିକ ଲୋକର ମନ ଓ ପ୍ରାଣ ମୁଗ୍ଧ ହୋଇଥାଏ, ଏଣୁ ତାହା ସର୍ବସାଧାରଣଙ୍କ ଜ୍ଞାତବ୍ୟ ବିବେଚନା କରି ନିମ୍ନରେ ତାହାର ସ୍ଥୂଳକଳ୍ପ ପ୍ରକାଶ କଲି ।

ଶ୍ରୀ ଶ୍ରୀ ଲିଙ୍ଗରାଜମହାପ୍ରଭୁଙ୍କ ଦେଉଳ ମରାମତି ସମ୍ବନ୍ଧରେ ଗତ କେତେକମାସ ତଳେ ଦୀପିକାରେ ଯେଉଁ ଯେଉଁ ସବୁ ବିବରଣ ସାଧାରଣଙ୍କ ଅବଗତି ନିମିତ୍ତ ପ୍ରକାଶିତ ହୋଇଥିଲା ସମ୍ଭବତଃ ତହିଁରୁ ଦୀପିକାର ପାଠକବର୍ଗ ସମସ୍ତ ଅବଗତ ହୋଇଥିବେ । ବର୍ତ୍ତମାନ ଦେଖାଗଲା ଯେ ଅମ୍ଭମାନଙ୍କର ବର୍ତ୍ତମାନ ଶାସନକର୍ତ୍ତା ମହାମାନ୍ୟ ଦୟାଳୁ ଗବର୍ଣ୍ଣର ସରଜନ୍ ଉଡ଼ବରନ ବାହାଦୁରଙ୍କ ଶ୍ରଦ୍ଧା, ମମତା, ଆନୁକୂଲ୍ୟ ଓ ବଦାନ୍ୟତା ଯୋଗୁଁ ଭୁବନେଶ୍ୱର ରାଜରାଣୀ ଓ ମୁକ୍ତେଶ୍ୱର ନାମକ ଦୁଇଟି ସୁନ୍ଦର ଶିଳ୍ପ ପୂର୍ଣ୍ଣ ଭଗ୍ନ ମନ୍ଦିରର ମରାମତି କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସିଲାଣି । ଏଣେ ଶ୍ରୀ ଲିଙ୍ଗରାଜପ୍ରଭୁଙ୍କ ଦେଉଳ ସଂସ୍କାର ସମ୍ବନ୍ଧରେ ଉକ୍ତ ବାହାଦୁର ମହୋଦୟ ଯେଉଁ ନିୟମ ପ୍ରଣୟନ କରିଥିଲେ ସେହି ନିୟମାନୁସାରେ ସେଠା କମିଟି କେତେକ ଟଙ୍କା ସଞ୍ଚିତ କଲେନ୍ତେ ସରକାର ବାହାଦୁରଙ୍କ ଦାନ

Digitized by srujanika@gmail.com

ସମ୍ପ୍ରତି ବର୍ତ୍ତମାନ ହଜାର ଟଙ୍କା ମାତ୍ର ମୂଳଧନରେ ଆଜକୁ ପ୍ରାୟ ସ ୩ ପ୍ରାହରୁ ଅଧିକକାଳ ଅବଧି ସେହି ପ୍ରଭୁଙ୍କ ଦେଉଳରେ କାର୍ଯ୍ୟ ଆରମ୍ଭ ହୋଇ ଭୋଗମଣ୍ଡପ ଉପରୁ କ୍ରମାନ୍ୱୟେ ବଡ଼ଦେଉଳର ଶୀର୍ଷଭାଗ ପର୍ଯ୍ୟନ୍ତ ଗୃହବନ୍ଧା କାର୍ଯ୍ୟ ମାତ୍ର ଶେଷ ହୋଇ ରହିଅଛି ଏବଂ ଭୋଗ ମଣ୍ଡପର ନିମ୍ନଦେଶରେ ଯେଉଁ ସ୍ଥାନରେ ମରାମତି ଆବଶ୍ୟକ ତାହାର ମଧ୍ୟ କାମ ଲାଗି ଅଛି । ମାତ୍ର କାମ ଯେତେଦୂର ଲାଗିବାର ଆବଶ୍ୟକ ତାହା ଦେଖାଯାଉ ନ ଥିବାରୁ ଶୀଘ୍ର କାର୍ଯ୍ୟୋଦ୍ଧାର ହେବାର ଆଶା ଦେଖାଯାଉ ନାହିଁ ଏହିର କାରଣ ଶୁଣିପାରିଲୁଁ ଯେ ଯେତେ କାଳି ଏହି କାର୍ଯ୍ୟର ସୂତ୍ରପାତ ହେଲାଣି ଅର୍ଥର ଅନଟନ ନ ଥିଲେ ଆଜକୁ ପ୍ରାୟ ଅଧାଅଧି କାମ ଶେଷ ହୋଇଥାନ୍ତା । କେବଳ ଅର୍ଥର ଅଭାବ ହେତୁ ମଧ୍ୟେ ୨ କେତେକ କାର୍ଯ୍ୟ ବନ୍ଦ ହୋଇ ପଡ଼ି ରହେ । ମାତ୍ର ଜଣେକ ନିଜର ଉଦ୍ୟମରେ ତ୍ରୁଟି କରି ନାହାନ୍ତି । ସେ ଯାହାହେଉ ଏହି ଅଭିନବ ମହତ୍କାର୍ଯ୍ୟର ଦର୍ଶନ ମାତ୍ରେ ତାହାର ପ୍ରଥମ ଉପଦେଷ୍ଟା ଓ କର୍ତ୍ତା ସେହି ପ୍ରଜାବନ୍ଧୁ ସର ଉତ୍ତରଭରତ ବାହାଦୂରଙ୍କୁ ମୁକ୍ତ କଣ୍ଠରେ ଶତ ୨ ଧନ୍ୟବାଦ ନ ଦେଇ କେହି ହୃଦୟବାନ ଲୋକ ନୀରବ ରହିବ । ତାଙ୍କର ନିର୍ମଳ ଯଶଃ ଓ ଉଦାରତ୍ୱର ଯେତେଦିନ ପର୍ଯ୍ୟନ୍ତ ସେହି ଗଜଗ୍ରୀବଣି ଦେଉଳ ପ୍ରଭୃତି ଅକ୍ଷୁଣ୍ଣ ରହିଥିବ ସେତେଦିନ ଯାଏ ଅବଶ୍ୟ ଏ ଦେଶେ ଅକ୍ଷୟ ରହିବ । ଯଦି ଆମ୍ଭେମାନେ ତାଙ୍କପରି ନିଜର ସହାନୁଭୂତି ସେଥିପ୍ରତି ଦେଖାଇ ଅତରେ କାର୍ଯ୍ୟ ସାଧନ କରିପାରୁଁ । ମାତ୍ର ତାହା କାହିଁ । ଯେଉଁ ଭୁବନେଶ୍ୱର ମନ୍ଦିର ଆମ୍ଭ ପୂର୍ବ ପୁରୁଷମାନଙ୍କ ମାନ, ଧନ, ମହତ୍ତ୍ୱ, ବିଦ୍ୟା, ବୁଦ୍ଧି ଧର୍ମଭାବର ପରିଚାୟକ ସ୍ୱରୂପ ଅନନ୍ତ କାଳରୁ ଉନ୍ନତ ଶିରରେ ଦଣ୍ଡାୟମାନ ରହିଅଛି, ଯାହାର ଶିଳ୍ପନୈପୁଣ୍ୟର ପରାକାଷ୍ଠା ଦର୍ଶନ କରି ଆଜ କାଲି ପାଶ୍ଚାତ୍ୟମାନେ ବିମୁଗ୍ଧ ହୋଇ ଆମ୍ଭମାନଙ୍କ ବର୍ତ୍ତମାନ ଅବସ୍ଥା ଭୁଲିନାରେ "ଏହା ଆମ୍ଭ ଉତ୍କଳୀୟ କୀର୍ତ୍ତି" ଏକକଣ୍ଠସ୍ୱରେ ସମସ୍ତେ ହେଲେହେଁ ନିଜର ସହାନୁଭୂତି ମଧ୍ୟ ପ୍ରସ୍ତୋଗ ଅମୃତାରେ ଦେଖାଉ ଅଛନ୍ତି, ହାୟ ହାୟ ! ଆଜ ସେହି ଅର୍ଦ୍ଧଧର୍ମାବହ ଭୁବନେଶ୍ୱର ମନ୍ଦିରର ଏପରି ଦୁରବସ୍ଥା ଦେଖି ଶୁଣି ମଧ୍ୟ ଉତ୍କଳୀୟମାନେ ଏପର୍ଯ୍ୟନ୍ତ ଉଦାସୀନ ରହିଅଛନ୍ତି ଏହା କି କମ ପରିତାପର ବିଷୟ ନୁହେ । ଏହି ଉତ୍କଳରେ ଧନୀ-ମାନୀ ଓ ଦାନଶୀଳର ଅଭାବ ନାହିଁ କମ୍ବା ସେମାନଙ୍କର ଧନାଦିର ମଧ୍ୟ ବ୍ୟୟ ପରିମାଣ ଅବଶ୍ୟ ଅନ୍ୟ କାର୍ଯ୍ୟରେ କମ ନୁହେ । ଯଦି ସେମାନେ କିଞ୍ଚିତ୍ ପରିମାଣରେ ଏହି ନିର୍ମାଣୋଦ୍ୟମ ସାଧୁ କାର୍ଯ୍ୟରେ ନିଜର ଦୃଷ୍ଟି ସ୍ୱୀକାର କରନ୍ତେ ତେବେ ଅକ୍ଲେଶରେ ଏବଂ ଅଳ୍ପସମୟେ ସେହି ଭୁବନେଶ୍ୱର ମନ୍ଦିର ସଂସ୍କାର କାର୍ଯ୍ୟ ଶେଷ ହୁଅନ୍ତା । ଏଥିରେ ଭଲେ ମାତ୍ର ସନ୍ଦେହ ନାହିଁ । ଏଥି ନିମିତ୍ତ ମୋର ସବିନୟ ନିବେଦନ ଏହି କି ହେ ଉତ୍କଳୀୟ ଭ୍ରାତୃଗଣ ! ତୁମ୍ଭେମାନେ ଗଜାନୀୟ ପ୍ରଜା ଧନୀ ବା ଦରିଦ୍ର ଯାହା କିଛି ହୁଅ ସମସ୍ତେ ଏତେବେଳେ ନିଜ ୨ ସ୍ୱାର୍ଥରେ ଜଡ଼ୀଭୂତ ନ ହୋଇ ଉଦାସୀନ ପରିହାର କରି ଯଦ୍ୱାରା ତୁମ୍ଭମାନଙ୍କ ପୂର୍ବ ଗୌରବ ସ୍ମୃତି ସର୍ବଦା ଜାଗ୍ରତ ରହିବ ଏବଂ ସମାଜ ଓ ଦେଶର ମଙ୍ଗଳ ସାଧିତ ହେବ ତହିଁ ପ୍ରତି ଅର୍ଥାତ୍ ଏହି ମହତ୍ ପୁଣ୍ୟମୟ ଭୁବନେଶ୍ୱର ଶିବ ମନ୍ଦିର ସଂସ୍କାର ବିଷୟରେ ବଦ୍ଧପରିକର ହୋଇ ଉତ୍ସାହ ଓ ଉଦ୍ୟମ ପ୍ରଦର୍ଶନ ପୂର୍ବକ ଯଥାଶକ୍ତି ଅର୍ଥ ସାହାଯ୍ୟ ଦ୍ୱାରା ଶୀଘ୍ର କାର୍ଯ୍ୟୋଦ୍ଧାର ନିମନ୍ତେ ଯତ୍ନବାନ୍ ହୁଅନ୍ତୁ ଏବଂ ଏତଦ୍ୱାରା ଅବଶ୍ୟ ଆମ୍ଭମାନଙ୍କର ଅଶେଷ ଶ୍ରେୟଃ ଓ ପୁଣ୍ୟ ସଞ୍ଚିତ ହେବ । ଇତି ।

ତା ୧୧।୪।୧୯୦୦ ଭିଙ୍ଗାରପୁର } ଏକାନ୍ତ ବଶମ୍ବଦ । କାବ୍ୟତୀର୍ଥୋପାଧିକ ଶ୍ରୀ ବାସୁଦେବ ରଥ ଶର୍ମ୍ମା

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମହନ୍ତ ଅଯୋଧ୍ୟା ବଲ୍ଲଭ ସିଂହ | ଭାଲୁକସୁର | ୫ ୦ ( |
| ପଣ୍ଡିତ ଶ୍ରୀ ଗଦାଧର ତ୍ରିପାଠୀ | କଟକ | ୫ ୦ ( |
| ଶ୍ରୀ ବାବୁ ରାମପ୍ରଧାନ | ସିହାପୁର | ୫ ୦ ( |
| „ ଗୋପୀନାଥ ମାଇତି | କଟକ | ୫ ୦ ( |
| ଶ୍ରୀମତୀ ନାମମୃତ୍ୟୁଞ୍ଜୟୀ ଦାସୀ | „ | ୫ ୦ ( |
| ଶ୍ରୀ ବାବୁ ଗୌରୀନାଥ ଦତ୍ତ | „ | ୫ ୧୨ ( |
| ମୁନ୍ସି ସେଖ ଏସ୍ରାଫୁଦ୍ଦିନ | | ୫ ୦ ( |
| ଶ୍ରୀ ବାବୁ ଧର୍ମେଶ୍ୱର ବାନାର୍ଜି | | ୫ ୦ ( |
| „ ଲକ୍ଷ୍ମୀନାରାୟଣ ଚୌଧୁରୀ | | ୫ ୦ ( |
| „ ବଳଦେବାନନ୍ଦ ସ୍ୱାମୀ ମହାରାଜ ଧର୍ମରକ୍ଷଣୀ | ସଭା ମୁଦ୍ର | ୫ ୦ ( |

## ବିଜ୍ଞାପନ ।

ଗତ ବର୍ଷ ସହାସେ ଓଡ଼ିଶା ମେଡିକେଲ ସ୍କୁଲରେ ୮ ୫ ଙ୍କା ମୂଲ୍ୟର ପନ୍ଦର ଗୋଟି ଓ ୫ ୪ ଙ୍କା ମୂଲ୍ୟର ଏକ ଗୋଟି ବୃତ୍ତି ଖାଲି ଅଛି । ଅଧ୍ୟୟନେଚ୍ଛୁ ବାଳକମାନେ ଅପଣା ୨ ପ୍ରଶଂସାପତ୍ର ଓ ସଚ୍ଚରିତ୍ର ସମ୍ବନ୍ଧୀୟ ସାର୍ଟିଫିକେଟ ସହ ଆସନ୍ତା ଜୁନ ମାସ ତା ୧୧ ରିଖ ସୋମବାର ଦିନ କଟକ ଜେନେରେଲ ହାସ୍ପାତାଲ ମୁକାମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମୀପେ ଉପସ୍ଥିତ ହେଲେ ମନୋନୀତ କରା ହେବେ ।

ମଧ୍ୟଇଂରାଜୀ କମ୍ବା ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ କେବଳ ଏହି ବୃତ୍ତି ପାଇବା ପକ୍ଷେ ଉପଯୋଗୀ ହେବେ ।

ପ୍ରକାଶ ଥାଉକି ଉପରଲିଖିତ ବୃତ୍ତି ଛଡ଼ା ନି ୧୦ ଣ ବିନା ବେତନରେ ପଢ଼ିପାରିବେ ।

କଟକ ତା ୧୦ ରିଖ ଅପ୍ରେଲ ସନ ୧୯୦୦ ସାଲ } J. M. ZORAB Lt. Col. I. M. S. Supdt Medical School Cuttack.

## NOTICE.

Wanted charge Superintendents on Rs. 100 Rs. 150 and Rs. 200 with allowances of Rs. 30, 60 and 90 respectively for Plague duty in this District.

The names of successful candidates will be placed on a list for future vacancies.

None need apply who can not join when required to do so. The duties can be learned on application to the Head clerk.

Applications will be received by the undersigned.

Cuttack The 9th April 1900 } (Sd.) J. L Herald Magistrate.

## NOTICE.

Wanted immediately a works sirkar on Rs. 20. per mensem, for the Madhupur Ward's Estate. Applications with copies of testimonials to be submitted to

The 10th April 1900. } S. T. W. Degruyther Offg. District Engineer, Cuttack.

## IRRIGATION DEPARTMENT.

## NOTICE.

It is hereby notified that the High Level Canal, Ranges I and II, from Chowduar to Rorya, will be closed for annual repairs from 8th May to 10th June 1900, both days inclusive.

CALCUTTA, The 26th March 1900. } A. H. C. MACCARTHY, Under-Secy. to the Govt. of Bengal.

Split by PDF Splitter

Digitized by srujanika@gmail.com

Split by PDF Splitter



## ADVERTISEMENT.

Wanted an Inspector for the Keonjhar State Police on a salary of Rs 50 to start with All applicants must have a fair knowledge of English and know to read and write Uriya fluently. None need apply who have not served in the Bengal Police as a Sub Inspector.

D. A. MACMILLAN.
*Supdt. of Police,*
KEONJHAR STATE.

## NOTICE.

It is hereby notified for general information that High Level Canal Ranges I & II will be closed for Annual Repairs from 8th May to 10th June 1900 both days inclusive.

Merchants, boatmen and others are therefore informed that all boats rafts &c. must be taken out from the above canals on or before the midnight of 7th May 1900.

The boat traffic in the High Level Canal Ranges I & II will be stopped during the period mentioned above.

*Executive Engr's Office* AKHOYAPADA JAJPUR DIVISION The 9th April 1900 — B. M. Mitra, *Executive Engineer* Akhoyapada Jajpur Division

## NOTICE

Wanted a Hindu Passed Compounder for the Puri Pilgrim Hospital on a salary of Rs. 15 a month. Applications will be received by the undersigned up to the 30th of April 1900.

Preference will be given to pure Hindus.

Puri Muceplty, 26—3—1900. — Jagabandhu Patnaik, *Vice Chairman.*

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

## ବିଜ୍ଞାପନ।

ଅନଗୁଳ ଜିଲ୍ଲାର ପୁଲିସ ବିଭାଗ ସକାଶେ ଇଂରାଜୀ ଜାଣିଥିବା ଦୁଇଜଣ ଚତୁର୍ଥ ଶ୍ରେଣୀର ହେଡ୍ କନଷ୍ଟେବଲ ନିଯୁକ୍ତ ହେବାର ଆବଶ୍ୟକ। ଓଡ଼ିଆ ଭାଷାର ସମ୍ପୂର୍ଣ୍ଣ ବ୍ୟୁତ୍ପତ୍ତି ଅତୀବ ପ୍ରୟୋଜନୀୟ ଅଟଇ। କଲିକତା ବିଶ୍ୱବିଦ୍ୟାଳୟର ଏନ୍‌ଟ୍ରେନ୍‌ସ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କୁ ଏବଂ ଓଡ଼ିଶା ପ୍ରଦେଶର କୌଣସି ଜିଲ୍ଲାର ରାଇଟର କନଷ୍ଟେବଲମାନଙ୍କୁ ବିଶେଷ ମନୋନୀତ କରାଯିବ। କର୍ମାକାଂକ୍ଷୀ ବ୍ୟକ୍ତିମାନେ ୨୫ ବର୍ଷରୁ ନ୍ୟୁନ ବୟସ୍କ ହେବେ ଏବଂ ପାଞ୍ଚଫୁଟ ସାତଇଞ୍ଚ ଉଚ୍ଚ ହେବେ ଓ ସେମାନଙ୍କର ବକ୍ଷସ୍ଥଳର ମାପ ୩୧ ଇଞ୍ଚ ହେବ। ବଙ୍ଗ ପୁଲିସ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ଓ ଯାହାଙ୍କର ବୟସ ବ ୨୫ରୁ ଊର୍ଦ୍ଧ୍ୱ ଓ ବ ୩୦ ବର୍ଷରୁ ନ୍ୟୁନ ଥିବ ସେମାନଙ୍କର ଆବେଦନ ପ୍ରତି ସ୍ୱତନ୍ତ୍ର ବିବେଚନା କରାଯିବ।

ଅନଗୁଳଜିଲ୍ଲାର ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୁରଙ୍କ ହଜୁରକୁ ଦରଖାସ୍ତମାନ ପ୍ରେରିତ ହେବ।

ତା ୨୬ ଖ ମାର୍ଚ୍ଚ ସନ ୧୯୦୦ ମସିହା।

J. E. ARMSTRON
*Dist. Supdt. of Police,*
ANGUL.

## ବିଜ୍ଞାପନ।

ଏହି ସୋନପୁର ଗଡ଼ଜାତ ରାଜ୍ୟରେ ଚଳୁଥିବା ଭୂମିମାପ କାର୍ଯ୍ୟ ନିମନ୍ତେ ଜଣେ ଡିପ୍ଲୋମା ପ୍ରାପ୍ତ ଡିଷ୍ଟ୍ରିକ୍ଟ ଏସିଷ୍ଟେଣ୍ଟ ମାସିକ ଟ ୩୦୧ ବେତନରେ ମା ୬ ସ ନିମନ୍ତେ ଆବଶ୍ୟକ। ଯେଉଁମାନେ ଏହି କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନେ ନିଜ୨ ନାମ, ଧାମ, ଜାତି, ବୟସ, ଶିକ୍ଷା କରିଥିବା ଅନ୍ୟାନ୍ୟ ଭାଷା ସାର୍ଟିଫିକେଟର ପ୍ରତିଲିପି ଓ ପୂର୍ବେ ଚାକିରି କରିଥିଲେ ତହିଁର ବିବରଣ ପ୍ରାର୍ଥନା ପତ୍ରରେ ସ୍ପଷ୍ଟ ରୂପେ ଲେଖି ତା ୧୦। ୫। ୧୯୦୦ ପୂର୍ବେ ଆମ୍ଭ ଅଦାଲତକୁ ପଠାଇବେ। ଯାହାଙ୍କୁ ନିଯୁକ୍ତ କରାଯିବ ତାଙ୍କ ନିକଟକୁ ନିଯୁକ୍ତି ପରୱାନା ପଠାଯିବ ଓ ପାଥେୟ ଖର୍ଚ୍ଚ ମଧ୍ୟ ଦିଆଯିବ। ଯାହାଙ୍କ ପ୍ରାର୍ଥନା ଅଗ୍ରାହ୍ୟ ହେବ ତାଙ୍କୁ କିଛି ଉତ୍ତର ଦିଆଯିବ ନାହିଁ। ଇତି

ତା ୨୧।୩।୧୯ ସୋନପୁର — P. R. S. D: Raja Bahadur and Feudatory chief Sonepur State.

## ବିଜ୍ଞାପନ।

ବାଳକମାନଙ୍କ ସୁବିଧାନିମନ୍ତେ ବଡ଼ ବଡ଼ ଅକ୍ଷରେ ଏକଠାରୁ ପଚାଶପର୍ଯ୍ୟନ୍ତ ପଣକିଆ ୨୫ ଖଣ୍ଡ, କୋଇଲି ଓ କମଳଲୋଚନ ସୁନ୍ଦର ସୁନ୍ଦର ଚିତ୍ରସହିତ ଗୋଟିଏ ଫର୍ଦ୍ଦରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ତହିଁର ମୂଲ୍ୟ ଟ ୦ ୧୬

## ଅଳଙ୍କାରସାର।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର ସାର" ନାମକ ପୁସ୍ତକ ଭାଷାବିଷୟକ ଜ୍ଞାନବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ। ପୁସ୍ତକ ସରଳ-ଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ। ପୁସ୍ତକଖଣ୍ଡି ଅଲ୍ପାବୟବ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି। ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଶାଗତ ସୁଲଭ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି। ଡାକମାସୁଲ ଏକଅଣା ମାତ୍ର।

## ପ୍ରୟୋଜନୀୟ ପୁସ୍ତକ।

ପାଟୀଗଣିତ ଚକସ୍ତା ଚାରିଅଣା, ଜ୍ୟାମିତି ଚକସ୍ତା ତିନିଅଣା, ଗୋଚକସ୍ତା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବୀଜଗଣିତ ଚକସ୍ତା ଏକଅଣା, ଜ୍ୟାମିତ୍ରେଜ ଟିକିସ୍ତା ତିନିପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଟେଷ୍ଟ, ମୂଲ, ମ୍ୟାଜିଷ୍ଟ୍ରେଟ ଦ୍ୱାରା ରିପୋର୍ଟ ଦେଖି ଲେଖି ଦଖଲ କରିପାରିବେ। ପଣ୍ଡିତମାନଙ୍କର ସଂଶୋଧିତ ସଂସ୍କରଣ ଏକଅଣାରେ ମିଳିବ। ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ପାଠ୍ୟ ହୋଇଅଛି।

Digitized by srujanika@gmail.com

# ବିଜ୍ଞାପନ ।

## ଉଦ୍‌ଯୋଗି ସମିତିର

ଭଣ୍ଡାରର ଅଧିକାଂଶ

ଜିନିସ ଦେଶୀ

---

## ଦେଶୀ ଜିନିସ,

ଦେଖନ୍ତ ଅବଶ୍ୟ ଭଲ

ଦାମ ମଧ୍ୟ ଶସ୍ତା !

---

## ଉଦ୍‌ଯୋଗି ସମିତିର

## ଭଣ୍ଡାର

କଟକ ଅଦାଲତ ନିକଟରେ

ଭାଉବଟା ନାହିଁ, ଜାଲବନ୍ଦି ନାହିଁ

ମନରେ କଛଧୋକା ରହେ ନାହିଁ

---

## ନୂଆ ଆମଦାନୀ

ଗ୍ରୀଷ୍ମକାଳର ଉପଯୋଗୀ

ନାନାବିଧ ଦେଶୀ ଲୁଗା

ଟୁଇଲ, ଟି,ଇଡ଼, ଛିଟ, ତସର,

ଚାଦର ଇତ୍ୟାଦି ।

## ବନାରସୀମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କ ଦରଖ୍ୱାସ୍ତରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ଗାଙ୍ଗପୁର, ସରାଇକଲା ପ୍ରଭୃତିର ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ା ଗୋଡ଼ି, ଖେଗା, ଦଂଶାପ୍ ବାପ୍ତା, ସଲ୍ମି ଟୋପଟ୍ଟା ମନ୍ଦଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନାପ୍ରକାର ଜହାଦ ଖଚିତ ଅଙ୍ଗୁଷ୍ଟ ପ୍ରଭୃତି ତଥା ସୁନା ରୁପାର ବାସନ, ଆଦି ନାରୁବା ପ୍ରଭୃତି ବସ୍ତୁ ଅନୁସାରେ ତୟାର କରାଇ ଦେଉ । ବସ୍ତୁ ଦେଖାନ୍ତେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କ ଉପାୟରେ ( ଅର୍ଥାତ୍ ଡାକରେ କ ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡିଆ ମୋହରର ରଖିଅଛୁ, ସୁତରାଂ ଓଡିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ରପଦରେ ଅମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍‌ମାଲ ଭୋଲାନାଥ,
କୃଷ୍ଣଗଳ ଫାଟକ, ବନାରସ ସିଟି ।

---

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ବର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିଶନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

ସଚିତ୍ର

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାରକୁ ଟ ୧୨ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୷ |
| ୨ ମଧ୍ୟ ପର୍ବ | ଟ ୨\ |
| ୩ ସଭା ପର୍ବ | ଟ ୨୷ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ୟୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।✓ |
| ୧୦ ଶଲ୍ୟ ପର୍ବ | ଟ ୦।✓ |
| ୧୧ ଗଦା ପର୍ବ | ଟ ୦। |
| ୧୨ ତାଳିକା ବା ଐଷିକ ପର୍ବ | ଟ ୦।✓ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦।✓ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୷ |
| ୧୭ ମୂଷଳୀ ପର୍ବ | ଟ ୦।✓ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

---

## ନୂତନପୁସ୍ତକ ।

ହରନାମକୀର୍ତ୍ତନ ।

ଅଚ୍ୟୁତଲିଭ ଅଚ୍ୟୁତଲିଭ ଅଚ୍ୟୁତଲିଭ

ମୂଲ୍ୟ ଟ ୦✓ ଦୁଇଅଣା

---

| | |
|---|---|
| ଦାର୍ଢ୍ୟତାଭକ୍ତି ପୁନର୍ମୁଦ୍ରିତ | ଟ ୧୧ |
| ଅଧ୍ୟାତ୍ମରାମାୟଣ (ଢଳିଥରପଟ୍ଟନାୟକକୃତ) | ଟ ୨୧ |
| ସଚିତ୍ର ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧। |
| ବନ୍ଧୁ ସମ୍ବୋଧନ | ଟ ୦୷ |

ନାନ୍ଦସାଳିବାଣୀ । ଆଣାଏ ଦେଇ ତଥ ନାଇ ବଣ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦✓

ଅଧିକରୁ ଟ ୨୧

ପୁର୍ଣ୍ଣ ଏକ ସ୍ତମ୍ଭରୁ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଶରା ଟ ୦୷ ଶାରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଅର୍ଦ୍ଧ ଓ ତୃତୀୟାଂଶ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।


---

ଏହି ଉତ୍କଳଦୀପିକା କଟକ ନଗର ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com